ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ଡିସେମ୍ବର ୧୯/୨୦୨୫ (୧୬ ପୃଷ୍ଠା) Bhubaneswar, Friday, December 19/2025 Page 16 ₹ 7.00 | BERHAMPUR
୫୨ଶ ଭାଗ ୨୬ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 52 ISSUE 26 ମୂଲ୍ୟ ₹୭/-

# ଲୋକ ସଭାରେ ଜି ରାମ୍ ଜି ବିଲ୍ ଗୃହୀତ

## ବିଲ୍ ଚିରି ଫିଙ୍ଗିଲେ ବିରୋଧୀ

**ସଂସଦର ନିମ୍ନ ସଦନରେ ଗୁରୁବାର ପ୍ରବଳ ବିରୋଧ ସତ୍ତ୍ୱେ ବିକଶିତ ଭାରତ- ଗ୍ୟାରେଣ୍ଟି ଫର୍ ରୋଜଗାର ଆଜିବିକା ମିଶନ (ଗ୍ରାମୀଣ) ବିଲ୍-୨୦୨୫ (ବିଭି-ଜି-ରାମ୍-ଜି ବିଲ୍) ଗୃହୀତ ହୋଇଛି। ଏହି ବିଲ୍ ଉପରେ ଗୃହରେ କେନ୍ଦ୍ର ମନ୍ତ୍ରୀ ଶିବରାଜ ଚୌହାନ୍ ଆଲୋଚନା କରୁଥିବାବେଳେ ବିରୋଧୀ ଦଳଗୁଡ଼ିକ ପକ୍ଷରୁ ପ୍ରବଳ ବିରୋଧ କରାଯାଇଥିଲା। ଏପରି କି ବିରୋଧୀ ଦଳର ସଦସ୍ୟମାନେ ବିଲ୍‌କୁ ଚିରି ଫିଙ୍ଗିଥିଲେ। କଂଗ୍ରେସ ସମେତ ବିଭିନ୍ନ ରାଜନୈତିକ ଦଳଗୁଡ଼ିକ ପକ୍ଷରୁ ପାର୍ଲାମେଣ୍ଟ କମ୍ପ୍ଲେକ୍ସ ଭିତରେ ବିକ୍ଷୋଭ ଶୋଭାଯାତ୍ରା କରାଯାଇଥିଲା। ବିଶ୍ୱର ସର୍ବବୃହତ୍ ନିଯୁକ୍ତି ଯୋଜନାର ସୁଚିନ୍ତିତ ହତ୍ୟା ବୋଲି କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ କହିବା ସହ ଦେଶବ୍ୟାପୀ ଏହାକୁ ନେଇ ଆନ୍ଦୋଳନ କରାଯିବ ବୋଲି କହିଛନ୍ତି।**

ନୂଆଦିଲ୍ଲୀ,୧୮।୧୨(ପି.ଟି.)

ଲୋକ ସଭାରେ ଗୁରୁବାର ପ୍ରବଳ ବିରୋଧ ମଧ୍ୟରେ ଭିବି-ଜି ରାମ ଜି ବିଲ୍, ୨୦୨୫ ଗୃହୀତ ହୋଇଛି। ୨୦ ବର୍ଷର ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ(ଏମ୍‌ଜିଏନ୍‌ଆର୍‌ଇଜିଏ) ସ୍ଥାନରେ ଏହାକୁ କାର୍ଯ୍ୟକାରୀ କରାଯିବ। ଏମ୍‌ଜିଏନ୍‌ଆର୍‌ଇଜିଏକୁ ବଦଳାଇବାକୁ ଯାଇ ସରକାର ମହାତ୍ମା ଗାନ୍ଧୀଙ୍କୁ ଅପମାନିତ କରିଥିବା ବିରୋଧୀ ଏମ୍‌ପିମାନେ ଅଭିଯୋଗ କରିଛନ୍ତି। ବିଲ୍ ଆଲୋଚନାରେ ଭାଗନେଇ କେନ୍ଦ୍ର ଗ୍ରାମାଞ୍ଚଳ ବିକାଶ ମନ୍ତ୍ରୀ ଶିବରାଜ ସିଂ ଚୌହାନ କହିଥିଲେ, ୨୦୦୯ ନିର୍ବାଚନକୁ ଆଖିଆଗରେ ରଖି ଏନ୍‌ଆର୍‌ଇଜିଏରେ ମହାତ୍ମା ଗାନ୍ଧୀଙ୍କ ନାମ ଯୋଡ଼ାଯାଇଥିଲା। ଭୋଟ ପାଇବା ପାଇଁ କଂଗ୍ରେସ ମନରେ ବାପୁ ଆସିଥିଲେ। ମହାତ୍ମା ଗାନ୍ଧୀଙ୍କ ବିଚାରଧାରାକୁ ମୋଦି ସରକାର ବିଭିନ୍ନ ପଦକ୍ଷେପ ଜରିଆରେ କାଏମ ରଖିଆସିଛି। କଂଗ୍ରେସ ଅନେକ ଥର ଗାନ୍ଧିଜୀଙ୍କ ବିଚାରଧାରାକୁ ହତ୍ୟା କରିଛି ଏବଂ ତାଙ୍କ ନାମକୁ କେବଳ ରାଜନୈତିକ ଫାଇଦା ପାଇଁ ବ୍ୟବହାର କରୁଛି ବୋଲି ଚୌହାନ କହିଥିଲେ।

ଗ୍ରାମାଞ୍ଚଳ ନିଯୁକ୍ତି ଯୋଜନାରୁ ମହାତ୍ମା ଗାନ୍ଧୀଙ୍କ ନାମ ହଟାଇବାକୁ ବିରୋଧ କରି ବିପକ୍ଷ ଦଳର ଏମ୍‌ପିମାନେ ଗୃହ ମଧ୍ୟଭାଗକୁ ଆସି ସରକାରଙ୍କ ବିରୋଧରେ ସ୍ଲୋଗାନ ଦେବା ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ଅସୁରକ୍ଷିତ ସ୍କୁଲପିଲା**

# ବିରୋଧ ପରେ ପୁନର୍ବିଚାର ଚିନ୍ତା

**ବିଧାନସଭାର ଶୀତ ଅଧିବେଶନରେ ବିଧାୟକ, ମନ୍ତ୍ରୀଙ୍କ ଦରମା ଓ ଭତ୍ତା ବଢ଼ାଇବା ସଂକ୍ରାନ୍ତରେ ଗତ ୯ ତାରିଖରେ ୩ଟି ପୃଥକ୍ ବିଲ୍ ପାରିତ ହୋଇଥିଲା। ବିଧାୟକମାନଙ୍କ ଦରମା ଏକାଥରେ ୩ ଗୁଣାରୁ ଅଧିକ ବୃଦ୍ଧି ନେଇ ଉକ୍ତ ବିଲ୍‌ରେ ଉଲ୍ଲେଖ କରାଯାଇଥିଲା। ଦରମା ବୃଦ୍ଧିକୁ ନେଇ ରାଜ୍ୟରେ ସାଧାରଣ ଲୋକମାନଙ୍କ ଭିତରେ ପ୍ରବଳ ଅସନ୍ତୋଷ, ସମାଲୋଚନା ଏବଂ ବିରୋଧ ଦେଖାଦେବା ପରେ ସରକାରୀ ଦଳ ପକ୍ଷରୁ ଏଭଳି ନିଷ୍ପତ୍ତିର ପୁନର୍ବିଚାର କରିବା ନେଇ ଚିନ୍ତା ପଶିଛି। ତଦନୁଯାୟୀ ଖୁବ୍‌ଶୀଘ୍ର ସରକାର ଦରମା ବୃଦ୍ଧିରେ ସଂଶୋଧନ ଆଣିପାରନ୍ତି ବୋଲି କୁହାଯାଉଛି।**

ଭୁବନେଶ୍ୱର,୧୮।୧୨(ସୁନିତ୍ ମିଶ୍ର)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଗୁରୁବାର ଭାଜପା ବିଧାୟକମାନଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଏଭଳି ନିଷ୍ପତ୍ତି ହୋଇଥିବା କୁହାଯାଉଛି। ବୈଠକ ପରେ ଏନେଇ ସଂସଦୀୟ ବ୍ୟାପାର ତଥା ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ବିଧାୟକ ଓ ପୂର୍ବତନ ବିଧାୟକମାନଙ୍କ ଦରମା ଓ ଭତ୍ତା ବୃଦ୍ଧି ନେଇ ସଦ୍ୟ ସମାପ୍ତ ୧୭ତମ ବିଧାନସଭା ଅଧିବେଶନରେ ଗତ ୯ତାରିଖରେ ଏକ ବିଧେୟକ ପାରିତ ହୋଇ ଗୃହୀତ ହୋଇଥିଲା। ପରେ ଏନେଇ ଭାଜପା ବିଧାୟକମାନଙ୍କ ☞ପୃଷ୍ଠା-୪

**ସଂଶୋଧନ ହୋଇପାରେ ବିଧାୟକଙ୍କ ଦରମା ବଢ଼ିବା ବିଲ୍**

- ମୁଖ୍ୟମନ୍ତ୍ରୀଙ୍କୁ ପୁନର୍ବିଚାର ପାଇଁ ଦରଖାସ୍ତ ଦେଲେ ଭାଜପା ବିଧାୟକ
- ସରକାର ନାଟକ କଲା ଭଳି ଲାଗୁଛି: ବିଜେଡି
- ଲୋକଙ୍କ ଅସନ୍ତୋଷ ପରେ ଡରି ବିଲ୍ ପରିବର୍ତ୍ତନ କରିପାରନ୍ତି: କାଡାମ






## ସଂକ୍ଷେପରେ

### ବର୍ଷକୁ ୨ ଲକ୍ଷ ଭାରତୀୟ ନାଗରିକତ୍ୱ ଛାଡ଼ୁଛନ୍ତି

ଡେରାଡୁନ୍,୧୮।୧୨

ପ୍ରତିବର୍ଷ ୨ ଲକ୍ଷରୁ ଉର୍ଦ୍ଧ୍ୱ ଭାରତୀୟ ନାଗରିକତ୍ୱ ଛାଡୁଥିବା କେନ୍ଦ୍ର ସରକାର ପାର୍ଲାମେଣ୍ଟକୁ ଜଣାଇଛନ୍ତି। ୨୦୨୦ରୁ ଇତିମଧ୍ୟରେ ୯ ଲକ୍ଷରୁ ଅଧିକ ଭାରତୀୟ ସେମାନଙ୍କ ନାଗରିକତ୍ୱ ତ୍ୟାଗ କରିଛନ୍ତି। ୨୦୨୨ରୁ ଏହି ଧାରା ବଢ଼ିଥିବାବେଳେ ପ୍ରତିବର୍ଷ ୨ ଲକ୍ଷରୁ ଉର୍ଦ୍ଧ୍ୱ ଭାରତୀୟ ସେମାନଙ୍କ ପାସ୍‌ପୋର୍ଟକୁ ସମର୍ପଣ କରୁଛନ୍ତି। ତଥ୍ୟ ଅନୁଯାୟୀ ୨୦୧୧ରୁ ୨୦୨୪ ମଧ୍ୟରେ ମୋଟ ୨୦.୬ ଲକ୍ଷ ଭାରତୀୟ ନାଗରିକତ୍ୱ ତ୍ୟାଗ କରିଥିବାବେଳେ କୋଭିଡ୍ ମହାମାରୀ ଓ ଏହା ପରେ ଏହାର ଅର୍ଦ୍ଧେକ ଘଟଣା ଘଟିଥିବା ଲୋକ ସଭାରେ ଏକ ପ୍ରଶ୍ନର ଉତ୍ତରରେ ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

### ସାଧାରଣତନ୍ତ୍ର ଦିବସ ମୁଖ୍ୟ ଅତିଥି ହୋଇପାରନ୍ତି ଇୟୁ ନେତା

ନୂଆଦିଲ୍ଲୀ,୧୮।୧୨

ଆସନ୍ତାବର୍ଷର ସାଧାରଣତନ୍ତ୍ର ଦିବସ ପରେଡ୍‌ରେ ୟୁରୋପୀୟ କମିଶନ୍‌ର ଅଧ୍ୟକ୍ଷ ଉର୍ସୁଲା ଭନ୍ ଡେର୍ ଲେୟେନ ଏବଂ ୟୁରୋପୀୟ କାଉନ୍‌ସିଲ ଅଧ୍ୟକ୍ଷ ଆଣ୍ଟୋନିଓ କୋଷ୍ଟା ମୁଖ୍ୟ ଅତିଥି ଭାବେ ଯୋଗ ଦେଇପାରନ୍ତି ବୋଲି କେତେକ ସୂତ୍ରରୁ ଜଣାପଡ଼ିଛି। ସେହି ସମୟରେ ଭାରତ-ୟୁରୋପୀୟ ୟୁନିୟନ ସମିଟ୍ ନୂଆଦିଲ୍ଲୀରେ ଅନୁଷ୍ଠିତ ହେବା କର୍ଯ୍ୟକ୍ରମ ରହିଛି। ଉଭୟ ପକ୍ଷ ମଧ୍ୟରେ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ସ୍ୱାକ୍ଷର ଉପରେ ସମିଟ୍‌ରେ ଗୁରୁତ୍ୱ ଦିଆଯିବ। ଭାରତ-ୟୁରୋପୀୟ ସଂଘ (ଇୟୁ) ମଧ୍ୟରେ ବାଣିଜ୍ୟ ଚୁକ୍ତିନାମା ନେଇ ବୁଝାମଣାରେ ଅଗ୍ରଗତି ହୋଇଥିବା ପୂର୍ବରୁ ବାଣିଜ୍ୟ ସଚିବ ରାଜେଶ ଅଗ୍ରୱାଲ କହିଥିଲେ।

### ମା'ବାପାଙ୍କୁ ପିଟି ମାରିଦେଲେ ପୁଅ

#### ମୃତଦେହକୁ କରତରେ କାଟି ନଦୀରେ ଫିଙ୍ଗିଲେ

ଜଉନପୁର,୧୮।୧୨

ଉତ୍ତରପ୍ରଦେଶରେ ଏକ ବୃଦ୍ଧ ଦମ୍ପତି ନିଖୋଜ ମାମଲାରେ ପୋଲିସ ଖୋଜାଖୋଜି ଚଳାଇଥିବାବେଳେ ସେମାନଙ୍କୁ ହତ୍ୟା କରାଯାଇଥିବା ଜାଣିବାକୁ ପାଇଛି। ୟୁପିର ଜଉନପୁରରେ ବାପାଙ୍କ ଜିଦ୍ ଏବଂ ପୁଅଙ୍କ କ୍ରୋଧରୁ ଏହି ହତ୍ୟାକାଣ୍ଡ ଘଟିଛି। ଇଞ୍ଜିନିୟର ପୁଅ ଅମ୍ବେଶ କ୍ରୋଧର ବଶବର୍ତ୍ତୀ ହୋଇ ମା'ବାପାଙ୍କୁ ପିଟି ମାରିଦେବା ପରେ ପ୍ରମାଣ ନଷ୍ଟ ପାଇଁ ମୃତଦେହକୁ କରତରେ କାଟି ଖଣ୍ଡଖଣ୍ଡ କରିବା ସହ ନଦୀରେ ଫିଙ୍ଗିଦେଇଛନ୍ତି। ପୋଲିସ କହିବା ଅନୁଯାୟୀ, ଅମ୍ବେଶଙ୍କ ମୁସଲମାନ ସ୍ତ୍ରୀଙ୍କୁ ନେଇ ତାଙ୍କ ମା'ବାପା ଶ୍ୟାମ ବାହାଦୁର (୬୨) ଏବଂ ବବିତା (୬୦) ସହ ବଚସା ହୋଇଥିଲା। ଅମ୍ବେଙ୍କ ସ୍ତ୍ରୀଙ୍କୁ ତାଙ୍କ ପରିବାର ଗ୍ରହଣ କରୁ ନ ଥିଲେ। ଶେଷରେ ସେମାନେ ଅଲଗା ହୋଇଯିବାକୁ ନିଷ୍ପତ୍ତି ନେଇଥିଲେ। ଭରଣପୋଷଣ ପୈଠ ପାଇଁ ସେ ବାପାଙ୍କୁ ମାଗିଥିବାବେଳେ ସେ ଦେବାକୁ ମନା କରିଦେବାରୁ ବଚସା ଶେଷରେ ହତ୍ୟାର ରୂପ ନେଇଥିଲା।

**ଦିଲ୍ଲୀରେ ଆଜି**




ଦିଲ୍ଲୀ ବାୟୁ ପ୍ରଦୂଷଣ ସ୍ଥିତି ଅତ୍ୟଧିକ ଖରାପ ହୋଇଥିବାବେଳେ ସହର ବାହାରେ ପଞ୍ଜୀକୃତ ଅଣ-ବିଏସ୍-୬ ଘରୋଇ ଯାନଗୁଡ଼ିକର ପ୍ରବେଶ ଉପରେ କଟକଣା ଜାରି ହୋଇଛି।ଏଥିସହିତ ପ୍ରଦୂଷଣ ନିୟନ୍ତ୍ରଣ ସାର୍ଟିଫିକେଟ ନଥିବା ଗାଡ଼ିଗୁଡ଼ିକୁ ପେଟ୍ରୋଲ ପମ୍ପରେ ତେଲ ବିକ୍ରି ବନ୍ଦ ହୋଇଛି। ଫଳରେ ଗୁରୁବାର ପ୍ରଦୂଷଣ ଯାଞ୍ଚ ପାଇଁ ଗାଡ଼ିଗୁଡ଼ିକର ଭିଡ଼ ଲାଗିଛି। (ଫଟୋ: ଚମନ ଗୌତମ)

## ଅବସର ପୂର୍ବରୁ ଅନେକ ରାୟ ପ୍ରଦାନ ବିଚାରପତିଙ୍କ ଧାରାରେ ପରିଣତ ହେଲାଣି


### ଅସନ୍ତୋଷ ବ୍ୟକ୍ତକଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୧୮।୧୨(ପି.ଟି.)

ଅବସର ନେବାର କିଛିଦିନ ପୂର୍ବରୁ ବିଚାରପତିମାନେ ଅନେକ ରାୟ ପ୍ରକାଶ କରିବା ଏକ ଧାରାରେ ପରିଣତ ହୋଇଛି। ସୁପ୍ରିମକୋର୍ଟ ଏହାର ପ୍ରତିବାଦ କରିବା ସହ ଏହାକୁ ମ୍ୟାଚ୍‌ର ଶେଷ ଓଭରଗୁଡ଼ିକରେ ଛକା ମାରିବା ସହ ତୁଳନା କରିଛନ୍ତି। ମଧ୍ୟପ୍ରଦେଶର ଜଣେ ପ୍ରମୁଖ ଜିଲା ଜଜ୍‌ଙ୍କ କେତେକ ରାୟ ଉପରେ ପ୍ରଶ୍ନ ଉଠିବା ପରେ ଅବସର ଗ୍ରହଣର ମାତ୍ର ୧୦ ଦିନ ପୂର୍ବରୁ ତାଙ୍କୁ ନିଲମ୍ବନ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ହାଇକୋର୍ଟ ପୂର୍ଣ୍ଣ ଖଣ୍ଡପୀଠର ଏହି ନିଷ୍ପତ୍ତିକୁ ବିଚାରପତି ଜଣକ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ଏହାର ଶୁଣାଣିକରି ପ୍ରଧାନ ବିଚାରପତି ସୂର୍ଯ୍ୟ କାନ୍ତଙ୍କ ଅଧ୍ୟକ୍ଷତାରେ ଜଷ୍ଟିସ୍ ଜୟମାଲ୍ୟ ବାଗ୍‌ଚୀ ଏବଂ ବିପୁଲ ଏମ୍. ପାଞ୍ଚୋଲିଙ୍କୁ ନେଇ ଗଠିତ ଖଣ୍ଡପୀଠ ଉପରୋକ୍ତ ଟିପ୍ପଣୀ ଦେଇଛନ୍ତି। ଖଣ୍ଡପୀଠ କହିଛନ୍ତି, ବିଚାରପତି ଜଣକ ଅବସର ନେବାର ଠିକ୍ ପୂର୍ବରୁ ଛକା ମାରିବା ଆରମ୍ଭ କରିଥିଲେ। ଏହା ଦୁର୍ଭାଗ୍ୟଜନକ ଧାରା। ସୂଚନାଯୋଗ୍ୟ, ମଧ୍ୟପ୍ରଦେଶର ଏହି ନ୍ୟାୟିକ ଅଧିକାରୀ ଜଣକ ନଭେମ୍ବର ୩୦ରେ ଅବସର ନେବାକୁ ଥିବାବେଳେ ସେ ଦେଇଥିବା ୨ଟି ରାୟକୁ ନେଇ ତାଙ୍କୁ ନଭେମ୍ବର ୧୯ରେ ନିଲମ୍ବନ କରାଯାଇଥିଲା। ତାଙ୍କ ଓକିଲ ବିପିନ ସାଙ୍ଘି ନିଲମ୍ବନର ବୈଧତାକୁ ନେଇ ପ୍ରଶ୍ନ ଉଠାଇବା ସହ ରାୟ ପ୍ରଦାନ ପାଇଁ ଜଣେ ବିଚାରପତିଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ ନାହିଁ ବୋଲି କହିଥିଲେ। ଖଣ୍ଡପୀଠ ଏଥିରେ ସହମତ ହେବା ସହ କହିଥିଲେ, ବିଚାରପତିଙ୍କୁ ଏଭଳି ନିଲମ୍ବନ କରାଯାଇପାରିବ ନାହିଁ। ତେବେ ସେ ଯଦି ସ୍ପଷ୍ଟ ଭାବେ ଅସାଧୁ ରାୟ ପ୍ରଦାନ କରନ୍ତି, ତେବେ କ'ଣ କରାଯିବ ବୋଲି ସିଜେଆଇ ପ୍ରଶ୍ନ କରିଥିଲେ।

**ଆଜି ଖୋଲିବ ଏପଷ୍ଟିନ୍ ପେଡ଼ି**

# ଫାଇଲ୍‌ରେ ଟ୍ରମ୍ପ୍, ଚିନ୍ତାରେ ହ୍ୱାଇଟ୍ ହାଉସ୍




ଜେଫ୍ରି ଏଡ୍‌ୱାର୍ଡ ଏପଷ୍ଟିନ୍

ୱାଶିଂଟନ/ନୂଆଦିଲ୍ଲୀ, ୧୮।୧୨(ସିଏନ୍‌ଏନ୍/ଏଜେନ୍ସି)

ଶିଶୁ ଯୌନ ଅପରାଧ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇ ୨୦୧୯ ଅଗଷ୍ଟ ୧୦ରେ ନ୍ୟୁୟର୍କସ୍ଥିତ ଲୋୟର ମନହାଟନ୍ ଜେଲରେ ସନ୍ଦେହଜନକ ସ୍ଥିତିରେ ପ୍ରାଣ ହରାଇଥିବା ଆମେରିକୀୟ ଫାଇନାନ୍ସର ଜେଫ୍ରି ଏଡ୍‌ୱାର୍ଡ ଏପଷ୍ଟିନ୍‌ଙ୍କ ସମ୍ପର୍କିତ ବହୁ ପ୍ରତୀକ୍ଷିତ ଫାଇଲ୍ ଶୁକ୍ରବାର ପ୍ରଘଟ ହେବ। କୁହାଯାଉଛି ଯେ, ଆମେରିକାର ନ୍ୟାୟ ବିଭାଗ ପକ୍ଷରୁ ସାର୍ବଜନୀନ କରାଯିବାକୁ ଥିବା ଉକ୍ତ ଫାଇଲରେ ୩୦୦ ଗିଗାବାଇଟ୍ ସମ୍ବଳିତ ବହୁ ଚାଞ୍ଚଲ୍ୟକର ତଥ୍ୟ ରହିଛି, ଯାହାକି କେବଳ ୱାଶିଂଟନ୍ ନୁହେଁ, ଭାରତ ସମେତ ଅନେକ ଦେଶରେ ହଇଚଇ ସୃଷ୍ଟି କରିବ। ଏପଷ୍ଟିନ୍ ବିଭିନ୍ନ ଦେଶର ରାଷ୍ଟ୍ରମୁଖ୍ୟ, ରାଜ ପରିବାର ସଦସ୍ୟ, ମନ୍ତ୍ରୀ, କୂଟନୀତିଜ୍ଞ ଓ ଅନ୍ୟ ବିଶିଷ୍ଟ ବ୍ୟକ୍ତିମାନଙ୍କୁ ପରସ୍ପର ସହ ସାକ୍ଷାତ୍ କରାଉଥିଲେ। ସେମାନଙ୍କ ମଧ୍ୟରେ ବହୁ ଗୁରୁତ୍ୱପୂର୍ଣ୍ଣ ଡିଲ୍ କରାଇ ନିଜେ ବିପୁଳ ମାତ୍ରାରେ ଲାଭାନ୍ୱିତ ହେଉଥିଲେ। ଏହିସବୁ କାର୍ଯ୍ୟ କରାଇବା ଲାଗି ଏପଷ୍ଟିନ୍ ୧,୦୦୦ରୁ ଉର୍ଦ୍ଧ୍ୱ ସ୍ୱଳ୍ପବୟସ୍କା ଝିଅଙ୍କୁ ନିଜସ୍ୱ ଏକ ଦ୍ୱୀପରେ ଯୌନ ପିପାସା ପୂରଣ କାର୍ଯ୍ୟରେ ନିୟୋଜିତ କରୁଥିଲେ। ୨୦୦୮ରେ ଏପଷ୍ଟିନ୍‌ଙ୍କ ବିରୋଧରେ ଅନେକ ପୀଡ଼ିତା କୋର୍ଟରେ ମୁହଁ ଖୋଲିବା ପରେ କିଛି ତଥ୍ୟ ସାମ୍ନାକୁ ଆସିଥିଲା। ତେବେ ଏପଷ୍ଟିନ୍‌ଙ୍କ ମୃତ୍ୟୁ ପରେ ତାଙ୍କ ବିଳାସପୂର୍ଣ୍ଣ ଜୀବନଶୈଳୀ ଓ କଳା କାରନାମା ଉପରୁ କ୍ରମଶଃ ପରଦା ହଟିବାରେ ଲାଗିଲା। ଏପଷ୍ଟିନ୍‌ଙ୍କ ନିର୍ଜନ ଦ୍ୱୀପକୁ ଯାଇ ଉପଭୋଗ କରିଥିବା ବିଶିଷ୍ଟ ବ୍ୟକ୍ତିମାନଙ୍କ ତାଲିକାରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍, ପୂର୍ବତନ ରାଷ୍ଟ୍ରପତି ବିଲ୍ କ୍ଲିଣ୍ଟନ୍‌ଙ୍କ ସମେତ ବହୁ ସେଲିବ୍ରିଟି ଓ ବିଦେଶୀ ଅତିଥିଙ୍କ ନାମ ଉଲ୍ଲେଖ ରହିଥିବା ଜଣାପଡ଼ିଛି। ସେହିପରି ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ପେଟ୍ରୋଲିୟମ୍ ଓ ପ୍ରାକୃତିକ ବାଷ୍ପ ମନ୍ତ୍ରୀ ହରଦୀପ ସିଂ ପୁରୀ, ଶିଳ୍ପପତି ଅନିଲ ଅମ୍ବାନୀ ଏବଂ ପୂର୍ବତନ କ୍ରିକେଟର ସଚିନ ତେନ୍ଦୁଲକରଙ୍କ ନାମ ମଧ୍ୟ ଏଥିରେ ରହିଥିବା ଚର୍ଚ୍ଚା ହେଉଛି। ତେଣୁ ଆମେରିକା ଓ ଭାରତ ସମେତ ଅନେକ ଦେଶର ଗଣମାଧ୍ୟମ ଏହି ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜର ପ୍ରଘଟକୁ ଅପେକ୍ଷା କରିଛନ୍ତି।

ଜେଫ୍ରି ଏପଷ୍ଟିନ୍‌ଙ୍କ ସହ ଜଡ଼ିତ ଅତି ସମ୍ବେଦନଶୀଳ ଦସ୍ତାବିଜ 'ଏପଷ୍ଟିନ୍ ଫାଇଲ୍ସ' ଖୋଲିବାକୁ ସମୟ ଯେତିକି ପାଖେଇ ଆସୁଛି, ବଡ଼ବଡ଼ିଆଙ୍କ ହୃତ୍‌ସ୍ପନ୍ଦନ ସେତିକି ବଢ଼ିବାରେ ଲାଗିଛି। ନଭେମ୍ବର ୧୯ରେ ଆମେରିକା କଂଗ୍ରେସ ଏପଷ୍ଟିନ୍ ଫାଇଲ୍ସ ଟ୍ରାନ୍ସପରେନ୍ସି ଆକ୍ଟକୁ ଗୃହୀତ କରାଇଥିଲା। ତଦନୁସାରେ ଡିସେମ୍ବର ୧୯ରେ ନ୍ୟାୟ ବିଭାଗ ପକ୍ଷରୁ ଏହାକୁ ସାର୍ବଜନୀନ କରାଯିବ। ବର୍ତ୍ତମାନ ଫେଡେରାଲ ବ୍ୟୁରୋ ଅଫ୍ ଇନ୍‌ଭେଷ୍ଟିଗେଶନ୍ (ଏଫ୍‌ବିଆଇ)ର ତଦନ୍ତରେ ବାଧା ସୃଷ୍ଟିକଲା ଭଳି ଜାତୀୟ ସୁରକ୍ଷା କିମ୍ବା ବୈଦେଶିକ ନୀତି ଲକ୍ଷ୍ୟକୁ କ୍ଷତି ପହଞ୍ଚାଇବା କିମ୍ବା ଏପଷ୍ଟିନ୍‌ଙ୍କ ଯୋଗୁ ଯୌନ କେଲେଙ୍କାରୀର ଶିକାର ହୋଇଥିବା ପୀଡ଼ିତାମାନଙ୍କ ପରିଚୟ ପ୍ରଘଟ ହେଉଥିବା ଦସ୍ତାବିଜଗୁଡ଼ିକୁ ଏଥିରୁ ବାଦ୍ ଦିଆଯିବ।

ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଉକ୍ତ ଆଇନରେ ସ୍ୱାକ୍ଷର କରିସାରିଥିବାରୁ ତାଙ୍କ ପ୍ରଶାସନ ଏ ସମ୍ପର୍କିତ ଅଗ୍ରଗତି ଉପରେ ନୀରବ ରହିଛି। ଚଳିତ ମାସରେ ଆଇନପ୍ରଣେତାମାନଙ୍କ ଏକ ଦ୍ୱିଦଳୀୟ ଗୋଷ୍ଠୀ ଆର୍ଟର୍ନି ଜେନେରାଲ ପାମ୍ ବଣ୍ଡିଙ୍କୁ ବିଭାଗର ଅଗ୍ରଗତି ଉପରେ ପ୍ରଶ୍ନ କରିଥିଲେ। କିନ୍ତୁ ସେ କୌଣସି ତଥ୍ୟ ଦେବାକୁ ମନା କରିଦେଇଥିଲେ। ଫାଇଲଗୁଡ଼ିକ ସାର୍ବଜନୀନ ହେବା ପରେ ଆମେରିକା ସମେତ ବିଶ୍ୱର ବିଭିନ୍ନ ଭାଗରେ ରାଜନୈତିକ ଝଡ଼ ସୃଷ୍ଟି ହେବା ଏକପ୍ରକାର ନିଶ୍ଚିତ। ଏଥିରେ ଅନେକ ହଜାର ପୃଷ୍ଠାର ତଦନ୍ତ ରିପୋର୍ଟ ରହିଛି, ଯାହାକି ଏପଷ୍ଟିନ୍‌ଙ୍କ ସହ ଜଡ଼ିତ ବହୁ ହାଇପ୍ରୋଫାଇଲ ବ୍ୟକ୍ତିତ୍ୱଙ୍କୁ କଳଙ୍କିତ କରିପାରେ। ୨୦୨୪ ରାଷ୍ଟ୍ରପତି ନିର୍ବାଚନ ବେଳେ ରିପବ୍ଲିକାନ୍ ଟ୍ରମ୍ପ୍ ପୁନର୍ବାର କ୍ଷମତାକୁ ଆସିଲେ ସରକାରଙ୍କ ପକ୍ଷରୁ ଏହି ଦସ୍ତାବିଜ ଜାରି କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ତେବେ ଗତ ଜୁଲାଇରେ ଜଷ୍ଟିସ୍ ଡିପାର୍ଟମେଣ୍ଟ ଏକ ମେମୋ ଜାରି କରି କହିଥିଲା, ବିଭାଗ ପାଖରେ ଏପଷ୍ଟିନ୍‌ଙ୍କ କ୍ଲାଏଣ୍ଟମାନଙ୍କ ନାମ ଥିବା କୌଣସି ତାଲିକା ନାହିଁ। ଇତିମଧ୍ୟରେ



ମହିଳାଙ୍କ ଗହଣରେ ଡୋନାଲ୍ଡ ଟ୍ରମ୍ପଙ୍କ ସହ ଜେଫ୍ରି ଏଡ୍‌ୱାର୍ଡ ଏପଷ୍ଟିନ୍।

ଏପଷ୍ଟିନ୍ ଫାଇଲରେ ଅନେକ ଥର ଟ୍ରମ୍ପ୍‌ଙ୍କ ନାମ ଉଲ୍ଲେଖ ଥିବା 'ୱାଲ୍ ଷ୍ଟ୍ରିଟ୍ ଜର୍ନାଲ'ରେ ରିପୋର୍ଟ ପ୍ରକାଶ ପାଇଥିଲା। ବିବାଦ ଉଠିବା ପରେ ଟ୍ରମ୍ପ୍ ପ୍ରଶାସନ ଚିନ୍ତାରେ ପଡ଼ିଯାଇଥିବାବେଳେ ଝଡ଼ ସୃଷ୍ଟି ହେବାର ଦିନକ ପୂର୍ବରୁ ଅର୍ଥାତ୍ ଗୁରୁବାର ହ୍ୱାଇଟ୍ ହାଉସ୍ ମାପିଚୁପି ଏହା ଉପରେ ମନ୍ତବ୍ୟ ଦେଇଛି। ହ୍ୱାଇଟ୍ ହାଉସ୍ ଚିଫ୍ ଅଫ୍ ଷ୍ଟାଫ୍ ସୁସିଏ ୱିଲେସ୍ କହିଛନ୍ତି, ଟ୍ରମ୍ପ୍‌ଙ୍କ ନାମ ଫାଇଲରେ ଥିଲେ ମଧ୍ୟ ସେ କୌଣସି ଅପରାଧରେ ଅଭିଯୁକ୍ତ କିମ୍ବା ଜଡ଼ିତ ନୁହନ୍ତି। ଏଭଳି ସ୍ଥିତିରେ ଆମେରିକା ରାଷ୍ଟ୍ରପତିଙ୍କ ପାୱାର ସେଣ୍ଟରର ସ୍ୱଚ୍ଛତା ଉପରେ ବିତର୍କର ନୂଆ ଅଧ୍ୟାୟ ସୃଷ୍ଟି ହୋଇଛି।

### ଜେଫ୍ରି ଏପଷ୍ଟିନ୍: ଗଣିତ ଶିକ୍ଷକରୁ ଯୌନ ଅପରାଧୀ

୧୯୫୩ ଜାନୁଆରୀ ୨୦ରେ ଜନ୍ମିତ ଜେଫ୍ରି ଏଡ୍‌ୱାର୍ଡ ଏପଷ୍ଟିନ୍ ଜଣେ ଆମେରିକୀୟ ଫାଇନାନ୍ସର ଥିଲେ। ଡାଲଟନ୍ ସ୍କୁଲରେ ଗଣିତ ଶିକ୍ଷକ ଭାବେ କ୍ୟାରିୟର ଆରମ୍ଭ କରିଥିବା ଏପଷ୍ଟିନ୍‌ଙ୍କୁ ୧୯୭୬ରେ ବିଦ୍ୟାଳୟ କର୍ତ୍ତୃପକ୍ଷ ଚାକିରିରୁ ବାହାର କରିଦେଇଥିଲେ। ପରେ ସେ ବ୍ୟାଙ୍କିଙ୍ଗ୍ ଓ ଫାଇନାନ୍ସ କ୍ଷେତ୍ରରେ ମନୋନିବେଶ କରିଥିଲେ। ନିଜସ୍ୱ ସଂସ୍ଥା ଆରମ୍ଭ ପୂର୍ବରୁ ସେ ବିଅର୍ ଷ୍ଟର୍ନ୍ସରେ କାର୍ଯ୍ୟ କରିଥିଲେ। ଇତିମଧ୍ୟରେ ଏପଷ୍ଟିନ୍ ଉଚ୍ଚ ଓ ସମ୍ଭ୍ରାନ୍ତ ସୋସିଆଲ ସର୍କଲରେ ପରିଚୟ ସୃଷ୍ଟି କରି ବହୁସଂଖ୍ୟକ ମହିଳା ଓ ସ୍ୱଳ୍ପବୟସ୍କା ଝିଅଙ୍କ ସହ ସମ୍ପର୍କ ରଖି ନିଜ ସହଯୋଗୀମାନଙ୍କ ଯୌନକ୍ଷୁଧା ପୂରଣ ପାଇଁ ସେମାନଙ୍କୁ ନିୟୋଜିତ କରିଥିଲେ। ଜଣେ ୧୪ ବର୍ଷୀୟା ଝିଅଙ୍କ ବାପା ଏନେଇ ଅଭିଯୋଗ କରିବା ପରେ ୨୦୦୫ରେ ଫ୍ଲୋରିଡାର ପାମ୍ ବିଚ୍‌ରେ ପୋଲିସ ତଦନ୍ତ ଆରମ୍ଭ କରିଥିଲା। ଫେଡେରାଲ ଅଫିସରମାନେ ଯୌନ ବ୍ୟଭିଚାରର ଶିକାର ହୋଇଥିବା ଏଭଳି ୩୬ ଝିଅ (ଯାହାଙ୍କ ବୟସ ୧୪ ବର୍ଷ ଥିଲା)ଙ୍କୁ ଚିହ୍ନଟ କରିଥିଲା। ଛୋଟ ଝିଅମାନଙ୍କୁ ଗଣିକା ବୃତ୍ତିରେ ଲଗାଇବା ଅଭିଯୋଗରେ ୨୦୦୮ରେ ଏପଷ୍ଟିନ୍ ଦୋଷୀ ସାବ୍ୟସ୍ତ ହୋଇଥିଲେ। ଗିରଫଦାରିର ମାତ୍ର ୧୩ ମାସ ପରେ ସେ ଜାମିନରେ ମୁକୁଳିଥିଲେ। ଫ୍ଲୋରିଡା ଓ ନ୍ୟୁୟର୍କରେ ନାବାଳିକାମାନଙ୍କ ସେକ୍ସ ଟ୍ରାଫିକିଂ ଅଭିଯୋଗରେ ୨୦୧୯ ଜୁଲାଇ ୬ରେ ଏପଷ୍ଟିନ୍ ପୁଣି ଗିରଫ ହୋଇଥିଲେ। କିନ୍ତୁ ଏହାର କିଛିଦିନ ପରେ ଅର୍ଥାତ୍ ଅଗଷ୍ଟ ୧୦ରେ ଜେଲରେ ଅତ୍ୟନ୍ତ ସନ୍ଦେହଜନକ ଅବସ୍ଥାରେ ତାଙ୍କ ମୃତ୍ୟୁ ଘଟିଥିଲା। ସେତେବେଳେ ପୋଲିସ ତାଙ୍କ ମୃତ୍ୟୁକୁ ଆତ୍ମହତ୍ୟାର ରୂପ ଦେଇଥିଲା। ବଡ଼କଥା ହେଉଛି, ତାଙ୍କ ମୃତ୍ୟୁ ସମୟରେ ଉକ୍ତ ହାଇସିକ୍ୟୁରିଟି ଜେଲରେ ସିସିଟିଭି କ୍ୟାମେରା କାମ କରୁ ନ ଥିଲା। ତେଣୁ ଏହା ଏକ ପ୍ରାୟୋଜିତ ହତ୍ୟାକାଣ୍ଡ ବୋଲି ଅନେକେ ମନେକରନ୍ତି।

### ଅଧ୍ୟୟନ ଭିଜାରେ ଯାଇ ରୁଷିଆ ସେନାରେ ଯୁଦ୍ଧ ବେଳେ ଉତ୍ତରାଖଣ୍ଡ ଯୁବକ ନିହତ

ଡେରାଡୁନ୍,୧୮।୧୨

ଉତ୍ତରାଖଣ୍ଡର ୩୦ ବର୍ଷୀୟ ଯୁବକ ରାକେଶ କୁମାର ଅଧ୍ୟୟନ ଭିଜାରେ ରୁଷିଆ ଯାଇଥିବାବେଳେ ସେଠାରେ ତାଙ୍କୁ ୟୁକ୍ରେନ୍ ବିରୋଧୀ ଯୁଦ୍ଧ ପାଇଁ ରୁଷିଆ ସେନାରେ ସାମିଲ ହେବାକୁ ବାଧ୍ୟ କରାଯାଇଥିଲା ବୋଲି ଅଭିଯୋଗ ହୋଇଛି। ଯୁଦ୍ଧ ସମୟରେ ପ୍ରାଣ ହରାଇଥିବା ରାକେଶଙ୍କ ମୃତଦେହ ବୁଧବାର ନୂଆଦିଲ୍ଲୀ ବିମାନବନ୍ଦରରେ ପହଞ୍ଚିବା ପରେ ସେଠାରୁ ସିତାରାଗଞ୍ଜକୁ ପଠାଯାଇଥିଲା। ଶକ୍ତି ଫାର୍ମର ତାରକନାଥ ଧାମରେ ବୁଧବାର ସନ୍ଧ୍ୟାରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଯାଇଛି। ପରିବାର ଲୋକଙ୍କ କହିବା ଅନୁଯାୟୀ, ରାକେଶ ପଢ଼ିବା ପାଇଁ ଗତ ଅଗଷ୍ଟ ୮ରେ ରୁଷିଆ ଯାଇଥିଲେ। ସେଠାରେ ପହଞ୍ଚିବା ପରେ ତାଙ୍କ ପାସ୍‌ପୋର୍ଟ ଏବଂ ଭିଜାକୁ ଜବତ କରାଯାଇ ତାଙ୍କୁ ସାମରିକ ସେବାରେ ଯୋଗଦେବାକୁ ବାଧ୍ୟ କରାଯାଇଥିଲା। ତାଙ୍କ ସହ ପ୍ରାୟ ୨୫ ଦିନ ଯୋଗାଯୋଗ ହୋଇଥିବାବେଳେ ଅଗଷ୍ଟ ୩୦ରୁ କୌଣସି ପ୍ରକାର ସମ୍ପର୍କ କରାଯାଇପାରି ନ ଥିଲା। ରାକେଶଙ୍କୁ ତାଲିମ ଦିଆଯାଇ ୟୁକ୍ରେନ୍ ଯୁଦ୍ଧକୁ ପଠାଯାଇଥିଲା ଏବଂ ଏହା ପରେ ସମସ୍ତ ଯୋଗାଯୋଗ ବନ୍ଦ ହୋଇଯାଇଥିଲା ବୋଲି ତାଙ୍କ ବାପା ରାଜବାହାଦୁର ମୌର୍ଯ୍ୟ କହିଛନ୍ତି। ରାକେଶଙ୍କ ଶେଷ ଫୋନ୍ କଲ୍ ପରେ ତାଙ୍କୁ ସୁରକ୍ଷିତ ଫେରାଇ ଆଣିବା ପାଇଁ ପରିବାର ପକ୍ଷରୁ ଉଦ୍ୟମ ହୋଇଥିଲା। ଯୁଦ୍ଧ ବେଳେ ରାକେଶଙ୍କ ମୃତ୍ୟୁ ଘଟିଥିବା ଖବର ୧୦ ଦିନ ପୂର୍ବରୁ ପରିବାରକୁ ମିଳିଥିଲା।

### ରାଜନୈତିକ ଭୂକମ୍ପରେ ମୋଦି ସରକାରଙ୍କ ପତନ ହେବ: ସଞ୍ଜୟ ରାଉତ୍

ମୁମ୍ବାଇ,୧୮।୧୨

ଡିସେମ୍ବର ୧୯ରେ ଏକ ରାଜନୈତିକ ଭୂକମ୍ପ ହେବାକୁ ଯାଉଛି। ଏଥିରେ କେନ୍ଦ୍ରର ମୋଦି ସରକାରଙ୍କ ପତନ ଘଟିବ ବୋଲି ଶିବସେନା ୟୁବିଟି ନେତା ସଞ୍ଜୟ ରାଉତ୍ ଦାବି କରିଛନ୍ତି। ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ପୃଥ୍ୱୀରାଜ ଚୌହାନଙ୍କ ସଦ୍ୟ ମନ୍ତବ୍ୟ ପରେ ସଞ୍ଜୟ କହିଛନ୍ତି, ଦିଲ୍ଲୀର ରାଜନୈତିକ ମହଲରେ ଚାଲିଥିବା ଚର୍ଚ୍ଚା ଅନୁସାରେ ଭାଜପା ସରକାରକୁ ଅସ୍ଥିର କରିଦେବା ଭଳି ଏକ ବଡ଼ ଉଠାପକା ଦେଖିବାକୁ ମିଳୁଛି। ଏହି ରାଜନୈତିକ ଭୂକମ୍ପ ହେଲେ ମୋଦି ସରକାର ଭୁଶୁଡ଼ିପଡ଼ିବ। ଖବରଦାତା ଏହାର ସତ୍ୟାସତ୍ୟ ସମ୍ପର୍କରେ ପଚାରିବାରୁ ସଞ୍ଜୟ ଆମେରିକା ସହ ଏହାର ଲିଙ୍କ୍ ରହିଥିବା କହିଛନ୍ତି।

### ଜମୁଛି କାର୍ତ୍ତିକ-ଅନନ୍ୟା ଯୋଡ଼ି

**ମୁମ୍ବାଇ:** କାର୍ତ୍ତିକ ଆର୍ଯ୍ୟନ ଏବଂ ଅନନ୍ୟା ପାଣ୍ଡେଙ୍କ ରୋମାଣ୍ଟିକ-କମେଡି ଫିଲ୍ମ 'ତୁ ମେରି ମୈ ତେରା ମୈ ତେରା ତୁ ମେରି'ର ଟ୍ରେଲର ଗୁରୁବାର ରିଲିଜ ହୋଇଛି। ଫିଲ୍ମ ରିଲିଜ ହେବାର ମାତ୍ର ଗୋଟିଏ ସପ୍ତାହ ପୂର୍ବରୁ ନିର୍ମାତା ଟ୍ରେଲର ରିଲିଜ କରିଛନ୍ତି। କାର୍ତ୍ତିକ ଅତୀତ ଏବଂ ଭବିଷ୍ୟତକୁ ଭୁଲି ବର୍ତ୍ତମାନରେ ବଞ୍ଚିବାକୁ ଉଚିତ ମଣୁଛନ୍ତି। ତା'ପରେ ଅନନ୍ୟା ପାଣ୍ଡେଙ୍କୁ ପରିଚୟ କରାଇଥାଏ, ଯିଏ ଫିଲ୍ମରେ ଜଣେ ଲେଖିକା ଭୂମିକାରେ ଅଭିନୟ କରନ୍ତି। ୩ ମିନିଟ ୨୧ ସେକେଣ୍ଡର ଟ୍ରେଲରରେ ସୁନ୍ଦର ବିଦେଶୀ ସ୍ଥାନଗୁଡ଼ିକ ଖୁବ୍ ଆକର୍ଷଣୀୟ, କିନ୍ତୁ ଆଉ ସବୁକିଛି ପୂର୍ବ ଫିଲ୍ମଗୁଡ଼ିକଠାରୁ ପରିଚିତ ମନେ ହେବ।

'ତୁ ମେରି ମୈ ତେରା ମୈ ତେରା ତୁ ମେରି'ର ଟ୍ରେଲର ଆପଣଙ୍କୁ ଏକ ସାଧାରଣ ରୋମାଣ୍ଟିକ-କମେଡିକୁ ମନେ ପକାଇଦେବ। ଯେଉଁଠାରେ ନାୟକ ଏବଂ ନାୟିକା ପ୍ରଥମେ ଭେଟୁଛନ୍ତି ଏବଂ ତା'ପରେ ମଜା କରନ୍ତି। ନାୟିକା ପ୍ରଥମେ ନାୟକଙ୍କ ଉପରେ ବିରକ୍ତ ହୋଇଯାଆନ୍ତି। ପରିସ୍ଥିତି ଯୋଗୁ ସେମାନେ ଏକାଠି ରୁହନ୍ତି ଏବଂ ତା'ପରେ ନାୟିକା ତାଙ୍କ ପ୍ରେମରେ ପଡ଼ିଯାଉଛନ୍ତି। ସେମାନଙ୍କ ମଧ୍ୟରେ ପ୍ରେମ ଆରମ୍ଭ ହେଉଛି ଏବଂ ଶେଷରେ ଝଗଡ଼ା ହେଉଛି ତା'ପରେ ଏକ ଦୁଃଖଦ ଗୀତ ଶୁଣିବାକୁ ମିଳୁଛି। ତା'ପରେ ଫିଲ୍ମର ପୁରୁଣା ଖୁସିର ଶେଷ ମୁହୂର୍ତ୍ତ।

ଟ୍ରେଲରରେ ଜ୍ୟାକି ଶ୍ରଫ୍ ଏବଂ ନୀନା ଗୁପ୍ତା ପ୍ରମୁଖ ଭାବରେ ଅଭିନୟ କରିଥିବା ଅନ୍ୟ କଳାକାରଙ୍କ ଝଲକ ମଧ୍ୟ ଦେଖିବାକୁ ମିଳିଛି। ଟ୍ରେଲରରେ ସେମାନଙ୍କୁ ଅଧିକ ସମୟ ଦେଖିବାକୁ ମିଳୁନାହିଁ। ତାଙ୍କୁ ଦେଖିଲେ ଲାଗୁଛି ଯେ ସେ ଭୁଲ ଭୁଲୈୟା ୨-୩, ଶେହଜାଦ ଏବଂ ଲୁକା ଛୁପି ପରି।



### ଭାରତୀୟ ଅର୍ଥନୈତିକ ଜୋନ୍‌ରୁ ୩୫ ବାଂଲାଦେଶୀ ମତ୍ସ୍ୟଜୀବୀ ଗିରଫ

ନୂଆଦିଲ୍ଲୀ,୧୮।୧୨

ଭାରତୀୟ ତଟସୁରକ୍ଷା ବାହିନୀ (ଆଇସିଜି)ର ଜାହାଜ ଗତ ୧୬ ତାରିଖରେ ଉତ୍ତର ବଙ୍ଗୋପସାଗରରେ ତଲାସି ଅଭିଯାନ ଚଳାଇଥିବାବେଳେ ୨ଟି ବାଂଲାଦେଶୀ ମାଛଧରା ବୋଟ୍ ଜବତ କରିବା ସହ ସେଥିରେ ଥିବା ୩୫ ଜଣଙ୍କୁ ଗିରଫ କରିଛି। ସେମାନେ ଭାରତର ବିଶେଷ ଅର୍ଥନୈତିକ ଜୋନ୍ (ଇଇଜେଡ୍)ରେ ବେଆଇନ ଭାବେ ମାଛଧରା କାର୍ଯ୍ୟରେ ନିୟୋଜିତ ଥିଲେ। ଭାରତର ସାମୁଦ୍ରିକ ଅଞ୍ଚଳ(ବିଦେଶୀ ବୋଟ୍ ଦ୍ୱାରା ମାଛଧରା ନିୟନ୍ତ୍ରଣ) ଆଇନ, ୧୯୮୧ର ଉଲ୍ଲଂଘନ ପାଇଁ ସେମାନଙ୍କୁ ଗିରଫ କରାଯାଇଛି। ଅଧିକ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଆଇସିଜି ସେମାନଙ୍କୁ ୧୭ ତାରିଖରେ ମେରାଇନ୍ ଥାନା ପୋଲିସକୁ ହସ୍ତାନ୍ତର କରିଛି। ଉପରୋକ୍ତ କାର୍ଯ୍ୟାନୁଷ୍ଠାନରୁ ଭାରତୀୟ ସାମୁଦ୍ରିକ ସ୍ୱାର୍ଥର ସୁରକ୍ଷା, ବେଆଇନ ମାଛଧରା ରୋକିବା ଏବଂ ଉକ୍ତ ଅଞ୍ଚଳରେ କାର୍ଯ୍ୟରତ ଭାରତୀୟ ମତ୍ସ୍ୟଜୀବୀଙ୍କୁ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଆଇସିଜିର ଦୃଢ଼ ପ୍ରତିବଦ୍ଧତା ସ୍ପଷ୍ଟ ହୋଇଛି।

## ଭାରତ-ଓମାନ ମୁକ୍ତ ବାଣିଜ୍ୟ ଚୁକ୍ତି ସ୍ୱାକ୍ଷରିତ

ମସ୍କାଟ,୧୮।୧୨(ପି.ଟି.)

ଓମାନ ଗସ୍ତରେ ଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ସେଠାର ସୁଲ୍‌ତାନ ହୈଥାମ୍ ବିନ୍ ତାରିକ୍‌ଙ୍କ ସହ ଦ୍ୱିପାକ୍ଷିକ ରଣନୀତିକ ସହଭାଗିତା ବୃଦ୍ଧି ନେଇ ଆଲୋଚନା କରିଛନ୍ତି।ଏହି ଅବସରରେ ୨ ଦେଶ ମଧ୍ୟରେ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ତ୍ରିରାଷ୍ଟ୍ରୀୟ ଗସ୍ତର ଶେଷ ପର୍ଯ୍ୟାୟରେ ମୋଦି ବୁଧବାର ଓମାନ୍‌ରେ ପହଞ୍ଚିଥିଲେ। ଦ୍ୱିପାକ୍ଷକ ଆଲୋଚନା ପୂର୍ବରୁ ସୁଲତାନ ହୈଥାମ୍ ତାଙ୍କୁ ମସ୍କାଟସ୍ଥିତ ଅଲ୍ ବାରାକ ପ୍ୟାଲେସ୍‌କୁ ସ୍ୱାଗତ କରିଥିଲେ। ଉଭୟ ନେତାଙ୍କ ମଧ୍ୟରେ ପ୍ରତିରକ୍ଷା, ସୁରକ୍ଷା, ବାଣିଜ୍ୟ ଓ ପୁଞ୍ଜିନିବେଶ, ଶକ୍ତି, କୃଷି, ପ୍ରଯୁକ୍ତି ଆଦି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇଥିବା ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି। ବିସ୍ତୃତ ଅର୍ଥନୈତିକ ସହଭାଗିତା ଚୁକ୍ତିନାମା (ସିଇପିଏ) ସ୍ୱାକ୍ଷର ଦ୍ୱିପାକ୍ଷିକ ସମ୍ପର୍କ ଦିଗରେ ଏକ ବଡ଼ ସଫଳତା କହି ୨ ନେତା ଏହାକୁ ସ୍ୱାଗତ କରିଛନ୍ତି। ବାଣିଜ୍ୟ ଓ ଶିଳ୍ପମନ୍ତ୍ରୀ ପୀୟୁଷ ଗୋୟଲ ଏବଂ ଓମାନ ପ୍ରତିପକ୍ଷ କାଇସ୍ ବିନ୍ ମହମ୍ମଦ ଅଲ୍ ୟୁସେଫ୍ ଉକ୍ତ ଚୁକ୍ତିନାମାରେ ସ୍ୱାକ୍ଷର କରିଥିଲେ। ଏହା ଦ୍ୱିପାକ୍ଷିକ ବାଣିଜ୍ୟ ଓ ନିବେଶକୁ ନୂଆ ବଳ ଦେବା ସହ ପାରସ୍ପରିକ ଅଭିବୃଦ୍ଧି ପାଇଁ ସୁଯୋଗ ସୃଷ୍ଟି କରିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।



ଓମାନ ସୁଲ୍‌ତାନ ହୈଥାମ୍ ବିନ୍ ତାରିକ୍‌ଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।

### ମୋଦିଙ୍କୁ 'ଓର୍ଡର ଅଫ୍ ଓମାନ' ସମ୍ମାନ

ନୂଆଦିଲ୍ଲୀ,୧୮।୧୨

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଗୁରୁବାର ଓମାନର ସର୍ବୋଚ୍ଚ ବେସାମରିକ ପୁରସ୍କାର 'ଅର୍ଡର ଅଫ୍ ଓମାନ୍'ରେ ସମ୍ମାନିତ କରାଯାଇଛି। ଭାରତ-ଓମାନ ସମ୍ପର୍କକୁ ସୁଦୃଢ଼ କରିବାରେ ପ୍ରଧାନମନ୍ତ୍ରୀଙ୍କ ଅବଦାନ ପାଇଁ ସୁଲତାନ ହୈଥାମ ବିନ୍ ତାରିକ୍ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରିଛନ୍ତି। ପୂର୍ବରୁ ମହାରାଣୀ ଏଲିଜାବେଥ୍, ନେଲ୍‌ସନ ମଣ୍ଡେଲା ଏବଂ ଜୋର୍ଡାନ ରାଜା ଅବଦୁଲ୍ଲାଙ୍କୁ ଏହି ପୁରସ୍କାର ମିଳିଛି।

# ଇଂଲିଶ୍ ନୂଆବର୍ଷ କ୍ୟାଲେଣ୍ଡର ଉନ୍ମୋଚନ କଲେ ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର, ୧୮।୧୨ (ସୁନିତ୍ ମିଶ୍ର)**

ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ୨୦୨୬ ଇଂରାଜୀ ନୂଆ ବର୍ଷ ଅବସରରେ ମହାପ୍ରଭୁଙ୍କ ଫଟୋଚିତ୍ର ଥାଇ କ୍ୟାଲେଣ୍ଡର ପ୍ରକାଶ ପାଇଛି। କ୍ୟାଲେଣ୍ଡରଗୁଡିକର ପ୍ରଥମ କପିକୁ ଧନୁ ସଂକ୍ରାନ୍ତି ଅବସରରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଲାଗି ହୋଇଛି। ଏହି ଦେବାର୍ପଣ ପରେ ଗୁରୁବାର ଉଭୟ ଡେକ୍ସ ଏବଂ ୱାଲରେ ଲାଗିବା ପାଇଁ ପ୍ରସ୍ତୁତ କ୍ୟାଲେଣ୍ଡରକୁ ବିଧିବଦ୍ଧ ଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉନ୍ମୋଚନ କରିଛନ୍ତି। ଉଭୟ କ୍ୟାଲେଣ୍ଡରରେ ବାଲୁକାକଳା, ପଟ୍ଟଚିତ୍ର, ତାଳପତ୍ର ଖୋଦେଇ ଚିତ୍ର ମାଧ୍ୟମରେ ମହାପ୍ରଭୁଙ୍କ ବିଭିନ୍ନ ବେଶ ଓ ରଥଯାତ୍ରା ସମ୍ବନ୍ଧୀୟ ଭବ୍ୟ ଚିତ୍ରଗୁଡ଼ିକ ଉପସ୍ଥାପନ କରାଯାଇଛି। ଆସନ୍ତା ୨ରୁ ୩ ଦିନ ପରେ ପୁରୀ ଏବଂ ଭୁବନେଶ୍ୱରସ୍ଥିତ ଶ୍ରୀମନ୍ଦିର ସୂଚନା କେନ୍ଦ୍ରଗୁଡିକରେ ଉକ୍ତ କ୍ୟାଲେଣ୍ଡର ଶ୍ରଦ୍ଧାଳୁମାନଙ୍କୁ ବିକ୍ରୟ ନିମନ୍ତେ ଉପଲବ୍ଧ ହେବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀମନ୍ଦିର ପ୍ରଶାସନର ସ୍ୱତନ୍ତ୍ର ଡାଏରୀ ମଧ୍ୟ ଉନ୍ମୋଚନ କରିଛନ୍ତି। ଏହି ଅବସରରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ, ଆଇନ ବିଭାଗର ପ୍ରମୁଖ ଶାସନ ସଚିବ ପବିତ୍ର ମୋହନ ସାମଲ, ପୁରୀ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଆରକ୍ଷୀ ଅଧୀକ୍ଷକ ପ୍ରତୀକ ସିଂହ, ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଦେବବ୍ରତ ସାହୁ ଏବଂ ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଶେଷ ହେବ 'ଇନ୍ସପେକ୍ଟର ରାଜ୍'

## ନୀତି ଆୟୋଗଙ୍କ ମାର୍ଗଦର୍ଶିକା ଅନୁସରଣ ପାଇଁ ମୁଖ୍ୟ ସଚିବଙ୍କ ନିର୍ଦ୍ଦେଶ

**ଭୁବନେଶ୍ୱର, ୧୮।୧୨ (ରବିନାରାୟଣ ଜେନା)**

ରାଜ୍ୟ ସରକାରଙ୍କ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପ୍ରକଳ୍ପ, ଯୋଜନା ଏବଂ କାର୍ଯ୍ୟକ୍ରମ ଅନେକ ସମୟରେ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଶେଷ ହୋଇପାରୁନାହିଁ। ଫଳରେ ଏହାର ସୁଫଳ ଲୋକଙ୍କ ପାଖରେ ବିଳମ୍ବରେ ପହଞ୍ଚୁଛି। ଏନେଇ ସମୀକ୍ଷା ବେଳେ ଗୋଟିଏ କଥା ଆସୁଛି, ଏହା ତଦାରଖ ପ୍ରକ୍ରିୟା ଭିତରେ ରହିଛି। ଫଳରେ ପ୍ରକଳ୍ପ କାର୍ଯ୍ୟ ଆଗେଇ ପାରୁନାହିଁ। ଆଗାମୀ ଦିନରେ ଏସବୁକୁ ଆଉ ବରଦାସ୍ତ କରାଯିବ ନାହିଁ, 'ଇନ୍ସପେକ୍ଟର ରାଜ୍' ଶେଷ ହେବ। ଏଣିକି ନୀତି ଆୟୋଗର ମାର୍ଗଦର୍ଶିକା ଅନୁଯାୟୀ କାମ କରିବାକୁ ପଡ଼ିବ ବୋଲି ମୁଖ୍ୟଶାସନ ସଚିବ ମନୋଜ ଆହୁଜା ସଚିବମାନଙ୍କୁ କହିଛନ୍ତି।

ଚଳିତମାସ ୩ରେ ଅନୁଷ୍ଠିତ ସଚିବସ୍ତରୀୟ ବୈଠକ ଅବସରରେ ମୁଖ୍ୟଶାସନ ସଚିବ କହିଛନ୍ତି, ନୀତି ଆୟୋଗଙ୍କ ରିପୋର୍ଟ ଅନୁଯାୟୀ, ବିଭାଗମାନଙ୍କୁ ଏକ ନିୟମାବଳୀ(ପ୍ରିନ୍ସିପଲ୍ ଫ୍ରେମୱାର୍କ) ପ୍ରଦାନ କରାଯିବ। ସମ୍ପୃକ୍ତ ବିଭାଗଗୁଡ଼ିକ ଚାଲିଥିବା ବିଭିନ୍ନ ପ୍ରକଳ୍ପ ଓ କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ 'କମ୍ପ୍ଲାୟାନ୍ସ' ରିପୋର୍ଟ ପ୍ରସ୍ତୁତ କରିବେ। ଦୁଇ ମାସ ମଧ୍ୟରେ ସମସ୍ତ କମ୍ପ୍ଲାୟନ୍ସ ରିପୋର୍ଟ ନିୟମିତ ଭାବେ ତଦାରଖ କରାଯାଇ ସେଗୁଡ଼ିକୁ ପର୍ଯ୍ୟାୟକ୍ରମେ ଶେଷ କରାଯାଇପାରିବ ବୋଲି ମୁଖ୍ୟସଚିବ କହିଛନ୍ତି।

ବୈଠକର ସୂଚନା ଅନୁଯାୟୀ, ବିଭାଗମାନଙ୍କ ଦ୍ୱାରା ସରକାରୀ କାର୍ଯ୍ୟାଳୟ ତଥା ସମ୍ପତ୍ତିଗୁଡ଼ିକର ଜିଓ-ରେଫରେନ୍ସ ସହିତ ଡିଜିଟାଲ କୋଡିଂ କରି ନିରୀକ୍ଷଣ କରାଯିବ। ସରକାରଙ୍କ ସମସ୍ତ ସମ୍ପତ୍ତି (ବିଭିନ୍ନ ଭବନ, ଭିତ୍ତିଭୂମି ତଥା କୋଠାବାଡ଼ି ଇତ୍ୟାଦି)କୁ ଏକ ସ୍ୱତନ୍ତ୍ର କୋଡ୍ ପ୍ରଦାନ କରାଯିବ। ଏହି ସମ୍ପତ୍ତି କୋଡ୍‌ଗୁଡ଼ିକୁ ପ୍ରକଳ୍ପ ପରିଚାଳନା ସଫ୍ଟୱେର ଏବଂ ଆର୍ଥିକ ବ୍ୟବସ୍ଥା ସହିତ ସଂଯୋଜନ କରାଯିବ। ଜିଆଇଏସ୍ ମ୍ୟାପରେ ଏକ ସାର୍ବଜନୀନ ଇଣ୍ଟରଫେସ୍ ଉପଲବ୍ଧ ରହିବ, ଯାହା ମାଧ୍ୟମରେ ସାଧାରଣ ଲୋକେ ନିଜ ଅଞ୍ଚଳର ପ୍ରକଳ୍ପଗୁଡ଼ିକୁ ଦେଖିପାରିବେ। ଏଥିରେ ପ୍ରକଳ୍ପରେ ଖର୍ଚ୍ଚ ହେବାକୁ ଥିବା ଅର୍ଥ ସହିତ ଠିକାଦାର ଏବଂ ପ୍ରକଳ୍ପର ଅଗ୍ରଗତି ସମ୍ପର୍କିତ ଫଟୋ ଇତ୍ୟାଦି ରହିବ। ସମସ୍ତ ବିଭାଗ ନିଜ ନିଜ ପ୍ରକଳ୍ପଗୁଡ଼ିକୁ 'ୱମୀସ୍' ପ୍ଲାଟଫର୍ମରେ ଅନ୍ତର୍ଭୁକ୍ତ କରିବା ଲାଗି ମୁଖ୍ୟସଚିବ ପରାମର୍ଶ ଦେଇଛନ୍ତି।

ମୁଖ୍ୟସଚିବ କହିଛନ୍ତି, ସମସ୍ତ ନୂତନ ପ୍ରକଳ୍ପଗୁଡ଼ିକର ସମ୍ପୂର୍ଣ୍ଣ ବ୍ୟବସ୍ଥା ସମୀକ୍ଷା ଗତିଶକ୍ତି ପ୍ଲାଟ୍‌ଫର୍ମରେ ଅପଲୋଡ୍ କରାଯିବା ବାଧ୍ୟତାମୂଳକ। ଗତିଶକ୍ତି ପ୍ଲାଟଫର୍ମ ସୂଚାରୁ ରୂପେ କାର୍ଯ୍ୟାନ୍ୱୟନ ପାଇଁ ଆଉ ୨-୩ ମାସ ଲାଗିବ। ଏହାପରେ ବିଭାଗରେ ଏକ ସ୍ୱତନ୍ତ୍ର ସେଲ୍ ସ୍ଥାପନ କରାଯିବ। ଉକ୍ତ ସେଲ୍ ପ୍ରକଳ୍ପ ସମ୍ପର୍କରେ ଟିକିନିଖି ଅନୁଧ୍ୟାନ କରିବା ସହିତ ରିପୋର୍ଟ ପ୍ରଦାନ କରିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି।

# ଯବାନଙ୍କ ଗୁଳିରେ ୩ ମାଓବାଦୀ ନିହତ

**ମାଲକାନଗିରି, ୧୮।୧୨ (ଦୁର୍ଯ୍ୟୋଧନ ପାତ୍ର)**

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ସୁକ୍‌ମା ଜିଲାରେ ଯବାନ ଓ ମାଓବାଦୀଙ୍କ ମଧ୍ୟରେ ଗୁରୁବାର ଗୁଳି ବିନିମୟ ଘଟିଛି। ଯବାନଙ୍କ ଗୁଳିରେ ୩ ମାଓବାଦୀ ନିହତ ହୋଇଥିବା ଜଣାପଡ଼ିଛି। ମୃତ ୩ ଜଣଙ୍କ ମଧ୍ୟରୁ ଜଣେ ମହିଳା ମାଓବାଦୀ ଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ସୁକ୍‌ମା ଜିଲା ଡିଆର୍‌ଜି ବାହିନୀ ଗୁରୁବାର ସକାଳେ ଜିଲାର ଗୋଲାପାଲ୍ଲୀ ଜଙ୍ଗଲରେ କୋମ୍ବିଂ ଅପରେଶନ କରୁଥିଲେ। ଏହି ସମୟରେ ଉକ୍ତ ଜଙ୍ଗଲରେ ଲୁଚି ରହିଥିବା ମାଓବାଦୀଙ୍କ ସହ ଯବାନମାନେ ମୁହାଁମୁହିଁ ହୋଇଥିଲେ। ଯବାନଙ୍କୁ ଦେଖି ମାଓବାଦୀମାନେ ପ୍ରଥମେ ଗୁଳିଚାଳନା କରିଥିଲେ। ଏହାର ପାଲଟା ଜବାବରେ ଯବାନମାନେ ମାଓବାଦୀଙ୍କୁ ଲକ୍ଷ୍ୟକରି ଗୁଳି ଚାଳନା କରିଥିଲେ। ଯବାନଙ୍କ ଗୁଳି ଚାଳନାକୁ ପ୍ରତିହତକରି ନ ପାରି ଘଟଣାସ୍ଥଳରୁ ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିଲେ। ପରେ ସର୍ଚ୍ଚ ଅପରେଶନ ସମୟରେ ୩ ଜଣ ମାଓବାଦୀଙ୍କ ମୃତ ଶରୀର ଜବତକରିବା ସହ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ମଧ୍ୟ ଜବତ କରାଯାଇଛି। ତେବେ ଯବାନମାନେ କୋମ୍ବିଂ ଅପରେଶନ ସାରି ଫେରିବା ପରେ ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରାଯିବ ବୋଲି ସୁକ୍‌ମା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।






# ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ପକ୍ଷରୁ ମହିଳା ନେତୃତ୍ୱ ବିକାଶ ତାଲିମ କାର୍ଯ୍ୟକ୍ରମ, ସ୍ଥାନ: ଆଇଏନ୍‌ଟିୟୁସି ରାଜ୍ୟ ଶାଖା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତି ପକ୍ଷରୁ ବିକ୍ଷୋଭ, ସ୍ଥାନ: ମାଷ୍ଟର କ୍ୟାଣ୍ଟିନ୍ ଛକ, ସମୟ: ପୂର୍ବାହ୍ନ ୧୧ଟା ୩୦।

**କଟକ**
- ତିଗିରିଆ ବ୍ଲକ କୃଷି କାର୍ଯ୍ୟାଳୟ ତରଫରୁ ସିଏମ୍ କିଷାନ ସଚେତନତା ରଥ ଶୁଭାରମ୍ଭ, ସ୍ଥାନ: ବ୍ଲକ କୃଷି କାର୍ଯ୍ୟାଳୟ ନିଜିଗଡ, ତିଗିରିଆ, ସମୟ: ପୂର୍ବାହ୍ନ ୧୦ଟା।
- ନୂଆପାଟଣା ପ୍ରାଥମିକ କୃଷି ସେବା ସମବାୟ ସମିତି ନୂତନ ଗୃହ ଉଦ୍‌ଘାଟନ, ସ୍ଥାନ: ନୂଆପାଟଣା ସେବା ସମବାୟ ସମିତି ପରିସର, ସମୟ : ପୂର୍ବାହ୍ନ ୧୦ଟା ୩୦।
- ଜୀବନାଶକର ଠିକ୍ ବ୍ୟବହାର ସମ୍ପର୍କୀୟ ପ୍ରଶିକ୍ଷଣ ଶିବିର, ସ୍ଥାନ: ତିଗିରିଆ ବ୍ଲକ କୃଷି କାର୍ଯ୍ୟାଳୟ,ସମୟ: ପୂର୍ବାହ୍ନ ୧୧ଟା।
- ଚୈତନ୍ୟ ସାହୁ କଳା ଓ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର ନୂଆପାଟଣା, ସମୟ: ପୂର୍ବାହ୍ନ ୧୧ଟା।
- ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଏବଂ କବିଚନ୍ଦ୍ର ସ୍ମୃତି ସଂସଦ ଆନୁକୂଲ୍ୟରେ କବିଚନ୍ଦ୍ର କାଳିଚରଣ ପଟ୍ଟନାୟକଙ୍କ ୧୨୮ତମ ଜୟନ୍ତୀ, ସ୍ଥାନ: ଶ୍ରୀରାମଚନ୍ଦ୍ର ଭବନ, ସମୟ: ସନ୍ଧ୍ୟା ୬ଟା।
- ନୃତ୍ୟ ମୟୂରୀ ପକ୍ଷରୁ ଅଷ୍ଟମ ମା' କଟକ ଚଣ୍ଡୀ ଫେଷ୍ଟିଭାଲ, ସ୍ଥାନ: କଳାବିକାଶ କେନ୍ଦ୍ର, ସମୟ: ସନ୍ଧ୍ୟା ୬ଟା।

**ଖୋର୍ଦ୍ଧା**
- ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଚତୁର୍ଥ ବାର୍ଷିକ ଉତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ଷଣ୍ଢପୁର, ଜଟଣୀ, ସମୟ: ଅପରାହ୍ନ ୩ଟା।
- ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ ବାଳିକା ଛାତ୍ରାବାସର ୧୦ମ ବାର୍ଷିକୋତ୍ସବ, ସ୍ଥାନ: କଲେଜ କ୍ୟାମ୍ପସ, ସମୟ: ଅପରାହ୍ନ ୩ଟା।
- ଖୋର୍ଦ୍ଧା ମହୋତ୍ସବ, ସ୍ଥାନ: ବିଡିଏ ପଡ଼ିଆ, ସମୟ: ସନ୍ଧ୍ୟା ୬ଟା।

**ବାଲେଶ୍ୱର**
- ଚବିଶ ପ୍ରହର ନାମ ସଂକୀର୍ତ୍ତନ ଓ ମହୋତ୍ସବ, ସ୍ଥାନ: ବେଲଦାଣ୍ଡିଆ ମନ୍ଦିର ପରିସର, ସିଂଲା, ବାଲେଶ୍ୱର, ସମୟ: ସକାଳ ୮ଟା।
- ସାମ୍ବତ୍ସରିକ ପୁରସ୍କାର ବିତରଣ ଉତ୍ସବ, ସ୍ଥାନ: ଖଇରା ସରକାରୀ ଉଚ୍ଚ ବିଦ୍ୟାଳୟ, ଖଇରା, ସମୟ: ପୂର୍ବାହ୍ନ ୧୧ଟା।
- ସୁବର୍ଣ୍ଣ ଜୟନ୍ତୀ ପ୍ରସ୍ତୁତି ବୈଠକ, ସ୍ଥାନ: ନୀଳମଣି ମହାବିଦ୍ୟାଳୟ, ରୂପସା, ସମୟ: ଅପରାହ୍ନ ୨ଟା ୩୦।
- ନୋସି ଏକ୍ସପୋ ମେଳା, ସ୍ଥାନ: ନୋସି ବିଜିନେସ ପାର୍କ ପରିସର, ବାମପଦା, ବାଲେଶ୍ୱର, ସମୟ: ଅପରାହ୍ନ ୩ଟା।
- ବାଲେଶ୍ୱର ଉତ୍ସବର ସାଂସ୍କୃତିକ ସନ୍ଧ୍ୟା, ସ୍ଥାନ: ପୁରୁଣା ଷ୍ଟାଡିୟମ୍ ପଡ଼ିଆ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।

**ଭଦ୍ରକ**
- ଶିଶୁ ଉତ୍ସବ-୨୦୨୫, ସ୍ଥାନ: ପଞ୍ଚାୟତ ଉଚ୍ଚ ବିଦ୍ୟାପୀଠ, ସିନ୍ଦୋଳ, ତିହିଡ଼ି, ସମୟ: ସକାଳ ୯ଟା।
- ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ, ସ୍ଥାନ: ନଇଛାଣପୁର ସରକାରୀ ପ୍ରାଥମିକ ବିଦ୍ୟାଳୟ, ବାସୁଦେବପୁର, ସମୟ: ସକାଳ ୯ଟା।
- ଜିଲ୍ଲାସ୍ତରୀୟ ବିଜ୍ଞାନ ମେଳା ଓ ରାଷ୍ଟ୍ରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ, ସ୍ଥାନ: ଜିଲା ସ୍କୁଲ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ, ସ୍ଥାନ: ବିଦେଇପୁର ମୁନିପଡ଼ିଆ, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ସାରସ୍ୱତ ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ, ସ୍ଥାନ: ଜଳହରି, ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୦ଟା।

**କେନ୍ଦୁଝର**
- କନ୍ୟା ଶିବିର, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବଡ଼ବିଲ, ସମୟ: ସକାଳ ୮ଟା।
- ବଡ଼ବିଲ ମହୋତ୍ସବ ପାଳନ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ପୌର ଟାଉନ ହଲ୍, ବଡ଼ବିଲ, ସମୟ: ମଧ୍ୟାହ୍ନ ୧୨ଟା।
- ୱିଣ୍ଟର କାର୍ନିଭାଲ, ସ୍ଥାନ: ସେଣ୍ଟ ମେରିସ ସ୍କୁଲ, ବଡ଼ବିଲ, ସମୟ: ଅପରାହ୍ନ ୩ଟା ୩୦।

**ମୟୂରଭଞ୍ଜ**
- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ:ଗୋପବନ୍ଧୁ ନଗର ବ୍ଲକ୍ କାର୍ଯ୍ୟାଳୟ ପରିସର,ସମୟ: ସକାଳ ୮ଟା।
- ହରିବିଳଦେବ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ,ସ୍ଥାନ:ଖିରିପଦା,ଆରପଟା ପଞ୍ଚାୟତ, ଗୋପବନ୍ଧୁ ନଗର,ସମୟ: ପୂର୍ବାହ୍ନ ୧୦ଟା।
- ୧୬ ବର୍ଷରୁ କମ୍ ଆନ୍ତଃରାଜ୍ୟ ଟି-୨୦ କ୍ରିକେଟ ମ୍ୟାଚ, ସ୍ଥାନ:ମଧୁବନ ପଡ଼ିଆ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।

**ବ୍ରହ୍ମପୁର**
- ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ଶାନ୍ତି ନଗର ରାମମନ୍ଦିର, ସମୟ: ସକାଳ ୮ଟା।

**ଗଜପତି**
- ବାର୍ଷିକୋତ୍ସବ ପାଳନ, ସ୍ଥାନ: ମୋହନା ପିଏମ୍‌ଶ୍ରୀ ଏସ୍‌ଏସ୍‌ଡି ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ ଟା।

**ଢେଙ୍କାନାଳ**
- ଢେଙ୍କାନାଳ ଜିଲ୍ଲା ନୂଆ ଭୁବନ ନୋଡାଲ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ସମୟ: ସକାଳ ୧୦ଟା ୩୦।

**ଅନୁଗୋଳ**
- ପପୁ ସ୍ମାରକୀ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଫାଇନାଲ ମ୍ୟାଚ, ସ୍ଥାନ: ଆଠମଲ୍ଲିକ ଲିପିଲୋଇ ଖେଳପଡ଼ିଆ, ସମୟ : ଅପରାହ୍ନ ୩ଟା।

**ଜଗତ୍‌ସିଂହପୁର**
- କେନ୍ଦ୍ରୀୟ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ମଧୁବନ, ପାରାଦୀପ, ସମୟ: ସକାଳ ୮ଟା।
- ଗଣପତି ଶିଶୁ ବିଦ୍ୟାମନ୍ଦିରର ୨ ଦିନିଆ ବାର୍ଷିକ କ୍ରୀଡା ଉତ୍ସବ ଉଦ୍‌ଘାଟନୀ କାର୍ଯ୍ୟକ୍ରମ, ସ୍ଥାନ: ଖେଳ ପଡିଆ, ବାଲିଝରା, ପାରାଦୀପ, ସମୟ: ସକାଳ ୮ଟା।

**କେନ୍ଦ୍ରାପଡ଼ା**
- ଧନୁଯାତ୍ରା ମହୋତ୍ସବ, ସ୍ଥାନ: ଶ୍ରୀମହାପୁରୁଷ ମଧୁସୂଦନ ଦାସ ପୀଠ, କନ୍ତିଆ ମଠ, କେନ୍ଦ୍ରାପଡ଼ା, ସମୟ: ସକାଳ ୯ଟା।
- ରାଜ୍ୟ ସାମ୍ବାଦିକ ସଂଘ କେନ୍ଦ୍ରାପଡ଼ା ଜିଲା ଶାଖାର ବାର୍ଷିକ ଉତ୍ସବ ଓ ପ୍ରାନ୍ତୀୟ ସମାବେଶ, ସ୍ଥାନ: ଆଦିଶ୍ରୀ କଟେଜ, ଚାନ୍ଦୋଳ, ଡେରାବିଶ, ସମୟ: ପୂର୍ବାହ୍ନ ୧୦ଟା।
- ହାଇସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ଭଗବତୀ ସରକାରୀ ହାଇସ୍କୁଲ, ବେଲାରପୁର, ଡେରାବିଶ, ସମୟ: ପୂର୍ବାହ୍ନ ୧୦ଟା।
- ମଣ୍ଡଳସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ, ସ୍ଥାନ: ଇଚ୍ଛାପୁର, ସରକାରୀ ଉଚ୍ଚ ବିଦ୍ୟାଳୟ, ଇଚ୍ଛାପୁର, କେନ୍ଦ୍ରାପଡ଼ା ସହର, ସମୟ: ଅପରାହ୍ନ ୩ଟା।
- ଗୀତା ଜ୍ଞାନ ଯଜ୍ଞ, ସ୍ଥାନ: ଜିଲା ସଂସ୍କୃତିଭବନ, ଉଦୟନଗର, ଡେରାବିଶ, ସମୟ: ସନ୍ଧ୍ୟା ୬ଟା।

**ଯାଜପୁର**
- ଜେମ୍ସ ସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ, ସ୍ଥାନ: ସ୍କୁଲ ଖେଳ ପଡ଼ିଆ, ଯାଜପୁର ରୋଡ୍, ସମୟ : ପୂର୍ବାହ୍ନ ୯ଟା।
- ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ଧର୍ମଶାଳା ବ୍ଲକ୍‌ର ଦେଉଳି, ସମୟ: ପୂର୍ବାହ୍ନ ୧୧ଟା।
- ୧୦ମ ରାଜ୍ୟସ୍ତରୀୟ କଳିଙ୍ଗନଗର ପୁସ୍ତକ ମେଳା, ସ୍ଥାନ: ଯାଜପୁର ରୋଡ୍ କାଳୀ ମେଲଣ ପଡ଼ିଆ, ସମୟ: ଅପରାହ୍ନ ୨ଟା।
- ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା, ସ୍ଥାନ: ଯାଜପୁର ପ୍ରଶାସନିକ ପଡ଼ିଆ, ସମୟ: ଅପରାହ୍ନ ୩ଟା।
- ଖିମଜୀ ସୁନା ଅଳଙ୍କାର ଶୋରୁମ ଉଦ୍‌ଘାଟନ କାର୍ଯ୍ୟକ୍ରମ, ସ୍ଥାନ: ଯାଜପୁର ରୋଡ୍ ବ୍ୟାଙ୍କ ଷ୍ଟ୍ରିଟ୍ ସମୟ: ଅପରାହ୍ନ ୪ଟା।
- ଯାଜପୁର ସଦର ମହୋତ୍ସବର ତୃତୀୟ ସନ୍ଧ୍ୟାରେ ଜଗତ୍‌ସିଂହପୁରର କ୍ରିଷ୍ଣା ଡ୍ୟାନ୍ସ ଗ୍ରୁପ୍ ଓ ଓଡ଼ିଆ ଚାରିଧାମ ଚଳଚ୍ଚିତ୍ରର ନାୟିକା ଡା. ଅନୁରାଧା ପାଣିଗ୍ରାହୀଙ୍କ କାର୍ଯ୍ୟକ୍ରମ, ସ୍ଥାନ: କବିରପୁର ଦଶହରା ପଡ଼ିଆ, ସମୟ: ସନ୍ଧ୍ୟା ୬ ଟା।

**ନୟାଗଡ଼**
- ଘୋଡଲାଗି ପର୍ବର ୨୩ ତମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ସକାଳ ୭ ଟା।
- ଘୋଡଲାଗି ପର୍ବର ୨୩ତମ ଦିବସ, ସ୍ଥାନ: ଖଣ୍ଡପଡା ଜଗନ୍ନାଥ ମନ୍ଦିର, ସମୟ: ସକାଳ ୭ଟା ୩୦।
- ଘୋଡଲାଗି ପର୍ବର ୨୩ତମ ଦିବସ, ସ୍ଥାନ: ନୟାଗଡ଼ ଜଗନ୍ନାଥ ମନ୍ଦିର, ସମୟ: ସକାଳ ୭ ଟା ୩୦।
- ବିଦ୍ୟାଳୟର ବାର୍ଷିକୋତ୍ସବ, ସ୍ଥାନ: ନୂଆଗାଁ ବ୍ଲକ ନୂଆଗାଁ ହାଇସ୍କୁଲ ପରିସର, ସମୟ: ପୂର୍ବାହ୍ନ ୯ଟା।
- ମା' ବରୁଣେଇ କ୍ରିକେଟ ଟୁର୍ଣ୍ଣାମେଣ୍ଟର ୧୫ତମ ଦିବସରେ ୨ୟ ସେମି ଫାଇନାଲ ବାଙ୍କୀ ରାଜୀବ ବନାମ ବୈଦେଶ୍ୱର, ସ୍ଥାନ: କଣ୍ଟିଲୋ ମିନି ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା।
- ମିଶନ ଶକ୍ତି ପକ୍ଷରୁ କଂସା ପତଳ ବାସନ ସାମଗ୍ରୀ ପାଇଁ ତାଲିମ ଶିବିର, ସ୍ଥାନ: କଣ୍ଟିଲୋ ନଡିଆ ପୋଖରୀ ସାମ୍ନା କଂସା ପିତଳ କେନ୍ଦ୍ର, ସମୟ: ପୂର୍ବାହ୍ନ ୧୧ଟା।
- ଆପଣଙ୍କ ପୁଞ୍ଜି ଆପଣଙ୍କ ଅଧିକାର ଉପରେ ସଚେତନତା ଶିବିର, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ ସୃଜନ, ସମୟ:ପୂର୍ବାହ୍ନ ୧୧ଟା।
- ୧୬ତମ ସର୍ବ ଭାରତୀୟ ସଦାଶିବ ସ୍ମାରକୀ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ୬ଷ୍ଠ ଦିବସରେ ୨ୟ ସେମିଫାଇନାଲ ମ୍ୟାଚରେ କଳାହାଣ୍ଡି ବନାମ ତମାଣ୍ଡୋ କ୍ରିକେଟ କ୍ଲବ ଭୁବନେଶ୍ୱର, ସ୍ଥାନ: ଭାପୁର ବ୍ଲକ ଫତେଗଡ ନାଳିସାଗର ପଡିଆ, ସମୟ:ମଧ୍ୟାହ୍ନ ୧୨ଟା।
- ଶୁଭମ୍ ମେମୋରିଆଲ ଭଲି ଟୁର୍ଣ୍ଣାମେଣ୍ଟର ୩ୟ ଦିବସରେ ଓଡିଶା ରିଜର୍ଭ ପୋଲିସ ବନାମ ମାଛିପଡା, ସ୍ଥାନ: ନୟାଗଡ଼ ଦକ୍ଷୀଣକାଳୀ ପଡିଆ, ସମୟ: ଅପରାହ୍ନ ୫ଟା ୩୦।
- ନୀଳମାଧବଙ୍କ ପୋଷ୍ୟ ପୂର୍ଣ୍ଣିମା ଓ ସୁନାବେଶ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: କଣ୍ଟିଲୋ ପୂର୍ତ୍ତ ବିଭାଗ ଡାକବଙ୍ଗଳା, ସମୟ: ସନ୍ଧ୍ୟା ୬ଟା।
- ଶୁଭମ୍ ମେମୋରିଆଲ ଭଲି ଟୁର୍ଣ୍ଣାମେଣ୍ଟର ୩ୟ ଦିବସରେ ତୁଳସୀପୁର ବନାମ ଭାଟସାହି,ସ୍ଥାନ: ନୟାଗଡ଼ ଦକ୍ଷୀଣକାଳୀ ପଡିଆ, ସମୟ: ସନ୍ଧ୍ୟା ୭ଟା ୩୦।

**ରାୟଗଡ଼ା**
- ଜିଆଇଇଟି ବିଶ୍ୱବିଦ୍ୟାଳୟ ପକ୍ଷରୁ ସୃଜନ ୪.୦ ନିମନ୍ତେ ମାରାଥନ, ସ୍ଥାନ: ନୂତନ ବସ୍‌ଷ୍ଟାଣ୍ଡଠାରୁ ଜିଆଇଇଟି ବିଶ୍ୱବିଦ୍ୟାଳୟ, ଗୁଣପୁର, ସମୟ: ସକାଳ ୭ଟା।
- ଚଇତି ଉପଲକ୍ଷେ ପାୱାର ଲିଫ୍ଟିଂ ପ୍ରତିଯୋଗିତା, ସ୍ଥାନ: ଇନ୍‌ଡୋର ଷ୍ଟାଡିୟମ, ଗୁଣପୁର, ସମୟ: ସକାଳ ୮ଟା।
- ଜିଟିଓ ବିଦ୍ୟାଳୟରେ ବିଜ୍ଞାନ ମେଳା, ସ୍ଥାନ: ବିଦ୍ୟାଳୟ ଶ୍ରେଣୀ ଗୃହ, ମୁନିଗୁଡା, ସମୟ: ପୂର୍ବାହ୍ନ ୧୦ଟା।

**ନବରଙ୍ଗପୁର**
- ସାଂସଦ ଖେଳ ମହୋତ୍ସବ ଉଦ୍‌ଘାଟନ, ସ୍ଥାନ: ଡାବୁଗାଁ ବ୍ଲକ ସରକାରୀ ନୂତନ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଓ ଭୈରବ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଖେଳ ପଡ଼ିଆ, ସମୟ: ପୂର୍ବାହ୍ନ ୯ଟା।

**କୋରାପୁଟ**
- ଜୁନିଅର ରେଡ୍‌କ୍ରସ କ୍ୟାମ୍ପ, ସ୍ଥାନ: କୁନ୍ଦୁରାସ୍ଥିତ ଶ୍ରୀ ଅରବିନ୍ଦ ଶିକ୍ଷା ନିକେତନ, ସମୟ: ପୂର୍ବାହ୍ନ ୧୦ଟା।
- ବାର୍ଷିକ ଉତ୍ସବ, ସ୍ଥାନ: ପଟ୍ଟାଙ୍ଗି ବ୍ଲକସ୍ଥିତ କୋଟିଆ ଏସ୍‌ଏସ୍‌ଡି ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା।
- ରାଜସ୍ୱ ମନ୍ତ୍ରୀଙ୍କ ଗସ୍ତ, ସ୍ଥାନ: ପଟ୍ଟାଙ୍ଗି ବ୍ଲକ କୋଟିଆ ପଞ୍ଚାୟତ, ସମୟ: ପୂର୍ବାହ୍ନ ୧୧ଟା।
- ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ 'ଜିଜ୍ଞାସା' ପାଳନ, ସ୍ଥାନ: ନନ୍ଦପୁର ବ୍ଲକ ଗଣିନାୟକପୁଟସ୍ଥିତ ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ଆର୍‌ଆଇ ତାଲିମ କେନ୍ଦ୍ର ଉଦ୍‌ଘାଟନ, ସ୍ଥାନ: ଜୟପୁର ଫୁଲବାଡ଼, ସମୟ: ପୂର୍ବାହ୍ନ ୧୧।
- ପ୍ରାକ୍ ଖ୍ରୀଷ୍ଟ ଜୟନ୍ତୀ ଶୋଭାଯାତ୍ରା ଓ ବୈଠକ, ସ୍ଥାନ: ନନ୍ଦପୁର, ସମୟ: ଅପରାହ୍ନ ୨ ଟା।

**ସମ୍ବଲପୁର**
- ସୌନ୍ଦର୍ଯ୍ୟ ସଚେତନତା ଓ ପ୍ରଶିକ୍ଷଣ ଶିବିର ଉଦ୍‌ଯାପନୀ ଉତ୍ସବ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ପୂର୍ବାହ୍ନ ୧୦ଟା।
- ପିଏମଶ୍ରୀ କେନ୍ଦ୍ରିୟ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ : ବୁର୍ଲାସ୍ଥିତ ଭିସୁଟ ପ୍ରେକ୍ଷାଳୟ, ସମୟ : ଅପରାହ୍ନ ୩ଟା।
- ମାରୱାଡ ମହୋତ୍ସବ-୨୦୨୫ର ପ୍ରସ୍ତୁତି ବୈଠକ, ସ୍ଥାନ : ରେମେଡ ନିକଟସ୍ଥ ଉତ୍ସବ ସ୍ଥଳି, ସମୟ : ଅପରାହ୍ନ ୫ଟା।

**ବଲାଙ୍ଗୀର**
- ରାଜ୍ୟସ୍ତରୀୟ ଫେନସିଂ ପ୍ରଶିକ୍ଷଣ ଶିବିର, ସ୍ଥାନ: ବଲାଙ୍ଗୀରସ୍ଥିତ ଆର୍‌ଏନ୍ ସିଂଦେଓ ସ୍ପୋର୍ଟ୍ସ କମ୍ପ୍ଲେକ୍ସ, ସମୟ: ସକାଳ ୭ଟା।
- ଓଡ଼ିଶା-ହିମାଚଳ ପ୍ରଦେଶ କୁଚ୍ ବିହାର ଟ୍ରଫି କ୍ରିକେଟ୍‌ର ଚତୁର୍ଥ ଦିବସ, ସ୍ଥାନ: ବଲାଙ୍ଗୀର ଗାନ୍ଧୀ ଷ୍ଟାଡିୟମ୍, ସମୟ: ସକାଳ ୯ଟା।
- ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ନମ୍ବର ୨ର ବାର୍ଷିକ ଉତ୍ସବ, ସ୍ଥାନ: ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ନମ୍ବର ୨ ପରିସର, ଶାସ୍ତ୍ରୀନଗର, ବଲାଙ୍ଗୀର, ସମୟ: ଅପରାହ୍ନ ୨ଟା।
- ୭ତମ କଣ୍ଟାବାଞ୍ଜି ଲୋକ ମହୋତ୍ସବ, ସ୍ଥାନ: କଣ୍ଟାବାଞ୍ଜି ସରକାରୀ ବାଳକ ହାଇସ୍କୁଲ ପଡିଆ, ସମୟ: ସନ୍ଧ୍ୟା ୭ଟା।

**ରାଉରକେଲା**
- ପୋଲିସ ସ୍ପୋର୍ଟସ ମିଟ୍, ସ୍ଥାନ: ରିଜର୍ଭ ପଡିଆ, ସମୟ: ସକାଳ ୮ଟା ୩୦।
- ହାଇଡ୍ରୋ ୨୦୨୫ ଅନ୍ତର୍ଜାତୀୟ ସମାବେଶ, ସ୍ଥାନ: ଏନ୍‌ଆଇଟି ରାଉରକେଲା ବିବିଏ ପ୍ରେକ୍ଷାଳୟ, ସମୟ: ସକାଳ ୯ଟା।
- ମ୍ୟୁନିସିପାଲ କଲେଜରେ ପାଞ୍ଚଦିବସୀୟ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଶୁଭାରମ୍ଭ, ସ୍ଥାନ: ଉଦିତ ନଗର, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀ ଅରବିନ୍ଦ ସ୍କୁଲର ବାର୍ଷିକୋତ୍ସବ ଉଦ୍‌ଯାପନୀ ସମାରୋହ, ସ୍ଥାନ: ସେକ୍ଟର-୫, ସମୟ: ପୂର୍ବାହ୍ନ ୧୦ଟା।
- ଏଆଇଏଲୟୁ ପକ୍ଷରୁ ଆଲୋଚନାଚକ୍ର, ସ୍ଥାନ: ସେକ୍ଟର-୨୧ ରାଉରକେଲା ଆଇନ କଲେଜ, ସମୟ: ପୂର୍ବାହ୍ନ ୧୦ଟା। ୩୦।
- ବିପିୟୁଟିରେ ଅନ୍ତର୍ଜାତୀୟ ସମ୍ମିଳନୀ, ସ୍ଥାନ: ଛେଣ୍ଡ ସମୟ: ପୂର୍ବାହ୍ନ ୧୧ଟା।
- ଅଲ୍ ଓଡିଶା କ୍ରିକେଟ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ବାସନ୍ତୀ କଲୋନି, ସମୟ: ପୂର୍ବାହ୍ନ ୧୧ଟା।
- ଅକ୍ଷୟ ମ୍ୟୁଜିକାଲ ନାଇଟ୍, ସ୍ଥାନ: ସିଭିକ୍ ସେଣ୍ଟର, ସମୟ: ସନ୍ଧ୍ୟା ୬ଟା।
- ସାମ୍ପ୍ରତିକ ଓଡ଼ିଆ ଗଳ୍ପର ଆବେଦନ ଶୀର୍ଷକ ସାହିତ୍ୟ ଆସର, ସ୍ଥାନ: ବାସନ୍ତୀ ପାଠାଗାର, ସମୟ: ସନ୍ଧ୍ୟା ୬ଟା ୩୦।

**ସୁନ୍ଦରଗଡ଼**
- ସୁନ୍ଦରଗଡ଼ ସ୍ୱୟଂଶାସିତ ସରକାରୀ ମହାବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ଉଦ୍‌ଘାଟନ ସମାରୋହ, ସ୍ଥାନ: ମହାବିଦ୍ୟାଳୟ ଏଲଆର ନାୟାର ଷ୍ଟାଡିୟମ, ସମୟ: ସକାଳ ୮ଟା।
- ସମନ୍ୱିତ ଉନ୍ନତି ଲକ୍ଷ୍ୟ ଏବଂ ଜୈବ ବିବିଧତା ସଂରକ୍ଷଣ ଉପରେ ଦ୍ୱିଦିବସୀୟ ଜାତୀୟ ଆଲୋଚନାଚକ୍ର, ସ୍ଥାନ: ସରକାରୀ ମହିଳା ମହାବିଦ୍ୟାଳୟ, ସୁନ୍ଦରଗଡ଼, ସମୟ : ପୂର୍ବାହ୍ନ ୧୦ଟା।
- ପିଏମଶ୍ରୀ ହରିହର ହାଇସ୍କୁଲର ବାର୍ଷିକ କ୍ରୀଡା,ସ୍ଥାନ: ହରିହର ହାଇସ୍କୁଲ ଖେଳ ପଡିଆ, ସମୟ:ପୂର୍ବାହ୍ନ ୧୦ଟା।

**ବରଗଡ଼**
- ଧନୁଯାତ୍ରା କଳାକାରଙ୍କ ପୂର୍ବାଭ୍ୟାସ, ସ୍ଥାନ: ଗାନ୍ଧୀଛକ, ସମୟ:ପୂର୍ବାହ୍ନ ୧୦ଟା ୩୦।

**କଳାହାଣ୍ଡି**
- ଆଇଟିଡିଏ ସମୀକ୍ଷା ବୈଠକ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତ ସମିତି ପଞ୍ଚମ ସାଧାରଣ ବୈଠକ, ସ୍ଥାନ: ପଞ୍ଚାୟତ ସମିତି ସଭା ଗୃହ, ଥୁଆମୂଳ ରାମପୁର, ସମୟ: ପୂର୍ବାହ୍ନ ୧୦ଟା।
- ନୃତ୍ୟ ସଙ୍ଗମର ତୃତୀୟ ସନ୍ଧ୍ୟା, ସ୍ଥାନ: ଭବାନୀପାଟଣା ସ୍ଥିତ ଲାଲ ବାହାଦୂର ଶାସ୍ତ୍ରୀ ଷ୍ଟାଡିୟମ, ସମୟ: ସନ୍ଧ୍ୟା ୭ଟା।

**ବୌଦ୍ଧ**
- ବୌଦ୍ଧ ପୋଲିସର ଭୈରବୀ ସ୍କ୍ୱାଡ୍ ଉଦ୍‌ଘାଟନ ଉତ୍ସବ, ସ୍ଥାନ: ଟାଉନ ହଲ ବୌଦ୍ଧ, ସମୟ: ଅପରାହ୍ନ ୪ଟା।

**ଦେବଗଡ଼**
- ଜିଲା ଷ୍ଟରିଆ ବାଲ ବୈଜ୍ଞାନିକ ପ୍ରଦର୍ଶନୀ, ସ୍ଥାନ: ଦେବଗଡ଼ ଟାଉନ ହାଇସ୍କୁଲ, ସମୟ: ସକାଳ ୯ଟା।
- ଧାନ ସଂଗ୍ରହର ଶୁଭାରମ୍ଭ, ସ୍ଥାନ: ରିଆମାଲ ବ୍ଲକ ବୁଢାପାଳ ପିଏସିଏସ, ସମୟ : ପୂର୍ବାହ୍ନ ୧୧ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତୀ, ସ୍ଥାନ : ଦେବଗଡ ମଠସାହି ମା' କନକ ଦୁର୍ଗା ମନ୍ଦିର, ସମୟ : ସନ୍ଧ୍ୟା ୭ଟା।

**ସୁବର୍ଣ୍ଣପୁର**
- ଜିଲାସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ଓ ବିଜ୍ଞାନ ମେଳା, ସ୍ଥାନ: ସୋନପୁର ବ୍ଲକ ସାଗରପାଲି ସ୍ଥିତ ଗଙ୍ଗାଧର ମେହେର ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା।
- ବଡ଼ଦେଓ ମହୋତ୍ସବର ଉଦ୍‌ଘାଟନ, ସ୍ଥାନ: କୁଞ୍ଜାପାଲି, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।
- ମା' ଖମ୍ବେଶ୍ୱରୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିବସ, ସ୍ଥାନ: ଚେଭାପଦର, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।
- ୨୯ତମ ସର୍ବଭାରତୀୟ ଜୟ ଜଗନ୍ନାଥ ଲୁଡୁରପଙ୍କ କ୍ରିକେଟ କପର ବୈଠକ, ସ୍ଥାନ: ଲୁଡୁରପଙ୍କ,ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।
- ଗ୍ରାମ୍ୟ ପରିଚାଳନା କମିଟି ବୈଠକ, ସ୍ଥନ: ଅମରପାଲି, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।

**ଝାରସୁଗୁଡ଼ା**
- ବିପିଏମ୍ ହାଇସ୍କୁଲର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳନ, ସ୍ଥାନ :ଭଉଁରଖୋଲ ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା।
- ବ୍ୟାଙ୍କ ମାନଙ୍କ ଦ୍ୱାରା ସେଟଲମେଣ୍ଟ କାର୍ଯ୍ୟକ୍ରମ, ସ୍ଥାନ:ଡିଏମଏଫହଲ, ଜିଲାପାଳ କାର୍ଯ୍ୟାଳୟ, ଝାରସୁଗୁଡ଼ା, ସମୟ :ପୂର୍ବାହ୍ନ ୧୧ଟା।
- ମୀରର ଥିଏଟର ଦ୍ୱାରା ପ୍ରେସ ମିଟ, ସ୍ଥାନ: ହୋଟେଲ ରୁଦ୍ରାକ୍ଷ ଇନ, ଝାରସୁଗୁଡ଼ା, ସମୟ: ଅପରାହ୍ନ ୪ଟା।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଆମ୍ବ ଗଛରେ ଆମ୍ବ ନାହିଁ**
**ଫୋପଡ଼ କାଇଁକି ମାରୁ,**
**ଅଣ୍ଟା ଚାରିପାଖ ପଇସା ନାହିଁ**
**ଆଖି କିଆଁ ଏତେ ଠାରୁ ।**

ଆମ୍ବ ଫଳି ନ ଥିବା ବେଳେ ଆମ୍ବଗଛକୁ ଟେକା ଫୋପାଡ଼ିବା ମନା ହେବା ଭଳି ପାଖରେ ପଇସା ନ ଥିଲେ ପ୍ରେମ କରିବାରେ ମଧ୍ୟ ବାରଣ ରହିଥାଏ। ପାଖରେ ଧନ ନ ଥିବା ବ୍ୟକ୍ତିଙ୍କୁ ସାଧାରଣତଃ କେହି ପଚାରି ନ ଥାନ୍ତି କି ତାଙ୍କ ସହ ସମ୍ପର୍କ ରଖିବାକୁ କେହି ଚାହିଁ ନ ଥାନ୍ତି। ପ୍ରେମ ସହ ଅର୍ଥର ସମ୍ପର୍କ ରହିଥିବା ନେଇ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଆଖିରେ ଦେଖି ମୁଆଜା ଚାହେଁ ;**
**ତା'ଠାରୁ ଓଲମା ଅଛି କି କିଏ ?**

ଆଖିରେ ଦେଖିଥିବା କଥା କେବେ ଭୁଲ୍ ହୋଇ ନ ଥାଏ। ଆଖି ଦେଖିଥିବା କଥା ଦୃଢ଼ ପ୍ରମାଣ ହେବା ସହ ଏହାକୁ ସତ ବୋଲି ମାନିନେବାକୁ ସମସ୍ତେ ବାଧହୋଇଥାନ୍ତି। ତେବେ ଏଭଳି ଆଖିଦେଖା କଥାକୁ ଯିଏ ଅବିଶ୍ୱାସ କରି ଆହୁରି ପ୍ରମାଣ ଲୋଡ଼େ ତା' ଠାରୁ ବଳି ମୂର୍ଖ ଆଉ କେହି ଦୁନିଆରେ ନାହାନ୍ତି ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ ପବ୍ଲିଶର୍ସ



ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ଲୋକ ସଭାରେ ଜି ରାମ୍...

ସହ ହଟ୍ଟଗୋଳ କରିଥିଲେ। ସେମାନେ ବିଲ୍‌ର ନକଲ ଚିରି ବାଚସ୍ପତିଙ୍କ ଚୌକି ଆଡ଼କୁ ଫିଙ୍ଗିଥିଲେ। ବିଲ୍ ଗୃହୀତ ହେବା ପରେ ବାଚସ୍ପତି ଓମ୍ ବିର୍ଲା ଗୃହକୁ ଦିନକ ପାଇଁ ମୁଲତବୀ ଘୋଷଣା କରିଛନ୍ତି। ବିଲ୍ ପ୍ରତ୍ୟାହାର ଦାବିରେ ବିରୋଧୀ ଏମ୍‌ପିମାନେ ପାର୍ଲାମେଣ୍ଟ କମ୍ପ୍ଲେକ୍ସରେ ମହାତ୍ମା ଗାନ୍ଧୀ ଏନ୍‌ଆର୍‌ଇଜିଏ ଲେଖାଥିବା ବ୍ୟାନର ଧରି ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିଠାରୁ ମକର ଦ୍ୱାର ପର୍ଯ୍ୟନ୍ତ ବିକ୍ଷୋଭ ଶୋଭାଯାତ୍ରାରେ ଯାଇଥିଲେ। ସରକାର ଆଣିଥିବା ବିଲ୍ ଗାନ୍ଧିଜୀଙ୍କ ପ୍ରତି ଅପମାନ ଏବଂ କାର୍ଯ୍ୟ କରିବା ଅଧିକାର ପ୍ରତି ଶକ୍ତ ଧକ୍କା ବୋଲି କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ କହିଛନ୍ତି। ଏମ୍‌ଜିଏନ୍‌ଆର୍‌ଇଜିଏ ଗ୍ରାମୀଣ ଭାରତରେ ସାମାଜିକ-ଅର୍ଥନୈତିକ ପରିବର୍ତ୍ତନରେ ପ୍ରମୁଖ ଭୂମିକା ନେଇଥିଲା। ବିଲ୍ ବିରୋଧରେ ପାର୍ଲାମେଣ୍ଟ ଏବଂ ରାସ୍ତାରେ ଲଢ଼େଇ ହେବ ବୋଲି ଖାର୍ଗେ କହିଛନ୍ତି। ବରିଷ୍ଠ କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀଙ୍କ ସମେତ କେ.ସି. ବେଣୁଗୋପାଳ, ହିବି ଏଡେନ୍, ସମାଜବାଦୀ ପାର୍ଟି ଏମ୍‌ପି ଧର୍ମେନ୍ଦ୍ର ଯାଦବ, ଡିଏମ୍‌କେର ଟି.ଆର୍. ବାଲୁ ଓ ଅନ୍ୟ ବିରୋଧୀ ଦଳ ଏମ୍‌ପିମାନେ ବିକ୍ଷୋଭରେ ସାମିଲ ହୋଇଥିଲେ। ନୂଆ ବିଲ୍‌ରେ ଗ୍ରାମାଞ୍ଚଳର କାମ ଚାହୁଁଥିବା ପ୍ରତି ପରିବାରକୁ ବର୍ଷକୁ ୧୨୫ ଦିନ କାର୍ଯ୍ୟ ଯୋଗାଇ ଦିଆଯିବା ବ୍ୟବସ୍ଥା ରହିଛି। ନୂଆ ଆଇନ କାର୍ଯ୍ୟକାରୀ ହେବାର ୬ ମାସ ମଧ୍ୟରେ ରାଜ୍ୟଗୁଡ଼ିକ ଅନୁରୂପ ଯୋଜନା ଆଣିବାକୁ ହେବ।

## ବିରୋଧ ପରେ...

ପ୍ରଥମ ପୃଷ୍ଠାରୁ...

ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା। ଲୋକମତକୁ ସମ୍ମାନ ଜଣାଇ ବିଧାୟକମାନଙ୍କ ଦରମା, ଭତ୍ତା ବୃଦ୍ଧିର ପୁନର୍ବିଚାର ଓ ଆଲୋଚନା କରିବାକୁ ବିଧାୟକମାନେ ଲିଖିତ ଭାବେ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ଗତ ୨୦୧୭ରେ ଶେଷଥର ଲାଗି ବିଧାୟକମାନଙ୍କ ଦରମା ବୃଦ୍ଧି କରାଯାଇଥିଲା। ସେହି ସମୟରେ ବିଧାୟକମାନେ ମୂଳ ଦରମା ବାବଦକୁ ୩୫ ହଜାର ଟଙ୍କା ପାଉଥିବା ବେଳେ ଅନ୍ୟାନ୍ୟ ଭତ୍ତା ମିଶାଇଲେ ପ୍ରାୟ ଲକ୍ଷେ ଟଙ୍କା ହେଉଥିଲା। ନିକଟରେ ଗୃହରେ ପାରିତ ହୋଇଥିବା ସଂଶୋଧନ ବିଲ୍ ଅନୁଯାୟୀ ବିଧାୟକମାନେ ବର୍ଦ୍ଧିତ ଭାବେ ୯୦ ହଜାର ଟଙ୍କା ଦରମା ସହିତ ଅନ୍ୟାନ୍ୟ ଭତ୍ତା ବାବଦକୁ ମାସିକ ୩ ଲକ୍ଷ ୪୫ ହଜାର ଟଙ୍କା ମିଳିବା ନେଇ ନିଷ୍ପତ୍ତି ହୋଇଥିଲା। ସେହିପରି କ୍ୟାବିନେଟ୍ ଓ ରାଷ୍ଟ୍ରମନ୍ତ୍ରୀ, ବିରୋଧୀ ଦଳ ନେତା, ସରକାରୀ ମୁଖ୍ୟ ସଚେତକ, ଉପ ମୁଖ୍ୟସଚେତକ, ବାଚସ୍ପତି ଏବଂ ମୁଖ୍ୟମନ୍ତ୍ରୀଙ୍କ ଦରମା ଓ ଭତ୍ତା ଆହୁରି ଅଧିକ ଦେବା ଲାଗି ସ୍ଥିର କରାଯାଇଛି। ଏନେଇ ଓଡ଼ିଶା ବିଧାନସଭା ସଦସ୍ୟଙ୍କ ଦରମା, ଭତ୍ତା ଓ ପେନ୍‌ସନ ସଂଶୋଧନ ବିଲ୍ ୨୦୨୫, ଓଡିଶା ମନ୍ତ୍ରୀଙ୍କ ଦରମା ଓ ଭତ୍ତା ସଂଶୋଧନ ବିଲ୍-୨୦୨୫ ଏବଂ ଓଡିଶା ବାଚସ୍ପତି ଓ ଉପବାଚସ୍ପତିଙ୍କ ଦରମା ଭତ୍ତା ସଂଶୋଧନ ବିଲ୍-୨୦୨୫କୁ ଗୃହରେ ପାରିତ କରାଯାଇଥିଲା, ଯାହାକୁ ସବୁଦଳର ସଦସ୍ୟମାନେ ମଧ୍ୟ ସମ୍ମତି ଜଣାଇଥିଲେ।

ସୂଚନା ମୁତାବକ, ଗୃହରେ ଏ ସମ୍ବନ୍ଧିତ ବିଲ୍ ପାରିତ ହେବାପରେ ତାହା ବାଚସ୍ପତି ଆଇନ ବିଭାଗକୁ ପଠାଇ ଥାଆନ୍ତେ। ସେଠାରୁ ମୁଖ୍ୟ ଶାସନ ସଚିବଙ୍କ ଜରିଆରେ ସଂସଦୀୟ ବ୍ୟାପାର ବିଭାଗ ଏବଂ ଏହାପରେ ମୁଖ୍ୟମନ୍ତ୍ରୀଙ୍କ ପାଖକୁ ଆସିବାପରେ ତାହା ରାଜ୍ୟପାଳଙ୍କ ଅନୁମୋଦନ ଲାଗି ପଠାଯାଇଥାନ୍ତା। ରାଜ୍ୟପାଳ ଏହାକୁ ଅନୁମୋଦନ କରିବା ପରେ ତାହା ଆଇନରେ ପରିଣତ ହୋଇଥାଆନ୍ତା। ଏହାପରେ ଗୃହରେ ପାରିତ ହୋଇଥିବା ବିଲ୍ ମୁତାବକ ଜୁନ୍ ୨୦୨୪ରୁ ପିଛିଲା ଭାବେ ଏହି ବର୍ଦ୍ଧିତ ଦରମା ଲାଗୁ ହେବାକୁ ନିଷ୍ପତ୍ତି ହୋଇଥିଲା। ଏବେ ଭାଜପା ବିଧାୟକମାନଙ୍କ ଦରଖାସ୍ତ ପରେ ସରକାର କେଉଁ ନିଷ୍ପତ୍ତି ନେବେ ତାହା ଯଦିଓ ସ୍ପଷ୍ଟ ହୋଇ ନାହିଁ ତଥାପି ବର୍ଦ୍ଧିତ ଦରମା ସମ୍ପର୍କିତ ବିଲ୍ ପୁଣିଥରେ ଆସନ୍ତା ବିଧାନସଭା ଅଧିବେଶନରେ ସଂଶୋଧନ ହେବା ନେଇ ବିଶେଷ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ଏକାଥରକେ ବିଧାୟକମାନଙ୍କ ଦରମା ପାଖାପାଖି ୩ ଗୁଣା ବୃଦ୍ଧି ପାଇବା ବିଷୟକୁ ସବୁଆଡୁ ନାପସନ୍ଦ କରାଯିବା ପରେ ସରକାର ତାଙ୍କ ନିଷ୍ପତ୍ତି ବଦଳାଇବାକୁ ଯାଉଥିବା ଶୁଣିବାକୁ ମିଳିଛି। କିଛିଦିନ ତଳେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ତାଙ୍କ ବର୍ଦ୍ଧିତ ଦରମା ଗରିବମାନଙ୍କ କଲ୍ୟାଣରେ ଲଗାଇଦେବା ପାଇଁ ପତ୍ର ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ।

ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି, ସରକାର ଏ ସମ୍ବନ୍ଧରେ ନିଜେ ବିଲ୍ ଆଣିଥିଲେ ସେମାନେ ଚାହିଁଲେ ପୁଣିଥରେ ତାକୁ ପ୍ରତ୍ୟାହାର କରିନେବେ। ଲାଗୁଛି ସରକାର ଯେମିତି ଗୋଟେ ନାଟକବାଜି କରୁଛନ୍ତି ବୋଲି ପ୍ରସନ୍ନ କହିଛନ୍ତି। କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ କହିଛନ୍ତି, ସରକାର ବିଲ୍ ଆଣିଥିଲେ ଯଦି ସେମାନେ ପରିବର୍ତ୍ତନ କରିବାକୁ ଚାହିଁବେ କରିପାରିବେ। ଲୋକମାନଙ୍କ ଅସନ୍ତୋଷ ପରେ ସରକାର ଡରି ବାଧ୍ୟହେଇ ଏଭଳି ନିଷ୍ପତ୍ତି ପରିବର୍ତ୍ତନ କରୁଥିବା କାଡାମ କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ସହକର୍ମୀଙ୍କୁ ସୁପରାମର୍ଶ ଓ ପ୍ରେରଣା ଦେଇ ପ୍ରଶଂସିତ ହେବେ। ପ୍ରତ୍ୟାବର୍ତ୍ତନ ପଥରେ ଦୀର୍ଘ ସମୟ ଅପେକ୍ଷାନ୍ତେ ବନ୍ଧୁଙ୍କୁ ଭେଟିପାରନ୍ତି। ସାଧାରଣ କଥାକୁ ନେଇ ପାରିବାରିକ ଅସହଯୋଗରୁ ଶେଷ ପର୍ଯ୍ୟାୟରେ କାମଗୁଡିକ ଅଟକିଯାଇପାରେ। ଋଣ ପରିଶୋଧଜନିତ କରଜଦାତାଙ୍କ ଚାପ ମାନସିକ ସ୍ଥିରତା ଭଗ୍ନ କରିପାରେ।

**ବୃଷ** ଆଜି ମାନସିକ ସ୍ୱାସ୍ଥ୍ୟ କେତେକାଂଶରେ ଭଲ ରହି ନ ପାରେ। ଅଭାବ ନ ଥିଲେ ମଧ୍ୟ ଆବଶ୍ୟକତା ପୂରଣ କ୍ଷେତ୍ରରେ ପଛେଇ ଯାଇପାରନ୍ତି। କର୍ମକ୍ଷେତ୍ରରେ ଅନ୍ୟକୁ ସାହାଯ୍ୟ କରିବାକୁ ଯାଇ ନିଜେ ହଇରାଣରେ ପଡ଼ିବାର ସୂଚନା ରହିଛି। ଦୂରଦର୍ଶିତା ଅଭାବରୁ ପଡୋଶୀଙ୍କ କଥାରେ ପ୍ରଭାବିତ ହୋଇ କୌଣସି ଭୁଲ କାମ କରିପାରନ୍ତି।

**ମିଥୁନ** ଅଟକି ରହିଥିବା କାମଟିକୁ ବନ୍ଧୁଙ୍କ ସହାୟତାରେ ସମ୍ପନ୍ନ କରିବେ। ସରକାରୀ ସ୍ତରରୁ ବହୁ ପ୍ରତୀକ୍ଷିତ ଖବରଟି ଆଜି ବନ୍ଧୁଙ୍କ ଜରିଆରେ ପାଇପାରନ୍ତି। ଭଲ ସମ୍ପର୍କ ରହିଥିବା ପଡୋଶୀଟି ସାହାଯ୍ୟ କରିବାକୁ ପ୍ରତିଶ୍ରୁତି ଦେଇ ଶେଷରେ ନାସ୍ତିବାଣୀ ଶୁଣାଇବେ। କର୍ମକ୍ଷେତ୍ରରେ ସୁବିଧାରେ କାମ ହାସଲ କରିବା କଷ୍ଟକର ହୋଇପଡିବ।

**କର୍କଟ** ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ ମରୀଚିକା ପଛରେ ଦୌଡି ପରିଶେଷରେ ଅନୁତାପ କରିପାରନ୍ତି। ବନ୍ଧୁଗହଣରେ ବାକ୍‌ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ। ଆଶା ଓ ଆଶଙ୍କାରେ ବ୍ୟବସାୟକୁ ସଙ୍କୁଚିତ କରିନେଇପାରନ୍ତି। ଶିଳ୍ପ, ବାଣିଜ୍ୟ,ପରିବହନ ଏବଂ କଳାସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ।

**ସିଂହ** ନିକଟ ଅତୀତରେ ସୃଷ୍ଟି ହୋଇଥିବା ପରିସ୍ଥିତିକୁ ସମ୍ଭାଳି ନେବାପାଇଁ ବନ୍ଧୁଙ୍କ ସାହାଯ୍ୟ ନେବାକୁ ପଡିବ। କର୍ମକ୍ଷେତ୍ରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତ ହେବେ। ପରିବାରର ବ୍ୟୟ ବୃଦ୍ଧି ଯୋଗୁ ବ୍ୟସ୍ତତା ବୃଦ୍ଧି ପାଇବ। ସ୍ତ୍ରୀ/ସ୍ୱାମୀଙ୍କ ସୁପରାମର୍ଶ ଅସଜଡା ପରିସ୍ଥିତିକୁ ସଜାଡିବାରେ ସାହାଯ୍ୟ କରିବ।

**କନ୍ୟା** ବନ୍ଧୁଙ୍କ ବ୍ୟବହାରରେ ଅସନ୍ତୁଷ୍ଟ ହୋଇ ଆଲୋଚନା କାଳରେ ମତପାର୍ଥକ୍ୟ ଦେଖାଦେବ। ଅବହେଳା କାରଣରୁ କର୍ମକ୍ଷେତ୍ରରେ ସୁଯୋଗ ହରାଇ ବ୍ୟଥିତ ହୋଇପାରନ୍ତି। ପୁରାତନ ରୋଗର ପୀଡା ଅନୁଭବ କରିବେ। ସାହିତ୍ୟ, ନୃତ୍ୟସଙ୍ଗୀତ କ୍ଷେତ୍ରରୁ ପ୍ରଶଂସିତ ହେବା ସହ ସାମାଜିକ ସ୍ତରରେ ଆଦରଣୀୟ ରହିବେ।

**ତୁଳା** ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ଆପଣଙ୍କ କାର୍ଯ୍ୟଦକ୍ଷତା ହେତୁ ସାମାଜିକ ସ୍ତରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। କିନ୍ତୁ ପ୍ରତ୍ୟେକ କ୍ଷେତ୍ରରେ ଜିଦ୍‌ଖୋରପ୍ରବୃତ୍ତି ତ୍ୟାଗ କଲେ କେତେକାଂଶରେ ଉପକୃତ ହୋଇପାରନ୍ତି। ପ୍ରତ୍ୟୁଷ ଯାତ୍ରା ସମୟରେ ଯାନ୍ତ୍ରିକ ତ୍ରୁଟି ଯୋଗୁ ଯାତ୍ରାରେ ବିଳମ୍ବ ଘଟିପାରେ।

**ବିଛା** ସାଧାରଣ କଥାକୁ କେନ୍ଦ୍ରକରି ମନରେ ବିରକ୍ତିଭାବ ସୃଷ୍ଟି ହେବାର ସୂଚନା ରହିଛି। ସଭାସମିତିରେ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ ହୋଇପାରିବ। ପାରିବାରିକ ସମସ୍ୟାର ସରଳ ସମାଧାନ କରିବାରେ ପଡୋଶୀଙ୍କ ଅବଦାନ ସ୍ମରଣୀୟ ରହିବ। ଗତକାଲି ଠାରୁ ଭାବୁଥିବା କାମଟିକୁ ଆଜି ଶେଷ କରିପାରିବେନାହିଁ।

**ଧନୁ** ଶାରୀରିକ ଅସୁସ୍ଥି ଅନୁଭବ କରିବା ସହ ପ୍ରିୟଜନଙ୍କ ସହ ସମ୍ପର୍କହାନି ଯୋଗୁ ଚିନ୍ତିତ ହେବେ। ଭୁଲ୍ ବୁଝାମଣା ହେତୁ ସ୍ତ୍ରୀଙ୍କ ସହ ମତପାର୍ଥକ୍ୟ ଦେଖାଦେଇପାରେ। ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବା ସଙ୍ଗେ ସଙ୍ଗେ ଲକ୍ଷ୍ୟ ପୂରଣ ହୋଇଯିବ। ବିବାଦୀୟ ପରିସ୍ଥିତିରେ ଘଟଣାର ଗୁରୁତ୍ୱ ନ ବୁଝି ଅଯଥା କ୍ରୋଧ ପ୍ରକାଶ କରିପାରନ୍ତି।

**ମକର** ବନ୍ଧୁଙ୍କ ଆନ୍ତରିକତାର ସହ ପରାମର୍ଶକୁ ନିର୍ବିବାଦରେ ଗ୍ରହଣ କରିନେଲେ ଉପକୃତ ହେବେ। ଉପରିସ୍ଥଙ୍କ ସାହାଯ୍ୟ ଲାଭକରି ସ୍ଥଗିତ କାମକୁ ପୂରା ଦମରେ କରିବାପାଇଁ ନିଷ୍ପତ୍ତି ନେଇପାରନ୍ତି। ପାରିବାରିକ ସ୍ତରରେ ନୀରବଦ୍ରଷ୍ଟା ଭଳି କାମ କରି ସମସ୍ୟା ସମାଧାନ କରିପାରିବେ। ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ରଖିବା ହିତକର ହେବ।

**କୁମ୍ଭ** ସରଳ ଭାବରେ କୌଣସି କଥାକୁ ଗ୍ରହଣ କରିନେବା ଠିକ୍ ହେବନାହିଁ। ପ୍ରଶାସନିକ ସ୍ତରରେ ବାଦବିବାଦ କ୍ରମେ ଜଟିଳ ହେବ, କିନ୍ତୁ ଆପଣ ଅବଶ୍ୟ ସଫଳତା ହାସଲ କରିବେ। ବ୍ୟବସାୟରେ ଉନ୍ନତି କରିବା ସହ ବନ୍ଧୁ ସମ୍ପର୍କରେ ଉନ୍ନତି ପରିଲକ୍ଷିତ ହେବ। ପାରିବାରିକ ସ୍ଥିତିରେ ସାମାନ୍ୟ ଉନ୍ନତିର ଆଶା କରାଯାଇପାରେ।

**ମୀନ** ଆଜିର ଯାତ୍ରାରେ ଲକ୍ଷ୍ୟ ପୂରଣ ହେବାରେ ଜଣେ ଅଜଣା ବ୍ୟକ୍ତିଙ୍କ ସାହାଯ୍ୟ ଅବିସ୍ମରଣୀୟ ରହିବ। ଆଜି ତରବରିଆ ପଦକ୍ଷେପ ନେବା ଠିକ୍ ହେବ ନାହିଁ। ଅସମର୍ଥିତ ସୂତ୍ରରୁ ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ପାରିବାରିକ ଅଶାନ୍ତି ପରିପ୍ରେକ୍ଷୀରେ ଗୁରୁଜନଙ୍କ ସାନ୍ତ୍ୱନାବାଣୀ ମନରେ ଆଶ୍ୱସ୍ତି ଭରିପାରେ।

ଆଜି ଡିସେମ୍ବର ୧୯ ତାରିଖ, ପୌଷ ମାସର ବକୁଳ ଅମାବାସ୍ୟା ଶୁକ୍ରବାର, ଗୃହୀଣାଂ ଏବଂ ଶ୍ରୀମନ୍ଦିରରେ ବକୁଳ ଲାଗି, ଯଜ୍ଞବରାହ ଜନ୍ମ, ବିରଜାକ୍ଷେତ୍ରରେ ବରାହ ମହାପ୍ରଭୁଙ୍କର ୭ ଦିନବ୍ୟାପୀ ଜନ୍ମୋତ୍ସବ ପାଳନ, କବିଚନ୍ଦ୍ର କାଳୀଚରଣଙ୍କ ଜୟନ୍ତୀ, ରାଶିନକ୍ଷତ୍ର-ଜ୍ୟେଷ୍ଠା/ବିଛା, ଅମାବାସ୍ୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ମେଷ, ସକାଳ ୦୬।୧୯ ଗତେ, ଘ.୦୭।୦୨ ମଧ୍ୟେ, ଘ.୦୭।୪୫ ଗତେ, ଘ.୦୯।୦୧ ମଧ୍ୟେ ଶୁଭ ବେଳା। ଦିବା ଘ.୧୦।୨୨ ଗତେ, ଘ.୧୧।୪୩ ମଧ୍ୟେ ରାହୁ କାଳ।

# ଆଳୁର ଅଭାବୀ ବିକ୍ରି ଆଶଙ୍କାରେ ଚାଷୀ

## ଶୀତଳଭଣ୍ଡାର ସ୍ଥାପନ ପାଇଁ ୨୫୨ କୋଟି ଟଙ୍କା ବ୍ୟବସ୍ଥା

ଯାଜପୁର,୧୮।୧୨ (ହର୍ଷବର୍ଦ୍ଧନ ବେହେରା)

ଆଳୁ ଉତ୍ପାଦନରେ ଓଡ଼ିଶାକୁ ଆତ୍ମନିର୍ଭରଶୀଳ କରିବାକୁ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଦ୍ୱାରା ରାଜ୍ୟର ସମସ୍ତ ବ୍ଲକ ଅଞ୍ଚଳରେ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ୨୦୨୪-୨୫ ବର୍ଷରେ ରାଜ୍ୟର ୩,୧୧୫ କ୍ଲଷ୍ଟରରେ ୩,୬୦୦ରୁ ଅଧିକ ସଚେତନତା କାର୍ଯ୍ୟକ୍ରମ କରାଯାଇ ପ୍ରାୟ ୧ ଲକ୍ଷ ହିତାଧିକାରୀଙ୍କୁ ଆଳୁଚାଷରେ ସାମିଲ କରାଯାଇଛି। ଗତ ରବିଋତୁରେ ୧୨,୩୭୫ ହେକ୍ଟର ଆଳୁଚାଷ ହୋଇଛି। ଏହାସହ ୨୦୨୫-୨୬ ବର୍ଷରେ ୨୧,୭୫୦ ହେକ୍ଟର ଜମିରେ ଆଳୁଚାଷ କରାଯିବାର ଲକ୍ଷ୍ୟଧାର୍ଯ୍ୟ ହୋଇଛି। ଏଥିପାଇଁ ସମସ୍ତ ଜିଲାରେ ୧,୬୦,୮୭୪ କୁଇଣ୍ଟାଲ ଆଳୁ ବିହନ ବଣ୍ଟନ କରାଯାଇଛି, ଯାହା ପୂର୍ବ ବର୍ଷ ତୁଳନାରେ ୩ ଗୁଣ ଅଧିକ ବୋଲି ବିଭାଗ ପକ୍ଷରୁ ସୂଚନା ମିଳିଛି। ତେବେ ଏହି ଯୋଜନା ଯଦି ସଫଳ ହୁଏ, ତେବେ ଆଗାମୀ ଦିନରେ ଓଡ଼ିଶା ଆଳୁକୁ ନେଇ ପଡ଼ୋଶୀ କିମ୍ବା ଅନ୍ୟ ରାଜ୍ୟ ଉପରେ ଆଉ ନିର୍ଭରଶୀଳ ହେବ ନାହିଁ ବୋଲି ଆଶା କରାଯାଉଛି। ହେଲେ ଆବଶ୍ୟକ ଜଳସେଚନ



ସୁବିଧାର ଅଭାବ ସାଙ୍ଗକୁ ସାର ଏବଂ କୀଟନାଶକ ଯୋଗାଣ ହେଉ ନଥିବାରୁ ଚାଷୀମାନେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଅନ୍ୟପକ୍ଷେ ଆବଶ୍ୟକ ଶୀତଳଭଣ୍ଡାର ସ୍ଥାପନ ହୋଇ ପାରୁ ନ ଥିବାରୁ ଆଳୁ ବିକ୍ରି ଓ ତାହାର ସୁରକ୍ଷାକୁ ନେଇ ଚାଷୀ ମହଲରେ ଆଶଙ୍କା ପ୍ରକାଶ ପାଇଛି।

ରାଜ୍ୟବାସୀଙ୍କ ପାଇଁ ଆଳୁ ଏକ ଦୈନନ୍ଦିନ ଅଭ୍ୟାସଗତ ଖାଦ୍ୟ। ନ୍ୟାଶନାଲ ସିମ୍ପୁଲ ସର୍ଭେ ଅଫିସ୍ (ଏନ୍ଏସ୍ଏସ୍ଓ) ସର୍ଭେ ଅନୁଯାୟୀ ଓଡ଼ିଶାରେ ବାର୍ଷିକ ୧୦.୨୧ ଲକ୍ଷ ମେଟ୍ରିକ ଟନ୍ (ଏମ୍ଟି) ଆଳୁର ଆବଶ୍ୟକତା ରହିଛି। କିନ୍ତୁ ଏହା ପୂର୍ବରୁ ମାତ୍ର ୨୦% ଆଳୁ ରାଜ୍ୟରେ ଉତ୍ପାଦନ ହେଉଥିଲା। ରାଜ୍ୟରେ ବାର୍ଷିକ ୨ରୁ ୨.୫ ଲକ୍ଷ ଏମ୍ଟି ଆଳୁ ଉତ୍ପାଦନ ହୋଇଥାଏ। ଅନ୍ୟପକ୍ଷେ ନିଅଣ୍ଟିଆ ଆଳୁଚାଷ ସହ ପଡ଼ୋଶୀ ରାଜ୍ୟରୁ ଯୋଗାଣ ହେଉ ନଥିବା ସମୟରେ ଆଳୁ କିଲୋ ପ୍ରତି ୫୦ ଟଙ୍କାରୁ ଊର୍ଦ୍ଧ୍ୱ ମୂଲ୍ୟରେ କିଣି ରାଜ୍ୟବାସୀ ଅଧିକ ଖର୍ଚ୍ଚାନ୍ତ ହୋଇଥାନ୍ତି। ତେଣୁ ସ୍ୱାବଲମ୍ବୀ ହେବା ସହ ଆଳୁ ଅଭାବକୁ ଦୂର କରିବାକୁ ୨୦୧୫ରେ ରାଜ୍ୟ ଆଳୁ ମିଶନ ଯୋଜନା ଆରମ୍ଭ ହୋଇଥିଲା। ଉକ୍ତ ଯୋଜନାରେ ଆଳୁ ଉତ୍ପାଦନ ବୃଦ୍ଧି, ବଜାର ସୁବିଧା, ଶୀତଳଭଣ୍ଡାର କ୍ଷମତା ବୃଦ୍ଧି, ରାଜ୍ୟରେ ଆଳୁ ବିହନ ଉତ୍ପାଦନ, ଚାଷ ଓ ଭଣ୍ଡାରଣ ପାଇଁ କ୍ରେଡିଟ୍ ଲିଙ୍କେଜ୍, ଆଳୁ ଚାଷୀ ସଂଘ ଗଠନ ଇତ୍ୟାଦି ବିଷୟ ରହିଥିଲା। ଏଥିପାଇଁ ୨୦୧୫-୧୬ରୁ ୨୦୧୯-୨୦ ପର୍ଯ୍ୟନ୍ତ ୫ ବର୍ଷରେ ରାଜ୍ୟରେ ୫ ଲକ୍ଷ ୬୦ ହଜାର ଏମ୍ଟି କ୍ଷମତା ବିଶିଷ୍ଟ ୧୧୨ଟି ଶୀତଳ ଭଣ୍ଡାର ନିର୍ମାଣ ଲକ୍ଷ୍ୟଧାର୍ଯ୍ୟ ହୋଇଥିଲା, କିନ୍ତୁ ଏହା ଲକ୍ଷ୍ୟରେ ହିଁ ସୀମିତ ରହିଗଲା। ଫଳରେ ଚାଷୀମାନେ ଆଳୁଚାଷ କରିବାକୁ ଆଗ୍ରହ ପ୍ରକାଶ କରି ନ ଥିଲେ।

ଏଥର ରାଜ୍ୟ ସରକାର ୨୦୨୫ ଜାନୁଆରୀରେ ଶୀତଳଭଣ୍ଡାର ସ୍ଥାପନ ନିମନ୍ତେ ଆର୍ଥିକ ସହାୟତା ଯୋଜନା କରିଛନ୍ତି। ଏଥିରେ ପ୍ରତ୍ୟେକ ଉପଖଣ୍ଡସ୍ତରରେ ଗୋଟିଏ ଲେଖାଏ ଶୀତଳଭଣ୍ଡାର ଘରୋଇ ସହଭାଗିତାରେ ପ୍ରତିଷ୍ଠା କରିବାକୁ ଲକ୍ଷ୍ୟ ରହିଛି। ଫସଲ ଅମଳ ପରବର୍ତ୍ତୀ କ୍ଷତିକୁ ରୋକିବା ସହ ଏହି ଯୋଜନାରେ କୃଷି ଉତ୍ପାଦର ଉପଯୁକ୍ତ ମୂଲ୍ୟ ଦ୍ୱାରା ବଜାର ସୁବିଧା ଯୋଗାଇ ଦିଆଯିବ। ଏହାଦ୍ୱାରା ଅଭାବୀ ବିକ୍ରି ରୋକାଯାଇ ପାରିବ। ଏଥିପାଇଁ ୨୦୨୫-୨୬ ରୁ ୨୦୨୯-୩୦ ବର୍ଷ ମଧ୍ୟରେ ୨୫୨ କୋଟି ଟଙ୍କା ବ୍ୟୟ କରିବାକୁ ବ୍ୟବସ୍ଥା କରାଯାଇଛି। ଚାଷୀମାନଙ୍କୁ ଜମି, ଭିତ୍ତିଭୂମି ପ୍ରତିଷ୍ଠା, ସୁଧରେ ଆର୍ଥିକ ସହାୟତା, ବିଦ୍ୟୁତ୍ ଶୁଳ୍କ ଉପରେ ସବ୍ସିଡି, ଚଳନ୍ତି ରାଶି ସହାୟତା ସହ ଅଚଳ ଶୀତଳଭଣ୍ଡାର ପୁନଃ କାର୍ଯ୍ୟକ୍ଷମ ପାଇଁ ସହାୟତା ପ୍ରଦାନ କରାଯିବ। ୨୦୨୫-୨୬ରେ ଗୋ ସୁଗମ୍ ପୋର୍ଟାଲରେ ଏଥିପାଇଁ ୧୭ଟି ଆବେଦନ ଗ୍ରହଣ କରାଯାଇଛି। ତନ୍ମଧ୍ୟରୁ ୫ଟି ଶୀତଳଭଣ୍ଡାର ନିର୍ମାଣ ପାଇଁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି ବୋଲି ବିଭାଗ ପକ୍ଷରୁ ସୂଚନା ମିଳିଛି।

ଯାଜପୁର ଜିଲା ବରୀ ବ୍ଲକ ବାଲିବିଲ ଗ୍ରାମର ଆଳୁଚାଷୀ ଅଶୋକ ପଡ଼ିହାରୀ ଏବଂ ଡିହସାହି ଗ୍ରାମର ରବୀନ୍ଦ୍ର ସାମଲ କହିଛନ୍ତି, ସରକାରଙ୍କ ପକ୍ଷରୁ ବିହନ ଯୋଗାଇ ଦିଆଯାଇଛି। କିନ୍ତୁ ସାର କିମ୍ବା କୀଟନାଶକ ଏଯାଏ ମିଳି ନାହିଁ। ଜଳସେଚନ ସୁବିଧା ନଥିବାରୁ ଦୁଧେଇ ନଦୀରୁ ଆବଶ୍ୟକ ସ୍ଥଳେ ଭାର କିମ୍ବା ପମ୍ପ ଯୋଗେ ଆଳୁ କ୍ଷେତରେ ପାଣି ମଡ଼ାଯାଉଛି। ତେବେ ଶୀତଳଭଣ୍ଡାର ସ୍ଥାପନ କରା ନଗଲେ ନିଶ୍ଚିତ ଭାବେ ଅଭାବୀ ବିକ୍ରିର ଶିକାର ହେବାକୁ ପଡ଼ିବ।




## ରାଜ୍ୟର ସମସ୍ତ ପର୍ଯ୍ୟଟନସ୍ଥଳରେ ବଢ଼ିବ ସୁରକ୍ଷା

### ଧଉଳି ଗଣବଳାତ୍କାର ପରେ ଚେତିଲା ପୋଲିସ

- ମୁତୟନ ହେବେ ଟୁରିଷ୍ଟ ପୋଲିସ, ପାଟ୍ରୋଲିଂ ବଢ଼ିବ: ଏଡିଜି
- ୩ ବର୍ଷରେ ୧୪୯ରୁ ଅଧିକ ମାମଲା ପର୍ଯ୍ୟଟନ ସ୍ଥଳରୁ ଆସିଛି

ଭୁବନେଶ୍ୱର,୧୮।୧୨ (ତ୍ରିନାଥ ମହାନ୍ତି)

ଐତିହ୍ୟସ୍ଥଳ ଶାନ୍ତିସ୍ତୂପ ଧଉଳି ପାଦଦେଶରେ ଜଣେ ନାବାଳିକାଙ୍କୁ ଗଣବଳାତ୍କାର ଘଟଣା ପରେ ରାଜ୍ୟରେ ଥିବା ପର୍ଯ୍ୟଟନ ସ୍ଥଳରେ ମହିଳାଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନ ଉଠିଛି। ପୂର୍ବରୁ ମଧ୍ୟ ଲିଙ୍ଗରାଜ ମନ୍ଦିରକୁ ବୁଲି ଆସିଥିବା ଜଣେ ବିଦେଶୀ ପର୍ଯ୍ୟଟକଙ୍କୁ ଅସଦାଚରଣ କରାଯାଇଥିବା ବେଳେ ଖଣ୍ଡଗିରିରେ ଜଣେ ଯୁବତୀଙ୍କୁ ଅସଦାଚରଣ ସହ ବ୍ଲାକ୍ମେଲିଂ କରାଯାଇଥିଲା। ସେହିପରି ନନ୍ଦନକାନନରେ ମଧ୍ୟ ଏକାଧିକ ପର୍ଯ୍ୟଟକ ଅସଦାଚରଣର ଶିକାର ହେଉଥିବା ନଜିର ରହିଛି। ଜିଲା ପୋଲିସ ସୁରକ୍ଷା ଓ ପାଟ୍ରୋଲିଂ କାରଣରୁ ଏପରି ଘଟଣା ବାରମ୍ବାର ଘଟୁଥିବା ଅଭିଯୋଗ ହେଉଛି। ତେବେ ଧଉଳି ଘଟଣା ପରେ ରାଜ୍ୟ ପୋଲିସର ଚେତା ପଶିଛି। ରାଜ୍ୟରେ ଥିବା ପ୍ରମୁଖ ପର୍ଯ୍ୟଟନସ୍ଥଳରେ ପାଟ୍ରୋଲିଂ କଡ଼ାକଡ଼ି ସହ ଟୁରିଷ୍ଟ ପୋଲିସ ଅଧିକ ନିୟୋଜିତ କରିବାକୁ ଡିଜିପି ସମସ୍ତ ଏସ୍ପି ଏବଂ ଡିସିପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବିଶେଷକରି ପିକ୍ନିକ୍ ଋତୁରେ ଅଧିକ ସଜାଗ ରହିବାକୁ କୁହାଯାଇଛି। ବିଶେଷକରି ପର୍ଯ୍ୟଟନସ୍ଥଳରେ ଅସାମାଜିକ ବ୍ୟକ୍ତିମାନେ ଅସଦାଚରାଣ, ଲୁଟ୍ପାଟ କରୁଥିବାବେଳେ ମଦ୍ୟପମାନେ ବେଶି ଉତ୍ପାତ କରୁଥିବା ଦେଖିବାକୁ ମିଳୁଛି। ଏମାନଙ୍କୁ ସାବାଡ କରିବା ସହ ପର୍ଯ୍ୟଟନସ୍ଥଳ ନିକଟରେ ମଦ କାରବାର ବନ୍ଦ ପାଇଁ ଡିଜିପି ଗୁରୁତ୍ୱ ଦେଇଛନ୍ତି। ସନ୍ଧ୍ୟା ପରଠୁ ପର୍ଯ୍ୟଟନ ସ୍ଥଳରେ ଅଧିକ ପୋଲିସ ମୁତୟନ ସହ ବିଟ୍ ପାଟ୍ରୋଲିଂ କରିବାକୁ କୁହାଯାଇଛି।

ରିପୋର୍ଟ ଅନୁସାରେ, ଗତ ୩ବର୍ଷରେ ରାଜ୍ୟର ବିଭିନ୍ନ ପର୍ଯ୍ୟଟନ ସ୍ଥଳରେ ୧୪୯ରୁ ଅଧିକ ଆପରାଧିକ ଘଟଣା ଘଟିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଏଥିରେ ମହିଳା ନିର୍ଯାତନା ନେଇ ୪୮ରୁ ଅଧିକ ମାମଲା ଓ ଲୁଟ୍ପାଟ ନେଇ ୬୦ଟି ମାମଲା ହୋଇଛି। ବାକି ମାମଲା ପର୍ଯ୍ୟଟନସ୍ଥଳରେ ଗଣ୍ଡାଗୋଳ ପାଇଁ ହୋଇଥିବା ଜଣାପଡ଼ିଛି। ତେଣୁ ପୁରୀ, କୋଣାର୍କ, ଲିଙ୍ଗରାଜ, ଧଉଳି, ଖଣ୍ଡଗିରି, ଉଦୟଗିରି, ନନ୍ଦନକାନନ, ପାରାଦୀପ ବନ୍ଦର, ଗୋପାଳପୁର, ବାଲେଶ୍ୱର ସମୁଦ୍ରକୂଳ, ସମ୍ବଲପୁର ହୀରାକୁଦ ଡ୍ୟାମ୍ ଆଦି ପର୍ଯ୍ୟଟନସ୍ଥଳରେ ପୋଲିସ ପାଟ୍ରୋଲିଂ ବଢ଼ିବ। ସେହିଭଳି ଅନ୍ୟ ରାଜ୍ୟ ଭଳି ପ୍ରତି ପର୍ଯ୍ୟଟନ ସ୍ଥଳୀରେ ସ୍ୱତନ୍ତ୍ର ଆଉଟ୍ପୋଷ୍ଟ କରାଯାଇ ଆବଶ୍ୟକ ଟୁରିଷ୍ଟ ପୋଲିସକୁ ନିୟୋଜିତ କରାଯିବ। ଏମାନେ ସ୍ୱତନ୍ତ୍ର ପୋଷାକ ପିନ୍ଧି କାର୍ଯ୍ୟ କରିବେ। କୌଣସି ଆପରାଧିକ କାର୍ଯ୍ୟକଳାପ ନେଇ ସୂଚନା ମିଳିବା ମାତ୍ରେ ତୁରନ୍ତ ପଦେକ୍ଷପ ନେବାକୁ କୁହାଯାଇଛି।

ଏନେଇ ଆଇନ ଶୃଙ୍ଖଳା ଏଡିଜି ସଞ୍ଜୟ କୁମାର କହିଛନ୍ତି, ଏବେ ପର୍ଯ୍ୟଟନ ଋତୁ ଚାଲିଛି। ଆଗକୁ ନୂଆ ବର୍ଷ ଆସୁଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟର ପର୍ଯ୍ୟଟନ ସ୍ଥଳରେ ସୁରକ୍ଷା ବ୍ୟବସ୍ଥା ବଢାଇବା ପାଇଁ ଡିଜିପି ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଏସବୁ ସ୍ଥାନରେ ଅପରାଧ ରୋକିବାକୁ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

## ଖବରଦାତାଙ୍କ ମାତୃ ବିୟୋଗ



ସରୋଜିନୀ ଦେବୀ

ବ୍ରହ୍ମପୁର,୧୮।୧୨(ସୁବାସ ଚନ୍ଦ୍ର ପାଢ଼ୀ)

ଧରିତ୍ରୀ ବ୍ରହ୍ମପୁରର ବରିଷ୍ଠ ଖବରଦାତା ଅଶୋକ କୁମାର ସାହୁଙ୍କ ମା' ସରୋଜିନୀ ଦେବୀ(୭୮)ଙ୍କ ଗୁରୁବାର ସନ୍ଧ୍ୟାରେ ପରଲୋକ ହୋଇଯାଇଛି। ବ୍ରହ୍ମପୁର ମହାନଗର ନିଗମ ଅନ୍ତର୍ଗତ ଗଜପତି ନଗର ୪ର୍ଥ ଲାଇନରେ ରହୁଥିବା ସରୋଜିନୀଙ୍କ ଗତ ମାସେ ତଳେ ବ୍ରେନ୍ ଷ୍ଟ୍ରୋକ ହୋଇଥିଲା। ସେ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ରହିଥିଲେ। ସେ ଜଣେ ଧର୍ମପରାୟଣା ଓ ମିଷ୍ଟଭାଷୀ ମହିଳା ଥିଲେ। ମୃତ୍ୟୁଶଯ୍ୟା ନିକଟରେ ସ୍ୱାମୀ ଆନନ୍ଦ ପାତ୍ର, ବଡ଼ପୁଅ ଅଶୋକ ସାହୁ, ବଡ଼ବୋହୂ ସଂଯୁକ୍ତା କୁମାରୀ ସାହୁ, ସାନବୋହୂ ବିନିତା କୁମାରୀ ସାହୁ, ବଡ଼ନାତି କୃଷ୍ଣଚରଣ ସାହୁ ଓ ଝିଅଙ୍କାଇଁ ଉପସ୍ଥିତ ଥିଲେ। ସରୋଜିନୀଙ୍କ ସାନପୁଅ ଦିଲ୍ଲୀରେ କାମ କରୁଥିବା ବେଳେ ସେ ଆସିବା ପରେ ମରଶରୀର ପୁରୀ ସ୍ୱର୍ଗଦ୍ୱାରଠାରେ ସତ୍କାର କରାଯିବ ବୋଲି ପରିବାର ପକ୍ଷରୁ କୁହାଯାଇଛି।

## କିସ୍‌ରେ ୯ମ ଶ୍ରେଣୀ ଛାତ୍ରଙ୍କୁ ହତ୍ୟା ଘଟଣା | ଏନ୍‌ସିଏସ୍‌ଟିଙ୍କ ରିପୋର୍ଟ ତଲବ

ଭୁବନେଶ୍ୱର,୧୮।୧୨ (ସତ୍ୟଜିତ ରାଉତ)

କଳିଙ୍ଗ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ ସାଇନ୍ସ (କିସ୍)ରେ ପଢୁଥିବା ନବମ ଶ୍ରେଣୀ ଛାତ୍ର କେନ୍ଦୁଝରର ଶିବ ମୁଣ୍ଡାଙ୍କ ହତ୍ୟା ଘଟଣାକୁ ଜାତୀୟ ଅନୁସୂଚିତ ଜନଜାତି ଆୟୋଗ (ଏନ୍ସିଏସ୍ଟି) ଗୁରୁତ୍ୱର ସହ ନେଇ ନିଜ ଆଡୁ ମାମଲା ପଞ୍ଜୀକୃତ କରିଛନ୍ତି। ଏଥିସହ ରାଜ୍ୟ ଗଣଶିକ୍ଷା ସଚିବ, ଖୋର୍ଦ୍ଧା ଜିଲାପାଳ ଓ ଏସ୍ପିଙ୍କୁ ମଧ୍ୟ ରିପୋର୍ଟ ତଲବ କରାଯାଇଛି। ଏହି ଘଟଣାରେ ଏଯାଏ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି, ତାହା ୩ଦିନ ମଧ୍ୟରେ ଜଣାଇବାକୁ ନୋଟିସରେ ନିର୍ଦ୍ଦେଶ ଦିଆଯାଇଛି। ଏପରିକି ରିପୋର୍ଟ ଆସିବା ପରେ ଆୟୋଗର ଏକ ଟିମ୍ ଭୁବନେଶ୍ୱର ଆସି ତଦନ୍ତ ମଧ୍ୟ କରିବେ ବୋଲି ଜଣାପଡିଛି।

ସୂଚନାଯୋଗ୍ୟ, ଏହି ମାମଲାରେ ବୁଧବାର ଇନ୍ଫୋସିଟି ଥାନା ପୋଲିସ କିସ୍ର ୮ଜଣ କର୍ମଚାରୀଙ୍କୁ ଗିରଫକରି କୋର୍ଟ ଚାଲାଣ କରିଥିଲା। ସେହିପରି ସମ୍ପୃକ୍ତ ୩ ନାବାଳକ ଛାତ୍ରଙ୍କୁ ବାଳସୁଧାର ଗୃହକୁ ପଠାଯାଇଥିଲା। ବାଥ୍ରୁମ୍ରେ ବାଲ୍ଟି ନ ଦେବାରୁ ଶିବଙ୍କ ତଣ୍ଟିଚିପି ସହପାଠୀମାନେ ହତ୍ୟା କରିଥିଲେ ବୋଲି ପୋଲିସ କହିଥିଲା। ୧୧ ତାରିଖ ରାତିରେ ଏହି ଘଟଣା ଘଟିଥିଲା। ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷ ପୋଲିସକୁ ନ ଜଣାଇ ମୃତଦେହକୁ ତାଙ୍କ ବାପାଙ୍କୁ ହସ୍ତାନ୍ତର କରିବା ସହ ନିଜ ଗ୍ରାମ କେନ୍ଦୁଝର ପଠାଇଦେଇଥିଲେ।

## ଚଳିତ ବର୍ଷ ସମ୍ବଲପୁରର ଅଧିକ ଚାଷୀଙ୍କଠାରୁ ଧାନ ସଂଗ୍ରହ

ଭୁବନେଶ୍ୱର, ୧୮।୧୨ (ସୁନିତ୍ ମିଶ୍ର)

ରାଜ୍ୟରେ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟା ତ୍ୱରାନ୍ୱିତ ହେଉଛି। ବର୍ତ୍ତମାନ ସୁଦ୍ଧା ବରଗଡ଼, ବଲାଙ୍ଗୀର, କଳାହାଣ୍ଡି, ନବରଙ୍ଗପୁର, ମାଲକାନଗିରି, ନୂଆପଡ଼ା, ସମ୍ବଲପୁର ଏବଂ ସୁନ୍ଦରଗଡ଼ରେ ଧାନ ସଂଗ୍ରହ ଜାରି ରହିଛି। ବର୍ତ୍ତମାନ ସୁଦ୍ଧା ଏହି ଜିଲାଗୁଡ଼ିକରୁ ୪୯,୦୫୧ ଜଣ ଚାଷୀଙ୍କଠାରୁ ୨ ଲକ୍ଷ ୨୪ ହଜାର ୭୦୪ ମେଟ୍ରିକ ଟନ୍ ଧାନ ସଂଗ୍ରହ କରାଯାଇଛି ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଆହୁରି କୁହାଯାଇଛି, ଗତବର୍ଷ ତୁଳନାରେ ଚଳିତ ବର୍ଷ ବର୍ତ୍ତମାନ ସୁଦ୍ଧା ସମ୍ବଲପୁରରେ ଅଧିକ ଚାଷୀଙ୍କ ଠାରୁ ଧାନ ସଂଗ୍ରହ କରାଯାଇଛି। ବର୍ତ୍ତମାନ ପର୍ଯ୍ୟନ୍ତ ୧୮ ହଜାର ୮୯୧ ଜଣ ଚାଷୀଙ୍କ ଠାରୁ ଧାନ ସଂଗ୍ରହ କରାଯାଇଛି। ଗତବର୍ଷ ଏହି ସମୟ ଭିତରେ ୧୪ ହଜାର ୮୯୬ ଜଣ ଚାଷୀଙ୍କଠାରୁ ଧାନ ସଂଗ୍ରହ କରାଯାଇଥିଲା। ଗତବର୍ଷ ସମ୍ବଲପୁରରେ ୨୫ ନଭେମ୍ବରରେ ଧାନକିଣା ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ଚଳିତ ବର୍ଷ ଏହା ଗତ ଡିସେମ୍ବର ୨ରୁ କରାଯାଇଛି।

## ମିଲ୍‌କୁ ଧାନ ନେଉଥିବା ଗାଡ଼ି ଉପରେ ତୀକ୍ଷ୍ଣ ନଜର: ମନ୍ତ୍ରୀ

ଭୁବନେଶ୍ୱର, ୧୮।୧୨ (ସୁନିତ୍ ମିଶ୍ର)

ରାଜ୍ୟରେ ଚଳିତ ଖରିଫ ଋତୁରେ ଧାନ ସଂଗ୍ରହ ପ୍ରକ୍ରିୟା ଜାରି ରହିଛି। ଏହାକୁ ଶୃଙ୍ଖଳିତ ଏବଂ ସୁସଙ୍ଗଠିତ କରିବାକୁ ରାଜ୍ୟ ସରକାର ବ୍ୟାପକ ବ୍ୟବସ୍ଥା ଗ୍ରହଣ କରିଛନ୍ତି। ରାଜ୍ୟରେ ଧାନ ସଂଗ୍ରହ ପ୍ରକ୍ରିୟାର ପ୍ରସ୍ତୁତି, ବର୍ତ୍ତମାନର ସ୍ଥିତି ଓ ଅଗ୍ରଗତି ସମ୍ପର୍କରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଭିଡିଓ କନ୍ଫରେନ୍ସିଂ ଜରିଆରେ ଆୟୋଜିତ ବୈଠକରେ ବିଭାଗୀୟ ବରିଷ୍ଠ ଅଧିକାରୀ ଏବଂ ସବୁ ଜିଲାର ଯୋଗାଣ ଅଧିକାରୀମାନେ ଯୋଗ ଦେଇଥିଲେ। ବାହାର ରାଜ୍ୟର ଧାନ ଯେଭଳି ରାଜ୍ୟ ମଧ୍ୟକୁ ନ ଆସେ ସୀମାନ୍ତ ଅଞ୍ଚଳରେ ଜିଲା ପ୍ରଶାସନ ପକ୍ଷରୁ କଡ଼ାକଡ଼ି ନଜର ରଖିବା ଏବଂ ମଣ୍ଡିରୁ ମିଲ୍କୁ ଧାନ ନେଇ ଯାଉଥିବା ଗାଡି ଉପରେ ମଧ୍ୟ ତୀକ୍ଷ୍ଣ ନଜର ରଖିବାର ବ୍ୟବସ୍ଥା କରାଯାଇଥିବା ମନ୍ତ୍ରୀ କହିଛନ୍ତି। ବୈଠକ ଆରମ୍ଭରୁ ବିଭାଗୀୟ ସଚିବ ସଞ୍ଜୟ କୁମାର ସିଂ ରାଜ୍ୟର ଧାନକିଣା ସମ୍ପର୍କରେ ଅବଗତ କରାଇଥିଲେ। ଧାନ ସଂଗ୍ରହ ନିମନ୍ତେ ଚାଷୀ ପଞ୍ଜୀକରଣ ଓ ଟୋକନ ପ୍ରଦାନ ଉପରେ ବୈଠକରେ ଆଲୋଚନା ହୋଇଛି। ବର୍ତ୍ତମାନ ସୁଦ୍ଧା ବରଗଡ଼, ବଲାଙ୍ଗୀର, କଳାହାଣ୍ଡି, ନୂଆପଡ଼ା, ସମ୍ବଲପୁର, ସୋନପୁର ଏବଂ ସୁନ୍ଦରଗଡ଼ରେ ଧାନ ସଂଗ୍ରହ ଜାରି ରହିଛି। ପର୍ଯ୍ୟାୟକ୍ରମେ ସ୍ଥାନୀୟ ଜିଲା ପ୍ରଶାସନର ନିଷ୍ପତ୍ତି ଅନୁଯାୟୀ ବିଭିନ୍ନ ଜିଲାରେ ଧାନ ସଂଗ୍ରହ କରାଯିବ। ଏହା ବ୍ୟତୀତ ପିସି-ସାପ୍ ଆପ୍ ମାଧ୍ୟମରେ ମଣ୍ଡିରେ ଉପଲବ୍ଧ ବ୍ୟବସ୍ଥା ସମ୍ପର୍କରେ ତଥ୍ୟ ଅପ୍ଲୋଡ୍ କରିବାକୁ ଜିଲା ଯୋଗାଣ ଅଧିକାରୀମାନଙ୍କୁ ପରାମର୍ଶ ଦିଆଯାଇଛି। କୌଣସି ଯୋଗ୍ୟ ଚାଷୀ ଯେପରି ଦାନ ସଂଗ୍ରହ ପ୍ରକ୍ରିୟାରୁ ବାଦ୍ ନ ପଡନ୍ତି ଏହା ଉପରେ ଗୁରୁତ୍ୱାରୋପ କରିଛନ୍ତି। ଏହାସହ ମଣ୍ଡି ନୋଡାଲ ଅଧିକାରୀ ଓ ସୁପରଭାଇଜିଂ ଅଧିକାରୀ ନିୟୋଜିତ କରିବାକୁ ମଧ୍ୟ ବ୍ୟବସ୍ଥା କରିବା ଲାଗି କୁହାଯାଇଛି। ସେହିଭଳି ମଣ୍ଡି ମନିଟରିଂ ସିଷ୍ଟମ ଆପ୍ ବ୍ୟବହାରକରି ସମ୍ପୃକ୍ତ ତଥ୍ୟ ଉପଲବ୍ଧ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

## ୩.୯ ଡିଗ୍ରୀରେ ସେମିଳିଗୁଡ଼ା

ଭୁବନେଶ୍ୱର,୧୮।୧୨(ବନ୍ଦନା ସେଠୀ)

ରାଜ୍ୟରେ ଶୀତ ଲହରି ଜାରି ରହିଥିବାବେଳେ ପାରଦ ପୁଣି ତଳମୁହାଁ ହୋଇଛି। ଫଳରେ ଥଣ୍ଡା ସାଙ୍ଗକୁ ଘନ କୁହୁଡ଼ି ଜୀବନଯାତ୍ରାକୁ ଅସ୍ତବ୍ୟସ୍ତ କରୁଛି। ୯ ସ୍ଥାନରେ ତାପମାତ୍ରା ୧୦ଡିଗ୍ରୀ ତଳେ ରହିଥିବାବେଳେ କୋରାପୁଟର ସେମିଳିଗୁଡ଼ାରେ ସର୍ବନିମ୍ନ ତାପମାତ୍ରା ୩.୯ ଡିଗ୍ରୀ ରେକର୍ଡ କରାଯାଇଛି। ସେହିପରି ଜି.ଉଦୟଗିରିରେ ୫ ଡିଗ୍ରୀ, କୋରାପୁଟ ୬.୪, ଫୁଲବାଣୀ ୭.୫, ଦାରିଙ୍ଗବାଡ଼ି ୮, ଝାରସୁଗୁଡ଼ା ୮.୨, ତିପିଲିମା ୮.୪, କିରେଇ ଏବଂ ବୌଦ୍ଧରେ ୯.୩ ଡିଗ୍ରୀ ତାପମାତ୍ରା ରହିଥିଲା। ଅନ୍ୟପକ୍ଷରେ ଆଭ୍ୟନ୍ତରୀଣ ସୁନ୍ଦରଗଡ଼ ଏବଂ କନ୍ଧମାଳ ଜିଲାର କିଛି ସ୍ଥାନରେ ଘନ କୁହୁଡ଼ି ପଡ଼ିଛି। ତେବେ ଆଗାମୀ ଦିନରେ ମଧ୍ୟ ପ୍ରବଳ ଥଣ୍ଡା ଲାଗି ରହିବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ୨ଦିନ ପାଇଁ ସୁନ୍ଦରଗଡ଼, କନ୍ଧମାଳ, ସମ୍ବଲପୁର, କଳାହାଣ୍ଡି ଏବଂ ଝାରସୁଗୁଡ଼ା ଜିଲାରେ ଘନ କୁହୁଡ଼ି ନେଇ ସତର୍କ ସୂଚନା ଜାରି କରାଯାଇଛି।

## ଏସ୍‌ଏଚ୍‌ଜିଙ୍କୁ ୩୧୮ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସୁଧ ଫେରସ୍ତ

ଭୁବନେଶ୍ୱର,୧୮।୧୨ (ସୁଚିସ୍ମିତା ସାହୁ)

ମିଶନ ଶକ୍ତି ବିଭାଗ ପକ୍ଷରୁ ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍ଏଚ୍ଜି)ଙ୍କ ବ୍ୟାଙ୍କ ଋଣ ସୁଧ ଫେରସ୍ତ ବାବଦକୁ ଆର୍ଥିକ ଅନୁଦାନ ପ୍ରଦାନ କାର୍ଯ୍ୟକ୍ରମ ଗୁରୁବାର ମିଶନ ଶକ୍ତି ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରାଜ୍ୟର ୧ଲକ୍ଷ ୫୫ହଜାର ୮୫୨ ଏସ୍ଏଚ୍ଜିଙ୍କୁ ସେମାନଙ୍କ ବ୍ୟାଙ୍କ୍ ଋଣ ସୁଧ ଫେରସ୍ତ ବାବଦକୁ ୯୦ କୋଟି ୨୦ ଲକ୍ଷ ୫୨ହଜାର ୬୨୧ ଟଙ୍କା ସିଧାସଳଖ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପ୍ରେରଣ କରାଯାଇଥିଲା। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେଇ କହିଲେ, ଏସ୍ଏଚ୍ଜିଙ୍କୁ ନିୟମିତ ସୁଧ ଫେରସ୍ତ ପାଇଁ ସରକାର ପ୍ରତିବଦ୍ଧ। ଏହା ସଦସ୍ୟାଙ୍କ ଅର୍ଥନୈତିକ ଭାଗୀଦାରିକୁ ଆହୁରି ସଶକ୍ତ କରିବ। ଉପମୁଖ୍ୟମନ୍ତ୍ରୀ ପରିଡ଼ା ଉପସ୍ଥିତ ବ୍ୟାଙ୍କ ପ୍ରତିନିଧିମାନଙ୍କ ସହ ଏସ୍ଏଚ୍ଜିଙ୍କ ବ୍ୟାଙ୍କ ଋଣ କାର୍ଯ୍ୟକ୍ରମ ବିଷୟରେ ଆଲୋଚନାକରି ବିତ୍ତୀୟ ପରିଚାଳନା ବିଷୟରେ ସଚେତନ କରିବା ପାଇଁ ପରାମର୍ଶ ଦେଇଥିଲେ। ବିଭାଗୀୟ କମିଶନର ଗିରିଶ ଏସ. ଏନ୍. ସ୍ୱାଗତ ଭାଷଣରେ କହିଲେ, ଏହି ପଦକ୍ଷେପ ମହିଳା-ନେତୃତ୍ୱାଧୀନ ଉଦ୍ୟୋଗମାନଙ୍କୁ ଆର୍ଥିକ ଭାବେ ଅଧିକ ସଶକ୍ତ କରିବା ସହ ରାଜ୍ୟର ଆର୍ଥିକ ପ୍ରଗତିରେ ମହିଳାମାନଙ୍କ ଅବଦାନକୁ ଆହୁରି ସୁଦୃଢ଼ କରୁଛି। ୨୦୨୫-୨୬ ଆର୍ଥିକ ବର୍ଷରେ ବର୍ତ୍ତମାନ ସୁଦ୍ଧା ୩୧୮ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ସୁଧ ଫେରସ୍ତ କରାଯାଇଛି। ବିଭାଗୀୟ ନିର୍ଦ୍ଦେଶିକା ମୋନିକା ପ୍ରିୟଦର୍ଶିନୀ, ଅତିରିକ୍ତ ସଚିବ ଏବଂ ଓଡ଼ିଶା ଜୀବିକା ମିଶନର ଅଧିକାରୀମାନେ ଉପସ୍ଥିତ ଥିଲେ। ଏଥିସହ ବିଭିନ୍ନ ବ୍ୟାଙ୍କର ପ୍ରତିନିଧିଙ୍କ ସହ ବିଭାଗର ସମସ୍ତ କ୍ଷେତ୍ରସ୍ତରୀୟ କର୍ମଚାରୀ, ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାବୃନ୍ଦ ଆଭାସି ମାଧ୍ୟମରେ ଯୋଗଦେଇଥିଲେ।




ବିଧାୟକଙ୍କ ଦରମା ବୃଦ୍ଧି ସମ୍ପର୍କିତ ବିଲ୍‌ର ପୁନର୍ବିଚାର କରିବାକୁ ଭାଜପା ବିଧାୟକ ଓ ମନ୍ତ୍ରୀମାନେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ରାଜ୍ୟ କାର୍ଯ୍ୟାଳୟଠାରେ ଗୁରୁବାର ଅନୁଷ୍ଠିତ ବୈଠକରେ ପତ୍ର ପ୍ରଦାନ କରୁଛନ୍ତି। ନିକଟରେ ଅଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ପ୍ରମୁଖ ।

## ଅତିରିକ୍ତ ସୁରକ୍ଷା ଜମା ଆଦାୟକରି ଆର୍ଥିକ ବୋଝ ଲଦୁଛି ଟାଟା ପାୱାର: ବିଜେଡି

### ପାୱାର ହାଉସ ଛକ ସ୍ଥିତ ଟିପିସିଓଡିଏଲ୍ ଅଫିସ୍ ଆଗରେ ବିଜେଡିର ପ୍ରତିବାଦ

ଭୁବନେଶ୍ୱର, ୧୮।୧୨ (ସୁନିତ୍ ମିଶ୍ର)

ଟିପିସିଓଡିଏଲ୍(ଟାଟା ପାୱାର) ପକ୍ଷରୁ ଅତିରିକ୍ତ ସୁରକ୍ଷା ଜମା ଆଦାୟ କରିବା ଲାଗି ନୋଟିସ ଜାରି କରାଯିବା ଦୁର୍ଭାଗ୍ୟଜନକ। ଏହାଦ୍ୱାରା ଜନସାଧାରଣଙ୍କ ଉପରେ ଅତିରିକ୍ତ ଆର୍ଥିକ ବୋଝ ଲଦାଯାଉଛି ବୋଲି ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ଅଭିଯୋଗ କରାଯିବା ସହ ଏହାକୁ ତୁରନ୍ତ ପ୍ରତ୍ୟାହାରକରିବା ପାଇଁ ରାସ୍ତା ଉପରେ ସ୍ମାର୍ଟ ମିଟର ଭାଙ୍ଗି ପ୍ରତିବାଦ କରାଯାଇଛି। ପାୱାର ହାଉସ ଛକ ସ୍ଥିତ ଟାଟା ପାୱାର ଅଫିସ୍ ସମ୍ମୁଖରେ ପ୍ରତିବାଦ କରିବା ସହ ବିଜେଡି ପକ୍ଷରୁ ଅଭିଯୋଗ କରାଯାଇଛି, ଉପଭୋକ୍ତାମାନଙ୍କ ପାଖରୁ ଜାତୀୟ ହାରଠାରୁ ଅଧିକ ବିଦ୍ୟୁତ୍ ଶୁଳ୍କ ଆଦାୟ କରାଯାଉଛି। ଏହାକୁ ତୁରନ୍ତ ସୁଧ ସହ ଉପଭୋକ୍ତାଙ୍କୁ ଫେରାଯାଉ। ଆନ୍ଧ୍ରପ୍ରଦେଶ ବିଦ୍ୟୁତ୍ ନିୟାମକ ଆୟୋଗ ଏହି ଅର୍ଥ ଫେରସ୍ତ ପାଇଁ ଯେଉଁ ପଦକ୍ଷେପ ନେଇଛନ୍ତି ସେହିଭଳି ଓଡ଼ିଶା ରାଜ୍ୟ ବିଦ୍ୟୁତିକ ନିୟାମକ ଆୟୋଗ ପଦକ୍ଷେପ ନିଅନ୍ତୁ। ସରବରାହ ଜନିତ କ୍ଷତି ଯୋଗୁ ଓଡ଼ିଶାର ବିଦ୍ୟୁତ୍ ଉପଭୋକ୍ତାମାନଙ୍କୁ ଅତିରିକ୍ତ ଶୁଳ୍କ ବହନ କରିବାକୁ ପଡୁଛି। ଟାଟା କମ୍ପାନୀର ଅପାରଗତା, ଦୁର୍ନୀତି ଯୋଗୁ ରାଜ୍ୟରେ ସରବରାହ ଜନିତ କ୍ଷତି ଜାତୀୟ ହାରଠାରୁ ମଧ୍ୟ ଅଧିକ ରହିଛି। ବହୁ ଉପଭୋକ୍ତାଙ୍କ ମିଟର ଠିକ୍ ଚାଲୁଥିଲେ ସୁଦ୍ଧା ଏହାକୁ ଜବରଦସ୍ତ ପରିବର୍ତ୍ତନକରି ସ୍ମାର୍ଟ ମିଟର ବସାଯାଉଛି। ସ୍ମାର୍ଟ ମିଟର ଲାଗି ଉପଭୋକ୍ତାଙ୍କୁ ଅଧିକ ବିଦ୍ୟୁତ୍ ବିଲ୍ ଦେବାକୁ ପଡୁଛି। ଜନସାଧାରଣଙ୍କ ସ୍ୱାର୍ଥ ଦୃଷ୍ଟିରୁ ଆଗାମୀ ଦିନରେ ଏହି ଆର୍ଥିକ ଶୋଷଣ ବନ୍ଦ ନ ହେଲେ ବିଜେଡି ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ଜୋର୍ଦାର କରିବାକୁ ଚେତାବନୀ ଦେଇଛି। ଏହି ଅବସରରେ ଦଳର ବହୁ ଯୁବ, ଛାତ୍ର ଓ ବରିଷ୍ଠ ନେତା ଉପସ୍ଥିତ ଥିଲେ। ଅପରପକ୍ଷରେ ଟାଟା ପାୱାର ପକ୍ଷରୁ କୁହାଯାଇଛି ଆଡିଶନାଲ ସିକ୍ୟୁରିଟି ଡିପୋଜିଟ୍ କିଛି ନୂଆ କଥା ନୁହେଁ। ଏହା ପୂର୍ବରୁ ମଧ୍ୟ ଥିଲା, ଇଲେକ୍ଟ୍ରିସିଟି ଆକ୍ଟ ୨୦୦୩ ନିୟମ ଅନୁସାରେ ସବୁ କାମ କରାଯାଉଛି। ଏହା ଏକ ରେଗୁଲେଟେଡ୍ ବିଜ୍ନେସ୍। ଏହାର ବିଦ୍ୟୁତ ବିଲ୍, କନେକ୍ସନ, ଚାର୍ଜେସ, ସିକ୍ୟୁରିଟି ଡିପୋଜିଟ୍ ସବୁ ନିୟନ୍ତ୍ରିତ ବୋଲି ଟାଟା ପକ୍ଷରୁ କୁହାଯାଇଛି।

## କାନ୍ଥ ପଡ଼ି ୪ ବର୍ଷର ଶିଶୁ ମୃତ

ଉମରକୋଟ, ୧୮।୧୨ (ସନ୍ତୋଷ ଶତପଥୀ)

ନବରଙ୍ଗପୁର ଜିଲା ଉମରକୋଟ ଥାନା ତଥା ଝରିଗାଁ ବ୍ଲକ ବକଡାବେଡା ପଞ୍ଚାୟତ ଅଧୀନ କମାବନ୍ଧ ଗ୍ରାମରେ ଗୁରୁବାର ଖେଳୁଥିବା ସମୟରେ ଘର କାନ୍ଥ ପଡ଼ି ଜଣେ ୪ ବର୍ଷର ଶିଶୁଙ୍କ ମୃତ୍ୟୁ ହୋଇଛି। ଏହି ଘଟଣାରେ ଅନ୍ୟ ୨ ଜଣ ଗୁରୁତର ଅଛନ୍ତି। ମୃତକ ହେଲେ ଗାଁର ବୈଶାଖୁ ଭତରାଙ୍କ ଝିଅ ଯମୁନା (୪)। ଆହତ ୨ ଜଣ ହେଲେ ଧନନ୍ତି ଭତରା (୫) ଓ ଜ୍ୟୋତି ଭତରା (୫)।

ସୂଚନାନୁଯାୟୀ, ଗୁରୁବାର ସକାଳେ ଯମୁନା, ଧନନ୍ତି ଓ ଜ୍ୟୋତି ବୈଶାଖୁଙ୍କ ଘର ବାରଣ୍ଡାରେ ପିଲାମାନେ ଖେଳୁଥିଲେ। ହଠାତ୍ ଏକ କାନ୍ଥ ଭୁଶୁଡ଼ି ପିଲାମାନଙ୍କ ଉପରେ ପଡ଼ିଯାଇଥିଲା। ପିଲାଙ୍କ କାନ୍ଦ ବୋବାଳି ଶୁଣି ପରିବାର ଲୋକେ ସେଠାରେ ପହଞ୍ଚି ସେମାନଙ୍କୁ ଉଦ୍ଧାରକରି ଆମ୍ବୁଲାନ୍ସ ଡକାଇଥିଲେ। ଆମ୍ବୁଲାନ୍ସ ଆସିବାରେ ବିଳମ୍ବ ହେବା ଶୁଣି ପରିବାର ଲୋକେ ସମସ୍ତ ଆହତଙ୍କୁ ଉମରକୋଟ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର ଯମୁନାଙ୍କୁ ମୃତ ଘୋଷଣା କରିଥିଲେ। ଧନନ୍ତି ଓ ଜ୍ୟୋତି ଏବେ ଉମରକୋଟ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ଏ ନେଇ ପରିବାର ଲୋକେ ଉମରକୋଟ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାର ତଦନ୍ତ କରୁଛି। ଶୁକ୍ରବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି।

# ଅସୁରକ୍ଷିତ ସ୍କୁଲପିଲା



ଗର୍ଡନ ବ୍ରାଉନ

ଚଳିତବର୍ଷ ନଭେମ୍ବରରେ ନାଇଜେରିଆର ବିଭିନ୍ନ ସ୍କୁଲରୁ ଅନେକ ଶହ ପିଲାଙ୍କୁ ଅପହରଣ କରାଯାଇଥିଲା। ସେହିମାନେ ଏବେ ବନ୍ଦୀ କିମ୍ବା ନିଖୋଜ। ତେବେ ନିକଟରେ ୧୦୦ ଛାତ୍ରଙ୍କୁ ଉଦ୍ଧାର କରାଯିବା ପରେ ସାମାନ୍ୟ ବିଶ୍ୱାସ ସୃଷ୍ଟି ହୋଇଛି। ଉତ୍ତର ଏବଂ କେନ୍ଦ୍ର ନାଇଜେରିଆର ଅନେକ ଅଞ୍ଚଳରେ ସ୍କୁଲଗୁଡ଼ିକରେ ପିଲାଙ୍କ ଉପସ୍ଥାନ କମିଛି। ଅପହରଣ ଯୋଗୁ ସ୍କୁଲ ବନ୍ଦ ରହିବା କିମ୍ବା ଭୟରେ ଅଭିଭାବକମାନେ ପିଲାଙ୍କୁ ଘରେ ରଖିବା ଯୋଗୁ ଏଭଳି ସ୍ଥିତି ସୃଷ୍ଟି ହୋଇଥିବା କୁହାଯାଇପାରେ। କିନ୍ତୁ ୨୦୨୪ରେ ପ୍ରକାଶ ପାଇଥିବା ୟୁନିସେଫ୍‌ର ମିନିମମ୍ ଷ୍ଟାଣ୍ଡାର୍ଡସ୍ ଫର୍ ସେଫ୍ ସ୍କୁଲ୍ସ ମନିଟରିଂ ରିପୋର୍ଟରୁ ଜଣାପଡ଼ିଛି, ନାଇଜେରିଆର ୧୦ଟି ଜିଲାରେ ଯାଞ୍ଚ କରାଯାଇଥିବା ୧୭% ସ୍କୁଲ ମୂଳ ମାନଦଣ୍ଡର ଅତିକମ୍‌ରେ ୭୦% ପାଳନ କରିଥିଲେ। ଜାନୁଆରୀ ମଧ୍ୟଭାଗରୁ ଆରମ୍ଭ ହେବାକୁ ଯାଉଥିବା ପରବର୍ତ୍ତୀ ସ୍କୁଲ ସେଶନ ପୂର୍ବରୁ ଏହି ସ୍ଥିତିକୁ ସୁଧାରିବା ଉଚିତ। ସେ ପର୍ଯ୍ୟନ୍ତ, ସ୍କୁଲର ସୁରକ୍ଷା ସମ୍ପର୍କିତ ଅନେକ ପ୍ରସ୍ତାବ ନାଇଜେରିଆ ସରକାର ଏବଂ ପାଣ୍ଠି ଯୋଗାଉଥିବା ଅନ୍ତର୍ଜାତୀୟ ସଂସ୍ଥାଗୁଡ଼ିକ ସମ୍ମୁଖରେ ଉପସ୍ଥାପନ କରାଯାଇଛି। ତୃଣମୂଳ ସ୍ତରରେ କାର୍ଯ୍ୟକରୁଥିବା ୟୁନିସେଫ୍‌ର ଟିମ୍, ସେଫ୍ ସ୍କୁଲ୍ସ ଇନିସିଏଟିଭ(ଏସ୍‌ଏସ୍‌ଆଇ)କୁ ପାଣ୍ଠି ଯୋଗାଉଥିବା ବିଜ୍‌ନେସ୍ ଲିଡର୍ସ ଏବଂ ସ୍ଥାନୀୟ ତଥା ଜାତୀୟ ପ୍ରଶାସକଙ୍କ ପାଇଁ ଏହା ପ୍ରସ୍ତୁତ କରାଯାଇଛି।

ନାଇଜେରିଆର ଶିକ୍ଷା ବ୍ୟବସ୍ଥା ପିଲାଙ୍କ କମ୍ ଉପସ୍ଥାନଜନିତ ସମସ୍ୟାକୁ ସାମ୍ନା କରୁଛି। କିନ୍ତୁ ପିଲାଙ୍କ ଅପହରଣ ବ୍ୟବସ୍ଥାରେ ଏକ ଗମ୍ଭୀର ସମସ୍ୟା, ଯାହା ଏବେ ସାଧାରଣ ଘଟଣା ପାଲଟିଗଲାଣି। ଏମ୍ଆଇସିଏସ୍-ଇଗଲ ନାଇଜେରିଆ ଏଜୁକେଶନ ଫ୍ୟାକ୍ଟ ଶିଟ୍, ୨୦୨୩ ଅନୁଯାୟୀ, ଉତ୍ତରପଶ୍ଚିମ ନାଇଜେରିଆର ରାଜ୍ୟ କେବିରେ ୬୭% ବାଳିକା ଓ ୬୨% ବାଳକ ପ୍ରାଥମିକ ସ୍କୁଲରେ ନାମ ଲେଖାଇନାହାନ୍ତି। ଉଲ୍ଲେଖନୀୟ, ଏହି ରାଜ୍ୟରେ ୨୦୨୩ରେ ୨୫ଛାତ୍ରଙ୍କୁ ଅପହରଣ କରାଯାଇଥିଲା। ମାଧ୍ୟମିକ ସ୍କୁଲଗୁଡ଼ିକରେ ମଧ୍ୟ ସମାନ ପ୍ରତିଶତ ପିଲା ପଢ଼ିବାକୁ ଯାଉ ନାହାନ୍ତି। ପ୍ରାଥମିକ ସ୍କୁଲରେ ନାମ ଲେଖାଇଥିବା ଯୋଗ୍ୟ ବହୁ ହଜାର ପିଲାଙ୍କ ମଧ୍ୟରୁ ଅନେକେ ସ୍କୁଲକୁ ଯାଉ ନାହାନ୍ତି। ବରଂ ସେମାନେ ଇସ୍‌ଲାମିୟା ସ୍କୁଲଗୁଡ଼ିକରେ ଅଣୌପଚାରିକ ଇସ୍‌ଲାମୀୟ ଶିକ୍ଷା ଗ୍ରହଣ କରୁଛନ୍ତି। କେବିର ୩ ଏବଂ ୪ ବର୍ଷ ବୟସର ପିଲାଙ୍କ ମଧ୍ୟରୁ କେବଳ ୪% ପ୍ରାରମ୍ଭିକ ଶିଶୁ ଶିକ୍ଷା ପାଉଥିବାବେଳେ ଅନ୍ୟ ଉତ୍ତରପଶ୍ଚିମ ରାଜ୍ୟଗୁଡ଼ିକ ଯଥା କାଟସିନାରେ ଏହା ୧୦%, ଜିଗାୱାରେ ୧୭%ଏବଂ କଦୁନାରେ ୩୨%।

ଅନେକ ବର୍ଷ ଧରି ଜାତୀୟ ଓ ରାଜ୍ୟସ୍ତରୀୟ ଶିକ୍ଷା ମନ୍ତ୍ରଣାଳୟ ଏବଂ ନ୍ୟାଶନାଲ ସେଫ୍ ସ୍କୁଲ୍ସ ରେସ୍‌ପନ୍ସ କୋଅର୍ଡିନେସନ ସେଣ୍ଟର୍ ଉଲ୍ଲେଖନୀୟ ପଦକ୍ଷେପ ନେଇଛନ୍ତି। ଏମାନେ ସ୍ଥାନୀୟ ଓ ଅନ୍ତର୍ଜାତୀୟ ଅଂଶୀଦାରଙ୍କ ସହଯୋଗରେ ଆତଙ୍କବାଦୀ ସମେତ ଡକାୟତ ଗୋଷ୍ଠୀ(ଏବେ ପିଲାଙ୍କୁ ଅପହରଣ କରି ତା'ବଦଳରେ ଅର୍ଥ ଦାବି କରୁଛନ୍ତି)ଙ୍କୁ ପ୍ରତିରୋଧ କରିବା ସକାଶେ ସ୍କୁଲ ଓ ସ୍ଥାନୀୟ ସମୁଦାୟଗୁଡ଼ିକର କ୍ଷମତା ବଢ଼ାଇବା ପାଇଁ କାର୍ଯ୍ୟ କରୁଛନ୍ତି। କେବଳ ଏତିକି ନୁହେଁ, ସୁରକ୍ଷା ଉପାୟ ସମ୍ପର୍କରେ ସ୍କୁଲ ପରିଚାଳନା କମିଟି ସଦସ୍ୟ ତଥା ଶିକ୍ଷକଙ୍କ ପ୍ରଶିକ୍ଷଣ ଦିଆଯାଉଛି। ଏହାସହ ପୂର୍ବରୁ ସତର୍କ ସୂଚନା ଦେବାର ବ୍ୟବସ୍ଥା କରାଯିବା ସହ ସ୍କୁଲ ଚାରିପଟେ ତାରବାଡ଼ ଦିଆଯାଉଛି। ସମ୍ଭାବ୍ୟ ବିପଦ କମ୍ କରିବା ଏବଂ ତାହାକୁ ସାମ୍ନା କରିବା ସକାଶେ ସ୍ଥାନୀୟ ଲୋକଙ୍କ ପରିଚାଳନା କମିଟି ଦ୍ୱାରା ଟେଲିକମ୍ୟୁନିକେଶନ ଲିଙ୍କ୍ ସୃଷ୍ଟି କରାଯାଉଛି।



ଏସବୁ ପରେ ଯଦି ନୂଆ ବର୍ଷରେ ଅଭିଭାବକମାନେ ସେମାନଙ୍କ ପିଲାଙ୍କୁ ସ୍କୁଲ ପଠାଇବେ ନାହିଁ, ତେବେ ସୁରକ୍ଷା ଉପରେ ଆହୁରି ଦୃଢ଼ ପଦକ୍ଷେପ ନିଆଯିବା ଜରୁରୀ। ଏହି କ୍ରମରେ ସମ୍ଭାବ୍ୟ ବିପଦରେ ଥିବା ସ୍କୁଲଗୁଡ଼ିକର ସୁରକ୍ଷା ଭିତ୍ତିଭୂମି ମଜବୁତ କରିବା ପାଇଁ ତାରବାଡ଼ ଏବଂ ପାଚେରି ନିର୍ମାଣ କରିବା ଜରୁରୀ। ସ୍କୁଲଗୁଡ଼ିକରେ କ୍ୟାମେରା ଏବଂ ଅନ୍ୟାନ୍ୟ ନିରୀକ୍ଷଣକାରୀ ଉପକରଣ ଲଗାଯିବା ଦରକାର। ପିଲାଙ୍କ ପାଇଁ ସୁରକ୍ଷିତ ପ୍ରବେଶ ଓ ପ୍ରସ୍ଥାନ ପଥ ନିର୍ଦ୍ଧୟ କରାଯିବା ଉଚିତ। କେତେକ କ୍ଷେତ୍ରରେ ଆଲୋକୀକରଣ ଓ ବିପଦ ସମ୍ପର୍କିତ ସତର୍କ ସୂଚନା ଦେଉଥିବା ବ୍ୟବସ୍ଥା କରାଯିବା ଆବଶ୍ୟକ। ସବୁ ସ୍କୁଲ, ସ୍ଥାନୀୟ ଅଧିକାରୀମାନେ ଏବଂ ସୁରକ୍ଷା ସଂସ୍ଥାଗୁଡ଼ିକ ମଧ୍ୟରେ ସ୍ପଷ୍ଟ ଯୋଗାଯୋଗ ବ୍ୟବସ୍ଥାର ବିକାଶ କରାଯିବା ସହ ତାହାକୁ କାର୍ଯ୍ୟକାରୀ କରାଯାଇ ପରିବର୍ତ୍ତନ ଅଣାଯିବା ଉଚିତ। ଯଦି କୌଣସି ସ୍କୁଲ ଆକ୍ରମଣର ସମ୍ମୁଖୀନ ହୁଏ, ତେବେ ସେହି କ୍ଷେତ୍ରରେ ତାହାକୁ କିଭଳି ମୁକାବିଲା କରାଯିବ ଏବଂ ପିଲାଙ୍କୁ ସ୍କୁଲରୁ ସୁରକ୍ଷିତ ଭାବେ ବାହାରକୁ ନିଆଯିବ ସେ ସମ୍ପର୍କରେ ପ୍ରଦାନ କରାଯାଉଥିବା ପ୍ରଶିକ୍ଷଣ ପ୍ରକ୍ରିୟାରେ ସୁଧାର ଆଣିବାରେ ଏହା ମଧ୍ୟ ସହାୟକ ହେବ।

ଯଦି ପିଲାଙ୍କ ଅପହରଣ ଜାରି ରହେ, ତେବେ ଅଧିକ ବିପଦରେ ଥିବା ସ୍କୁଲଗୁଡ଼ିକରୁ ପିଲାଙ୍କୁ କେଉଁ ସୁରକ୍ଷିତ ସ୍କୁଲରେ ନାମ ଲେଖାଯିବା ପାଇଁ ନିର୍ଦ୍ଦେଶ ଦିଆଯାଇପାରେ। ଏହାସହ ଯେଉଁସବୁ ସ୍କୁଲରେ ପଢ଼ା ଆରମ୍ଭ ହୋଇପାରୁନାହିଁ ସେହି କ୍ଷେତ୍ରରେ ଅନ୍‌ଲାଇନ କିମ୍ବା ରେଡିଓ ମାଧ୍ୟମରେ ଶିକ୍ଷା ଦିଆଯିବା ଦରକାର ହୋଇପାରେ। ପିଲାଙ୍କ ମଧ୍ୟରେ ମାନସିକ ସ୍ତରରେ ସୃଷ୍ଟି ହୋଇଥିବା ଭୟକୁ ଦୂର କରିବା ଲାଗି ସେମାନଙ୍କୁ ସାହାଯ୍ୟ କରାଯିବା ଦରକାର। ପିଲାମାନେ ପଢ଼ିପାରୁ ନାହାନ୍ତି ଏବଂ ପିଲାଙ୍କ ଉପରେ ପଡୁଥିବା ଗମ୍ଭୀର ତଥା ବ୍ୟାପକ ପ୍ରଭାବକୁ ଆମେ କୌଣସି ପ୍ରକାରେ ଅଣଦେଖା କରିପାରିବା ନାହିଁ। ସ୍କୁଲଗୁଡ଼ିକରେ ସୁରକ୍ଷା ଦୃଢ଼ କରିବା ହେଉଛି ବଡ଼ ପ୍ରାଥମିକତା। ୟୁନିସେଫ୍ ଜାତୀୟ ଓ ରାଜ୍ୟ ଶିକ୍ଷା ମନ୍ତ୍ରଣାଳୟଗୁଡ଼ିକ ଭାଗୀଦାରିରେ ୨.୭ ମିଲିୟନ ଆମେରିକୀୟ ଡଲାର ସହାୟତା କାର୍ଯ୍ୟକ୍ରମର ପ୍ରସ୍ତାବ ରଖିଛି, ଯାହା ଏବେ ପ୍ରକାଶ କରାଯାଇନାହିଁ, କିନ୍ତୁ ବିଶ୍ୱସ୍ତ ଅଂଶୀଦାରଙ୍କୁ ଏହା ଜଣାଇଦିଆଯାଇଛି। ପ୍ରଥମ ପଦକ୍ଷେପ ସ୍ୱରୂପ, ଅପହରଣ ଦ୍ୱାରା ପ୍ରଭାବିତ ହୋଇଥିବା ପିଲା ଓ ସେମାନଙ୍କ ପରିବାର ସଦସ୍ୟ ତଥା ଶିକ୍ଷକଙ୍କ ମନସ୍ତାତ୍ତ୍ୱିକ ସ୍ଥିତିକୁ ସ୍ୱାଭାବିକ କରାଯିବା ଦରକାର। ଦ୍ୱିତୀୟରେ, ସ୍କୁଲ ବନ୍ଦ ହେବା ଯୋଗୁ ପିଲାଙ୍କ ପଢ଼ା ପ୍ରଭାବିତ ହୋଇଛି ଏବଂ ପଢ଼ା ଜାରି ରଖିବା ପାଇଁ ଅନ୍‌ଲାଇନ୍ ଇ-ଲର୍ନିଂ ପ୍ଲାଟଫର୍ମ ନାଇଜେରିଆ ଲର୍ନିଂ ପାସ୍‌ପୋର୍ଟ ଦ୍ୱାରା ମୋବାଇଲ ମାଧ୍ୟମରେ ଶିକ୍ଷାପ୍ରଦାନ କରାଯିବ। ତୃତୀୟରେ, ଗୋଟିଏ ସ୍କୁଲର ସୁରକ୍ଷା ସ୍ଥିତି ନିର୍ଦ୍ଧୟ କରିବା ପାଇଁ ଡିଜିଟ୍ ଆକଳନ ଉପକରଣ ଶିକ୍ଷା ମନ୍ତ୍ରଣାଳୟଗୁଡ଼ିକୁ ଯୋଗାଇ ଦିଆଯିବ।

ସବୁଠୁ ବଡ଼ ଆବଶ୍ୟକତା ହେଉଛି ପାଣ୍ଠି ଯୋଗାଉଥିବା ପକ୍ଷମାନେ ପର୍ଯ୍ୟାପ୍ତ ସୁରକ୍ଷା ନିଶ୍ଚିତ କରିବା ଦରକାର, ଯାହାଦ୍ୱାରା ଜାନୁଆରୀରେ ନାଇଜେରିଆର ପିଲାମାନେ ସୁରକ୍ଷିତ ଭାବେ ସ୍କୁଲକୁ ଫେରିପାରିବେ। ଅପେକ୍ଷାକୃତ ସୀମିତ ପାଣ୍ଠିରେ ଆମେ ଜାତୀୟ ଓ ରାଜ୍ୟ ସରକାରଗୁଡ଼ିକୁ ପୂର୍ବ ସତର୍କ ସୂଚନା ବ୍ୟବସ୍ଥା, ଉତ୍ତର ନାଇଜେରିଆରେ ସର୍ବାଧିକ ବିପଦରେ ଥିବା ସ୍କୁଲଗୁଡ଼ିକ ପାଇଁ ଆକ୍‌ସନ ପ୍ଲାନ ପ୍ରସ୍ତୁତ କରିବା ନିମନ୍ତେ ଜାତୀୟ ଓ ରାଜ୍ୟ ସରକାରଙ୍କୁ ଟେକ୍‌ନିକାଲ ଓ ଲଜିଷ୍ଟିକ ସହଯୋଗ ଯୋଗାଇ ଦେଇପାରିବା। ଏହା ସହ ସୁରକ୍ଷିତ- ସ୍କୁଲ କିଟ୍ ଏବଂ ସଙ୍କଟ ସମୟରେ ଖୁବ୍‌ଶୀଘ୍ର ଯୋଗାଯୋଗ ପାଇଁ ଏକାଧିକ ନେଟ୍‌ୱର୍କ ସହ ସଂଯୋଜିତ ଇଣ୍ଟରନେଟ ଡିଭାଇସ୍ ବଣ୍ଟନ କରାଯିବା ଉପରେ ଅଧିକ ଗୁରୁତ୍ୱ ଦିଆଯିବା ଦରକାର।

ନିକଟରେ ଘଟିଥିବା ଅପହରଣ ଆମକୁ ସ୍ମରଣ କରାଇ ଦିଏ ଯେ, ଆତଙ୍କବାଦ ଦ୍ୱାରା ବହୁ ସଂଖ୍ୟକ ନାଇଜେରୀୟ ଛାତ୍ରଙ୍କ ସ୍କୁଲ ଶିକ୍ଷାରେ ବାଧା ଉପୁଜି ଆସୁଛି। ଏହା ହେଉଛି ଉପଯୁକ୍ତ ସମୟ, ଯେଉଁଠି ପିଲା ଓ ଅଭିଭାବକଙ୍କୁ ଜଣାଇଦେବାକୁ ହେବ ଯେ, ସଶସ୍ତ୍ର ଗୋଷ୍ଠୀ ସମ୍ପୂର୍ଣ୍ଣ ନିୟନ୍ତ୍ରଣରେ ରହିଛି ଏବଂ ଏପରି କି ବିପଦପୂର୍ଣ୍ଣ ଅଞ୍ଚଳଗୁଡ଼ିକରେ ସ୍କୁଲ ସୁରକ୍ଷାରେ ପରିବର୍ତ୍ତନ ଅଣାଯାଇପାରିବ। ଏହା ହେଲେ, ପ୍ରତ୍ୟେକ ପିଲା ବିନା ବାଧାରେ ଭଲ ଶିକ୍ଷା ପାଇବାର ସୁଯୋଗ ଆସିପାରିବ।

**ପୂର୍ବତନ ପ୍ରଧାନମନ୍ତ୍ରୀ, ବ୍ରିଟେନ**

# ଯଥାର୍ଥ ଦାନ



ଅନୀତା ପଟ୍ଟନାୟକ

ଅଭିରାମ ବାବୁ ଜଗନ୍ନାଥଙ୍କର ଜଣେ ପରମ ଭକ୍ତ। ସେଥିପାଇଁ ସେ ଜଗନ୍ନାଥ ସଂସ୍କୃତିକୁ ସମ୍ମାନ ଜଣାଉଥାନ୍ତି। ତାଙ୍କର ପୁଅ ଯୋଗେଶ ସ୍କୁଲ ଛାତ୍ର। ସେ ବାପାଙ୍କ ସହିତ ଜଗନ୍ନାଥ ମନ୍ଦିରକୁ ଗଲେ। ଭଡରେ ଛୋଟ ହୋଇଥିବାରୁ ଭକ୍ତଙ୍କ ଗହଳି ଭିତରେ ଜଗନ୍ନାଥଙ୍କୁ ଦର୍ଶନ କରିପାରୁ ନ ଥାଏ। ତେଣୁ ଅଭିରାମ ବାବୁଙ୍କୁ ଅନେକଥର ଯୋଗେଶଙ୍କୁ ଉପରକୁ ଉଠାଇ ଜଗନ୍ନାଥଙ୍କୁ ଦର୍ଶନ କରାଇବାକୁ ପଡ଼ିଥାଏ। ଯୋଗେଶ ଛୋଟପିଲା ହୋଇଥିବାରୁ ତା' ମନରେ ଅସୁମାରି ପ୍ରଶ୍ନ ଆସେ। ଯଥା ଭଗବାନ୍ କିଏ? ସେ କେଉଁଠି ଅଛନ୍ତି? ସେ କ'ଣ କରନ୍ତି ଇତ୍ୟାଦି ଇତ୍ୟାଦି।

ହଠାତ୍ ଖବରକାଗଜ ଖୋଲୁ ଖୋଲୁ ସେ ପଢ଼ିବାକୁ ପାଇଲା ଭାରତର ପ୍ରଧାନମନ୍ତ୍ରୀ ଜଣେ ଯୁଗାବତାରୀଙ୍କର ୧୦୦ତମ ଜନ୍ମ ବାର୍ଷିକୀ ଉପଲକ୍ଷେ ଯାଇଥିଲେ। ସେଠାରେ ସେ ୧୦୦ଟି ଗାଈ ଉପହାର ସ୍ୱରୂପ ଦେଲେ। ଏହାର ଅର୍ଥ ଯୋଗେଶ ବୁଝିପାରିଲା ନାହିଁ। ସେ ବାପାଙ୍କୁ ପଚାରିବାରେ ଅଭିରାମ ବାବୁ କହିଲେ, 'ଉକ୍ତ ଯୁଗାବତାରୀ ପୁରୁଷ ସେଠାରେ ଗୋପାଳନ କରୁଥିଲେ ଓ ତା'ର ନାମ ଦେଇଥିଲେ ଗୋକୁଳମ୍। ଉକ୍ତ ଗୋକୁଳମ୍‌ର କ୍ଷୀର ସେହି ମହାପୁରୁଷଙ୍କ ଆଶ୍ରମକୁ ଆସିଥାଏ ଓ ଭକ୍ତମାନେ ତା'ର ଭରପୂର ଉପଯୋଗ କରିଥାନ୍ତି। ଗୋକୁଳମ୍‌ର କ୍ଷୀର ପାଇଁ ମା'ମାନେ ଧାଡ଼ିରେ ଆସି କ୍ଷୀର ତାଙ୍କ ପିଲାମାନଙ୍କ ପାଇଁ ନେଉଥାନ୍ତି। ଆଶ୍ରମରେ ସୁନ୍ଦର ଚା' ପ୍ରସ୍ତୁତ ହୁଏ। ଯାହାକୁ ଭକ୍ତମାନେ ଆନନ୍ଦରେ ଗ୍ରହଣ କରନ୍ତି। ଦହି, ଚକ୍କା, ଘିଅ, ଲହୁଣି ପ୍ରଭୃତି ହୁଏ। ଭକ୍ତମାନେ ଏହାକୁ ମଧ୍ୟ ଆନନ୍ଦର ସହ ଗ୍ରହଣ କରିଥାନ୍ତି।

ଯୋଗେଶ ବାପାଙ୍କୁ ପଚାରିଲା, 'ବାପା ଭଗବାନ୍ କିଏ? କେଉଁଠି ରହନ୍ତି? କ'ଣ କରନ୍ତି? ଭାରତର ପ୍ରଧାନମନ୍ତ୍ରୀ ହାରାନାଳା, ଟଙ୍କା ସୁନା ନ ଦେଇ ୧୦୦ ଗାଈ କାହିଁକି ପ୍ରଦାନ କଲେ? ଯୋଗେଶ ଏପରି ପ୍ରଶ୍ନରେ ଅଭିରାମ ବାବୁ ଅବାକ୍ ହୋଇପଡ଼ିଲେ। ଭଗବାନ୍‌ଙ୍କ ସହ ଗାଈର କି ସମ୍ପର୍କ? ଅଭିରାମ ବାବୁ ଟିକେ ରହିଯାଇ ଯୋଗେଶଙ୍କୁ ବୁଝାଇ କହିଲେ, କାଳାଗାଈ କ'ଣ ଖାଏ? ଯୋଗେଶ କହିଲା, ଗାଈ ଘାସକୁଟା ଖାଏ। ଅଭିରାମ ବାବୁ ପଚାରିଲେ ଘାସର ରଙ୍ଗ କ'ଣ? ଯୋଗେଶ କହିଲା ଘାସର ରଙ୍ଗ ସବୁଜ ଓ କୁଟାର ରଙ୍ଗ ହଳଦିଆ। ଅଭିରାମ ବାବୁ କହିଲେ, ସବୁଜ ରଙ୍ଗର ଘାସ ଓ ହଳଦିଆ ରଙ୍ଗର କୁଟା ଖାଇ କାଳୀ ଗାଈ କ୍ଷୀର ଦିଏ ତା'ର ରଙ୍ଗ କିପରି? ଯୋଗେ କହିଲା ତା'ର ରଙ୍ଗ ଧଳା। ଅଭିରାମ ବାବୁ କହିଲେ, କାଳୀଗାଈ ସବୁଜ ଘାସ, ହଳଦିଆ କୁଟାଖାଇ ଧଳା ରଙ୍ଗର କ୍ଷୀର କିପରି ଦିଏ? ଏହାକୁ ବୈଜ୍ଞାନିକମାନେ କରିପାରିବେ କି? ଯୋଗେଶ କହିଲା ନା, ବାପା ଏହାକୁ କେବଳ ଭଗବାନ୍ କରିପାରିବେ। ଅଭିରାମ ବାବୁ କହିଲେ ଯେଉଁ ଶକ୍ତି କାଳୀଗାଈ ଭିତରେ ସବୁଜ ଘାସକୁ ଧଳା କ୍ଷୀରରେ ପରିଣତ କଲେ ସେ ହିଁ ଭଗବାନ୍। ଭକ୍ତ ଓ ଲୋକମାନେ ଯୁଗାବତାର ପୁରୁଷଙ୍କର ଗୋକୁଳମ୍‌ରୁ କ୍ଷୀର ପାଇ ଖାଇଲେ ମଧ୍ୟ ଏହାକୁ ଠିକ୍‌ଭାବରେ ବୁଝିପାରୁ ନ ଥିଲେ। ଅନ୍ଧାର ଘରେ ଆଲୁଅ ଜାଳିଲେ, ଯେପରି ଅନ୍ଧକାର ଦୂର ହୁଏ, ସେପରି ଭଗବାନ୍ ସବୁ ପ୍ରାଣୀଙ୍କ ମଧ୍ୟରେ ବିଦ୍ୟମାନ। ତେଣୁ ସେ ଗୋକୁଳମ୍‌ର କ୍ଷୀର ଲୋକମାନଙ୍କୁ ଯୋଗାଇ ଲୋକମାନଙ୍କ ମଧ୍ୟରେ ପୁଷ୍ଟିବର୍ଦ୍ଧନ କରୁଥିଲେ। ଭଗବାନ୍ ଆମ ମଧ୍ୟରେ ରହି ବିଭିନ୍ନ ଖାଦ୍ୟଖାଇ ଖାଦ୍ୟକୁ ଶକ୍ତିରେ ପରିଣତ କରି ଅଙ୍ଗପ୍ରତ୍ୟଙ୍ଗଗୁଡ଼ିକୁ ଶକ୍ତି ଯୋଗାଇ ଦେଉଥାନ୍ତି। ଏହା ତାଙ୍କର ଏକ ମୁଖ୍ୟ କାମ। ସେ ବିଶ୍ୱରେ ବିଭିନ୍ନ ନାମରେ ବିଭିନ୍ନ ରୂପରେ ଏ କାର୍ଯ୍ୟ କରିଥାନ୍ତି। ଯୋଗେଶ କହିଲା, ବାପା ବୁଝିଗଲି। ଆମର ପ୍ରଧାନମନ୍ତ୍ରୀ ଭାରତୀୟ ସଂସ୍କୃତି ଓ ଏହିସବୁକୁ ଠିକ୍ ବୁଝିଛନ୍ତି। ସେ ଜାଣି ପାରିଛନ୍ତି ଭଗବାନ୍ କିଏ? ସେ କେଉଁଠି ଅଛନ୍ତି? ସେ କ'ଣ କରନ୍ତି? ତାଙ୍କର ୧୦୦ଟି ଗୋଦାନ ଯାହା ସେ ଯୁଗାବତାରଙ୍କ ଆଶ୍ରମକୁ କରିଛନ୍ତି ତାହା ଯଥାର୍ଥ। ଭକ୍ତମାନେ ସେ କ୍ଷୀର ଖାଇ ଜାଣିପାରିବେ ଭଗବାନ୍ କିଏ? କେଉଁଠି ଅଛନ୍ତି? କ'ଣ କରନ୍ତି?

**ପ୍ରାଧ୍ୟାପିକା, ସିଡିଏ, କଟକ**
**ମୋ: ୯୬୯୨୯୦୦୨୭୬**

## ଏଇ ଭାରତରେ

ଆକାଶରେ ଉଡ଼ିପାରୁଥିବା ସବୁଠୁ ଉଚ୍ଚପକ୍ଷୀ ସାରସ (ଏକ ଜାତୀୟ ବଡ଼ ବଗ)। ଏମାନଙ୍କ ଉଚ୍ଚତା ୧୫୨-୧୫୬ ସେଣ୍ଟିମିଟର ହୋଇଥାଏ। ହେଲେ ଏହି ପକ୍ଷୀ ଆକାଶରେ ଭଲ ଭାବେ ଉଡ଼ିପାରେ । କିନ୍ତୁ ପରିବର୍ତ୍ତିତ ଜଳବାୟୁ ସ୍ଥିତିରେ ଏହି ପକ୍ଷୀଙ୍କ ଜୀବନ ଏବେ ବିପଦରେ। ଖାଦ୍ୟାଭାବ ଓ ଉପଯୁକ୍ତ ପରିବେଶ ଅଭାବରୁ ଏମାନଙ୍କ ସଂଖ୍ୟା ହ୍ରାସ ପାଇ ଏବେ ୧୫,୦୦୦-୨୦,୦୦୦ ମଧ୍ୟରେ ରହିଛି। ତେବେ ଏମାନଙ୍କ ଜୀବନ ବଞ୍ଚାଇବା ପାଇଁ ଉତ୍ତରପ୍ରଦେଶର କୃଷକମାନେ ଭିନ୍ନ ଉପାୟ ଆପଣାଇଛନ୍ତି। ସାରସ ହାବିଟାଟ ସିକ୍ୟୋରମେଣ୍ଟ ପ୍ରୋଜେକ୍ଟ ମାଧ୍ୟମରେ ଉତ୍ତରପ୍ରଦେଶର ୧୦ଟି ଜିଲାରେ କୃଷକମାନେ ସେମାନଙ୍କ ବସାର ସୁରକ୍ଷା କରିବା ସହ ବଂଶବୃଦ୍ଧିରେ ସହଯୋଗ କରୁଛନ୍ତି। ସେମାନଙ୍କ ଖାଦ୍ୟ ପାଇଁ ଆର୍ଦ୍ରଭୂମିର ସଂରକ୍ଷଣ ମଧ୍ୟ କୃଷକମାନେ କରୁଛନ୍ତି। ଏହି ପ୍ରୋଜେକ୍ଟ ୨୦୧୩ରେ ଆରମ୍ଭ କରାଯାଇଥିଲା। ଚଳିତବର୍ଷ ୨୩୭ ବସା ସଂରକ୍ଷଣ କରାଯାଇ ଅଣ୍ଡା ଫୁଟାଇବାର ବ୍ୟବସ୍ଥା କରାଯାଇଥିଲା।

## ୫୦ ବର୍ଷ ତଳର ଧରିତ୍ରୀ

୧୯ ଡିସେମ୍ବର ୧୯୭୬

- ରାଜ୍ୟର ମରୁଡ଼ିଗ୍ରସ୍ତ ଲୋକମାନଙ୍କ ସାହାଯ୍ୟ ପାଇଁ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ତାଙ୍କ ଜାତୀୟ ସାହାଯ୍ୟ ପାଣ୍ଠିରୁ ୫ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି।
- ଡାଡିସଂଘରେ ଆମେରିକାର ପ୍ରଥମ ନିଗ୍ରୋ ରାଷ୍ଟ୍ରଦୂତ ରୂପେ ଜର୍ଜିଆର କଂଗ୍ରେସ ସଦସ୍ୟ ଆଣ୍ଡ୍ରୁ ୟଙ୍ଗ ନିଯୁକ୍ତ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | 8 | 1 | 2 |
| | 2 | | | 3 | | | | |
| | | 7 | | | | | 5 | |
| | 4 | | | 5 | | 2 | | |
| | | | | | 4 | | 7 | 8 |
| | | 3 | | 1 | | | | |
| | 1 | | | 2 | | 4 | | 3 |
| | 8 | | | 9 | | 5 | | |
| | | 4 | | | 1 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 7 | 6 | 4 | 2 | 1 | 8 | 3 | 9 |
| 9 | 3 | 2 | 8 | 7 | 5 | 4 | 1 | 6 |
| 8 | 1 | 4 | 3 | 9 | 6 | 5 | 2 | 7 |
| 1 | 8 | 9 | 2 | 3 | 4 | 6 | 7 | 5 |
| 2 | 5 | 3 | 7 | 6 | 9 | 1 | 8 | 4 |
| 6 | 4 | 7 | 5 | 1 | 8 | 3 | 9 | 2 |
| 4 | 9 | 5 | 1 | 8 | 2 | 7 | 6 | 3 |
| 3 | 2 | 1 | 6 | 4 | 7 | 9 | 5 | 8 |
| 7 | 6 | 8 | 9 | 5 | 3 | 2 | 4 | 1 |

ଗତକାଲିର ଉତ୍ତର

# କୃତ୍ରିମ ବୁଦ୍ଧିମତ୍ତା ଓ ମାନବ ଅଧିକାର



ପ୍ରକାଶ ତ୍ରିପାଠୀ

ନିକଟରେ ଜଣେ ମହିଳା ଇନ୍‌ଷ୍ଟାଗ୍ରାମ୍‌ରେ ଲେଖିଥିଲେ ଯେ ସେ ଗୋଟିଏ ଆପ୍‌ରେ ଶାଢ଼ିପିନ୍ଧା ଫଟୋ ଅପ୍‌ଲୋଡ କରି ପରିବର୍ତ୍ତିତ ଫଟୋ ଦେଖି ଚକିତ ହୋଇଗଲେ। ଏହି କୃତ୍ରିମ ବୁଦ୍ଧିମତ୍ତା ସମ୍ପନ୍ନ ଆପ୍ ତାଙ୍କ ଶରୀରର ସେହି ଅଂଶରେ ଏକ କଳାଜାଇ ଦେଖାଇଥିଲା, ଯାହା ଅପ୍‌ଲୋଡ ହୋଇଥିବା ଫଟୋରେ ଦେଖାଯାଉ ନ ଥିଲା। ଏହା ଦେଖି ମହିଳା ଜଣକ ବହୁତ ଭୟଭୀତ ହୋଇଗଲେ। ଲୋକମାନେ ଚିନ୍ତା ନ କରି ଏପରି ଆପ୍‌ରେ ସେମାନଙ୍କର ଫଟୋ ଅପ୍‌ଲୋଡ ନ କରିବାକୁ ମଧ୍ୟ ସେ ଚେତାବନୀ ଦେଇଥିଲେ। ସେହିପରିଆଉ ଏକ ଘଟଣା। ଜଣେ ପୁଅ ଗୋଟିଏ ଝିଅକୁ ଏକତରଫା ପସନ୍ଦ କରୁଥିଲା। ଝିଅଟି ପୁଅର ପ୍ରସ୍ତାବରେ ରାଜି ନ ହେବାରୁ ପୁଅଟି ଉତ୍ତେଜିତ ହୋଇ କୃତ୍ରିମ ବୁଦ୍ଧିମତ୍ତା ସାହାଯ୍ୟରେ ନିଜ ଫଟୋ ଏବଂ ସେ ଝିଅର ଫଟୋକୁ ମିଶ୍ରଣ କରି ଏକ ନୂଆନ ଭିଡିଓ ତିଆରି କରି ଝିଅଟିର ସମ୍ପର୍କୀୟ ଏବଂ ବନ୍ଧୁମାନଙ୍କୁ ପଠାଇଥିଲା। ପରିସ୍ଥିତି ଏପରି ହୋଇଥିଲା ଯେ ଝିଅଟି ଆତ୍ମହତ୍ୟା କରିବାକୁ ଚେଷ୍ଟା କରିଥିଲା, କିନ୍ତୁ ତାକୁ ରକ୍ଷା କରାଯାଇପାରିଥିଲା। ଏହା ଏକ ଛୋଟ ଘଟଣା ହେଲେ ବି ଚିନ୍ତାଜନକ। ସାରା ଦେଶରେ ପ୍ରତିଦିନ ଶହ ଶହ ଏପରି ଘଟଣା ଘଟୁଛି, ଯାହା ଯୋଗୁ ଲୋକଙ୍କ ସମ୍ମାନ ଏବଂ ଜୀବନ ହାନିର କାରଣ ହେଉଛି।

ଗତ ସେପ୍ଟେମ୍ବରରେ, ଅଭିନେତ୍ରୀ ଐଶ୍ୱର୍ଯ୍ୟା ରାୟ ବଚ୍ଚନ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ(ଏଆଇ) ବା କୃତ୍ରିମ ବୁଦ୍ଧିମତ୍ତା ଏବଂ ଅନ୍ୟାନ୍ୟ ଉପାୟରେ ଅନେକ ବ୍ୟକ୍ତି ଏବଂ ପ୍ଲାଟଫର୍ମ ତାଙ୍କର ଫଟୋ ଅପବ୍ୟବହାର କରୁଥିବାରୁ ତାହାକୁ ରୋକିବା ପାଇଁ ଦିଲ୍ଲୀ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ। ତାଙ୍କ ଓକିଲ ଯୁକ୍ତି କରିଥିଲେ ଯେ ଐଶ୍ୱର୍ଯ୍ୟା ରାୟ ବଚ୍ଚନଙ୍କ ନାମ ଏବଂ ମୁହଁ ତାଙ୍କ ଅନୁମତି ବିନା ବ୍ୟବହାର କରାଯାଉଛି ଯଦ୍ୱାରା ଜନ ଏ ଭଳି ବିଶେଷରେ ତାଙ୍କର ସମ୍ମାନ କ୍ଷୁଣ୍ଣ ହେଉଛି। ଏପରି କି ତାଙ୍କ ଛବି 'ଯୌନ ଇଚ୍ଛା ପୂରଣ କରିବା' ପାଇଁ ଅନ୍‌ଲାଇନରେ ବ୍ୟବହାର କରାଯାଉଛି, ଯାହାକୁ ସେ 'ଅତ୍ୟନ୍ତ ଦୁର୍ଭାଗ୍ୟଜନକ' ବୋଲି ବର୍ଣ୍ଣନା କରିଥିଲେ। ତାଙ୍କ ନାମରେ ଟଙ୍କା ମଧ୍ୟ ଆଦାୟ କରାଯାଉଥିବା ଅଭିଯୋଗ ଆସୁଛି। ଐଶ୍ୱର୍ଯ୍ୟାଙ୍କ ଆବେଦନ ଭାରତର ମନୋରଞ୍ଜନ ଶିଳ୍ପରେ ଉପେକ୍ଷିତ ଏବଂ ଏଆଇ-ଜେନେରେଟେଡ ବିଷୟବସ୍ତୁ ଦ୍ୱାରା ବଢୁଥିବା ବିପଦକୁ ଉଜ୍ଜ୍ୱଳ କରିଦେଇଥିଲା। କେବଳ ଐଶ୍ୱର୍ଯ୍ୟା ରାୟ ନୁହନ୍ତି, ଅନେକ ସେଲିବ୍ରିଟି ମଧ୍ୟ ସେମାନଙ୍କ ଫଟୋ ଅପବ୍ୟବହାର ହେଉଥିବା ନେଇ କୋର୍ଟଙ୍କ ଦ୍ୱାରସ୍ଥ ହେଉଛନ୍ତି। ପ୍ରକୃତରେ ଏଆଇର ଅପବ୍ୟବହାର କରି ଲୋକଙ୍କୁ ହଇରାଣ କରୁଛନ୍ତି। ଏହା ବ୍ୟକ୍ତି ଗୋପନୀୟତାକୁ ତଥା ମାନବ ଅଧିକାରକୁ ମଧ୍ୟ ଉଲ୍ଲଂଘନ କରୁଛି। ଅନେକଙ୍କ ଜୀବନରେ ସମସ୍ୟା ସୃଷ୍ଟି କରୁଛି। ଏହାର ଅପବ୍ୟବହାର ବିରୋଧରେ କଠୋର ଆଇନ ପ୍ରଣୟନ କରାଯିବା ଉଚିତ, ଯେଉଁଥିରେ କାହାର ଫଟୋ ଏବଂ ଅନ୍ୟାନ୍ୟ ଡକ୍ୟୁମେଣ୍ଟକୁ ଅପବ୍ୟବହାର କରିବାକୁ କେହି ସାହସ କରିପାରିବେ ନାହିଁ।

ଆଜି ମାନବାଧିକାର ଆଲୋଚନା ସମୟରେ କ୍ଷୁଧା, ଦାରିଦ୍ର୍ୟ, ଯୁଦ୍ଧ, କୁପୋଷଣ, ଶିଶୁ ଶ୍ରମିକ,



ଲିଙ୍ଗ-ଭିତ୍ତିକ ହିଂସା ଏବଂ ସ୍ୱାସ୍ଥ୍ୟସେବାର ଅଭାବ ଭଳି ପ୍ରସଙ୍ଗଗୁଡ଼ିକ ସାମ୍ନାକୁ ଆସେ। କିନ୍ତୁ ଏହି ପୁରୁଣା ଚ୍ୟାଲେଞ୍ଜ ମଧ୍ୟରେ ଏକ ନୂତନ ଚ୍ୟାଲେଞ୍ଜ ଦେଖାଦେଇଛି ତାହା ହେଲା କୃତ୍ରିମ ବୁଦ୍ଧିମତ୍ତା ବା ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ। ଏହି ଚ୍ୟାଲେଞ୍ଜ ଏତେ ବ୍ୟାପକ ଯେ ଏହାର ପ୍ରଭାବ କେବଳ ସାମାଜିକ ଜୀବନ, ଆର୍ଥିକ ବ୍ୟବସ୍ଥା, ଶାସନ ବ୍ୟବସ୍ଥା, ନିଯୁକ୍ତି ଏବଂ ଟେକ୍ନୋଲୋଜିକୁ ପରିବର୍ତ୍ତନ କରୁନାହିଁ ବରଂ ମାନବ ଅସ୍ତିତ୍ୱ, ସ୍ୱାଧୀନତା ଏବଂ ଗୋପନୀୟତାର ପରିଭାଷାକୁ ପୁନର୍ଗଠନ ମଧ୍ୟ କରୁଛି। କୃତ୍ରିମ ବୁଦ୍ଧିମତ୍ତାର ବ୍ୟବହାର ମାନବ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ବ୍ୟାପିଗଲାଣି। ନିଷ୍ପତ୍ତି ଗ୍ରହଣ, ଯାହା ଏପର୍ଯ୍ୟନ୍ତ ମାନବ ବିବେକ ହାତରେ ଥିଲା, ତାହା ଧୀରେ ଧୀରେ ମେସିନ ଆଲଗୋରିଦମକୁ ହସ୍ତାନ୍ତର କରାଯାଉଛି। ନ୍ୟାୟପାଳିକାଠାରୁ ସ୍ୱାସ୍ଥ୍ୟ, ଅର୍ଥ, ଶିକ୍ଷା, ସୁରକ୍ଷା, ଗଣମାଧ୍ୟମ ଏବଂ ଚାକିରି ପର୍ଯ୍ୟନ୍ତ କୃତ୍ରିମ ବୁଦ୍ଧିମତ୍ତା ଉପରେ ଆଧାରିତ ନିଷ୍ପତ୍ତି ମାନବ ଅଧିକାରର ଧାରଣାକୁ ଚ୍ୟାଲେଞ୍ଜ କରୁଥିବା ପରି ମନେହୁଏ। ପ୍ରଶ୍ନ ହେଉଛି: କ'ଣ ଏକ ଆଲଗୋରିଦମ ନିର୍ଣ୍ଣୟ କରିପାରିବ ଯେ କିଏ ଅପରାଧୀ, କିଏ ଚାକିରି ପାଇବ, କାହାକୁ ଋଣ ଦିଆଯିବ ଏବଂ କାହାର ପରିଚୟ ସନ୍ଦିଗ୍ଧ କିମ୍ବା କେଉଁ ଧାରଣା ବୈଧ? ଯଦି କୌଣସି ମେସିନ ଭୁଲ ନିଷ୍ପତ୍ତି ନିଏ ତେବେ କିଏ ଦାୟୀ ରହିବ? ମାନବ ଗୋପନୀୟତାକୁ ଏକ ମେସିନର ସମ୍ପତ୍ତି ହୋଇପାରିବ କି? ଡିଜିଟାଲ ପରିଚୟ ଆମର ନୈତିକ ପରିଚୟକୁ ଅତିକ୍ରମ କରିପାରିବ କି ନାହିଁ ଏହି ପ୍ରଶ୍ନ ଅପ୍ରାସଙ୍ଗିକ ମନେ ହେଉଥିଲେ ମଧ୍ୟ ଏହି ଭୟ ଆଜି ଏକ ବାସ୍ତବତା।

ଆଜି, ବିଶ୍ୱର ଅଧିକାଂଶ ଅଂଶ ସ୍ମାର୍ଟଫୋନ, ସୋସିଆଲ ମିଡିଆ ଏବଂ ତଥ୍ୟ-ଚାଳିତ ସିଷ୍ଟମର କବ୍‌ଜାରେ ଅଛି। ଆମର ଆଚରଣ, ଆମର ପସନ୍ଦ, ଆମର ଗୋପନୀୟତା, ଆମର ଦୁର୍ବଳତା ଏବଂ ଆମର ଭବିଷ୍ୟତ ସମ୍ଭାବନାକୁ ତଥ୍ୟ ଆକାରରେ ସର୍ଭରରେ ସଂରକ୍ଷିତ। ଏହି ତଥ୍ୟ ହେଉଛି ଆମର ନୂତନ ପରିଚୟ ଏବଂ ଆମର ଏହି 'ଡିଜିଟାଲ ରୂପ' ମାନବାଧିକାରର ପରିଭାଷାକୁ ଏକ ନୂତନ ସ୍ତରରେ ପହଞ୍ଚାଉଛି। କୃତ୍ରିମ ବୁଦ୍ଧିମତ୍ତାର ସବୁଠାରୁ ବିପଦପୂର୍ଣ୍ଣ ଦିଗ ହେଉଛି ଏହା ନିଜକୁ ନିରପେକ୍ଷ ବୋଲି ଦାବି କରେ, କିନ୍ତୁ ତଥ୍ୟ ଏବଂ ଆଲଗୋରିଦମ ସମାଜର ପକ୍ଷପାତୀ ମାନସିକତାରୁ ମୁକ୍ତ ନୁହେଁ। ଯଦି ତଥ୍ୟ ପକ୍ଷପାତୀ ହୁଏ, ତେବେ ଏଆଇ ସେହି ପକ୍ଷପାତକୁ ବୈଜ୍ଞାନିକ ସତ୍ୟରେ ପରିଣତ କରିବ । ଏହି ପ୍ରଯୁକ୍ତିବିଦ୍ୟା କେତେକ ସମୟରେ ଶକ୍ତ ଶକ୍ତିର ସବୁଠାରୁ ଶକ୍ତିଶାଳୀ ସମ୍ପତ୍ତିରେ ପରିଣତ ମଧ୍ୟ ହୋଇପାରେ। ଏହା ପ୍ରଯୁକ୍ତିବିଦ୍ୟାର ଏକଚ୍ଛତ୍ରବାଦ, ଯାହା ପାଇଁ ଅସ୍ତ୍ରଶସ୍ତ୍ର, ଜେଲ, ହତ୍ୟା କିମ୍ବା ଦୋଷ ବିଚାରର ଆବଶ୍ୟକ କରେ ନାହିଁ। କେବଳ ତଥ୍ୟ, ନିରୀକ୍ଷଣ ଏବଂ ଡିଜିଟାଲ ବିଶ୍ଳେଷଣ ଜଣେ ନାଗରିକଙ୍କୁ ତାଙ୍କର ସ୍ୱାଧୀନତାରୁ ବଞ୍ଚିତ କରିପାରେ। ଗୋପନୀୟତାର ଅଧିକାର, ଡିଜିଟାଲ ପରିଚୟର ସୁରକ୍ଷା, ଆଲଗୋରିଦମିକ ନିଷ୍ପତ୍ତି ଗ୍ରହଣରେ ସ୍ୱଚ୍ଛତା ଆଦି କୃତ୍ରିମ ବୁଦ୍ଧିମତ୍ତା ଚାଳିକାର ଅତ୍ୟାବଶ୍ୟକ ଅଂଶ ହେବା ଆବଶ୍ୟକ। ଯଦି ଆମେ ଏହି ଦିଗରେ ସ୍ପଷ୍ଟ ନୀତି ନ କରୁ, ତେବେ ନିକଟ ଭବିଷ୍ୟତରେ ମଣିଷ ସ୍ୱୟଂ-ନିର୍ଣ୍ଣୟ ନେଉଥିବା ପ୍ରାଣୀରୁ କେବଳ ମେସିନ ଦ୍ୱାରା ନିୟନ୍ତ୍ରିତ ପରିସଂଖ୍ୟାନରେ ପରିଣତ ହୋଇପାରେ।

କୃତ୍ରିମ ବୁଦ୍ଧିମତ୍ତା ମାନବାଧିକାରକୁ ଉଭୟ ସକାରାତ୍ମକ ଏବଂ ନକାରାତ୍ମକ ଭାବରେ ପ୍ରଭାବିତ କରିପାରେ। ତେଣୁ ଏହାର ଉପଯୋଗକୁ ସକାରାତ୍ମକ ଢଙ୍ଗରେ କେବଳ ପ୍ରକୃତିକ ବୁଦ୍ଧିସମ୍ପନ୍ନ ମଣିଷର କାର୍ଯ୍ୟ। କୃତ୍ରିମ ବୁଦ୍ଧିମତ୍ତା ହେଉଛି ବର୍ତ୍ତମାନ ସମୟରେ ଆମର ସହଯୋଗୀ। ଏହାକୁ ବାଦ୍ ଦେଇ ଆଗକୁ ବଢିବା ଆଉ ସମ୍ଭବ ନୁହେଁ। କିନ୍ତୁ ଏହା ଯେପରି ନୈତିକ, ଦାୟିତ୍ୱ ସମ୍ପନ୍ନ ଓ ମାନବିକ ଅଧିକାର ଧାରାରେ ଆଗେଇବ ତାହା ହିଁ ଗୁରୁତ୍ୱପୂର୍ଣ୍ଣ।

**ମୋ:୯୪୩୭୨୩୨୪୬୩**

## ପାଠକ ଶ୍ରେଷ୍ଠ ବିଚାରକ

### ଟ୍ରାଫିକ୍ ସମସ୍ୟା ସୁଧୁରିବ କେବେ

ମହାଶୟ,

ବର୍ଦ୍ଧିତ ଜନସଂଖ୍ୟା ଓ ଟ୍ରାଫିକ୍ ଜାମ୍ ସମସ୍ୟାକୁ କମ୍ କରିବା ଉଦ୍ଦେଶ୍ୟରେ ସରକାର ଏକ ନିୟମ ପ୍ରଣୟନ କରି ରୁଟ୍ ହୋଇସାରିଥିଲେ। ଅତୀତ ସରକାରଙ୍କର ଯାହା କେତେକ ପରିବର୍ତ୍ତନକୁ ଏହି ସରକାର ବାଗୁର ରୂପ ଦେବାର ଅପେକ୍ଷା ଏବଂ ଅସମର୍ଥ। ଭୁବନେଶ୍ୱରରେ ଟ୍ରାଫିକ୍ ସମସ୍ୟା ଦିନକୁ ଦିନ ଅଣାୟତ ହୋଇପଡ଼ୁଛି। ଏଥିପ୍ରତି କାହାର ନିଘା ନାହିଁ। ବିମ୍ବସ୍ତି ପ୍ରଶସ୍ତ ଘରୋଇ ଜମିକୁ ଏକ ଦୀର୍ଘ କାଳୀନ ଭଡା ଅଥବା ଲିଜ୍ ସ୍ତରରେ ନିଆଯାଉଥିଲା ଏବଂ ପାର୍କିଂ ସ୍ଥଳ ପାଇଁ ସମସ୍ତ ଉପକରଣ କରାଯାଉଥିଲା। ହେଲେ ଅଧୁନା କୌଣସି ସିଦ୍ଧାନ୍ତରେ ମଧ୍ୟ ବିଏମ୍‌ସି କିମ୍ବା କମିଶନରେଟ୍ ପୋଲିସ ବିଭାଗ ତୃତୀୟ ଦୃଷ୍ଟିକୁ ନେବାରେ ଅସମର୍ଥ। ଦେଖାଯାଉଛି ଗଲେ କଟକରୋଡ଼ ସଦାସର୍ବଦା ଟ୍ରାଫିକ୍ ଜାମ୍ ଏବଂ ପ୍ରବଳ ଭିଡ଼ ଲାଗି ରହୁଛି। ଏହି ସମସ୍ୟାର ସମାଧାନ ଦିଗରେ ରାଜ୍ୟ ସରକାର ଏବଂ ବିଏମ୍‌ସି ପଦକ୍ଷେପ ନେବା ଦରକାର।

**-ଧର୍ମରାଜ ପଟ୍ଟନାୟକ, ଜୟଦୁର୍ଗାନଗର, କଟକ ରୋଡ଼, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ପ୍ରାନ୍ତର ପଥେ ଖେଳିଉଠୁ ଶ୍ୟାମ ଘାସ
ଅଧରେ ଫୁଟୁ କୋମଳ କମଳ-ହାସ
ନିର୍ମଳ କରି ଆଲୋକ ପବନ
ନିର୍ମଳ କରି ଧରଣୀ ଗଗନ
ଜୀବନର ଧାରା ଦିଅ ହେ ଖେଳାଇ
ବିଶ୍ୱେ ସକଳ ପଥେ
ଅଶ୍ରୁ-ସଲିଳେ ନିର୍ମଳ କର ମୋତେ ।
-(ବର୍ଷା-ଅଶ୍ରୁ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ଖଳାରେ ଜଳିଗଲା ୪ ଏକର ଜମିର ଧାନ

ମୋହନା, (ମନ୍ମଥ ମିଶ୍ର): ମୋହନା ବ୍ଲକ ଅନ୍ତର୍ଗତ ଚାନ୍ଦିପୁଟ ପଞ୍ଚାୟତ କାଳିଆପଟା ଗାଁରେ ଥିବା ଏକ ଧାନଖଳାରେ ଗୁରୁବାର ନିଆଁ ଲାଗି ୪ ଏକର ଜମିର ଲକ୍ଷାଧିକ ଟଙ୍କାର ଧାନ ନଷ୍ଟ ହୋଇଛି। ଚାଷୀ ତ୍ରିନାଥ ଦଳାଇ ଏବଂ ତାଙ୍କ ଭାଇ ମହେଶ୍ୱର ଦଳାଇ ଧାନ କାଟି ଖଳାରେ ରଖିଥିଲେ। ହଠାତ୍ ଧାନଖଳାରେ ନିଆଁ ଲାଗି ଯାଇଥିଲା। ଏହା ଦେଖି ତ୍ରିନାଥ ମୋହନା ଅଗ୍ନିଶମବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ କରିଥିଲେ। ତେବେ କେଉଁ କାରଣରୁ ନିଆଁ ଲାଗିଲା ତାହା ଜଣାପଡିନାହିଁ।



## ଅଭ୍ୟାସ କରି ପାଠପଢ଼ା ଜାରି ରଖ, ନିଶ୍ଚିତ ସଫଳତା ପାଇବ

ଶେରଗଡ଼,୧୮।୧୨(ସୂର୍ଯ୍ୟ ନାରାୟଣ ଦାଶ)

ଶେରଗଡ଼ସ୍ଥିତ ମହାତ୍ମାଗାନ୍ଧୀ ଉଚ୍ଚ ବିଦ୍ୟାଳୟ ବାର୍ଷିକ ଉତ୍ସବ ଗୁରୁବାର ପାଳିତ ହୋଇଯାଇଛି। ଆୟୋଜିତ ସମାରୋହରେ ମୁଖ୍ୟ ଅତିଥି ଭାବେ ଶେରଗଡ଼ ଥାନା ଅଧିକାରୀ ବୀରେନ୍ଦ୍ର ସିଆଳ, ସମ୍ମାନିତ ଅତିଥି ଭାବେ ଏବିଇଓ ଶୈଉନ୍ଦ୍ରି ଦଳେଇ,ଅବସର ପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରଶ୍ନ କୁମାର ପଣ୍ଡା, ଖବରଦାତା ସୂର୍ଯ୍ୟ ନାରାୟଣ ଦାଶ, ସୁବ୍ରତ ପଣ୍ଡା, ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଶାନ୍ତ ଡାକୁଆ, ସିଆରସିସି ଜଗନ୍ନାଥ ସେଠୀ,ଆଶିଷ ସେଠୀ ଓ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୀମାଞ୍ଚଳ ପ୍ରଧାନ ଉପସ୍ଥିତ ଥିଲେ। ମୁଖ୍ୟଅତିଥି ଶିଆଳ କହିଥିଲେ, ବିଦ୍ୟାଳୟକୁ ଆମେ ଜ୍ଞାନ ସଂଗ୍ରହ ପାଇଁ ଆସୁଛେ। ଏଠାକୁ ଆସିବା ପରେ ଆମେ ଗୁରୁମା ଗୁରୁଜୀଙ୍କୁ ସମ୍ମାନ ଦେବା ଉଚିତ୍ ନିଜ ପାଠ ପଢ଼ାକୁ ଅଭ୍ୟାସଗତ ଭାବେ ଜାରି ରଖିଲେ ନିଶ୍ଚିତ ଭାବେ ସଫଳତା ମିଳିବ ବୋଲି ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ପ୍ରଧାନ ଶିକ୍ଷକ ସନ୍ତୋଷ ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ। ସହକାରୀ ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ସ୍ୱାଇଁ, ଜାନକୀ ଖଣ୍ଡୁଆଳ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

### ଦୟାନଦୀ ନିକଟରେ ନାବାଳିକାଙ୍କୁ ଗଣବଳାତ୍କାର ଘଟଣା

## ମୁଖ୍ୟ ଅଭିଯୁକ୍ତ ଗଞ୍ଜାମରୁ ଗିରଫ, କ୍ରାଇମ୍ ସିନ୍ ରିକ୍ରିଏଟ୍

ଭୁବନେଶ୍ୱର,୧୮।୧୨(ସତ୍ୟଜିତ ରାଉତ): ସମ୍ପର୍କୀୟଙ୍କ ସହ ଧଉଳି ବୁଲିବାକୁ ଯାଇଥିବା ଜଣେ ନାବାଳିକାଙ୍କୁ ଦୟାନଦୀ ନିକଟରେ ଗଣବଳାତ୍କାର ଘଟଣାରେ ପୋଲିସ ଅଧିକ ତଦନ୍ତ ଜାରି ରଖିଛି। ଏହି ଘଟଣାରେ ମୁଖ୍ୟ ଅଭିଯୁକ୍ତ ଥିବା ସତ୍ୟପ୍ରକାଶ ହାତୀ ଓରଫ ଜୋକର୍ ହାପିଙ୍କୁ ପୋଲିସ ଟିମ୍ ଗଞ୍ଜାମରୁ ଗିରଫ କରିଛି। ଏହି ଲୋମ ଟାଙ୍କୁରା କାଣ୍ଡ ଘଟାଇବା ପରେ ହାପି ଫେରାର ହୋଇଯାଇଥିଲେ। ସେ ବିଭିନ୍ନ ସ୍ଥାନରେ ଲୁଚି ରହି ପୋଲିସକୁ ଚକ୍ମା ଦେଉଥିଲେ। ସେ ଗଞ୍ଜାମରେ ଥିବା ଜାଣି ସ୍ପେଶାଲ ସ୍କ୍ୱାଡ୍ ଓ ଧଉଳି ପୋଲିସର ମିଳିତ ଟିମ୍ ତାଙ୍କୁ କାବୁ କରିଛି। ତେବେ ହାପିଙ୍କୁ ପୋଲିସ ଗୁରୁବାର ଘଟଣାସ୍ଥଳକୁ ନେଇ କ୍ରାଇମ ସିନ୍ ରିକ୍ରିଏଟ୍ କରିଛି। କିଭଳି ଉଭୟଙ୍କୁ ଆକ୍ରମଣ କରି ନାବାଳିକାଙ୍କୁ ବଳାତ୍କାର କରିଥିଲେ, ତାହା ଗୋଟି ଗୋଟି କରି ପୋଲିସ ଟିମ୍‌କୁ କହିଥିଲେ ଅଭିଯୁକ୍ତ ହାପି। ତାଙ୍କୁ କୋର୍ଟଚାଲାଣ ପରେ ଜାମିନ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ଘଟଣାରେ ସହଅଭିଯୁକ୍ତ ବିଭୁ ପ୍ରସାଦ ମିଶ୍ର ଓ କାଳନ୍ଦୀ ପାତ୍ର ଗିରଫ ହୋଇ ଜେଲରେ ଅଛନ୍ତି। ହାପି ଏହି ଘଟଣାରେ ନାବାଳିକାଙ୍କ ନଗ୍ନ ଭିଡିଓ ରେକର୍ଡ କରି ମୋବାଇଲରେ ରଖିଥିଲେ। ସେ ପୂର୍ବରୁ ଏକାଧିକ ମାମଲାରେ ଜେଲ ମଧ୍ୟ ଯାଇଥିଲେ। ତାଙ୍କ ବିରୋଧରେ ହତ୍ୟା ଉଦ୍ୟମଠାରୁ ଆରମ୍ଭ କରି, ଲୁଟ୍, ଚୋରି, ଜମି ଜବରଦଖଲ, ଘରେ ପଶି ଆକ୍ରମଣ ଆଦି ୨୦ଟି ସଙ୍ଗିନ ମାମଲା ରହିଛି। ସେ କିଛିଦିନ ତଳେ ଏକ ମାମଲାରେ ଜାମିନ ପାଇ ଜେଲରୁ ମୁକୁଳିଥିଲେ। ଏହି ଘଟଣାରେ ଆଉ ୨ ଅଭିଯୁକ୍ତ ଫେରାର ଥିବା କୁହାଯାଉଥିବା ବେଳେ ପୋଲିସ ତାଙ୍କୁ ଚିହ୍ନଟ ଓ ଧରିବାକୁ ପ୍ରୟାସ କରୁଛି।

ସୂଚନାଯୋଗ୍ୟ, ଯୁକ୍ତ୨ରେ ପଢୁଥିବା ୧୭ ବର୍ଷୀୟା ପୀଡ଼ିତା ଜଣକ ଗତ ୧୦ ତାରିଖରେ ସମ୍ପର୍କୀୟଙ୍କ ସହ ଧଉଳି ବୁଲିବାକୁ ଯାଇଥିଲେ। ସେମାନେ ସନ୍ଧ୍ୟାରେ ଘରକୁ ଫେରୁଥିବା ସମୟରେ ଏଭଳି ଅପରାଧର ଶିକାର ହୋଇଥିଲେ। ଦୟାନଦୀ ପଠା ଲିଙ୍ଗିପୁର ଗ୍ରାମ ନିକଟରେ ଏକ ଶୁନଶାନ୍ ସ୍ଥାନରେ ଅଭିଯୁକ୍ତମାନେ ନାବାଳିକା ଓ ତାଙ୍କ ସମ୍ପର୍କୀୟଙ୍କୁ ଅଟକାଇଥିଲେ। ସେମାନେ ଉଭୟଙ୍କଠାରୁ ଲୁଟ୍ କରିବା ସହ ପୁରୁଷବନ୍ଧୁଙ୍କୁ ଘେରିଯାଇ ମାଡ଼ ମାରିଥିଲେ। ଏହାପରେ ନାବାଳିକାଙ୍କୁ ତାଙ୍କ ସମ୍ପର୍କୀୟଙ୍କ ସାମ୍ନାରେ ଗଣବଳାତ୍କାର କରିଥିଲେ। ଏନେଇ ନାବାଳିକାଙ୍କ ମା' ୧୧ ତାରିଖ ସକାଳେ ଧଉଳି ଥାନାରେ ଲିଖିତ ଅଭିଯୋଗ କରିଥିଲେ।

## ଜିଲାପାଳଙ୍କୁ ଭେଟିଲେ ଶୀତ ମହୋତ୍ସବ କମିଟି ସଦସ୍ୟ

ଜି.ଉଦୟଗିରି,୧୮।୧୨(ଶିଶିର ପଟ୍ଟନାୟକ/ଚିନ୍ମୟ କୁମାର ସେଠୀ)

କନ୍ଧମାଳ ଜିଲା ଜି.ଉଦୟଗିରିଠାରେ ଶୀତ ମହୋତ୍ସବ ଆୟୋଜନ ନିମନ୍ତେ ପ୍ରସ୍ତୁତି ଚାଲିଥିବା ବେଳେ କମିଟିର ଏକ ପ୍ରତିନିଧିମଣ୍ଡଳୀ ଜିଲାପାଳ ବେଦଭୂଷଣଙ୍କୁ ଭେଟି ବିଭିନ୍ନ ବିଷୟକୁ ନେଇ ଆଲୋଚନା କରିଥିଲେ। ଏହି ପ୍ରତିନିଧିମଣ୍ଡଳୀରେ ପରିଷଦ ଅଧ୍ୟକ୍ଷା ଦେବସ୍ମିତା ଶତପଥୀ, ବ୍ଲକ୍ ଅଧ୍ୟକ୍ଷା ସୁଷମା ପ୍ରଧାନ, ମଧୁଲିନା ଦିଗାଲ, ଜିଆଉଦ୍ଦିନ ଅହମଦ, ଆଶୁତୋଷ ସାହୁ ପ୍ରମୁଖ ଜିଲାପାଳଙ୍କ ସହ ସାକ୍ଷାତ କରିଛନ୍ତି। ସ୍ଥାନୀୟ ଅଞ୍ଚଳରେ ଥିବା ବିଭିନ୍ନ ପର୍ଯ୍ୟଟନସ୍ଥଳୀ ଗୁଡ଼ିକର ପୁନରୁଦ୍ଧାର ସହ ପ୍ରଚାର ପ୍ରସାର ନିମନ୍ତେ ଆଲୋଚନା କରାଯାଇଥିଲା। ପ୍ରତିବର୍ଷ ଶୀତ ମହୋତ୍ସବ ଆୟୋଜନ କରିବା ପାଇଁ ଜିଲାପାଳ କହିବା ସହ ମହୋତ୍ସବ ନିମନ୍ତେ ସରକାରଙ୍କ ଆର୍ଥିକ ଅନୁଦାନ ରାଶି ବର୍ତ୍ତମାନ ସୁଦ୍ଧା ଆସିନାହିଁ। ଆସିଲେ ପ୍ରଶାସନ ତରଫରୁ ସମସ୍ତ ସହଯୋଗ କରାଯିବ ବୋଲି କହିଥିଲେ। ଶୀତ ମହୋତ୍ସବରେ ଓର୍ମାସ ତରଫରୁ ଷ୍ଟଲ ଏବଂ ସାଂସ୍କୃତିକ ବିଭାଗ ଦ୍ୱାରା ନୃତ୍ୟଦଳ ପ୍ରେରଣ ନିମନ୍ତେ ସୁପାରିସ କରାଯାଇଛି। ଜିଲା କ୍ରୀଡ଼ା ବିଭାଗକୁ ଖେଳପଡ଼ିଆ, ଇନଡୋର ଷ୍ଟାଡିୟମ, ହବାକ୍ ହାଇସ୍କୁଲ ଖେଳ ପଡ଼ିଆର ବ୍ୟବହାର ପାଇଁ ଅନୁମତି ପତ୍ର ବିଭାଗୀୟ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି।

## ଇଡି, ସିବିଆଇ ବିରୋଧରେ କଂଗ୍ରେସର ପଦଯାତ୍ରା

ଫୁଲବାଣୀ,୧୮।୧୨
(ରାକେଶ କୁମାର ରାଉତ)




ନ୍ୟାସନାଲ ହେରାଲ୍ଡ ମାମଲାରେ କୋର୍ଟଙ୍କ ରାୟ ପରେ କଂଗ୍ରେସ ଇଡି ଏବଂ ସିବିଆଇକୁ ଟାର୍ଗେଟ କରିଛି। ଗୁରୁବାର ଜିଲା କଂଗ୍ରେସ ପକ୍ଷରୁ ଇଡି ଏବଂ ସିବିଆଇ ବିରୋଧରେ ପଦଯାତ୍ରା କରାଯାଇଛି। କଂଗ୍ରେସର ବିଜୟ ହେଲା। ଚକ୍ରାନ୍ତକାରୀ ଭାଜପା ଦେଶବାସୀଙ୍କୁ କ୍ଷମା ମାଗୁ ବୋଲି କଂଗ୍ରେସ କର୍ମକର୍ତ୍ତା ନାରାବାଜି କରିଛନ୍ତି। ଜିଲା କଂଗ୍ରେସ କମିଟି ସଭାପତି ଚନ୍ଦ୍ରଶେଖର ପରିଡ଼ାଙ୍କ ନେତୃତ୍ୱରେ ଦଳୀୟ କର୍ମକର୍ତ୍ତା କଂଗ୍ରେସ କାର୍ଯ୍ୟାଳୟରୁ ବାହାରି ସହର ପରିକ୍ରମା କରିଥିଲେ। ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ପ୍ରତିବାଦ ସଭା କରି ଭାଜପା କିପରି ୧୦ ବର୍ଷ ହେଲା ଇଡି ଏବଂ ସିବିଆଇକୁ ବ୍ୟବହାର କରୁଛି ତାହା ଉପରେ ଉପସ୍ଥିତ ଜନସାଧାରଣଙ୍କୁ ଅବଗତ କରିଥିଲେ।ଏହି ପଦଯାତ୍ରାରେ ପୂର୍ବତନ ଏମ୍‌ପି ରାଧାକାନ୍ତ ଦିଗାଲ, ପୂର୍ବତନ ଜିଲା କଂଗ୍ରେସ ସଭାପତି ରଜତ ମହାନ୍ତି, ନନ୍ଦ କିଶୋର ଦାସ, ବସନ୍ତ ପାଢ଼ୀ, ବରିଷ୍ଠ କାର୍ଯ୍ୟକର୍ତ୍ତା ହେମନ୍ତ କର, ସଂସାର ଭୋଇ, ପଞ୍ଚାନନ ମୁଖି, ରାଜୀବ ଲୋଚନ ସାହାଣୀ, ସରୋଜ ପ୍ରଧାନ, ଦୁର୍ଯ୍ୟୋଧନ ପଟ୍ଟନାୟକ ପ୍ରମୁଖ ସାମିଲ ଥିଲେ।

## ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

ଛତ୍ରପୁର,୧୮।୧୨(ଦିଲୀପ ସାମଲ): ଆର୍ଯ୍ୟପଲ୍ଲୀ ସାମୁଦ୍ରିକ ଥାନା ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଥାନା ପରିସରରେ ଅନୁଷ୍ଠିତ ହୋଇଯାଇଛି। କମ୍ୟୁନିଟି ପୋଲିସ ପ୍ରୋଗ୍ରାମ ଆନୁକୂଲ୍ୟରେ ମୁନିସିପେଣ୍ଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଆର୍ଯ୍ୟପଲ୍ଲୀ ସାମୁଦ୍ରିକ ଥାନାର ମିଳିତ ସହଯୋଗରେ ଆୟୋଜିତ ଏହି ଶିବିରରେ ଛତ୍ରପୁର ଏସଡିପିଓ ଚନ୍ଦନ ଘଡେଇ, ଆର୍ଯ୍ୟପଲ୍ଲୀ ସାମୁଦ୍ରିକ ଥାନା ଅଧିକାରୀ ବିଦ୍ୟା ଭାରତୀ ନାୟକ, ଆର୍ଯ୍ୟପଲ୍ଲୀ ସରପଞ୍ଚ ତ୍ରିଲୋଚନ ବେହେରା, ମୁନିସିପେଣ୍ଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧୀକ୍ଷକ ଡା. ସ୍ୱାଧୀନ କୁମାର ରଥ, ତଟରକ୍ଷୀ ବାହିନୀର ବରିଷ୍ଠ ଅଧିକାରୀଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ। ଏଥିରେ ପଞ୍ଚାୟତର ବହୁ ରୋଗୀ ଯୋଗଦେଇ ନିଜ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ।

## ଜାନୁଆରୀ ୧୮ରୁ ଗଜପତି ମହୋତ୍ସବ

ପାରଳାଖେମୁଣ୍ଡି,୧୮।୧୨(ଗିରିଧାରୀ ପରିଚ୍ଛା)

ଗଜପତି ମହୋତ୍ସବ–୨୦୨୫ ପାଳନ ପାଇଁ ଗୁରୁବାର ଅତିରିକ୍ତ ଜିଲାପାଳ ମୁନୀନ୍ଦ୍ର ହୋନନାଗାଙ୍କ ଅଧ୍ୟକ୍ଷତାରେ ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରଶିକ୍ଷଣ କେନ୍ଦ୍ରରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ରୂପେ ପାରଳାଖେମୁଣ୍ଡି ବିଧାୟକ ରୁପେଶ କୁମାର ପାଣିଗ୍ରାହୀ, ସମ୍ମାନିତ ଅତିଥି ଜିଲା ପରିଷଦ ଅଧ୍ୟକ୍ଷ ଜି.ତିରୁପତି ରାଓ, ପୌର ଅଧ୍ୟକ୍ଷା ନିର୍ମଳା ସେଠୀ, ଅତିରିକ୍ତ ଜିଲାପାଳ ଫାଲଗୁନୀ ମାଝୀ, ଜିଲା ପରିଷଦ ଅତିରିକ୍ତ ନିର୍ବାହୀ ଅଧିକାରୀ ପୃଥୀରାଜ ମଣ୍ଡଳ, ଉପଜିଲାପାଳ ଅନୁପ ପଣ୍ଡା ଓ ଜିଲା ସଂସ୍କୃତି ଅଧିକାରୀ ଅର୍ଚ୍ଚନା କୁମାରୀ ମଙ୍ଗରାଜ ଉପସ୍ଥିତ ଥିଲେ। ଆଲୋଚନା ପରେ ଆସନ୍ତା ଜାନୟାରୀ ୧୮ରେ ଗଜପତି ଉତ୍ସବ ଓ ପଲ୍ଲୀଶ୍ରୀ ମେଳା ଗଜପତି ଷ୍ଟାଡିୟମଠାରେ ଅନୁଷ୍ଠିତ ହେବାକୁ ନିଷ୍ପତ୍ତି ହୋଇଥିଲା। ଏଥିପାଇଁ ପବିତ୍ର ମହେନ୍ଦ୍ରଗିରି ପର୍ବତ ଗିରିଶୃଙ୍ଗଠାରୁ ମଶାଲ ଶୁଭାରମ୍ଭ ହେବ। ଏହି ଉତ୍ସବ ୨୨ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ଅବସରରେ ଜିଲାର ଉତ୍ପାଦିତ କୁଟୀର ଶିଳ୍ପ ସାମଗ୍ରୀ, କୃଷୀ ଜାତ ଦ୍ରବ୍ୟ, ହସ୍ତତନ୍ତ୍ର ସାମଗ୍ରୀ ସମେତ ବିଭିନ୍ନ ଜିଲାରୁ ଆସୁଥିବା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ ସାମଗ୍ରୀଗୁଡ଼ିକର ବିକ୍ରି ଓ ପ୍ରଦର୍ଶନ କରାଯିବ। ଉତ୍ସବର ସଫଳତା ପାଇଁ ବିଭିନ୍ନ କମିଟି ଗଠନ କରାଯାଇ ଦାୟିତ୍ୱ ବଣ୍ଟନ ବ୍ୟବସ୍ଥା ହୋଇଛି।

## ବିଧାନସଭାସ୍ତରୀୟ ସାଂସଦ ଖେଳ ମହୋତ୍ସବ

ଜି.ଉଦୟଗିରି,୧୮।୧୨(ଚିନ୍ମୟ କୁମାର ସେଠୀ)

ଜି.ଉଦୟଗିରି ହବାକ୍ ଉଚ୍ଚ ବିଦ୍ୟାଳୟର ଖେଳ ପଡ଼ିଆରେ ବିଡିଓ ଶରତ ଚନ୍ଦ୍ର ମଲ୍ଲିକଙ୍କ ସଭାପତିତ୍ୱରେ ୪ଟି ବ୍ଲକ ଏବଂ ଏନ୍‌ଏସିକୁ ନେଇ ବିଧାନସଭାସ୍ତରୀୟ ସାଂସଦ ଖେଳ ମହୋତ୍ସବ ଅନୁଷ୍ଠିତ ହୋଇଛି। ଏଥିରେ କବାଡ଼ି, ଖୋଖୋ, ଚେସ୍, ପୁଚି, ବ୍ୟାଡମିଣ୍ଟନ, ଫୁଟବଲ, କ୍ରିକେଟ, ଭଲିବଲ ଭଳି ୮ ଟି ଇଭେଣ୍ଟରେ ସମୁଦାୟ ୫୬୦ ଜଣ ବାଳିକା ଓ ବାଳକ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ମହୋତ୍ସବକୁ ବ୍ଲକ୍ ଅଧ୍ୟକ୍ଷା ସୁଷମା ପ୍ରଧାନ ଉଦ୍‌ଘାଟନ କରିଥିଲେ। ଉପାଧ୍ୟକ୍ଷ ଏନ୍ ଲୁକ୍, ସାଂସଦ ପ୍ରତିନିଧି ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଉଦଯାପନୀ ଉତ୍ସବରେ ଏନଏସି ଅଧ୍ୟକ୍ଷା ଦେବସ୍ମିତା ଶତପଥୀ, ବ୍ଲକ ଅଧ୍ୟକ୍ଷା ସୁଷମା ପ୍ରଧାନ, ବିଡିଓ ମଲ୍ଲିକ, ଇଓ ଆଶୁତୋଷ ଗୌରବ କର, ଏବିଡିଓ ସତ୍ୟନାରାୟଣ ମିଶ୍ର, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ରୋଜାଲିନ ନାୟକ ଓ ଅନ୍ୟମାନେ ଉପସ୍ଥିତ ରହି କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।

## ବିଶ୍ୱ ସଂଖ୍ୟାଲଘୁ ଦିବସ ଓ ପ୍ରି ଖ୍ରୀଷ୍ଟମାସ ଉତ୍ସବ ପାଳିତ

ମୋହନା,୧୮।୧୨(ମନ୍ମଥ ମିଶ୍ର)

ଗଜପତି ଜିଲା ମୋହନା ହାଇସ୍କୁଲ ପଡିଆରେ ବିଶ୍ୱ ସଂଖ୍ୟାଲଘୁ ଦିବସ ଓ ପ୍ରି ଖ୍ରୀଷ୍ଟ ମାସ ପାଳତ ହୋଇଛି। ଗଜପତି, କନ୍ଧମାଳ ଓ ରାୟଗଡା ଜିଲାର ବହୁ ଖ୍ରୀଷ୍ଟ ଧର୍ମାବଲମ୍ବୀ ପ୍ରଥମେ ମୋହନା ତହସିଲ କାର୍ଯ୍ୟାଳୟ ନିକଟରେ ଏକତ୍ରିତ ହୋଇ ସେଠାରୁ ଶୋଭାଯାତ୍ରା ବାହାରି ହାଇସ୍କୁଲ ପଡିଆରେ ପହଞ୍ଚିଥିଲେ। ସେଠାରେ ଯୀଶୁଙ୍କ ପ୍ରାର୍ଥନା କରି ଖ୍ରୀଷ୍ଟ ମାସ କେକ କାଟି ପ୍ରି ଖ୍ରୀଷ୍ଟମାସ୍ ପାଳନ କରିଥିଲେ। ଜିଲା ସଭାପତି ରାମ ଦଳବେହେରାଙ୍କ ଅଧ୍ୟକ୍ଷତା ରେ ଓ ସମ୍ପାଦକ ରସାନନ୍ଦ ପାଣିଙ୍କ ସଂଯୋଜନାରେ ହୋଇଥିବା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ବ୍ରହ୍ମପୁର ଡାଇସର ବିଶପ ଶରତ ଚନ୍ଦ୍ର ନାୟକ, ମୁଖ୍ୟବକ୍ତା ରାୟପୁର ବିଶପ ଡ. ଜିତୁ ଲିମ୍ପା, ଅନ୍ୟତମ ଅତିଥି ରୂପେ ପାରଳାଖେମୁଣ୍ଡି ବିଧାୟକ ରୁପେଶ ପାଣିଗ୍ରାହୀ, ମୋହନା ବିଧାୟକ ଦାଶରଥି ଗମାଙ୍ଗ, ସମ୍ମାନିତ ଅତିଥି ରୂପେ ଜିଲା ପରିଷଦ ଅଧ୍ୟକ୍ଷ ଜି.ତିରୁପତି ରାଓ, ବିଜେଡି ଜିଲା ସଭାପତି ପ୍ରଦୀପ ନାୟକ, ଆରଏସ୍‌ଏସ୍ ସହ ପ୍ରାନ୍ତ ଶାରୀରିକ ପ୍ରଶିକ୍ଷଣ ପ୍ରମୁଖ ଅଶୋକ ରଣଜିତ, ବ୍ଲକ ଅଧ୍ୟକ୍ଷ ରଞ୍ଜୀବ ଶବର, ବ୍ରହ୍ମପୁର ପାଳକ ଥିଅଫିଲ ନାୟକ, କଟକ ବିଶପ ଡ. ସୁରେନ୍ଦ୍ର ନନ୍ଦ, ରେଭ. ଲିଭିଙ୍ଗଷ୍ଟନ ଗମାଙ୍ଗ, ଅବ୍ରାହାମ ଗମାଙ୍ଗ, ମୋହନା ଫାଦର ଆଇସାକ ନାୟକ, ଆରଏସଏସ ଧର୍ମ ଜାଗରଣ ଜିଲା ସଂଯୋଜକ ପ୍ରଶାନ୍ତ ସୁବୁଦ୍ଧି, ଶିବରାମ ସୁଆରଙ୍କ ସମେତ ବହୁ ଧର୍ମଯାଜକ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଅଭୟ ପରିଚା, ପାଳକ ପ୍ରସନ୍ନ ମାଳି, ସାଗର ବଳିୟାର ସିଂ ପରିଚାଳନା କରିଥିଲେ।

**DISTRICT PROJECT OFFICE**
**SAMAGRA SIKSHYA, SUNDARGARH**
E-mail : dpcsndgssa@nic.in
No.3903/Ped/2025 Dated.18.12.2025

**TENDER CALL NOTICE**

Sealed tender under two bid systems are invited from reputed agency/ suppliers/manufacturer having valid PAN, GST & IT clearance along with registration of firm etc. for supply of equipment for OVEP activities. The tender paper (bid documents) containing detailed specification with terms & conditions, application for technical and financial bid can be downloaded from district website i.e. http://www.sundargarh.odisha.gov.in and OSEPA website i.e. www.osepa.odisha.gov.in.The last date and time for submission of tender paper is 15- 01-26 by 4 PM and will be opened on 16-01-26 at 11`AM in the office of the Collector, Sundargarh in the presence of bidders or their authorized representative. Corrigendum/ addendum if required will be uploaded in the above website. Hence, the potential bidders are requested go through the above website for any updates. The authority reserves all the rights to reject/modify or cancel part or whole tender without assigning any reason thereof.

By Order of
**Collector-cum-Chairperson,**
**SS, Sundargarh**
**Sd./- DEO & DPC, SS, Sundargarh**

**BERHAMPUR UNIVERSITY**
**BHANJA VIHAR, BERHAMPUR-760007 (ODISHA)**
Letter No.8133/Adm-I (TE) Date:18.12.2025

**WALK-IN-INTERVIEW**

Walk-in-Interview will be held for engagement of **02 (TWO)** Assistant Professors **(English -1 post and Botany -1 post)** in Liberal Discipline and Pedagogy for ITEP on contractual basis in the **School of Education, Berhampur University** for Integrated Teacher Education Programme (ITEP) to be engaged from the academic session 2026-27 under Self-Financing mode.

The Walk-in-Interview will be held in the **New Syndicate Hall, Berhampur University** on **22.12.2025 at 10.30 A.M.** The tenure of the post is initially for one year and may be extended on year-to-year basis with one day break subject to satisfactory performance. In no circumstances the appointed contractual teachers shall claim for regular teaching posts and for this they have to give an undertaking on Non-Judicial Stamp Paper. For all purposes, they shall abide by Self-Financing Course Guidelines of the University.

The University reserves the right to cancel the Walk-in-Interview without assigning any reason thereof. For further details on number of posts, eligibility criteria etc., please visit University website: **www.buodisha.edu.in.**

**By Order of the Vice-Chancellor**
**Sd./- REGISTRAR**

## ପ୍ରତିବାଦରେ ବିଦ୍ୟାଳୟ ସମ୍ମୁଖରେ ଗ୍ରାମବାସୀଙ୍କ ଧାରଣା




ବିଦ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିବା ଗ୍ରାମବାସୀ।

- ଶିଶୁ ସେବିକା ନିଯୁକ୍ତିରେ ଅନିୟମିତତା ଅଭିଯୋଗ
- ସରକାରଙ୍କ ନିୟମାନୁସାରେ ଚୟନ ପ୍ରକ୍ରିୟା ହୋଇଛି : ପ୍ରଧାନ ଶିକ୍ଷକ

ଗଞ୍ଜାମ,୧୮।୧୨(ଅନାଥ ତରାଇ)

ଗଞ୍ଜାମ ବ୍ଲକ ସାନରାମଚନ୍ଦ୍ରପୁର ପଞ୍ଚାୟତର ଗୌରାଙ୍ଗପାଟଣା ଗ୍ରାମରେ ଶିଶୁ ସେବିକା ନିଯୁକ୍ତିକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସରକାରୀ ଗାଇଡଲାଇନକୁ ଜଳାଞ୍ଜଳି ଦେଇ ପ୍ରଧାନଶିକ୍ଷକ ନିଜ ସମ୍ପର୍କୀୟଙ୍କୁ ନିଯୁକ୍ତି ଦେଇଥିବା ଅଭିଯୋଗ କରି ଗ୍ରାମବାସୀ ବିଦ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି। ଏହାକୁ ନେଇ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି। ପ୍ରକାଶଯେ, ଗତ ୧୪ ତାରିଖରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦେବରାଜ ବେହେରା ଶିଶୁ ସେବିକା ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ କରିଥିଲେ। ଏଥିପାଇଁ ଗ୍ରାମର ୬ ଜଣ ମହିଳା ଆବେଦନ କରିଥିଲେ। ମାତ୍ର ଚୟନ ପ୍ରକ୍ରିୟାରେ ସ୍ୱଚ୍ଛତା ଅବଲମ୍ବନ ନକରି ପ୍ରଧାନ ଶିକ୍ଷକ ନିଜର ଜଣେ ସମ୍ପର୍କୀୟାଙ୍କୁ ଅସହାୟ ଦର୍ଶାଇ ନିଯୁକ୍ତି ଦେଇଥିଲେ। ଏହା ଜଣାପଡିବା ପରେ ବିବାଦ ଆରମ୍ଭ ହୋଇଥିଲା। ଏପରିକି ପରିଚାଳନା କମିଟି ସଭାପତିଙ୍କୁ ନ ଜଣାଇ ଖାଲି କାଗଜରେ ଦସ୍ତଖତ ନିଆଯାଇଥିବା ଅଭିଯୋଗ ହୋଇଛି। ୱାର୍ଡ ମେମ୍ବର ଚନ୍ଦ୍ରମୋହନ ବେହେରା କହିଛନ୍ତି, ଶିକ୍ଷକ ରମାକାନ୍ତ ନାହାକ ତାଙ୍କୁ ଫୋନ୍ କରି ଜାଲ୍ ଦସ୍ତଖତ କରିବାକୁ ସହାୟତା ମାଗିବା ସହ ଟଙ୍କାର ପ୍ରଲୋଭନ ଦେଖାଇଥିଲେ। କ୍ଷତିଗ୍ରସ୍ତ ଆବେଦନକାରୀ ମହିଳା ଓ ଗ୍ରାମବାସୀ ଏନେଇ ବିଇଓ ଏବଂ ବିଡିଓଙ୍କ ଦ୍ୱାରସ୍ଥ ହୋଇଥିଲେ। ମାତ୍ର ସେମାନଙ୍କଠାରୁ ସନ୍ତୋଷଜନକ ଉତ୍ତର ନ ମିଳିବାରୁ ଶେଷରେ ଜିଲାପାଳଙ୍କ କାର୍ଯ୍ୟାଳୟରେ ଅଭିଯୋଗ ପତ୍ର ଦେଇଛନ୍ତି। ଗ୍ରାମବାସୀ ଏହାର ପ୍ରତିବାଦ କରି ଧାରଣାରେ ବସିଛନ୍ତି। ଅନ୍ୟପକ୍ଷରେ ପ୍ରଧାନ ଶିକ୍ଷକ ବେହେରା ସମସ୍ତ ଅଭିଯୋଗକୁ ଖଣ୍ଡନ କରିଛନ୍ତି। ସେ କହିଛନ୍ତି ଯେ, କମିଟିର ଉପସ୍ଥିତିରେ ସରକାରଙ୍କ ନିୟମାନୁସାରେ ଶିଶୁ ସେବିକା ଚୟନ ହୋଇଛି। ଘଟଣା ସ୍ଥଳରେ ରମ୍ଭା ପୋଲିସ ପହଞ୍ଚି ସେମାନଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ ଜଣେ ପ୍ରକୃତ ଅସହାୟ ମହିଳାଙ୍କୁ ନିଯୁକ୍ତି ନ ମିଳିବା ପର୍ଯ୍ୟନ୍ତ ଧାରଣାରୁ ଓହରିବେ ନାହିଁ ବୋଲି କହିଛନ୍ତି।

**STATE BANK OF INDIA**
**Regional Business Office - IV, Khurda**
**ORDER**
Note No.: RBO-IV/HR/2025-26/20 Date: 28.05.2025
**STAFF: AWARD VOLUNTARY VACATION OF EMPLOYMENT UNDER CLAUSE 28 OF THE 8TH BIPARTITE SETTLEMENT DATED 02.05.2005**

**Shri Ranjan Rana,** Associate (CSS), PF ID: 8408920, posted at Banki Branch (0222) is absenting from duty unauthorisedly since 24.06.2024 without submitting an application for leave.

02. Banki Branch (0222) has issued 1st notice for voluntary vacation of employment to Shri Rana Vide Letter No. BR/STAFF/2024-25/24 Dated 15.10.2024 and 2nd notice vide Letter No. BR/STAFF/2024-25/14 Dated 26.11.2024 through Registered Post with AD on his last known address available with the Bank calling upon him to report for duty and submit satisfactory explanation for his unauthorised absence within 30 days from the date of notice. But both the notices have been returned with reason "addressee moved". Notice for voluntary vacation of employment was also published in two daily newspapers, the Dharitri (Odia) and The New Indian Express (English) on 10.04.2025. Shri Rana has, so far, not complied with the instructions contained therein.

03. Now, that Shri Rana has failed to report for duly in spite of the above notices, it is deemed that he has voluntarily vacated his employment amounting to voluntary resignation from the service of the Bank with effect from 12.05.2025.

04. Shri Ranjan Rana is advised to pay one month emoluments within 15 days of the receipt of this order, failing which, the Bank will be constrained to set off the same against his terminal dues and any other amount payable to him, if any, without prejudice to recovering the full amount or part thereof through Competent Count by way of suit.

**Sd/- Regional Manager,**
**State Bank of India, RBO, Khurda**

**AUCTION NOTICE**

**Condemned Technical Equipments of SIB Bhubaneswar are to be disposed off.**

Interested parties may inspect during office hours from 1000 hrs to 1300 hrs & 1500 hrs to 1800 hrs on any working day before 05.01.2026 and submit the sealed quotations by 1700 hrs on 05.01.2026 along with a demand draft (not A/c Payee) of Rs. 2000/- as EMD in favour of DDO, SIB Bhubaneswar payable at SBI Main Branch, Bhubaneswar. Quotation should be submitted either by hand or by DAK in a sealed cover superscribed as "Quotation for auction of Technical Store" and addressed to Assistant Director, SIB (MHA), Bidyut Marg, Unit-V, Bhubaneswar-751001, Telephone No. 0674-2395680. Quotations will be opened in presence of supervising officers and parties present on 06.01.2026 at 1130 hrs.

Quotations of the highest bidder will be accepted as a whole to the best advantage of Govt. and decision of the supervising officers will be final. The highest bidder has to deposit 25% of the bid value on the spot and the remaining 75% of the total bid value will be deposited within seven days before lifting of auctioned articles, failing of which the offer will be rejected and the amount deposited is to be seized. GST of 5% is to be deposited in government account by the highest bidder, having NGT certificate and GST of 18% is to be deposited in government account by the highest bidder, not having NGT certificate. GST deposit receipt is to be submitted before lifting of articles. The prospective bidder has to deal with the hazardous waste/scrap batteries/e-waste as per NGT guidelines with their responsibility. The Head of the office reserves the right to cancel any bid without assigning any reason thereof.

**Office Address: SIB Office (MHA), Govt. Of India, Bidyut Marg, Unit-V, Bhubaneswar.**

**Sd./- Assistant Director**

**e-Procurement Cell**
**Executive Engineer, National Rural Employment Programme, Ranchi**
**JHARKHAND, RANCHI**

**Very Short Term e-Procurement Notice**
**Tender Reference No.31/2025-26**

| Sl. No | Name of Scheme | Estimated Amount (Lac) | Earnest Money (Lac) | BoQ Cost | Scheme Completion Date | Tools & Plant |
|---|---|---|---|---|---|---|
| 1 | चान्हो प्रखण्ड अन्तर्गत Govt UPG High School Sons के लिए सात कमरो का निर्माण | 102.36350 | 205000.00 | 10000.00 | 12 month | कार्य के अनुरूप |
| 3 | Date of Publication of Tender on Website | 20.12.2025 at 9:00 AM | | | | |
| 4 | Start Date of Submission of Bids | 20.12.2025 at 11:00 AM | | | | |
| 5 | Last Date/Time of Submission of Bids | 26.12.2025 at 11:00 AM | | | | |
| 6 | Date/Time of opening of Bid | 29.12.2025 at 2:00 PM | | | | |
| 7 | Name & Address of office Inviting tender e-Procurement Cell, | National Rural Employment Programme, Ranchi. | | | | |
| 8 | Helpline Number of e-procurement Cell | 94727-45569 | | | | |

Any change can be seen on Website http:// Jharkhandtenders.gov.in.
*Any other information can be seen on http:// Jharkhandtenders.gov.in.*

Nodal Officer, e-Procurement Cell
PR 368908 NREP(25-26)#D Executive Engineer, National Rural Employment Program me, Ranchi

ଭାରତ ସରକାର
କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟ
ତ୍ୱରିତ କର୍ପୋରେଟ୍ ସମାପନ ପ୍ରକ୍ରିୟାକରଣ କେନ୍ଦ୍ର (ସି-ପେସ୍), ଆଇ.ଆଇ.ସି.ଏ. ବିଲ୍ଡିଂ, ୭ମ ମହଲା, ପ୍ଲଟ୍-ପି ୬, ୭, ୮, ସେକ୍ଟର-୫, ଆଇ.ଏମ୍.ଟି. ମାନେସର, ଗୁଡ଼ଗାଓଁ, ହରିୟାଣା - ୧୨୨୦୫୦
ଇମେଲ୍: roc.cpace@mca.gov.in

Government of India
Ministry of Corporate Affairs
Centre for Processing Accelerated Corporate Exit (C-PACE),
IICA Building, 7th Floor,
Plot P- 6, 7, 8, Sector-5,
IMT Manesar,
Gurgaon, Haryana - 122050
Email: roc.cpace@mca.gov.in

सत्यमेव जयते

ଫର୍ମ ନଂ. ଏସ୍‌ଟିକେ-୬
**ସର୍ବସାଧାରଣ ବିଜ୍ଞପ୍ତି**
*[କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୨୪୮ର ଉପ-ଧାରା (୨) ଏବଂ ଉପ-ଧାରା (୪) ତଥା କମ୍ପାନୀ (କମ୍ପାନୀ ରେଜିଷ୍ଟରରୁ କମ୍ପାନୀଗୁଡ଼ିକର ନାମ ହଟାଇବା) ନିୟମାବଳୀ, ୨୦୧୬ର ନିୟମ ୭ ଅନୁଯାୟୀ]*

ସର୍ବସାଧାରଣ ନୋଟିସ: ଆର୍‌ଓସି/ସି-ପେସ୍/ଏସ୍‌ଟିକେ-୨/୨୪୮(୨)/୨୦୨୫-୨୬/୧୫୬୦ ତାରିଖ:- ୧୨।୧୨।୨୦୨୫
ସନ୍ଦର୍ଭ:
କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୨୪୮ ଅଧୀନରେ ଓଡ଼ିଶା ରାଜ୍ୟରେ (୩)ଟି କମ୍ପାନୀର ନାମକୁ କାଟିବା ବା ହଟାଇବା ମାମଲାରେ:

| କ୍ର.ସଂ. | ୱାର୍କ ଆଇଟମ୍ | ସିଆଇଏନ୍ | କମ୍ପାନୀର ନାମ |
|---|---|---|---|
| ୧ | ଏବି୮୭୫୮୮୭୯ | ୟୁ୫୨୬୦୯ଓଆର୍‌୨୦୨୨ପିଟିସି୦୩୯୭୬୩ | ମହାକୁଡ଼ ଆସୋସିଏଟ ଟ୍ରେଡିଂ ଏଣ୍ଟରପ୍ରାଇଜେସ୍ ପ୍ରାଇଭେଟ୍ ଲିମିଟେଡ୍ |
| ୨ | ଏବି୮୭୭୧୮୮୪ | ୟୁ୭୪୯୯୪ଓଆର୍‌୨୦୧୮ପିଟିସି୦୨୮୮୪୫ | ଏନ୍‌ପିଏସ୍‌ଏମ୍ ଇନ୍‌ଫ୍ରା ପ୍ରାଇଭେଟ୍ ଲିମିଟେଡ୍ |
| ୩ | ଏବି୯୦୫୭୩୯୭ | ୟୁ୫୧୯୦୯ଓଆର୍‌୨୦୨୨ପିଟିସି୦୩୮୯୧୯ | ଟଣ୍ଡନ ବୁଲିୟନ ଏନ୍ ଜୁଏଲର୍ସ ପ୍ରାଇଭେଟ୍ ଲିମିଟେଡ୍ |

(୨) ଏତଦ୍ୱାରା ନୋଟିସ ଦିଆଯାଉଛି ଯେ କମ୍ପାନୀ ନିବନ୍ଧକ କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୨୪୮(୨) ଅଧୀନରେ ଉପରଦର୍ଶିତ କମ୍ପାନୀଗୁଡ଼ିକଠାରୁ ନିମ୍ନଲିଖିତ କୌଣସି କାରଣ ପାଇଁ ଏହାର/ସେମାନଙ୍କର ନାମ(ଗୁଡ଼ିକ)କୁ କମ୍ପାନୀ ରେଜିଷ୍ଟରରୁ ହଟାଇବା ଲାଗି ଦରଖାସ୍ତ ପ୍ରାପ୍ତ କରିଛନ୍ତି। ସମ୍ପୃକ୍ତ କମ୍ପାନୀ(ଗୁଡ଼ିକ) ସେମାନଙ୍କର ନିଗମୀକରଣ ତାରିଖଠାରୁ ୧ ବର୍ଷ ମଧ୍ୟରେ ବ୍ୟବସାୟ ଆରମ୍ଭ କରିବାରେ ବିଫଳ ହୋଇଛନ୍ତି କିମ୍ବା ଠିକ୍ ଦୁଇଟି ପୂର୍ବବର୍ତ୍ତୀ ଆର୍ଥିକବର୍ଷରେ କୌଣସି ବ୍ୟବସାୟ କିମ୍ବା କାର୍ଯ୍ୟ ସଞ୍ଚାଳନ କରିନାହାନ୍ତି ଏବଂ ଏପରି ଅବଧିରେ କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୪୫୫ ଅଧୀନରେ ଏକ ନିଷ୍କ୍ରିୟ କମ୍ପାନୀର ସ୍ଥିତି ହାସଲ କରିବା ପାଇଁ କୌଣସି ଆବେଦନ(ଗୁଡ଼ିକ) କରିନାହାନ୍ତି କିମ୍ବା କମ୍ପାନୀ(ଗୁଡ଼ିକ) ନିଷ୍କ୍ରିୟ କମ୍ପାନୀର ସ୍ଥିତି ହାସଲ କରିଛନ୍ତି/କମ୍ପାନୀର ନିଗମୀକରଣ ସମୟରେ ସେମାନେ ଘୋଷଣା କରିଥିବା ସବ୍‌ସ୍କ୍ରିପ୍ସନକୁ ମେମୋରାଣ୍ଡମ୍ ଅନୁଯାୟୀ ସବ୍‌ସ୍କ୍ରାଇବରମାନଙ୍କୁ ପୈଠ କରିନାହାନ୍ତି ଏବଂ ଧାରା ୧୦ଏ'ର ଉପଧାରା (୧) ଅଧୀନରେ ଏହାର ନିଗମୀକରଣର ଏକଶହ ଅଶୀ ଦିନ ମଧ୍ୟରେ ଏ ବାବଦରେ ଘୋଷଣା ଦାଖଲ କରାଯାଇନାହିଁ/ଧାରା ୧୨ର ଉପ-ଧାରା (୯) ଅଧୀନରେ ସଞ୍ଚାଳିତ ଭୌତିକ ଯାଞ୍ଚ ସମୟରେ ଏହା ସ୍ପଷ୍ଟ ହୋଇଛି ଯେ ସେମାନଙ୍କ କୌଣସି ବ୍ୟବସାୟ/କାର୍ଯ୍ୟ ସଞ୍ଚାଳନ କରୁନାହାନ୍ତି, କିନ୍ତୁ ଏହା/ସେମାନେ କମ୍ପାନୀ ଭାବେ ଏହାର/ସେମାନଙ୍କର ପଞ୍ଜୀକରଣକୁ ଜାରି ରଖିବାକୁ ଚାହୁଁନାହାନ୍ତି ଏବଂ ସେଥିପାଇଁ କମ୍ପାନୀ ରେଜିଷ୍ଟରରୁ ଏହାର/ସେମାନଙ୍କର ନାମକୁ ହଟାଇବା/କାଟିବା ଲାଗି ଅନୁରୋଧ କରିଛନ୍ତି।
(୩) ତଦନୁଯାୟୀ, କମ୍ପାନୀ ନିବନ୍ଧକ ଉପରଦର୍ଶିତ କମ୍ପାନୀଗୁଡ଼ିକର ନାମକୁ କମ୍ପାନୀ ରେଜିଷ୍ଟରରୁ ହଟାଇବା କିମ୍ବା କାଟିବା ପାଇଁ ପ୍ରସ୍ତାବ ରଖିଛନ୍ତି।
(୪) କମ୍ପାନୀ ରେଜିଷ୍ଟରରୁ ଉକ୍ତ କମ୍ପାନୀଗୁଡ଼ିକର ନାମକୁ ହଟାଇବା କିମ୍ବା କାଟିବାର ପ୍ରସ୍ତାବ ବାବଦରେ ଯଦି କୌଣସି ବ୍ୟକ୍ତିଙ୍କର କିଛି ଆପତ୍ତି ଥାଏ, ତେବେ ସେ ଏହି ନୋଟିସ ପ୍ରକାଶିତ ହେବା ତାରିଖରୁ ୩୦ ଦିନ ମଧ୍ୟରେ ନିଜର ଆପତ୍ତିକୁ କାର୍ଯ୍ୟାଳୟ ଠିକଣାରେ ପଠାଇପାରନ୍ତି।

ଇର୍ଭନ ତିର୍କୀ, ସହକାରୀ ନିବନ୍ଧକ
ତ୍ୱରିତ କର୍ପୋରେଟ୍ ସମାପନ ପ୍ରକ୍ରିୟାକରଣ କେନ୍ଦ୍ର
CBC 07123/11/0520/2526

କେନ୍ଦୁଝର କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ
ସାଃପୋ - କେନ୍ଦୁଝରଗଡ଼, କେନ୍ଦୁଝର-୭୫୮୦୦୧ (ଓଡ଼ିଶା)
**KEONJHAR CENTRAL CO-OPERATIVE BANK LTD.**
AT/PO : KEONJHARGARH, KEONJHAR - 758001 (Odisha)
Email : kendujharccb@gmail.com
Telephone : (06766) 255183, 251745, Fax : 253137
No.KCCB/6157/HRD/2025-26 Date : 17.12.2025

**Fresh Expression of Interest**

It is hereby notified that the earlier Expression of Interest Notice No. 5760 dated 01.12.2025 issued for selection of Insurance Company for providing Group Mediclaim Insurance Policy has been cancelled on technical grounds due to non-availability of sufficient number of eligible bidders.

In this regard, fresh Expressions of Interest are invited from IRDAI Accredited Insurance Companies for providing a fresh Group Mediclaim Insurance Policy for Bank Employees along with their dependents (spouse, first Two dependent children up to the age of 25 years) for the year 2026, commencing from 00:00 hours on 01 January 2026 to midnight of 31 December 2026. The tender documents must reach the office of the undersigned in a sealed envelope on or before 24.12.2025 by 11:00 A.M. Delay in receipt of tender documents/bids after the due date and time will not be entertained at all and the undersigned will, in no way, be responsible for the same. The quotations so received shall be opened at 01:00 P.M. on 24.12.2025 in the Conference Hall of the Bank, in presence of the bidders or their authorized representatives, if any.

The detailed terms and conditions of the tender may be downloaded from the Bank's website www.kendujharccb.com. The Authority of the Bank reserves the right to accept or reject any or all quotations without assigning any reason thereof.

Sd./- Chief Executive Officer
Keonjhar Central Cooperative Bank Ltd

# ଓଡ଼ିଶା କ୍ରୀଡ଼ାରେ ନୂଆ ଅଧ୍ୟାୟ



ଅଗଷ୍ଟ ୧୦ରେ ଓଡ଼ିଶା କ୍ରୀଡ଼ାରେ ଯୋଡ଼ିହୋଇଥିଲା ନୂଆ ଅଧ୍ୟାୟ। ପ୍ରଥମଥର ପାଇଁ କଳିଙ୍ଗ ଷ୍ଟାଡିୟମରେ ୱାର୍ଲ୍ଡ କଣ୍ଟିନେଣ୍ଟାଲ ଟୁର୍ ବ୍ରୋଞ୍ଜ ଲେଭଲ ପ୍ରତିଯୋଗିତା ସଫଳତାର ସହ ଆୟୋଜନ ହୋଇଥିଲା। ଏଥିରେ ମୋଟ ୧୭ଟି ଇଭେଣ୍ଟ ଅନୁଷ୍ଠିତ ହୋଇ ଥିବାବେଳେ ଭାରତରୁ ୯୩ ଓ ବିଦେଶରୁ ୬୩ ଆଥ୍‌ଲେଟ୍ ଏଥିରେ ଅଂଶଗ୍ରହଣ କରିଥିଲେ। ଓଡ଼ିଶାର ପ୍ରଜ୍ଞା ପ୍ରଶାନ୍ତି ସାହୁ ମହିଳା ୧୦୦ ମିଟର ହର୍ଡଲ୍ସରେ ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟ ଓ ଦେଶକୁ ଗର୍ବିତ କରିଥିବାବେଳେ ଓଡ଼ିଶା ଏର୍‌ପିସିର ଅନିମେଶ କୁଜୁର ପୁରୁଷ ୨୦୦ ମିଟରରେ ପ୍ରଥମସ୍ଥାନ ଅଧିକାର କରିଥିଲେ। ସେହିପରି ଆଇଟିଟିଏଫ୍-ଏଟିଟିୟୁ ଏସିଆନ ଟେବୁଲ ଟେନିସ ଚାମ୍ପିୟନଶିପ୍ ଅକ୍ଟୋବର ୧୧ରୁ ୧୫ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଅକ୍ଟୋବରରେ ଏସିଆନ ଟେବୁଲ ଟେନିସ ଟିମ୍ ଚାମ୍ପିୟନଶିପ୍, ଜାତୀୟ ଜୁନିୟର ଆଥ୍‌ଲେଟିକ୍ସ ଓ ଆଇଟିଏଫ୍ ମାଷ୍ଟର୍ସ ୧୦୦ ଟେନିସ ଟୁର୍ନାମେଣ୍ଟ ଆୟୋଜନ କରି ଓଡ଼ିଶା ସରକାର ନିଜ ଆୟୋଜନ ଦକ୍ଷତା ଦେଖାଇଥିଲେ।

କଟକର ବାରବାଟୀ ଷ୍ଟାଡିୟମରେ ଏହିବର୍ଷ ୨ଟି ଅନ୍ତର୍ଜାତୀୟ ମ୍ୟାଚ ଆୟୋଜନ ହୋଇଥିଲା। ଫେବୃଆରୀ ୯ରେ ଅନୁଷ୍ଠିତ ଦିନିକିଆ କ୍ରିକେଟ ମ୍ୟାଚରେ ଭାରତ ୪ ଉଇକେଟରେ ଇଂଲଣ୍ଡକୁ ପରାସ୍ତ କରିଥିବାବେଳେ ଡିସେମ୍ବର ୯ରେ ଅନୁଷ୍ଠିତ ଟି୨୦ ମୁକାବିଲାରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ୧୦୧ ରନରେ ଦମ୍‌ଦାର ବିଜୟ ହାସଲ କରିଥିଲା। ଭାରତୀୟ ଖେଳାଳି ଓ ଦର୍ଶକଙ୍କ ଲାଗି ଏହା ସ୍ମୃତିମଧୁର ହୋଇଥିଲା।

ପ୍ରଜ୍ଞା ପ୍ରଶାନ୍ତି ସାହୁ

ବିଦାୟ ବେଳାରେ ୨୦୨୫ କ୍ରୀଡ଼ାବର୍ଷ। ଏହି ବର୍ଷ ଓଡ଼ିଶା କ୍ରୀଡ଼ାବିତ୍‌ମାନେ ବିଭିନ୍ନ କ୍ଷେତ୍ରରେ ସଫଳତା ଅର୍ଜନ କରି ରାଜ୍ୟ ଏବଂ ଦେଶକୁ ଗର୍ବିତ କରିଛନ୍ତି। ପ୍ରତିଭା ସମ୍ପନ୍ନ ଭାରୋତ୍ତୋଳିକା ପ୍ରୀତିସ୍ମିତା ଭୋଇ ଏସିଆନ ୟୁଥ୍ ଗେମ୍ସରେ ନୂଆ ଏସିଆନ ଓ ବିଶ୍ୱ ରେକର୍ଡ ସୃଷ୍ଟି କରିଥିବାବେଳେ ଓଡ଼ିଶା ଏର୍‌ପିସିର ସ୍ପ୍ରିଣ୍ଟର ଅନିମେଶ କୁଜୁର ଏକାଧିକଥର ନିଜ ଜାତୀୟ ରେକର୍ଡ ଭାଙ୍ଗିଛନ୍ତି। ବାରବାଟୀ ଓ କଳିଙ୍ଗ ଷ୍ଟାଡିୟମଠାରୁ ଆରମ୍ଭ କରି ଓଡ଼ିଶାର ବିଭିନ୍ନ ସ୍ଥାନରେ ଆୟୋଜିତ ହୋଇଛି ଏକାଧିକ ଜାତୀୟ ଓ ଅନ୍ତର୍ଜାତୀୟ ଟୁର୍ନାମେଣ୍ଟ। ତୃଣମୂଳ ସ୍ତରରେ କ୍ରୀଡ଼ାର ବିକାଶ ଲାଗି ରାଜ୍ୟ ସରକାରଙ୍କ ପକ୍ଷରୁ ସିଏମ୍ ଟ୍ରଫି ଆୟୋଜନ ଦେଖାଇଛି ନୂଆ ଦିଶା। ଅର୍ଜୁନ ପୁରସ୍କାରପ୍ରାପ୍ତ ବିଜୟ କୁମାର ଶତପଥୀଙ୍କ ପରଲୋକ କ୍ରୀଡ଼ାପ୍ରେମୀଙ୍କୁ ଶୋକରେ ରଖିଥିବାବେଳେ ପାୟଲ ନାଗ୍ ଓ ସାଇ ସ୍ୱରୂପଙ୍କ ଚମକ ଏହି ବର୍ଷ ଚର୍ଚ୍ଚାରେ ରହିଥିଲା...



ବାରବାଟୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ଟିମ୍ ଇଣ୍ଡିଆ ଅଧିନାୟକ ସୂର୍ଯ୍ୟ କୁମାର ଯାଦବ

କଳିଙ୍ଗ ଷ୍ଟାଡିୟମ

## ଜାତୀୟ କ୍ରୀଡ଼ାରେ ଓଡ଼ିଶାକୁ ୪୬ ପଦକ

ଉତ୍ତରାଖଣ୍ଡରେ ଫେବୃଆରୀରେ ଆୟୋଜିତ ୩୮ତମ ଜାତୀୟ କ୍ରୀଡ଼ାରେ ଓଡ଼ିଶା କ୍ରୀଡ଼ାବିତ୍‌ମାନେ ୪୬ଟି ପଦକ ହାସଲ କରିଥିଲେ। ଏହା ମଧ୍ୟରେ ୧୪ ସ୍ୱର୍ଣ୍ଣ, ୧୫ ରୌପ୍ୟ ଓ ୧୭ ବ୍ରୋଞ୍ଜ ପଦକ ସାମିଲ। ଓଡ଼ିଶାରୁ ୩୦୨ ଆଥ୍‌ଲେଟ୍ ଓ ୭୫ ସପୋର୍ଟ ଷ୍ଟାଫ୍ ଯୋଗଦେଇଥିଲେ। ବିଭିନ୍ନ ବର୍ଗରେ ଓଡ଼ିଶା କ୍ରୀଡ଼ାବିତମାନେ ନୂଆ ଜାତୀୟ ରେକର୍ଡ ସୃଷ୍ଟି କରିଥିଲେ।

## ଦୃଷ୍ଟିବାଧିତ ମହିଳା ଟି୨୦ ବିଶ୍ୱକପ

ଶ୍ରୀଲଙ୍କାର କଲମ୍ବୋଠାରେ ଆୟୋଜିତ ପ୍ରଥମ ଦୃଷ୍ଟିବାଧିତ ମହିଳା ଟି୨୦ ବିଶ୍ୱକପ୍‌ରେ ଭାରତୀୟ ମହିଳା କ୍ରିକେଟ୍ ଦଳ ଚାମ୍ପିୟନ ହୋଇ ଇତିହାସ ରଚିଥିଲା। ଏହି ଦଳରେ ସାମିଲ ରହି ବିଶ୍ୱ ବିଜେତା ହେବାର ସୌଭାଗ୍ୟ ଲାଭ କରିଥିଲେ ଓଡ଼ିଶାର ୪ ଖେଳାଳି। ସେମାନେ ହେଲେ ବାଲେଶ୍ୱରର ଫୁଲ ସୋରେନ, ମୟୂରଭଞ୍ଜର ପାର୍ବତୀ ମାର୍ଣ୍ଡି, ଯମୁନାରାଣୀ ଟୁଡୁ ଏବଂ ବାସନ୍ତୀ ହାଁସଦା।



## ବିଶ୍ୱ ରେକର୍ଡ ସହ ପ୍ରୀତିସ୍ମିତାଙ୍କ ଏସୀୟ ସଫଳତା



ବାହାରିନ୍‌ର ମାନାମାଠାରେ ଅକ୍ଟୋବରରେ ଅନୁଷ୍ଠିତ ଏସିଆନ ୟୁଥ୍ ଗେମ୍ସ ଭାରୋତ୍ତୋଳନରେ ଓଡ଼ିଶାର ପ୍ରୀତିସ୍ମିତା ଭୋଇ ନୂଆ ଏସିଆନ ଓ ବିଶ୍ୱ ରେକର୍ଡ ସହ ସ୍ୱର୍ଣ୍ଣ ପଦକ ଜିତି ରାଜ୍ୟ ଏବଂ ଦେଶକୁ ଗର୍ବିତ କରିଥିଲେ। ଢେଙ୍କାନାଳସ୍ଥିତ ଭାରୋତ୍ତୋଳନ ଉପକେନ୍ଦ୍ରରେ ପ୍ରଶିକ୍ଷଣପ୍ରାପ୍ତ ପ୍ରୀତିସ୍ମିତା ବାଳିକା ୪୪ କେଜି ବର୍ଗରେ ମୋଟ ୧୫୮ କେଜି ଉତ୍ତୋଳନକରି ଏହି ସଫଳତା ପାଇଥିଲେ। ସେ ସ୍ନାଚ୍‌ରେ ୬୬ ଓ କ୍ଲିନ୍ ଆଣ୍ଡ ଜର୍କରେ ୯୨ କେଜି ଉତ୍ତୋଳନ କରିଥିଲେ। ଏହି ଓଜନ ବର୍ଗରେ କ୍ଲିନ୍ ଆଣ୍ଡ ଜର୍କରେ ୯୨ କେଜି ଉତ୍ତୋଳନ ଏକ ଏସୀୟ ଓ ବିଶ୍ୱ ରେକର୍ଡ। ପୂର୍ବରୁ ୮୯ କେଜି ଏସିଆନ ଏବଂ ୯୦ କେଜି ଉତ୍ତୋଳନ ବିଶ୍ୱ ରେକର୍ଡ ଥିଲା। ସେହିପରି ଅଗଷ୍ଟରେ ଅହମଦାବାଦଠାରେ ଅନୁଷ୍ଠିତ ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନ (ୟୁଥ୍, ଜୁନିୟର ଓ ସିନିୟର) ଚାମ୍ପିୟନଶିପ୍‌ରେ ଚମକପ୍ରଦ ପ୍ରଦର୍ଶନକରି ରାଜ୍ୟ ପାଇଁ ପ୍ରଥମ ସ୍ୱର୍ଣ୍ଣ ପଦକ ଜିତିଥିଲେ ପ୍ରୀତିସ୍ମିତା। କେବଳ ସେତିକି ନୁହେଁ, ସେ ୩ଟି ରାଜ୍ୟଗୋଷ୍ଠୀ ରେକର୍ଡ ସହ ଏହି ସଫଳତା ପାଇ ନିଜ କ୍ୟାରିୟରକୁ ଋଦ୍ଧିମନ୍ତ କରିଥିଲେ। ୟୁଥ୍ ବାଳିକା ୪୪ କେଜି ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରିଥିବା ପ୍ରୀତିସ୍ମିତା ସ୍ନାଚ୍‌ରେ ୬୩, କ୍ଲିନ୍ ଆଣ୍ଡ ଜର୍କରେ ୮୭ ଏହିପରି ମୋଟ ୧୫୦ କେଜି ଉତ୍ତୋଳନକରି ୩ ରେକର୍ଡର ଅଧିକାରୀ ହୋଇଥିଲେ। ସେ କୋଚ୍ ଗୋପାଳ କୃଷ୍ଣ ଦାସଙ୍କ ତତ୍ତ୍ୱାବଧାନରେ ଢେଙ୍କାନାଳସ୍ଥିତ ହାଇପରଫର୍ମାନ୍ସ ସେଣ୍ଟର (ସବ୍ ସେଣ୍ଟର)ରେ ପ୍ରଶିକ୍ଷଣରତ।

## ଶ୍ରଦ୍ଧାଞ୍ଜଳିଙ୍କୁ ଏଏଫ୍‌ସି 'ଏ' ଲାଇସେନ୍ସ



ଓଡ଼ିଶାର ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ମହିଳା ଫୁଟବଲ ତାରକା ତଥା ଭାରତୀୟ ମହିଳା ଫୁଟବଲ ଦଳର ପୂର୍ବତନ ଅଧିନାୟକ ଶ୍ରଦ୍ଧାଞ୍ଜଳି ସାମନ୍ତରାୟ ଏକ ବିରଳ ସଫଳତା ପାଇଥିଲେ। ରାଜ୍ୟ ମହିଳା ଫୁଟବଲରେ ଅନେକ ପ୍ରଥମର ଅଧିକାରିଣୀ ଶ୍ରଦ୍ଧାଞ୍ଜଳି ଏହିବର୍ଷ ଏଏଫ୍‌ସି 'ଏ' ଲାଇସେନ୍ସ କୋଚ୍‌ର ମାନ୍ୟତା ହାସଲ କରିଥିଲେ। ଏହି କୃତିତ୍ୱ ଅର୍ଜନ କରିବାରେ ସେ ରାଜ୍ୟର ପ୍ରଥମ ମହିଳା କ୍ରୀଡ଼ାବିତ୍। ୨୦୧୬ରେ ଶୁଭେନ୍ଦୁଙ୍କ ପରେ ଦ୍ୱିତୀୟରେ ଅକ୍ଷୟ ଦାସ ଏହି ଲାଇସେନ୍ସ ପାଇଥିଲେ। ମାତ୍ର ଶ୍ରଦ୍ଧାଞ୍ଜଳି ପ୍ରଥମ ମହିଳାଭାବେ ଏହି କୃତିତ୍ୱ ଅର୍ଜନ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଥିଲେ। ସର୍ବଭାରତୀୟ ଫୁଟବଲ ଫେଡେରେଶନ (ଏଆଇଏଫ୍‌ଏଫ୍) ପକ୍ଷରୁ ତାଙ୍କୁ ଜାତୀୟ ସିନିୟର ମହିଳା ଫୁଟବଲ ଦଳର ଚୟନକର୍ତ୍ତା ନିଯୁକ୍ତ କରିଥିଲା।

## ସ୍ୱପ୍ନ ସାକାର ପଥରେ ସାଇ ସ୍ୱରୂପ

ଓଡ଼ିଶାର ପ୍ରଥମ ପୁରୁଷ ସନ୍ତରଣକାରୀଭାବେ ସାଇ ସ୍ୱରୂପ ସ୍ୱାଇଁ ଜାତୀୟ ସ୍ତରରେ ସ୍ୱର୍ଣ୍ଣ ପଦକ ହାସଲକରି ଓଡ଼ିଶାକୁ ଗର୍ବିତ କରିଥିଲେ। ଅହମଦାବାଦରେ ଅନୁଷ୍ଠିତ ୫୧ତମ ଜାତୀୟ ଜୁନିୟର ଆକ୍ୱାଟିକ୍ ଚାମ୍ପିୟନଶିପ୍‌ର ପୁରୁଷ ୨୦୦ ମିଟର ବ୍ରେଷ୍ଟଷ୍ଟ୍ରୋକ୍‌ରେ ସେ ଏହି ସଫଳତା ପାଇଥିଲେ। ପୂର୍ବରୁ ସେ ୫୦ ମିଟର ବ୍ରେଷ୍ଟଷ୍ଟ୍ରୋକ୍ ଇଭେଣ୍ଟରେ ବ୍ରୋଞ୍ଜ ପଦକ ଜିତିଥିଲେ। ପୂର୍ବରୁ ୧୯୯୦ରେ ରଙ୍କନିଧି ସେଠ୍ ୧୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍‌ରେ ବ୍ରୋଞ୍ଜ ପଦକ ଜିତିଥିଲେ। ଦୀର୍ଘ ୩୫ ବର୍ଷ ବ୍ୟବଧାନରେ ଜାତୀୟ ସୁଇମିଂରୁ ପଦକ ଜିତିଥିଲେ ସାଇ ସ୍ୱରୂପ। କେବଳ ସେତିକି ନୁହେଁ, ୧୦୦ ମିଟର ବ୍ରେଷ୍ଟଷ୍ଟ୍ରୋକ୍‌ରେ ମଧ୍ୟ ସେ ସ୍ୱର୍ଣ୍ଣ ପଦକ ଜିତି ଇତିହାସ ରଚିଥିଲେ ଏହି ସନ୍ତରଣ ପ୍ରତିଭା। ସାଇ ସ୍ୱରୂପଙ୍କ ମା' ରୁନୁ ସ୍ୱାଇଁ ରାଜ୍ୟ ଗୋଇନ୍ଦା ବିଭାଗରେ ଡିଏସ୍‌ପି ଏବଂ ବାପା ସୁବାସ ଚନ୍ଦ୍ର ସ୍ୱାଇଁ ରାଜ୍ୟ ପୋଲିସର ସ୍ପେଶାଲ ବ୍ରାଞ୍ଚରେ କାର୍ଯ୍ୟରତ।



## ରସନାରା ପରୱିନ୍‌ଙ୍କ ଅବସର

ଓଡ଼ିଶାର ଅନ୍ତର୍ଜାତୀୟ ମହିଳା କ୍ରିକେଟର ରସନାରା ପରୱିନ୍ ଅକ୍ଟୋବର ୩ରେ କ୍ରିକେଟର ସମସ୍ତ ଫର୍ମାଟ୍‌ରୁ ଅବସର ଘୋଷଣା କରିଥିଲେ। ଜଣେ ଡାହାଣହାତୀ ଅଫ୍ ବ୍ରେକ୍ ବୋଲରଭାବେ ବିଶେଷ ପରିଚିତ ଥିବା ବଲାଙ୍ଗୀରର ରସନାରା କ୍ୟାରିୟରରେ ଭାରତ ପକ୍ଷରୁ ଗୋଟିଏ ଦିନିକିଆ (୨୦୨୩ ବିଶ୍ୱକପ ବନାମ ୱେଷ୍ଟଇଣ୍ଡିଜ) ଏବଂ ୨ଟି ଟି୨୦ ଅନ୍ତର୍ଜାତୀୟ ମ୍ୟାଚରେ ପ୍ରତିନିଧିତ୍ୱ କରିଥିଲେ। ଘରୋଇ କ୍ରିକେଟରେ ପ୍ରତିଷ୍ଠିତ ସୂର୍ଯ୍ୟକାନ୍ତ ପ୍ରଧାନ ମଧ୍ୟ ଏହି ବର୍ଷ ଅବସର ନେଇଥିଲେ।

# ଜାତୀୟ ରେକର୍ଡ ଭାଙ୍ଗିଲେ ଅନିମେଶ

ଏହି ବର୍ଷ ଏକାଧିକଥର ୨୦୦ ମିଟରରେ ନିଜ ଜାତୀୟ ରେକର୍ଡ ଭାଙ୍ଗିଥିଲେ ଓଡ଼ିଶା ଏର୍‌ପିସି ଆଥ୍‌ଲେଟ୍ ଅନିମେଶ କୁଜୁର। ଭୁବନେଶ୍ୱରସ୍ଥିତ ରିଲାଏନ୍ସ ଫାଉଣ୍ଡେଶନ ଆଥ୍‌ଲେଟିକ୍ସ ହାଇ ପରଫର୍ମାନ୍ସ ସେଣ୍ଟରରେ ଟ୍ରେନିଂ ନେଉଥିବାରୁ ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଛତିଶଗଡ଼ର ଅନିମେଶ କେରଳର କୋଚିଠାରେ ଏପ୍ରିଲରେ ଅନୁଷ୍ଠିତ ଜାତୀୟ ଫେଡେରେଶନ ସିନିୟର ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ରେ ୨୦.୪୦ ସେକେଣ୍ଡ ସମୟ ନେଇ ଜାତୀୟ ରେକର୍ଡ ଭାଙ୍ଗିଥିଲେ। ପୂର୍ବରୁ ଅମ୍ଲାନ ବୋର୍ଗୋହେନ ୨୦.୫୨ ସେକେଣ୍ଡ ସମୟ ନେଇ ମିଟ୍ ଓ ଜାତୀୟ ରେକର୍ଡର ଅଧିକାରୀ ଥିଲେ। ପରେ ମେ'ରେ ଦକ୍ଷିଣ କୋରିଆର ଗୁମିଠାରେ ଅନୁଷ୍ଠିତ ଏସିଆନ ଆଥ୍‌ଲେଟିକ୍ସରେ ୨୧ ବର୍ଷୀୟ ଅନିମେଶ ୨୦.୩୨ ସେକେଣ୍ଡ ସମୟ ନେଇ ତୃତୀୟ ସ୍ଥାନ ଅଧିକାର କରିଥିଲେ ହେଁ ନିଜ ନାମରେ ଥିବା ଜାତୀୟ ରେକର୍ଡକୁ ଭାଙ୍ଗିଥିଲେ। ସେ ଏହି ପ୍ରତିଯୋଗିତାର ପୁରୁଷ ୨୦୦ ମିଟରରେ ଭାରତ ପାଇଁ ପଦକ ଜିତିବାରେ ଦୀର୍ଘ ୧୦ ବର୍ଷ ପ୍ରତୀକ୍ଷାର ଅବସାନ ଘଟାଇଥିଲେ।



ଅନିମେଶ କୁଜୁର

# ସମ୍ଭାବନା ବଢ଼ାଇଲା ସିଏମ୍ ଟ୍ରଫି

## ପରଲୋକରେ ଓଡ଼ିଶାର ଅର୍ଜୁନ

ଓଡ଼ିଶାର କିମ୍ବଦନ୍ତୀ କ୍ରୀଡ଼ାବିତ୍ ବିଜୟ କୁମାର ଶତପଥୀ ସେପ୍ଟେମ୍ବର ୨୩ରେ ପରଲୋକ ଗମନ କରିଥିଲେ। ତାଙ୍କୁ ୭୧ ବର୍ଷ ହୋଇଥିଲା। ଗଞ୍ଜାମ ମାଟିର ସୁଯୋଗ୍ୟ ସନ୍ତାନ ବିଜୟ ହେଉଛନ୍ତି ଅର୍ଜୁନ ପୁରସ୍କାରପ୍ରାପ୍ତ ଭାରୋତ୍ତୋଳକ। କ୍ରୀଡ଼ାକ୍ଷେତ୍ରରେ ବିଶେଷ ଅବଦାନ ପାଇଁ ତାଙ୍କୁ ୧୯୮୨ରେ ଅର୍ଜୁନ ପୁରସ୍କାର ମିଳିଥିଲା। କ୍ରୀଡ଼ା କ୍ଷେତ୍ରକୁ ଆଜୀବନ ଅବଦାନ ପାଇଁ ତାଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ଅଗଷ୍ଟ ୨୯ ଜାତୀୟ କ୍ରୀଡ଼ା ଦିବସ ଅବସରରେ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର-୨୦୨୪ରେ ମଧ୍ୟ ସମ୍ମାନିତ କରାଯାଇଥିଲା। ସେହିପରି ସନ୍ତୋଷ ଟ୍ରଫି ଜାତୀୟ ଫୁଟ୍‌ବଲରେ ଦୀର୍ଘଦିନ ଧରି ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରିଥିବା ପୂର୍ବତନ ଖେଳାଳି ମନ୍ମଥ ନାଥ ସିଂ ଓ ସୁକାନ୍ତ ଦତ୍ତରାୟଙ୍କର କଟକସ୍ଥିତ ବାସଭବନରେ ପରଲୋକ ଘଟିଥିଲା।



CM Trophy 2025

## ତୃଣମୂଳରୁ କ୍ରୀଡ଼ାର ବିକାଶ

ରାଜ୍ୟରେ ତୃଣମୂଳ ସ୍ତରରେ କ୍ରୀଡ଼ା ପ୍ରତିଭାର ବିକାଶ ନିମନ୍ତେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଆଗ୍ରହ କ୍ରମେ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ)ର ମିଳିତ ଆନୁକୂଲ୍ୟରେ ୧୫ ବର୍ଷରୁ କମ୍ ସିଏମ୍ ଟ୍ରଫି ଫୁଟବଲ୍ ଚାମ୍ପିୟନଶିପ୍ ଆୟୋଜନ କରାଯାଇଥିଲା। ସିଏମ୍ ଟ୍ରଫିର ପ୍ରଥମ ପର୍ଯ୍ୟାୟ ଜାନୁଆରୀ ୧୬ରୁ ଏପ୍ରିଲ ୧୯ ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ଜିଲାମାନଙ୍କରେ ଅନୁଷ୍ଠିତ ହୋଇଥିଲା। ମୋଟ୍ ୨୭୧ଟି ଫୁଟବଲ୍ କ୍ଲବ ଏବଂ ୫ ହଜାରରୁ ଊର୍ଦ୍ଧ୍ୱ କ୍ରୀଡ଼ାବିତ ଏଥିରେ ଭାଗ ନେଇଥିଲେ। ପ୍ରତିଯୋଗିତାର ଦ୍ୱିତୀୟ ତଥା ଜୋନାଲ ସ୍ତରୀୟ ମୁକାବିଲା ମେ ୨୮ରୁ ଜୁନ୍ ୫ ତାରିଖ ପର୍ଯ୍ୟନ୍ତ ହୋଇଥିଲା। ରାଉରକେଲାର ବିର୍ସାମୁଣ୍ଡା ଷ୍ଟାଡ଼ିୟମ୍‌ରେ ଅନୁଷ୍ଠିତ ଫାଇନାଲରେ ଭୁବନେଶ୍ୱର ଏଫ୍‌ସିକୁ ହରାଇ ବରଗଡ଼ ଏଫ୍‌ସି ଚାମ୍ପିୟନ ହୋଇଥିଲା। ଏହି ଟୁର୍ନାମେଣ୍ଟ କ୍ରୀଡ଼ା ବିକାଶରେ ଅନେକ ସମ୍ଭାବନା ସୃଷ୍ଟି କରିଛି।

## ପ୍ରତ୍ୟାବର୍ତ୍ତନରେ ପ୍ରମୋଦ ସଫଳ

ହୋୟାର ଏବାଉଟ୍ସ ଫେଲୁଅର୍ସ ପାଇଁ ପ୍ୟାରିସ୍ ଅଲିମ୍ପିକ୍ସ ମିସ୍ କରିଥିବା ଓଡ଼ିଶାର ଖେଳରତ୍ନ ପାରା ବ୍ୟାଡ୍‌ମିଣ୍ଟନ ତାରକା ପ୍ରମୋଦ ଭଗତ ଏହିବର୍ଷ ପ୍ରତ୍ୟାବର୍ତ୍ତନରେ ସଫଳ ରହିଥିଲେ। ସେ ନାଇଜେରିଆରେ ଅନୁଷ୍ଠିତ ପ୍ରଥମ ଏବିଆଇଏ ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟରେ ଏକାକୀ ୩ଟି ସ୍ୱର୍ଣ୍ଣ ପଦକ ଜିତିଥିଲେ। ଟୋକିଓ ପାରାଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ଜିତିଥିବା ୩୭ ବର୍ଷୀୟ ପ୍ରମୋଦ ଏହିବର୍ଷ ଜାପାନ ପାରା ବ୍ୟାଡ୍‌ମିଣ୍ଟନରେ ମଧ୍ୟ ୩ ସ୍ୱର୍ଣ୍ଣ ପଦକ ଅର୍ଜନ କରିଥିଲେ। ସିଙ୍ଗଲ୍ସ, ଡବଲ୍ସ ଓ ମିକ୍ସଡ ଡବଲ୍ସରେ ସେ ଏହି ସଫଳତା ପାଇଥିଲେ।

## ଶୁଭଶ୍ରୀ, ମାଗାଇ, ପବନୀଙ୍କ ପାଇଁ ସ୍ମରଣୀୟ



ନୂଆଦିଲ୍ଲୀରେ ଜାନୁଆରୀ ୧୩ରୁ ୧୯ ପର୍ଯ୍ୟନ୍ତ ଅନୁଷ୍ଠିତ ସର୍ବପ୍ରଥମ ଖୋ ଖୋ ବିଶ୍ୱକପ୍‌ର ଉଭୟ ମହିଳା ଓ ପୁରୁଷ ବର୍ଗରେ ଚାମ୍ପିୟନ ହୋଇଥିବା ଭାରତୀୟ ଦଳରେ ସାମିଲ ଥିଲେ ଓଡ଼ିଶାର ୩ ଖେଳାଳି। ମହିଳା ଦଳରେ ସ୍ଥାନ ପାଇଥିବା ଶୁଭଶ୍ରୀ ସିଂ ଓ ମାଗାଇ ମାଝି ଏବଂ ପୁରୁଷ ଦଳରେ ପବନୀ ସବର ଚମତ୍କାର ପ୍ରଦର୍ଶନକରି ଭାରତର ଏହି ଐତିହାସିକ ସଫଳତାରେ ଭାଗୀଦାର ହୋଇଥିଲେ। ଏହା ବ୍ୟତୀତ ଓଡ଼ିଶାର ୫ ଅଧିକାରୀ ଓ ଟେକ୍ନିକାଲ ଅଫିସରଙ୍କୁ ଖୋ ଖୋ ଫେଡେରେଶନ ଅଫ୍ ଇଣ୍ଡିଆ ପକ୍ଷରୁ ବିଭିନ୍ନ ପଦବୀରେ ନିଯୁକ୍ତ କରାଯାଇଥିଲା। ସେମାନେ ହେଲେ ଓଡ଼ିଶା ଖୋ ଖୋ ସଂଘର ସମ୍ପାଦକ ପ୍ରଦ୍ୟୁମ୍ନ ମିଶ୍ର, ପାର୍ଥସାରଥୀ ମହାପାତ୍ର, ଆକାଶ ରଣା, କ୍ରିଷ୍ଣା କୁମାରୀ ରାୟ ଏବଂ ଶ୍ରଦ୍ଧାମୟୀ ରାଉତ।

# ଇତିହାସ ରଚିଲେ ପାୟଲ

ମାତାପିତାଙ୍କ ସହ ରାଜ୍ୟ ବାହାରକୁ ଦାଦନ ଖଟିବାକୁ ଯାଇ ଉଚ୍ଚଶକ୍ତିସମ୍ପନ୍ନ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ନିଜ ୨ ହାତଗୋଡ଼ ହରାଇ ସମ୍ପୂର୍ଣ୍ଣ ଭିନ୍ନକ୍ଷମ ପାଲଟିଯାଇଥିବା ପାୟଲ ନାଗ (୧୭) ଜାତୀୟ ପାରା ତୀରନ୍ଦାଜୀ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ ଜିତି ଇତିହାସ ରଚିଥିଲେ। ରାଜସ୍ଥାନର ଜୟପୁରଠାରେ ଅନୁଷ୍ଠିତ ଜାତୀୟ ପାରା ତୀରନ୍ଦାଜୀ ଚାମ୍ପିୟନଶିପ୍‌ର ମହିଳା କମ୍ପାଉଣ୍ଡ ଓପନ୍ (ଡବ୍ଲ୍ୟୁ-୧) ବର୍ଗ ଫାଇନାଲରେ ପାୟଲ ଦେଶର ଚର୍ଚ୍ଚିତ ପାରା ଅଲିମ୍ପିକ୍ସ ଆଥ୍‌ଲେଟ ଶୀତଲ ଦେବୀଙ୍କୁ ପରାସ୍ତକରି ଏହି ସଫଳତା ପାଇଥିଲେ। ଦାଦନ ଖଟିବାକୁ ଯାଇ ହାତଗୋଡ଼ ହରାଇ ସମ୍ପୂର୍ଣ୍ଣ ଭିନ୍ନକ୍ଷମ ପାଲଟିବା ପରେ ଜାତୀୟ ସ୍ତରରେ ପାରା ଆଥ୍‌ଲେଟ୍ ଭାବେ ଚାମ୍ପିୟନ ଆଖ୍ୟା ଅର୍ଜନ କରିବାରେ ପାୟଲ ପ୍ରଥମ ମହିଳା ବୋଲି କୁହାଯାଉଛି। ତାଙ୍କର ଏହି ସଫଳତାରେ ବଲାଙ୍ଗୀର ସମେତ ସମଗ୍ର ଓଡ଼ିଶାରେ ଖୁସିର ଲହରି ଖେଳିଯାଇଥିଲା।



## ସଂକ୍ଷେପରେ...

- ବଲାଙ୍ଗୀର ବିଧାୟକ କଳିକେଶ ନାରାୟଣ ସିଂଦେଓ ଭାରତୀୟ ଜାତୀୟ ରାଇଫଲ ସଂଘ (ଏନ୍‌ଆରଏଆଇ) ସଭାପତି ଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ।
- ସମୀର ମହାନ୍ତି ଓଡ଼ିଶା ଅଲିମ୍ପିକ୍ ଆସୋସିଏଶନ ଏବଂ ବିଧାୟକ ଟଙ୍କଧର ତ୍ରିପାଠୀ ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ)ର ନୂଆ ସଭାପତି।
- ସମ୍ବଲପୁରରେ ୩୦ତମ ଜାତୀୟ ରୋଡ଼ ସାଇକ୍ଲିଂ ଚାମ୍ପିୟନଶିପ୍-୨୦୨୫ ଅନୁଷ୍ଠିତ।
- ଓଡ଼ିଶାର ସାତ୍ତ୍ୱିକ ସ୍ୱାଇଁ ଜୁନ୍‌ରେ ହରିୟାଣାର ଗୁରଗାଓଁରେ ଅନୁଷ୍ଠିତ ଜାତୀୟ ୯ ବର୍ଷରୁ କମ୍ ଚେସ୍‌ରେ ଚାମ୍ପିୟନ ହୋଇଥିଲେ। ବିଶ୍ୱରେ ଚେସ୍ ପରିଚାଳନାର ସର୍ବୋଚ୍ଚ ସଂସ୍ଥା 'ଫିଡେ' ପକ୍ଷରୁ ତାଙ୍କୁ ଗତ ନଭେମ୍ବରରେ କ୍ୟାଣ୍ଡିଡେଟ ମାଷ୍ଟର ଟାଇଟଲ ପ୍ରଦାନ କରାଯାଇଥିଲା।
- ଓଡ଼ିଶାରେ ପ୍ରଥମଥରପାଇଁ ଆଇକନିକ ଓଡ଼ିଶା ଚେସ୍ ପ୍ରିମିୟର ଲିଗ୍ ଅନୁଷ୍ଠିତ।
- ଥାଇଲାଣ୍ଡର ବ୍ୟାଙ୍କକ୍‌ଠାରେ ଅନୁଷ୍ଠିତ ବିଶ୍ୱ ଜୁ-ଜିତ୍ସୁରେ ଓଡ଼ିଶାର ଅନୁପମା ସ୍ୱାଇଁ, ସ୍ୱରାଜ ଜାନି ଓ ଅମରେଶ୍ୱର ଭଗନେଲେ।
- କଳିଙ୍ଗ ଷ୍ଟାଡିୟମ ପରିସରରେ ଜାତୀୟ ସିନିୟର ଆକ୍ୱାଟିକ୍ ଚାମ୍ପିୟନଶିପ୍ ଅନୁଷ୍ଠିତ।
- ଭାରତର ସର୍ବ ପ୍ରଥମ ରଗ୍‌ବୀ ପ୍ରିମିୟର ଲିଗ୍ (ଆରପିଏଲ୍)ରେ ଓଡ଼ିଶା ଭିତ୍ତିକ ଫ୍ରାଞ୍ଚାଇଜ୍ ଦଳ କଳିଙ୍ଗ ବ୍ଲାକ୍ ଟାଇଗର୍ସ ଭାଗନେଲା।
- କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଜାନୁଆରୀ ୮ ରେ ଭାରତର ପ୍ରଥମ ଅନ୍ତର୍ଜାତୀୟସ୍ତରର ମିନତି ମହାପାତ୍ର ସାଇକ୍ଲିଂ ଭେଲୋଡ୍ରୋମ୍ କେନ୍ଦ୍ର କ୍ରୀଡ଼ା ଓ ଯୁବ ବ୍ୟାପାର ତଥା ଶ୍ରମ ଓ ନିଯୁକ୍ତି ମନ୍ତ୍ରୀ ମନସୁଖ ମାଣ୍ଡବ୍ୟଙ୍କ ଦ୍ୱାରା ଉଦ୍‌ଘାଟିତ ହେଲା।
- ଅକ୍ଟୋବର ୨୯ ଜାତୀୟ କ୍ରୀଡ଼ା ଦିବସ ଅବସରରେ ରାଜ୍ୟର ସର୍ବଶ୍ରେଷ୍ଠ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ପ୍ରଦାନ କରାଯାଇଥିଲା। ଅର୍ଜୁନ ପୁରସ୍କାରପ୍ରାପ୍ତ ଭାରୋତ୍ତୋଳକ ବିଜୟ କୁମାର ଶତପଥୀଙ୍କୁ ଲାଇଫ୍ ଟାଇମ୍ ଆଚିଭମେଣ୍ଟ, ସ୍ପ୍ରିଣ୍ଟର ଅନିମେଶ କୁଜୁରଙ୍କୁ ଶ୍ରେଷ୍ଠ କ୍ରୀଡ଼ାବିତ୍, ଅନ୍ତର୍ଜାତୀୟ ହୁଇଲ ଚେୟାର ଫେନ୍ସିଂ ତାରକା ରାଖାଲ କୁମାର ସେଠୀ ଶ୍ରେଷ୍ଠ ପାରା କ୍ରୀଡ଼ାବିତ୍, ସୁଷମା ନନ୍ଦ (ଭଲିବଲ) ଶ୍ରେଷ୍ଠ କୋଚ୍‌ଭାବେ ଏହି ସମ୍ମାନଜନକ ପୁରସ୍କାର ଲାଭ କରିଥିଲେ।
- ଓଡ଼ିଶାର ପ୍ରଥମ ଜିମ୍ନାଷ୍ଟ ଭାବେ ରାକେଶ କୁମାର ପାତ୍ର ଭାରତୀୟ ପୁରୁଷ ଆର୍ଟିଷ୍ଟିକ୍ସ ଜିମ୍ନାଷ୍ଟିକ୍ସ ଦଳର କୋଚ୍ ନିଯୁକ୍ତ।
- ଉତ୍ତରପ୍ରଦେଶ କାନପୁରଠାରେ ଜୁନ ୧୩ରୁ ୧୬ ପର୍ଯ୍ୟନ୍ତ ଅନୁଷ୍ଠିତ ଜାତୀୟ ସିନିୟର ବଧିର କ୍ରୀଡ଼ାର କରାଟେ ଇଭେଣ୍ଟରେ ଓଡ଼ିଶାର ଲୋମା ସ୍ୱାଇଁଙ୍କୁ ସ୍ୱର୍ଣ୍ଣ ପଦକ।
- ଓଡ଼ିଶାର କଣିକା ମିଶ୍ର ଏହି ବର୍ଷ ଦେଶର ମହିଳା ଆମେଚର ଗଲ୍ଫରମାନଙ୍କ ମଧ୍ୟରେ ଶୀର୍ଷ ସ୍ଥାନ ହାସଲ କରିଥିଲେ। କଣିକା ଦେଶରେ ନମ୍ବର ୱାନ ହେବାରେ ରାଜ୍ୟର ପ୍ରଥମ ମହିଳା ଗଲ୍ଫର ହୋଇ ଇତିହାସ ରଚିଥିଲେ।
- ଦୀର୍ଘ ୭ ବର୍ଷ ପରେ ଫେରିଥିବା ହକି ଇଣ୍ଡିଆ ଲିଗ୍ ରାଉରକେଲାର ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମ୍‌ରେ ଅନୁଷ୍ଠିତ ହୋଇଥିଲା। ପୁରୁଷ ବର୍ଗରେ ବେଙ୍ଗଲ ଟାଇଗର୍ସ ଚାମ୍ପିୟନ ହୋଇଥିଲା।

## ଅମିୟଙ୍କ ବିବାହ

ଓଡ଼ିଶା ତାରକା ଆଥ୍‌ଲେଟ୍ ଅମିୟ ମଲିକ ନଭେମ୍ବର ୨୨ରେ ନିଜ ବାନ୍ଧବୀ ଫିଜିଓଥେରାପିଷ୍ଟ ଶ୍ୱେତା ଭେଙ୍କଟ ଆଟିଲିଙ୍କ ସହ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି।



ଭେଙ୍କଟ ଆଟିଲିଙ୍କ ସହ ଅମିୟ ମଲିକ

## ସଂକ୍ଷେପରେ

### ପୋଖରୀରେ ବୁଡ଼ି ଶିଶୁ ମୃତ

ପାରଳାଖେମୁଣ୍ଡି/ ଗୁମ୍ମା, ୧୮।୧୨ (ଗିରିଧାରୀ ପରିଚ୍ଛା/ ପ୍ରବୀଣ କୁମାର ଲିମା)

ଗଜପତି ଜିଲା ପାରଳାଖେମୁଣ୍ଡି ଆଦର୍ଶ ଥାନା ଅନ୍ତର୍ଗତ ଗୁମ୍ମା ବ୍ଲକ ଜୀବା ଗ୍ରାମରେ ଜଣେ ୫ ବର୍ଷର ଶିଶୁ ପୋଖରୀରେ ବୁଡିବାରୁ ତାଙ୍କର ମୃତ୍ୟୁ ଘଟିଛି। ସେ ହେଲେ ଗ୍ରାମର ଗାନ୍ଧୀ ପ୍ରଧାନଙ୍କ ପୁଅ ରାହୁଲ ପ୍ରଧାନ। (୫) ବୁଧବାର ସନ୍ଧ୍ୟାରୁ ରାହୁଲ ଘରୁ କେଉଁଆଡେ ଚାଲିଯାଇଥିଲେ । ପରେ ପରିବାର ଲୋକେ ଓ ଗ୍ରାମବାସୀ ବହୁ ଖୋଜାଖୋଜି କରିଥିଲେ ମଧ ତାଙ୍କୁ ପାଇ ନ ଥିଲେ। ତେବେ ବିଳମ୍ବିତ ରାତିରେ ପୋଖରୀରେ ଏକ ମୃତଦେହ ଭାସୁଥିବା ଜଣେ ମାଛ ଧରାଳି ଦେଖି ପରିବାର ଲୋକଙ୍କୁ ଖବର ଦେଇଥିଲେ। ଏନେଇ ଥାନାରେ ଜଣାଇବା ପରେ ପୋଲିସ ରାତିରେ ହିଁ ମୃତଦେହ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ପାଇଁ ଅଣାଯାଇଥିଲା। ଗୁରୁବାର ବ୍ୟବଚ୍ଛେଦ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି । ଏନେଇ ପାରଳାଖେମୁଣ୍ଡି ଆଦର୍ଶ ଥାନାରେ ୨୭/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ଅମୃତଭଣ୍ଡା ତୋଳୁଥିବା ବେଳେ ମହିଳାଙ୍କ ମୃତ୍ୟୁ

ବାଲିଗୁଡ଼ା,୧୮।୧୨(ସଞ୍ଜୟ କୁମାର ପାଣିଗ୍ରାହୀ)

ମୃତ୍ୟୁ କେତେବେଳେ କେମିତି ଆସିବ, ସେକଥା କେହି ହିଁ ଜାଣିଥାଏ। କନ୍ଧମାଳ ଜିଲା ବାଲିଗୁଡ଼ା ଥାନା ଗୋଛାପଡ଼ା ଗ୍ରାମରେ ଅମୃତଭଣ୍ଡା ତୋଳିବା ବେଳେ ହଠାତ୍ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଗ୍ରାମର ଚନ୍ଦ୍ରକଳା ବିଗାଲ। ଗୁରୁବାର ପୂର୍ବାହ୍ନରେ ଚନ୍ଦ୍ରକଳା ନିଜ ବାଡ଼ିରୁ ଅମୃତଭଣ୍ଡା ତୋଳୁଥିବା ବେଳେ ତାଙ୍କ ମୁଣ୍ଡ ଓ ଛାତିରେ ଅମୃତଭଣ୍ଡା ପଡ଼ିଥିଲା। ଫଳରେ ଚନ୍ଦ୍ରକଳା ଘଟଣାସ୍ଥଳରେ ଅଚେତ ହୋଇ ପଡ଼ିଯାଇଥିଲେ। ପରିବାର ଲୋକେ ତାଙ୍କୁ ଅଚେତ ଅବସ୍ଥାରେ ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଚନ୍ଦ୍ରକଳାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଖବରପାଇ ଘଟଣା ସ୍ଥଳରେ ବାଲିଗୁଡ଼ା ଥାନାଧିକାରୀ ସମ୍ବିତ୍ ସ୍ୱାଇଁ ପହଞ୍ଚି ମୃତଦେହକୁ ଜବତ କରିବା ସହ ବ୍ୟବଛେଦ ପାଇଁ ପଠାଇଥିବା ବେଳେ ଘଟଣାର ତଦନ୍ତ ଆରମ୍ଭ କରିଛି।

### ନୂତନ ବିଦ୍ୟାଳୟ ପାଇଁ ଜାଗା ଚିହ୍ନଟ

ଚକାପାଦ,୧୮।୧୨(ପ୍ରତାପ କିଶୋର ବେହେରା)

ଚକାପାଦ ବ୍ଲକ ବପଲମେଣ୍ଡି(ଲା) ଗ୍ରାମପଞ୍ଚାୟତର ସଲାଗୁଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ୧୯୭୫ରେ ସ୍ଥାପିତ ହୋଇଥିଲା। ଏହି ବିଦ୍ୟାଳୟ ଉକ୍ତ ଅଞ୍ଚଳ ପାଇଁ ଅତି ପୁରୁଣା ହୋଇଥିବାରୁ ଅନେକ ଛାତ୍ରୀଛାତ୍ର ଅଧ୍ୟୟନ କରି ଆଜି ବହୁ ବଡ ବଡ଼ ପଦବୀରେ ରହିଛନ୍ତି। କିନ୍ତୁ ଶିକ୍ଷା ବିଭାଗର ଅବହେଳା ଯୋଗୁ ବିଦ୍ୟାଳୟଟି ମାଟିରେ ମିଶିବାକୁ ଯାଉଛି। କାରଣ ବିଦ୍ୟାଳୟଟି ସଲାଗୁଡ଼ା ଗ୍ରାମର କିଛି ଆଦିବାସୀଙ୍କ ନାମରେ ପଟ୍ଟା ଅଛି। ଏନେଇ ଜମି ମାଲିକ ବଶିଷ୍ଟ ମଲ୍ଲିକ, ସାବିତ୍ରୀ ମଲ୍ଲିକ, ରିପୁନ ମଲ୍ଲିକ, ସିବୁନା ମଲ୍ଲିକ ବ୍ଲକ ଶିକ୍ଷାଧିକାରୀଙ୍କ ନାମରେ ଜବରଦଖଲ ନେଇ ବାଲିଗୁଡ଼ା ଉପଜିଲାପାଳ ନିକଟରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ଚକାପାଦ ତହସିଲଦାର ଅନୁସନ୍ଧାନ କରି ଉପଜିଲାପାଳଙ୍କୁ ରିପୋର୍ଟ ଦେଇଥିଲେ। ସମସ୍ତ ସାକ୍ଷୀ, ଗ୍ରାମବାସୀ, ସରପଞ୍ଚ ଓ ବ୍ଲକ୍ ଶିକ୍ଷାଧିକାରୀ, ତହସିଲଦାରଙ୍କ ଉପସ୍ଥିତିରେ ଜମି ଉଚ୍ଛେଦ ପାଇଁ ଉପଜିଲାପାଳଙ୍କ ବିଜ୍ଞପ୍ତି ଜାରି କରାଯିବା ସହ ନୂତନ ବିଦ୍ୟାଳୟ ନିର୍ମାଣ ପାଇଁ ଜାଗା ଚିହ୍ନଟ କରିବାକୁ ଲାଇନପଡା ରାଜସ୍ୱ ନିରୀକ୍ଷକଙ୍କୁ ତହସିଲଦାର ରଶ୍ମି ରଞ୍ଜନ ନାୟକ ନିର୍ଦ୍ଦେଶ ଦେଇଥିଲେ। ଶେଷରେ ଗୁରୁବାର ଗ୍ରାମବାସୀଙ୍କ ଦ୍ୱାରା ଜାଗା ଚିହ୍ନଟ ହୋଇଛି।

### ମହିଳାଙ୍କୁ ଯୌନ ଉତ୍ପୀଡ଼ନ ସୁରକ୍ଷା ଆଇନ ସମ୍ପର୍କରେ ସଚେତନତା

ଦିଗପହଣ୍ଡି,୧୮।୧୨(ଅଶେଷ ନାଥ ମିଶ୍ର)

ଓଡ଼ିଶା ହାଇକୋର୍ଟଙ୍କ ନିର୍ଦ୍ଦେଶରେ ଗୁରୁବାର ପଦ୍ମନାଭପୁର ସରସ୍ୱତୀ ଉଚ୍ଚ ମାଧ୍ୟମିକ ବିଦ୍ୟାମନ୍ଦିର ପରିସରରେ ଆଇନ ସଚେତନତା ସଭା ଅନୁଷ୍ଠିତ ହୋଇଛି। କାର୍ଯ୍ୟସ୍ଥଳରେ ମହିଳାଙ୍କୁ ଯୌନ ଉତ୍ପୀଡ଼ନରୁ ସୁରକ୍ଷା, ନିଷିଦ୍ଧ ଓ ପ୍ରତିକାର ଆଇନ-୨୦୧୩ ସମ୍ପର୍କରେ ଆୟୋଜିତ ସଚେତନତା ସଭାରେ ଦିଗପହଣ୍ଡିସ୍ଥିତ ସିଭିଲ କୋର୍ଟ ସିନିୟର ଡିଭିଜନର ମାଜିଷ୍ଟ୍ରେଟ ମହାଶ୍ୱେତା ପରିଜା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଏଥିରେ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ନୀଳିମା ଷଡ଼ଙ୍ଗୀ, ଖେମୁଣ୍ଡି ଓକିଲ ସଂଘର ପୂର୍ବତନ ସଭାପତି ହରପ୍ରସାଦ ରଥ, ଉଚ୍ଚ ମାଧ୍ୟମିକ ବିଦ୍ୟାମନ୍ଦିର ପରିଚାଳନା ସମିତି ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଦାସ, ଓକିଲ ସଂଘ ଉପସଭାପତି ସନ୍ତୋଷ ସାହୁ, ସମ୍ପାଦକ ପ୍ରଦୀପ ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉପସ୍ଥିତ ଛାତ୍ରୀ, ଅଧ୍ୟାପିକା, ଅଧ୍ୟାପକ ଏବଂ କର୍ମଚାରୀଙ୍କୁ ଆଇନ ସମ୍ପର୍କରେ ସଚେତନ କରାଇଥିଲେ।

# ରହିବନି ବିଦ୍ୟୁତ୍ ସମସ୍ୟା, କାର୍ଯ୍ୟକ୍ଷମ ହେବ ସିର୍ତିଗୁଡ଼ା ଗ୍ରୀଡ୍

ଫୁଲବାଣୀ, ୧୮।୧୨(ରାକେଶ କୁମାର ରାଉତ)


ସିର୍ତିଗୁଡା ଗ୍ରୀଡ।

କନ୍ଧମାଳ ଜିଲା କ.ନୂଆଗାଁ ବ୍ଲକ୍ ସିର୍ତିଗୁଡ଼ାଠାରେ ଦୀର୍ଘ ବର୍ଷ ଧରି କାର୍ଯ୍ୟକ୍ଷମ ଅପେକ୍ଷାରେ ଥିବା ଗ୍ରୀଡ୍ ଲାଇନ ଖୁବ୍‌ଶୀଘ୍ର କାର୍ଯ୍ୟକାରୀ ହେବ। ଆସନ୍ତା ୬ରୁ ୭ ମାସ ମଧ୍ୟରେ ସବୁ ପ୍ରତିବନ୍ଧକ ହଟି ଗ୍ରୀଡ୍‌କୁ କାର୍ଯ୍ୟକ୍ଷମ କରାଯିବ। ବାଲିଗୁଡାରେ ଯେଉଁ ବିଦ୍ୟୁତ୍ ସମସ୍ୟା ଲାଗି ରହୁଥିଲା ତାହା ଦୂର ହେବ। ଖାଲି ଏହି ଅଞ୍ଚଳ ନୁହେଁ ଜିଲାର ଅର୍ଦ୍ଧାଧିକ ସ୍ଥାନକୁ ବିଦ୍ୟୁତ୍ ବିତରଣ ହେବ ବୋଲି କନ୍ଧମାଳ ଗସ୍ତରେ ଆସିଥିବା ପ୍ରମୁଖ ଶାସନ ସଚିବ ତଥା ଓଟିପିସିଏଲ୍ ଅଧ୍ୟକ୍ଷ ଭାସ୍କର ଜ୍ୟୋତି ଶର୍ମା ସୂଚନା ଦେଇଛନ୍ତି। ୨୦୧୬ ଫେବୃୟାରୀରେ ୧୦୨ କୋଟି ଟଙ୍କାରେ ଏହି ୨୨୦/୩୩ ଗ୍ରୀଡ୍ ସବଷ୍ଟେଶନ କାର୍ଯ୍ୟ ଆରମ୍ଭ ହୋଇଥିଲା। ପୂର୍ବତନ ଶକ୍ତି ମନ୍ତ୍ରୀ ଏହାର ଶିଳାନ୍ୟାସ କରିଥିଲେ। କଳାହାଣ୍ଡି ଜିଲା କେସିଙ୍ଗା ଗ୍ରୀଡ୍‌ରୁ ବିଦ୍ୟୁତ୍ ଆସି ବାଲିଗୁଡ଼ା ସମେତ ଜିଲାର ଅଧିକାଂଶ ସ୍ଥାନକୁ ବିଦ୍ୟୁତ୍ ଯୋଗାଣ ଏହାର ମୁଖ୍ୟ ଲକ୍ଷ୍ୟ ଥିଲା। ୨୦୧୮ ମାର୍ଚ୍ଚରୁ ଏହି ଗ୍ରୀଡରୁ ବିଦ୍ୟୁତ୍ ଯୋଗାଇବା ଲକ୍ଷ୍ୟ ରହିଥିଲା। ହେଲେ ଜଙ୍ଗଲ ଓ ପରିବେଶ ବିଭାଗର ଅନୁମତି ଏବଂ କିଛି ପ୍ରମୁଖ ବ୍ୟକ୍ତି ବିଶେଷଙ୍କ ଜାଗା ଏଥିରେ ଯାଉଥିବାରୁ ଏହା ଆଜି ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇପାରୁ ନ ଥିଲା। ଇତି ମଧ୍ୟରେ ୭ ବର୍ଷ ବିତି ଗଲାଣି। ହେଲେ ଏହା କାର୍ଯ୍ୟକ୍ଷମ ହୋଇପାରୁନାହିଁ। ପ୍ରମୁଖ ଶାସନ ସଚିବ ୩ ଦିନିଆ କନ୍ଧମାଳ ଗସ୍ତରେ ଆସି, ବିଶେଷ କରି ଏହି ଗ୍ରୀଡ୍ କିପରି କାର୍ଯ୍ୟକ୍ଷମ ହେବ, ତାହାର ତଦାରଖ କରିବା ସହ ସମୀକ୍ଷା କରିଥିଲେ। ଆସନ୍ତା ୬/୭ ମାସ ଭିତରେ ଏହା କାର୍ଯ୍ୟକ୍ଷମ ହେବ ବୋଲି କହିବାରୁ ଏହା ନୂତନ ଆଶା ସଞ୍ଚାର କରିଛି । କେସିଙ୍ଗାଠାରୁ ସିର୍ତିଗୁଡ଼ା ପର୍ଯ୍ୟନ୍ତ ବିଦ୍ୟୁତ୍ ସଂଯୋଗ ପାଇଁ ୩୮୨ଟି ଟାୱାରର ଆବଶ୍ୟକତା ଅଛି। ଏଥି ମଧ୍ୟରୁ ୩୨୪ ଟିର କାମ ସରିଥିବା ବେଳେ ବାକି ୫୮ଟି ଟାୱାର କାମରେ ଜମି ଏବଂ ଜଙ୍ଗଲ ବିଭାଗ ପ୍ରତିବନ୍ଧକ ସାଜିଛି। ଏହି ପ୍ରକଳ୍ପ ପାଇଁ ଇତି ମଧ୍ୟରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଷ୍ଟେଜ୍-୧ ଅନୁମତି ମିଳିଛି। ଏଥିରେ ଥିବା ବିଭିନ୍ନ ବିଷୟ ସମ୍ପର୍କିତ ତଥ୍ୟ ପ୍ରଦାନ ପାଇଁ ଓଟିପିସିଏଲ୍‌କୁ ଚିଠି କରାଯାଇଛି। ଉତ୍ତର ମିଳିବା ପରେ ଚୂଡାନ୍ତ ଅନୁମତି ପାଇଁ କେନ୍ଦ୍ର ପରିବେଶ ମନ୍ତ୍ରଣାଳୟକୁ ଚିଠି କରାଯିବ ବୋଲି ବାଲିଗୁଡା ବନଖଣ୍ଡ ଅଧିକାରୀ ଘନଶ୍ୟାମ ମହନ୍ତ କହିଛନ୍ତି।

# ଛତ୍ରପୁରରେ ଆୟାପା ସ୍ୱାମୀଙ୍କ ପୂଜା


ଆୟାପା ସ୍ୱାମୀଙ୍କ ପୂଜା ଅବସରରେ ବାହାରିଥିବା ନଗର ପରିକ୍ରମା ଯାତ୍ରା।

ଛତ୍ରପୁର,୧୮।୧୨(ଦିଲ୍ଲୀପ ସାମଲ):

ଛତ୍ରପୁରରେ ଆୟାପା ସ୍ୱାମୀଙ୍କ ପୂଜା ଅନୁଷ୍ଠିତ ହୋଇଯାଇଛି। ମାନସିକଧାରୀମାନେ କଳାବସ୍ତ୍ର ପରିଧାନ କରି ଭୋରରୁ ଆୟାପା ସ୍ୱାମୀଙ୍କ ପୂଜାର୍ଚ୍ଚନା କରିଛନ୍ତି। ପୂର୍ବତନ କାଉନସିଲର ବି. ରାଜୁ ବାବୁ ଓ ବି. ଜୟନ୍ତୀ ଦୋରାଙ୍କ ବାସଭବନ ତଥା ଗୌତମ ନଗର ଦ୍ୱିତୀୟ ଲାଇନରେ ସମସ୍ତ ଆୟାପା ଦୀକ୍ଷାଧାରୀ( ମାନସିକ ବ୍ରତଧାରୀ)ମାନେ ଯୋଗ ଦେଇ ପୂର୍ଣ୍ଣକୁମ୍ଭ ପୂଜା କରିବା ସହ ନଗର ପରିକ୍ରମା ହୋଇଥିଲା। ସନ୍ଧ୍ୟାରେ ଆୟାପା ସ୍ୱାମୀଙ୍କ ବିଗ୍ରହଙ୍କୁ ଅଭିଷେକ କରାଯାଇଥିଲା। ୪୧ ଦିନରୁ ଅଧିକ ଦିନ ଧରି ମାନସିକ କରିଥିବା ଆୟାପ୍ପା ବ୍ରତଧାରୀମାନେ ଇରାମୁଡ଼ି ଧରି ଶବରମଲେଇ ଅଭିମୁଖେ ବାହାରିବେ ବୋଲି ମିଳିଛି। ସହର ଓ ଆଖପାଖ ଅଞ୍ଚଳର ଶହ ଶହ ଶ୍ରଦ୍ଧାଳୁ ଆୟପା ସ୍ୱାମୀଙ୍କ ପୂଜାର୍ଚ୍ଚନା କରିଥିଲେ। ସମସ୍ତ ପୂଜା କାର୍ଯ୍ୟ ମୁଖ୍ୟ ଗୁରୁ ସ୍ୱାମୀ ଭେଙ୍କଟ ସ୍ୱାମୀ ସମ୍ପାଦନ କରିଥିବା ବେଳେ ବହୁ ବରିଷ୍ଠ ଶ୍ରଦ୍ଧାଳୁ ସହଯୋଗ କରିଥିଲେ ।

# ଓଡ଼ିଶା ଗଠନରେ ଛାତ୍ରୀଛାତ୍ର ଧର୍ମପଦ ହୁଅ : ମନ୍ତ୍ରୀ

ବୁଗୁଡ଼ା,୧୮।୧୨(କାଳିଚରଣ ଦାଶ)



କାର୍ଯ୍ୟକ୍ରମରେ ଉପସ୍ଥିତ ମନ୍ତ୍ରୀ ଓ ଅନ୍ୟ ଅତିଥି।

ବୁଗୁଡ଼ା ବ୍ଲକ ଅନ୍ତର୍ଗତ ବାଲିପଦର ଆଞ୍ଚଳିକ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଦ୍ୱାତ୍ରିଂଶତି ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଅଧ୍ୟକ୍ଷ ସରୋଜକାନ୍ତ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗଦେଇ ଛାତ୍ରୀଛାତ୍ରମାନେ ନିଷ୍ଠାପର ଭାବେ ଅଧ୍ୟୟନ କରିବା ସହ ବିକଶିତ ଓଡ଼ିଶା ଗଠନରେ ଜଣେ ଜଣେ ଧର୍ମପଦ ହେବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ରୂପେ ଭଞ୍ଜନଗର ଉପଜିଲାପାଳ ଉମାଶଙ୍କର ବେହେରା, ଉଚ୍ଚଶିକ୍ଷା ବିଭାଗ କ୍ଷେତ୍ରୀୟ ଯୁଗ୍ମ ନିର୍ଦ୍ଦେଶକ ପ୍ରଦୀପ କୁମାର ସାହୁ, ସମାଜିକ କର୍ମୀ ରବୀନ୍ଦ୍ର କୁମାର ପରିଡ଼ା, ଯୁବନେତା ମହେନ୍ଦ୍ର ପ୍ରସାଦ ପଣ୍ଡା, ସ୍ଥାନୀୟ ନେତା ରବୀନ୍ଦ୍ରନାଥ ପ୍ରଧାନ, ବୁଗୁଡ଼ା ବ୍ଲକ ଅଧ୍ୟକ୍ଷ ପ୍ରତିନିଧି କେ ନୀଳମାଧବ ଆଚାରୀ, ସ୍ନାତକ କଲେଜ ଅଧ୍ୟକ୍ଷ ଗୋପୀନାଥ ମହାନ୍ତି, ସମାଜିକ କର୍ମୀ ସଂଜୟ କୁମାର ଜେନା ପ୍ରମୁଖ ଯୋଗ ଦେଇଥିଲେ। ପୂର୍ବରୁ ଅନୁଷ୍ଠିତ ହୋଇଥିବା ବାର୍ଷିକ କ୍ରୀଡା ଓ ସାଂସ୍କୃତିକ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରମାନଙ୍କୁ ମାନପତ୍ର ସହ ପୁରସ୍କୃତ ପ୍ରଦାନ କରାଯାଇଥିଲା। ପୁରସ୍କାର ବିତରଣ ଓ ସାଂସ୍କୃତିକ କାର୍ଯ୍ୟକ୍ରମକୁ ପ୍ରାଧ୍ୟାପକ ସୁଶାନ୍ତ କୁମାର ପଣ୍ଡା, କିଶୋର ଚନ୍ଦ୍ର ପଣ୍ଡା, ସୁଜାତା କୁମାରୀ ପଟ୍ଟନାୟକ, ସ୍ମିତା ରାଣୀ ସାହୁ, ଜ୍ଞାନଚାନ୍ଦ ଗୌଡ ପରିଚାଳନା କରିଥିଲେ। ଏକଦିବସୀୟ ଏହି ଉତ୍ସବର ବିଭିନ୍ନ କାର୍ଯ୍ୟକ୍ରମକୁ ପ୍ରାଧ୍ୟାପକ ଡଃ ଦିଲ୍ଲୀପ କୁମାର ପ୍ରଧାନ, ଡଃ ଶିଶିର କୁମାର ନାୟକ, ଅଧ୍ୟାପକ ଡ଼ଃ ଏ ଜୀତେଶ ରାଓ ଦୋରା, ପ୍ରେମାନନ୍ଦ ପ୍ରଧାନ, ଭାବଗ୍ରାହୀ ମହାପାତ୍ର, ପ୍ରଦ୍ୟୁମ୍ନ କୁମାର ପାଢ଼ୀ, ରଶ୍ମୀ ରଞ୍ଜନ ତ୍ରିପାଠୀ, ସଂଜୟ କୁମାର ପାତ୍ର, କାହ୍ନୁଚରଣ ଦାସ, ଭଂଜ କିଶୋର ଗୌଡ, ସୋନିଆ ମହାନ୍ତି, ନବଘନ ପ୍ରଧାନ, ରମାକାନ୍ତ ରାଉତ ପ୍ରଭୃତି ପରିଚାଳନାରେ ସହଯୋଗ କରିଥିଲେ। ଅପରାହ୍ନରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ନୃତ୍ୟ ଓ ସଂଗୀତ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଅଧାପକ ସଂଜୟ କୁମାର ବିଷୋୟୀ, ଅଧ୍ୟାପିକା ଲକ୍ଷ୍ମୀପ୍ରିୟା ମହାରଣା, କାବେରୀ ବିଷୋୟୀ, କବିତା କୁମାରୀ ଜେନା, ଯଶସ୍ୱୀନୀ ଗୌଡ, ବର୍ଷା କୁମାରୀ ଦାସ, ରୋଶନୀ ଗୌଡ, ଲୋକନାଥ ପାଣିଗ୍ରାହୀ ପ୍ରମୁଖ ପରିଚାଳନା କରିଥିଲେ।

# ସିଦ୍ଧାର୍ଥ ହେଲେ ଜୋନ୍ ସଦସ୍ୟ

ଆସିକା,୧୮।୧୨ (ସୁରେନ୍ଦ୍ର ନାଥ ସାହୁ):

ଆସିକା ସୁଗାର ଟାଉନ ଜେସିସର ପୂର୍ବତନ ସଭାପତି ସିଦ୍ଧାର୍ଥ ସୁବୁଦ୍ଧିଙ୍କୁ ଚଳିତ ବର୍ଷ ପାଇଁ ଜେସିସ କ୍ଲବର ଓଡିଶା ଏବଂ ଛତିଶଗଡ ଜୋନର ପରିଚାଳନା କମିଟି ସଦସ୍ୟ ଭାବେ ମନୋନିତ କରାଯାଇଛି । ବର୍ତ୍ତମାନ ସେ ଜୁନିୟର ଜେସିସ ସଂଯୋଜକ ଭାବେ କାର୍ଯ୍ୟ କରୁଛନ୍ତି। ସୁବୁଦ୍ଧି ଯୁବ ସଶକ୍ତିକରଣ ଏବଂ ନେତୃତ୍ୱ କାର୍ଯ୍ୟକୁ ସଫଳତାର ସହ କାର୍ଯ୍ୟକାରୀ କରିଥିବାରୁ ଏବଂ ଏହାର ମୂଲ୍ୟବୋଧ ନେତୃତ୍ୱ, ସଂପ୍ରଦାୟ ସେବା ଏବଂ ବ୍ୟକ୍ତିଗତ ବିକାଶ ପ୍ରତି ତାଙ୍କର ପ୍ରତିବଦ୍ଧତା ଆଧାରରେ ମନୋନିତ ହୋଇଥିବା ଜଣାପଡିଛି । ଜେସିସ ସଂଯୋଜକ ଭାବରେ ସେ ଯୁବ ସଦସ୍ୟମାନଙ୍କୁ ପ୍ରେରଣା ଦେବା, ଜୁନିଅର ୱିଙ୍ଗ କାର୍ଯ୍ୟକଳାପକୁ ସୁଦୃଢ କରିବା ଏବଂ ସଂଗ୍ରହିତ କାର୍ଯ୍ୟକ୍ରମ, ପରାମର୍ଶ ଏବଂ ମୂଲ୍ୟବୋଧ ଆଧାରିତ ତାଲିମ ମାଧ୍ୟମରେ ସଂଗଠନର ଭବିଷ୍ୟତ କାର୍ଯ୍ୟକର୍ତ୍ତାମାନଙ୍କୁ ପୋଷଣ କରିବା ଲାଗି ସେ କାର୍ଯ୍ୟ କରିବେ। ସୁବୁଦ୍ଧିଙ୍କ ଏହି ଦାୟିତ୍ୱକୁ ଆସିକା ସୁଗାର ଟାଉନ ଜେସିସ ପକ୍ଷରୁ ଅଭିନନ୍ଦନ ଜଣାଯାଇଛି ।

# କେବଳ ମଣ୍ଡିରେ ଧାନ ଦେବାକୁ ମନ୍ତ୍ରୀଙ୍କ ପରାମର୍ଶ

ବୁଗୁଡ଼ା,୧୮।୧୨(କାଳିଚରଣ ଦାଶ):

ଆସନ୍ତା ୨୩ ତାରିଖରୁ ଖରିଫ ଧାନ ସଂଗ୍ରହ କରିବେ ସରକାର। ତେଣୁ ଜିଲା ଓ ବ୍ଲକରେ ସବୁଠି ପ୍ରସ୍ତୁତି ଜୋରଦାର କରାଯାଇଛି। ଚାଷୀ, ମିଲର, ସମବାୟ ବିଭାଗ ଓ ଯୋଗାଣ ବିଭାଗକୁ ନେଇ ଚାଲିଛି ଆଲୋଚନା। ଏହି ପରିପ୍ରେକ୍ଷୀରେ ବୁଗୁଡ଼ା ବ୍ଲକ କାର୍ଯ୍ୟାଳୟ ସଭାଗୃହଠାରେ ଏକ ବୈଠକ ହୋଇଛି। ଏଥିରେ ପୋଲସରା ବିଧାୟକ ତଥା ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗଦେଇ ସରକାରଙ୍କ ନୀତି ନିୟମ ଅନୁଯାୟୀ ଚାଷୀମାନେ କେବଳ ମଣ୍ଡିରେ ଧାନ ଦେଇ ସଠିକ ମୂଲ୍ୟ କୁଇଣ୍ଟାଲ ପିଛା ୩୧୦୦ ଟଙ୍କା ପାଇବା ଓ କଟନି ଛଟନି ପ୍ରଥାକୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ତହସିଲଦାର ତାପସ ରାଉତ, ବିଡ଼ିଓ ଦ୍ୟୁତିକୃଷ୍ଣ ପାତ୍ର, ବ୍ଲକ କୃଷି ଅଧିକାରୀ ହରପ୍ରିୟା ବେହେରା, ବ୍ଲକ ଅଧ୍ୟକ୍ଷା ପ୍ରତିନିଧି କେ.ନୀଳମାଧବ ଆଚାରୀ, ବ୍ଲକ ଉପାଧକ୍ଷ ମାନସ ରଞ୍ଜନ ପ୍ରଧାନ ପ୍ରମୁଖ ମଞ୍ଚାସିନ ରହିଥିବା ବେଳେ ଏଥିରେ ବ୍ଲକ ବିଧାୟକ ପ୍ରତିନିଧି ହରିକୃଷ୍ଣ ସାହୁ, ଗଙ୍ଗାଧର ନାୟକ, ସରପଞ୍ଚ ଦିଲ୍ଲୀପ ପ୍ରଧାନ, କୃଷି ସମବାୟ ସମିତି ସଂଘର ସଭାପତି ପୂର୍ଣ୍ଣ ଚନ୍ଦ୍ର ବିଷୋୟୀ, ବ୍ଲକ ଯୋଗାଣ ଅଧିକାରୀ, ଯୋଗାଣ ନିରୀକ୍ଷକ ବିବେକାନନ୍ଦ ମହାନ୍ତି, ସମସ୍ତ ମିଲର୍, ସମସ୍ତ କୃଷି ସମବାୟ ସମିତି ସମ୍ପାଦକ ଏବଂ ଚାଷୀମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ସୋମନାଥ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡା


ଅତିଥି, ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଗହଣରେ କୃତୀ ଛାତ୍ରୀଛାତ୍ର।

ଧରାକୋଟ,୧୮।୧୨ (ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ମୁଣ୍ଡମରାଇସ୍ଥିତ ସୋମନାଥ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ଗତ ୧୬ ଓ ୧୭ ତାରିଖରେ ଦୁଇଦିନ ଧରି ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିନ ମା କୋଠରୀଙ୍କ ମନ୍ଦିରରୁ ମଶାଲ ଶୋଭାଯାତ୍ରା ବାହାରି ବିଦ୍ୟାଳୟ ଖେଳ ପଡିଆରେ ପହଞ୍ଚିବା ପରେ ବିଦ୍ୟାଳୟ ଅଧ୍ୟକ୍ଷ ଦିଗାମ୍ବର ବିଷୋୟୀ କ୍ରୀଡା ଜ୍ୟୋତି ଗ୍ରହଣ କରି କ୍ରୀଡା କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ପରେ ଅନୁଷ୍ଠିତ ପରେଡରେ ସେ ଅଭିବାଦନ ଗ୍ରହଣ କରିଥିଲେ। ଦୌଡ଼ ୧୦୦, ୨୦୦, ୪୦୦, ୮୦୦, ୧୫୦୦, ୩୦୦୦, ୫୦୦୦ ମିଟର,ଶଟପୁଟ, ଜାଭେଲିନ ଥ୍ରୋ, ଡିସକସ ଥ୍ରୋ, ହାଇଜମ୍ପ, ଟ୍ରିପଲ ଜମ୍ପ ଆଦି ପ୍ରତିଯୋଗିତାରେ ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ। ଉଦଯାପନୀ ଉତ୍ସବରେ ଧରାକୋଟ ବ୍ଲକ ରିସେର୍ସ ସଂଯୋଜକ ସୌରି ଶଙ୍କର ବେହେରା ଅତିଥିଭାବେ ଯୋଗ ଦେଇ କ୍ରୀଡା ଛାତ୍ରୀଛାତ୍ରଙ୍କୁ ଶୃଙ୍ଖଳା ଓ ସମୟାନୁବର୍ତ୍ତୀ ହେବା ଶିଖାଇଥାଏ। ସେମାନେ କ୍ରୀଡା ଦ୍ୱାରା ଏକ ଶୃଙ୍ଖଳାମୟ ଜୀବନ ଓ ସୁସ୍ଥ ଶରୀର ଗଠନ କରିପରିଥାନ୍ତି ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ଟ୍ରଫି ଓ ମାନପତ୍ର ଦେଇ ପୁରସ୍କୃତ କରାଯାଇଥିଲା। ବାଳକ ବିଭାଗରେ ମୁକେଶ ଓ ବାଳିକା ବିଭାଗରେ ସାଇ ଗାୟତ୍ରୀ ଚାମ୍ପିୟନ ହୋଇଥିଲେ। ପ୍ରତିଯୋଗିତାକୁ ବିଭିନ୍ନ ଶିକ୍ଷାନୁଷ୍ଠାନ ଯଥା ଧରାକୋଟ ଶ୍ରୀରାଜ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଅନିଲ ନାୟକ, ବାଲୁଙ୍କେଶ୍ୱର ଉଚ୍ଚ ବିଦ୍ୟାଳୟର ମଙ୍ଗୁଲୁ ଜେନା, ମୁଣ୍ଡମରାଇ ବାଳିକା ଉଚ୍ଚ ବିଦ୍ୟାଳୟର ଶିବରାମ ପାଣିଗ୍ରାହୀ, ଶରଧାପୁର ଉଚ୍ଚ ବିଦ୍ୟାଳୟର ଲକ୍ଷ୍ମୀନାରାୟଣ ବେହେରା ଓ ଶିକ୍ଷକ କେ. ନାନବାବୁ ଦୋରା ପରିଚାଳନା କରିଥିଲେ। କ୍ରୀଡାବିତ୍ ମହେଶ ସାହୁ , ଅକ୍ଷୟ କୁମାର, ସନ୍ତୋଷ କୁମାର, ଦିନେଶ କୁମାର, ଆତ୍ମଜ୍ୟୋତି ଦୋରା, ଚାନ୍ଦିନୀ ପ୍ରଧାନ, ପୁଷ୍ପାଞ୍ଜଳି ପଣ୍ଡା ଓ ଅନ୍ୟମାନେ ସହଯୋଗ କରିଥିଲେ।

# ପୂଜକଙ୍କ ପାଇଁ କ୍ୟାଣ୍ଡେଲ ଶୋଭାଯାତ୍ରା

ଗଞ୍ଜାମ,୧୮।୧୨(ବିଦ୍ୟାଧର ସାହୁ)

ଗଞ୍ଜାମ ଏନଏସି ଅନ୍ତର୍ଗତ ପୁଇଁତୋଳା ଗ୍ରାମର ନୃସିଂହ ପୂଜକ ପୁରୋହିତ ରାଜେନ୍ଦ୍ର ରଥଙ୍କ ଅକାଳ ବିୟୋଗ ଘଟିଛି। ବଡ଼ ନୃସିଂହ ଠାକୁରଙ୍କ ପୂଜାର୍ଚ୍ଚନା ସହ ପୁଇଁତୋଳା ସାନ ସାହି ହନୁମାନଙ୍କ ମଧ ପୂଜାରୀ ଥିଲେ। ପୁରୋହିତ ରଥ ଜଣେ ମିଷ୍ଟଭାସି, ସରଳ ବ୍ୟକ୍ତି ଥିଲେ। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିଲା। ପୁରୋହିତଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ଗ୍ରାମର ୫ଶହରୁ ଊର୍ଦ୍ଧ୍ୱ ଯୁବଗୋଷ୍ଠୀ ହାତରେ କ୍ୟାଣ୍ଡେଲ ଧରି ଶୋଭାଯାତ୍ରାରେ ୪ ସାହି ବୁଲିଥିଲେ। ପୁରୋହିତଙ୍କ ପୋଷ୍ଟର ଧରି ପୁରୋହିତ ରାଜେନ୍ଦ୍ର ରଥ ଅମର ରହେ ସ୍ଲୋଗାନ ଦେଇ ଗାଁ ପରିକ୍ରମା କରିଥିଲେ।

# ବିବେକାନନ୍ଦ ଶିଶୁ ଶିକ୍ଷା ପ୍ରତିଷ୍ଠାନର କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ।

ବେଲଗୁଣ୍ଠା,୧୮।୧୨(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)

ବେଲଗୁଣ୍ଠା ବ୍ଲକ୍ ଗାଙ୍ଗପୁର ସ୍ଥିତ ବିବେକାନନ୍ଦ ଶିଶୁ ଶିକ୍ଷା ପ୍ରତିଷ୍ଠାନର ୨୮ତମ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ ହୋଇଛି। ପରିଚାଳନା କମିଟି ସମ୍ପାଦକ ସୀମାଞ୍ଚଳ ପୃଷ୍ଟିଙ୍କ ଅଧ୍ୟକ୍ଷତା ତଥା ପ୍ରଧାନାଚାର୍ଯ୍ୟା ସସ୍ମିତା ମାଝୀଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ ଉଦ୍‌ଘାଟକ ଭାବେ ଗାଙ୍ଗପୁର ଥାନାଧିକାରୀ ବନବିହାରୀ ପ୍ରଧାନ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ସୋରଡ଼ା ବିଧାୟକଙ୍କ ପ୍ରତିନିଧି ଜିତେନ୍ଦ୍ର କୁମାର ନାୟକ ଯୋଗ ଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଗାଙ୍ଗପୁର ଗ୍ରାମ୍ୟ ପରିଚାଳନା କମିଟି ସଭାପତି ଶଙ୍କର୍ଷଣ ବିଷୋୟୀ, ପୂର୍ବତନ ସଭାପତି ନିତ୍ୟାନନ୍ଦ ବିଷୋୟୀ, ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ସନ୍ତୋଷ ବିଷୋୟୀ, ରତ୍ନାକର ନାୟକ, ପ୍ରକାଶ ଚନ୍ଦ୍ର ବିଷୋୟୀ, ଦିବାକର ବିଷୋୟୀ ପ୍ରମୁଖ ଯୋଗ ଦେଇଥିଲେ। ଗୁରୁବାର ୭ଟି ବିଭାଗରେ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବା ବେଳେ ଆସନ୍ତା ସୋମବାର ପୁରସ୍କାର ବିତରଣ ହେବ। ଅନୁଷ୍ଠାନର କ୍ରୀଡ଼ା ଶିକ୍ଷକ ଦେବାଶିଷ ବିଷୋୟୀ, ସାଂସ୍କୃତିକ ପରିଷଦ ମୁଖ୍ୟ ମିଥୁନ୍ ନାୟକ, ବରିଷ୍ଠ ଗୁରୁଜୀ ଗଣେଶ ସାହୁ, ପବିତ୍ର ମୋହନ ବିଷୋୟୀ ପ୍ରମୁଖ ପରିଚାଳନା କରିଥିଲେ।

# ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ର କାର୍ଯ୍ୟକ୍ଷମ ଦାବି


କାର୍ଯ୍ୟକ୍ଷମ ହୋଇ ନ ଥିବା ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ର।

ଖଜୁରିପଡ଼ା, ୧୮।୧୨ (ବିଦୁର ବେହେରା)

ଖଜୁରିପଡ଼ା ବ୍ଲକ୍ ଅନ୍ତର୍ଗତ ସୁଦ୍ରୁକୁମ୍ପା ଛକଠାରେ ଲକ୍ଷାଧିକ ଟଙ୍କା ବ୍ୟୟରେ ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ର ନିର୍ମାଣ କରାଯାଇଛି। ହେଲେ ନିର୍ମାଣ କାର୍ଯ୍ୟ ଶେଷ ହେବାର ଦୀର୍ଘ ଦିନ ପରେ ସୁଦ୍ଧା ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ର ନୂତନ କୋଠା କାର୍ଯ୍ୟକାରୀ ହେଉ ନାହିଁ। ଏହା ତାଲା ପଡ଼ି ରହିଛି। ନୂତନ କୋଠା ବ୍ୟବହାର ନ ହେଉଥିବାରୁ ପ୍ଲାଷ୍ଟର ଗୁଡ଼ିକ ଫାଟି ଆଁ ହେବାକୁ ଯାଉଛି। ପାଣି ସଂଯୋଗ ପାଇପ ଗୁଡ଼ିକ ଭାଙ୍ଗି ନଷ୍ଟ ହେଲାଣି। ନୂତନ କୋଠା ନଷ୍ଟ ହେଉଥିବା ଦେଖି ଏହା କାର୍ଯ୍ୟକାରୀ କରିବାକୁ ସ୍ଥାନୀୟ ଲୋକେ ଅନୁରୋଧ କରିଛନ୍ତି। ଏହି କୋଠା ବ୍ୟବହାର ନ ହେଲେ କିଛି ବର୍ଷ ପରେ ସମ୍ପୂର୍ଣ୍ଣ ନଷ୍ଟ ହୋଇଯିବ। ଏହି ମେଡିକାଲ ଉପରେ ସୁଦ୍ରେଜୁ, ବିଲାବାଡ଼ି ଏବଂ ସୁଦ୍ରୁକୁମ୍ପା ପଞ୍ଚାୟତର ଜନସାଧାରଣ ନିର୍ଭର କରନ୍ତି। ତେଣୁ ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ର କାର୍ଯ୍ୟକ୍ଷମ କରିବାକୁ ଦାବି ହେଉଛି ।

# ପେନସନ୍ ବିରୋଧୀ ବିଲ୍ ପାସ୍‌କୁ ବିରୋଧ

ଛତ୍ରପୁର, ୧୮।୧୨(ଦିଲ୍ଲୀପ ସାମଲ)


କେନ୍ଦ୍ର ସରକାରଙ୍କ ନିଷ୍ପତ୍ତିକୁ ବିରୋଧ କରୁଛନ୍ତି ଅବସରପ୍ରାପ୍ତ କର୍ମଚାରୀ।

ପାର୍ଲାମେଣ୍ଟରେ ପେନସନର୍ସ ବିରୋଧୀ-୨୦୨୫ ଭ୍ୟାଲି ବିଲ୍ ପାସ କରାଇ କେନ୍ଦ୍ର ସରକାର ଅବସରପ୍ରାପ୍ତ କର୍ମଚାରୀଙ୍କୁ ପେନସନ ପ୍ରଦାନ ପାଇଁ ଯେଉଁ ଅଗଣତାନ୍ତ୍ରିକ ଓ କୋଠର ନିଷ୍ପତ୍ତି ଗ୍ରହଣ କରିଛନ୍ତି ତାହାଦ୍ୱାରା ପେନସନର୍ସମାନଙ୍କ ସାମାଜିକ ଓ ଆର୍ଥିକ ସ୍ଥିତି ପ୍ରତି କୁଠାରଘାତ ହୋଇଛି । ୧୯୮୨ ଡିସମ୍ବର ୧୭ରେ ସୁପ୍ରିମକୋର୍ଟ ପେନସନ ଏକ ଅଧିକାର, କାହାର ବଦାନ୍ୟତା ନୁହେଁ ବୋଲି ଏକ ରାୟରେ ନିର୍ଦ୍ଦେଶ ଦେଇଥିଲେ। ସରକାର ଏହାର ଉଲ୍ଲଂଘନ କରିଛନ୍ତି। ଏବେ ଅଷ୍ଟମ ବେତନ କମିଶନ ଗଠନ କରି ପେନସନର୍ସମାନଙ୍କୁ ସେଥିରୁ ବଞ୍ଚିତ କରାଇବାକୁ ଏକ କଠୋର ନିଷ୍ପତ୍ତି ନେଇ କେନ୍ଦ୍ର ସରକାର ବିଲ୍ ପାସ କରାଇଛନ୍ତି । ଏହାକୁ ଗଞ୍ଜାମ ଜିଲା ସେବାନିବୃତ୍ତ କର୍ମଚାରୀ ଓ ଶିକ୍ଷକ ବିକାଶ ମଞ୍ଚ ପକ୍ଷରୁ ବିରୋଧ କରାଯାଇଛି। ଏନେଇ ଭାରତର ସମସ୍ତ ରାଜ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଛି। ସର୍ବ ଭାରତୀୟ ପେନସନର୍ସ ଫେଡେରେଶନ ନିର୍ଦ୍ଦେଶରେ ସେବାନିବୃତ୍ତ କର୍ମଚାରୀ ଓ ଶିକ୍ଷକ ବିକାଶ ମଞ୍ଚ ବ୍ରହ୍ମପୁର ଏନଜିଓ କାର୍ଯ୍ୟାଳୟଠାରୁ ଏକ ବାଇକ ଶୋଭାଯାତ୍ରା ବାହାରି ଛତ୍ରପୁରଠାରେ ପହଞ୍ଚି ଜିଲାପାଳଙ୍କ ଜରିଆରେ ପ୍ରଧାନମନ୍ତ୍ରୀ ଓ ଅର୍ଥମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି । ଜିଲାର ବିଭିନ୍ନ ବ୍ଲକରୁ ଅବସରପ୍ରାପ୍ତ କର୍ମଚାରୀମାନେ ରାଜ୍ୟ ସମ୍ପାଦକ ଶ୍ୟାମସୁନ୍ଦର ଖାଡ଼ଙ୍ଗା, ନିଖିଳ ଉତ୍କଳ ଶିକ୍ଷକ ମହାସଂଘ ଅଧ୍ୟକ୍ଷ କାମରଜୁ ମହାରଣା, ଜିଲା ସଭାପତି ପ୍ରଦୀପ ସାହୁ, ସମ୍ପାଦକ ଅଶୋକ ଦଳେଇ, ଉପଦେଷ୍ଟା ରାଜେନ୍ଦ୍ର ପଣ୍ଡା, ସୋମନାଥ ସାହୁ, ବିଜୟ ବିଶ୍ୱାଳଙ୍କ ନେତୃତ୍ୱରେ ଜିଲାପାଳଙ୍କୁ ଦାବିପତ୍ର ଦେଇଥିଲେ। ଏହି ଅଗଣତାନ୍ତ୍ରିକ ନିଷ୍ପତ୍ତି ପ୍ରତ୍ୟାହାର ନ ହେଲେ ଆଗାମୀ ଦିନରେ ନୂଆଦିଲ୍ଲୀଠାରେ ଆନ୍ଦୋଳନତ୍ମକ କାର୍ଯ୍ୟକ୍ରମ ଗ୍ରହଣ କରାଯିବ ବୋଲି ନେତୃବୃନ୍ଦ ଚେତାବନୀ ଦେଇଛନ୍ତି।

### ବାଇକ୍ ଶୋଭାଯାତ୍ରା କରି ଜିଲାପାଳଙ୍କୁ ଦାବିପତ୍ର

# ଅତିରିକ୍ତ ସୁରକ୍ଷା ରାଶି ଜମା ନୂଆ କଥା ନୁହେଁ: ଟାଟା ପାୱାର

ଭୁବନେଶ୍ୱର,୧୮।୧୨(ଅନୁରାଧା ମହାରଣା)

ଟାଟା ପାୱାରର ଅତିରିକ୍ତ ସୁରକ୍ଷା ଜମା ରାଶିକୁ ନେଇ ବିଭିନ୍ନ ବର୍ଗରୁ ଗତ କିଛିଦିନ ଧରି ଜୋରଦାର ବିରୋଧ କରାଯାଉଥିବା ବେଳେ ଟାଟା ପାୱାର ପକ୍ଷରୁ ସ୍ପଷ୍ଟୀକରଣ ଦିଆଯାଇଛି। ଗୁରୁବାର ଭୁବନେଶ୍ୱରସ୍ଥିତ ଟିପିଡିଓଏଲ୍ ଟେକ୍ନୋଲୋଜି ସେଣ୍ଟରଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଟିପିସିଓଡିଏଲ୍, ଟିଏନ୍ଏଡିଏଲ୍, ଟିପିଏସ୍ଓଡିଏଲ୍ ଏବଂ ଟିପିଡବ୍ଲୁଓଡିଏଲ୍ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀମାନେ ବିଭିନ୍ନ ପ୍ରଶ୍ନରେ ଉତ୍ତର ରଖିଛନ୍ତି। ଅତିରିକ୍ତ ସୁରକ୍ଷା ଜମା ରାଶି ବାବଦରେ ସ୍ପଷ୍ଟୀକରଣ ରଖି ଟିପିସିଓଡିଏଲ୍ ସିଇଓ ଅରବିନ୍ଦ ସିଂହ କହିଛନ୍ତି, ଅତିରିକ୍ତ ସୁରକ୍ଷା ଜମା କିଛି ନୂଆ କଥା ନୁହେଁ । ଏହା ପୂର୍ବରୁ ମଧ୍ୟ ଥିଲା, ଇଲେକ୍ଟ୍ରିସିଟି ଆକ୍ଟ ୨୦୦୩ ନିୟମରେ ଏହା କରାଯାଉଥିବା ସେ କହିଛନ୍ତି। ଏହା ଏକ ରେଗୁଲେଟେଡ୍ ବିଜ୍ନେସ୍ ଦର୍ଶାଇବା ସହ ବିଦ୍ୟୁତ୍ ବିଲ୍, କନେକ୍ସନ, ଚାର୍ଜେଶ ସବୁ ରେଗୁଲେଟେଡ୍ ବୋଲି ସେ କହିଛନ୍ତି। ଯେଉଁ ସିକ୍ୟୁରିଟି ଡିପୋଜିଟ ନିଆଯାଉଛି ତାହା ଉପରେ କ୍ରେଡିଟ୍ ଇଣ୍ଟରେଷ୍ଟ ଦିଆଯାଉଥିବା ସେ ସୂଚନା ଦେଇଛନ୍ତି। ପୁରୁଣା ମିଟର ରିଡିଂ ଓ ସ୍ମାର୍ଟ ମିଟର ସମାନ ରିଡିଂ ମଧ୍ୟରେ କୌଣସି ଫରକ ନାହିଁ, କେବଳ ଏତିକି ଫରକ ଯେ, ସ୍ମାର୍ଟ ମିଟର ଉପଭୋକ୍ତାଙ୍କ ସହ କମ୍ପାନୀର ଏକ ଯୋଗାଯୋଗ ମାଧ୍ୟମ ଭାବେ କାମ କରୁଛି । ଅଧିକ ଟଙ୍କା ଆସିବା ଏକ ଭ୍ରମ, ସେମିତି କୌଣସି ସ୍ଥାନରେ ହେଉନି ବୋଲି ସଫେଇ ରଖିଛି ଟାଟା ପାୱାର। ସୂଚନାଯୋଗ୍ୟ, ଟିପିସିଓଡିଏଲ୍ ତରଫରୁ ଆସିଥିବା ଅତିରିକ୍ତ ସୁରକ୍ଷା ଜମାକୁ ନେଇ ଉପଭୋକ୍ତାଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି । ବିଦ୍ୟୁତ୍ ସମସ୍ୟା ନେଇ ଓଇଆରସିଙ୍କୁ ଭେଟିଥିଲା ଓ ରାଜ୍ୟ ବିଦ୍ୟୁତ୍ ଉପଭୋକ୍ତା ମହାସଂଘ । ଏନେଇ ମହାସଂଘ ପକ୍ଷରୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା । ନିକଟରେ ବିଦ୍ୟୁତ୍ ବିତରଣ ସଂସ୍ଥା ଅତିରିକ୍ତ ସୁରକ୍ଷା ଜମାଟଙ୍କା ଆଦାୟ କରିବା ବାଧ୍ୟତାମୂଳକ କରିଥିଲା । ଯେଉଁମାନେ ଏହାକୁ ଧାର୍ଯ୍ୟ ସମୟ ମଧ୍ୟରେ ଦାଖଲ ନ କରିବେ ସେମାନଙ୍କ ବିଦ୍ୟୁତ୍ ସଂଯୋଗ କାଟି ଦିଆଯିବ ବୋଲି ମଧ୍ୟ ନୋଟିସ ହୋଇଥିଲା , ଯାହାକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖିଥିଲା। ଓଡ଼ିଶାର ଶିଳ୍ପ ଅଞ୍ଚଳଗୁଡ଼ିକରେ ଚାଲୁଥିବା ବିଦ୍ୟୁତ୍ ସଙ୍କଟ ମଧ୍ୟରେ ଟାଟା ପାୱାରଙ୍କ ଦ୍ୱାରା ସୁରକ୍ଷା ଜମାରାଶି ଦାବିକୁ ଓଡ଼ିଶା ଆସେମ୍ବ୍ଲି ଅଫ୍ ସ୍ମଲ ଆଣ୍ଡ ମିଡିୟମ ଏଣ୍ଟରପ୍ରାଇଜେସ୍ ପକ୍ଷରୁ ମଧ୍ୟ ନିନ୍ଦା କରାଯାଇଥିଲା। ଅନ୍ୟପଟେ ଖବରଦାତା ସମ୍ମିଳନୀରେ ମାତ୍ର ୧୮୭୫ ଟଙ୍କାରେ ପିଏମ୍ ସୂର୍ଯ୍ୟଘର : ମୁଫ୍ତ ବିଜୁଳି ଯୋଜନା - ୟୁଏଲ୍ସି ମଡେଲ ମାଧ୍ୟମରେ ୧ କିଲୋୱାଟ ରୁଫ୍ଟପ୍ ସୋଲାର ସ୍ଥାପନ (ସୋଲାର ମିଟର ମୂଲ୍ୟ ଅତିରିକ୍ତ) ନେଇ ବିସ୍ତୃତ ସୂଚନା ପ୍ରଦାନ କରାଯାଇଥିଲା। ସୋଲାର ମଡ୍ୟୁଲ ଉପରେ ୨୫ ବର୍ଷର ୱାରେଣ୍ଟି ଉପଲବ୍ଧ । ଡିସ୍କମ୍ ପକ୍ଷରୁ ବିନା କୌଣସି ଅତିରିକ୍ତ ଦେୟରେ ୫ବର୍ଷ ପାଇଁ ରକ୍ଷଣାବେକ୍ଷଣ ସେବା କରାଯିବ ବୋଲି ସୂଚନା ଦିଆଯାଇଛି।




# ଆନ୍ତଃ ସିଆଇଏଲ୍ ଭଲିବଲ ଟୁର୍ନାମେଣ୍ଟ

ରାଞ୍ଚି,୧୮।୧୨



ସିଏମ୍ପିଡିଆଇ ଖେଳ ପଡ଼ିଆରେ ୩ ଦିନିଆ ଆନ୍ତଃ ସିଆଇଏଲ୍ ଭଲିବଲ ଟୁର୍ନାମେଣ୍ଟ ୨୦୨୫-୨୬ ଚାଲିଛି। ୧୯ ତାରିଖରେ ଉଦ୍ଘାଟନ ହେବାକୁ ଥିବା ଏହି ଟୁର୍ନାମେଣ୍ଟର ଉଦ୍ଘାଟନୀ କାର୍ଯ୍ୟକ୍ରମରେ ପ୍ରତିଷ୍ଠାନ ନିର୍ଦ୍ଦେଶକ (ଟେକ୍ନିକାଲ/ସିଆରଡି), ଶଙ୍କର ନାଗାଚାରୀ, ନିର୍ଦ୍ଦେଶକ (ଟେକ୍ନିକାଲ/ଇଏସ୍), ରାଜୀବ କୁମାର ସିହ୍ନା, ନିର୍ଦ୍ଦେଶକ (ଟେକ୍ନିକାଲ/ଆରଡି ଆଣ୍ଡ ଟି), ନୃପେନ୍ଦ୍ର ନାଥ ଏବଂ ମୁଖ୍ୟ ସତର୍କତା ଅଧିକାରୀ ପଙ୍କଜ କୁମାର ଯୋଗଦେଇଥିଲେ। ଏହି ଅବସରରେ ଅତିଥିମାନେ ଦଳଗତ କାର୍ଯ୍ୟ, ଶୃଙ୍ଖଳା ଏବଂ ଶାରୀରିକ ସୁସ୍ଥତାକୁ ପ୍ରୋତ୍ସାହିତ କରିବାରେ କ୍ରୀଡ଼ାର ଭୂମିକା ଉପରେ ଆଲୋକପାତ କରିଥିଲେ ଏବଂ ସମସ୍ତ ଅଂଶଗ୍ରହଣକାରୀଙ୍କୁ ସଚ୍ଚୋଟତା ଏବଂ ଉତ୍ସାହର ସହ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଉତ୍ସାହିତ କରିଥିଲେ। ସମସ୍ତ ଖେଳାଳି କ୍ରୀଡ଼ା ମନୋଭାବ ଏବଂ ନିରପେକ୍ଷ ଖେଳ ବଜାୟ ରଖିବା ପାଇଁ ଶପଥ ମଧ୍ୟ ନେଇଥିଲେ। ଉଦ୍ଘାଟନୀ ଅଧିବେଶନର ପ୍ରଥମ ମ୍ୟାଚ୍ ଏମ୍ସିଏଲ୍,ସମ୍ବଲପୁର ବନାମ ସିସିଏଲ୍ ରାଞ୍ଚି ମଧ୍ୟରେ ଖେଳାଯାଇଥିଲା। ଏଥିରେ ଏମ୍ସିଏଲ୍,ସମ୍ବଲପୁର ୨୫-୧୮, ୨୫- ୧୮, ୨୫-୧୯ ରେ ସିସିଏଲ୍,ରାଞ୍ଚିକୁ ପରାସ୍ତ କରିଥିଲା। ଦ୍ୱିତୀୟ ମ୍ୟାଚରେ ଏନ୍ସିଏଲ୍,ସିଙ୍ଗରୌଲି ୨୫-୨୦, ୨୨-୨୫, ୨୫-୧୨ରେ ଡବ୍ଲ୍ୟୁସିଏଲ୍-ନାଗପୁରକୁ ପରାସ୍ତ କରିଥିଲା। ତୃତୀୟ ମ୍ୟାଚ ଏସ୍ଇସିଏଲ୍,ବିଲାସପୁର ବନାମ ସିଏମ୍ପିଡିଆଇ,ରାଞ୍ଚି ମଧ୍ୟରେ ଖେଳାଯାଇଥିଲା। ଏଥିରେ ଏସ୍ଇସିଏଲ୍-ବିଲାସପୁର ୨୫-୧୮, ୨୬-୨୪, ୨୫-୨୦ ରେ ସିଏମ୍ପିଡିଆଇ,ରାଞ୍ଚିକୁ ପରାସ୍ତ କରିଥିଲା। କୋଲ୍ ଇଣ୍ଡିଆର ସମସ୍ତ ସହାୟକ କମ୍ପାନୀର ଦଳଗୁଡ଼ିକୁ ନେଇ ଏହି ୩ଦିନିଆ ମ୍ୟାଚ, ଯେଉଁଥିରେ ଆୟୋଜକ ଦଳ ସିଏମ୍ପିଡିଆଇ,ରାଞ୍ଚି ଏବଂ ଏସ୍ସିସିଏଲ୍,କୋଥାଗୁଡେମ ସାମିଲ ଅଛନ୍ତି।

# ଅରୁନ୍ଧତୀର 'ଷ୍ଟାର ଇନ୍ଫ୍ଲୁଏନ୍ସର ଅଫ୍ ଓଡ଼ିଶା-୨୦୨୫' ପ୍ରତିଯୋଗିତା

ଭୁବନେଶ୍ୱର,୧୮।୧୨(ଅନୁରାଧା ମହାରଣା)

ଜୁଏଲେରି ପ୍ରତିଷ୍ଠାନ ଅରୁନ୍ଧତୀ ଜୁଏଲର୍ସ ପକ୍ଷରୁ 'ଷ୍ଟାର ଇନ୍ଫ୍ଲୁଏନ୍ସର ଅଫ୍ ଓଡ଼ିଶା-୨୦୨୫' ପ୍ରତିଯୋଗିତା ଆରମ୍ଭ ହୋଇଛି। ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବାକୁ ଚାହୁଁଥିବା ଇନ୍ଫ୍ଲୁଏନ୍ସର ଅରୁନ୍ଧତୀର ୱେବ୍ସାଇଟ୍ www.arundhati-jewelllers.coms ମାଧ୍ୟମରେ ନାମ ପଞ୍ଜୀକରଣ କରିପାରିବେ । ଇନ୍ଷ୍ଟାଗ୍ରାମ ରିଲସ୍ ଆଧାରରେ ପ୍ରତିଯୋଗୀମାନଙ୍କୁ ଚୟନ କରାଯିବ। ଅଭିନେତ୍ରୀ ଅର୍ଚ୍ଚିତା ସାହୁ, ଗୀତିକାର ଅରୁଣ ମନ୍ତ୍ରୀ ଓ ଶୋଭନା ମିଶ୍ର ପ୍ରମୁଖ ବିଚାରକ ମଣ୍ଡଳୀରେ ଅଛନ୍ତି। ୩ ଜଣ ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ମୋଟ ୨ଲକ୍ଷ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯିବ। ପ୍ରଥମ ବିଜେତାଙ୍କୁ ୧ ଲକ୍ଷ ଟଙ୍କା, ଦ୍ୱିତୀୟ ବିଜେତାଙ୍କୁ ୬୦ ହଜାର ଟଙ୍କା ଏବଂ ତୃତୀୟ ବିଜେତାଙ୍କୁ ୪୦ ହଜାର ଟଙ୍କାର ପୁରସ୍କାର ରାଶି ପାଇବେ। ରାଜ୍ୟରେ ଅନାଲୋଚିତ ଥିବା ପ୍ରତିଭାଙ୍କୁ ଲୋକଲୋଚନକୁ ଆଣିବା ପାଇଁ ଏହି ପ୍ରୟାସ କରାଯାଉଥିବା ଅରୁନ୍ଧତୀ ପକ୍ଷରୁ କୁହାଯାଇଛି।




# ୱାର୍ଲ୍ଡ ସ୍କିଲ୍ସ ଏସିଆରେ କାଂସ୍ୟ ଜିତିଲେ ରାଉରକେଲାର କୋମଲ

ଭୁବନେଶ୍ୱର,୧୮।୧୨(ଅନୁରାଧା ମହାରଣା)

ରାଉରକେଲାର ପ୍ରତିଭାବାନ୍ ଯୁବ ଉଦ୍ଭାବକ କୋମଲ ପଣ୍ଡା ପ୍ରତିଷ୍ଠିତ ୱାର୍ଲ୍ଡ ସ୍କିଲ୍ସ ଏସିଆ ୨୦୨୫ରେ ଶିଳ୍ପ ଡିଜାଇନ ପ୍ରଯୁକ୍ତିବିଦ୍ୟାରେ କାଂସ୍ୟ ପଦକ ଜିତିଛନ୍ତି। କୋମଲଙ୍କ ପଦକ ବିଜୟୀ ପ୍ରଦର୍ଶନରେ ଡିଜାଇନ, ୩-ଡି ମଡେଲିଂ, ପ୍ରଡକ୍ଟ ଇଞ୍ଜିନିୟରିଂ ଏବଂ ଉନ୍ନତ ଡିଜିଟାଲ ପ୍ରୋଟୋଟାଇପିଂରେ ଅସାଧାରଣ ଦକ୍ଷତା ପ୍ରଦର୍ଶନ କରିଥିଲେ। ପଦକ ବିଜେତାଙ୍କୁ ଅଭିନନ୍ଦନ ଜଣାଇ କେନ୍ଦ୍ର ଦକ୍ଷତା ବିକାଶ ଏବଂ ଉଦ୍ୟୋଗିତା ରାଷ୍ଟ୍ରମନ୍ତ୍ରୀ ଏବଂ ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ଜୟନ୍ତ ଚୌଧୁରୀ ଶୁଭେଚ୍ଛା ଜଣାଇଛନ୍ତି। ଏମ୍ଏସ୍ଡିଇ, ଏନ୍ଏସ୍ଡିସି, ବୈଷୟିକ ବିଶେଷଜ୍ଞ, ସହଭାଗୀ ପ୍ରତିଷ୍ଠାନ ଏବଂ ଶିଳ୍ପ ସହଯୋଗୀଙ୍କ ଦୃଢ଼ ସମର୍ଥନ ମାଧ୍ୟମରେ କୋମଲଙ୍କ ସଫଳତା ସମ୍ଭବ ହୋଇପାରିଛି।




## FOREST DEPARTMENT
No.MM-401

## OFFICE OF THE DIVISIONAL FOREST OFFICER, JEYPORE KL DIVISION

e-mail: dfojprkl@gmail.com
Order No.248, Date 16.12.2025
Government of Odisha "e" Procurement Notice
Bid Identification No.DFO-JPR-KL-02/2025-26

1. Number of Works :- 1 (One number of Work)
2. Approximate estimated cost :- 42.03 Lakh
3. Period of Completion :- 3 (Three) Calendar Months.
4. Date & Time of availability of bid documents in the portal :- Dt.19.12.2025 to 28.12.2025
5. Last Date/Time of receipt of bid in the portal :- Dt.28.12.2025 upto 5.00 P.M.
6. Date of Opening of bid :- Dt.29.12.2025 at 11.00 A.M.
7. Name & address of the Office inviting bid :- O/o the Divisional Forest Officer Jeypore KL Division, Jeypore

Further details can be seen from the e-Procurement portal http://www.tendersodisha.gov.in

Sd./- Divisional Forest Officer
Jeypore KL Division
OIPR-08156/11/0003/2526

No.C-1804

## OFFICE OF THE NOTIFIED AREA COUNCIL, BIJEPUR

AT/PO/PS:- Bijepur, Dist.:- Bargarh (Odisha), PIN:- 768032
Phone No. 06685-274153, E_Mail ID:- bijepurnac2018@gmail.com
Letter No. 1376 Date : 15.12.2025

**QUOTATION CALL NOTICE**

Bijepur NAC invites EOI from experienced, competent and eligible Agencies/ Suppliers/ Bidders for supply and fixing of Stalls for Food Court under Bijepur NAC as per the specifications given below.

**Each Stall shall consist of the following materials.**

1) 4 Nos. of 60x60mm vertical G.I square pipe of 12 ft. height (2ft below ground level & 10ft above ground level)
2) 4 Nos. of 40x40mm vertical G.I square pipe of 5 ft. sloping height at top.
3) 5 Nos. of 40x40mm horizontal G.I square pipe of 20 ft. long each.
4) GCI Sheet (Dura shine coloured sheet)-4 Nos. of size (3' 6"X10' 00") each with fixing of ridge & Mugdum of 1'6" height Approx.
5) GCI Sheet (Dura shine coloured sheet)-1No. of size 3' 6"X10' 00" will be fixed with 40x40mm horizontal G.I square pipe in between two Stalls.
6) Counter Table of size 6' 00" x2' 00"x2' 10" will be made out of S.S. sheet of 302 grade.

The Quotation Paper will be available at Development Section of Bijepur NAC @ Rs.400.00 (Rupees four hundred) only per each schedule from Dt.18.12.2025 10.00A.M to 5.00 P.M of Dt.24.12.2025 (within working days & Office hours). The Quotation Paper will be received up to 5.00 P.M. of Dt.26.12.2025. The Quotation Paper will be opened on Dt.30.12.2025 at 11.00 A.M. in presence of the Quotationers or their Authorised representatives. The Quotation documents can be seen in our Office Website www.bijepurnac.in

Any other clarifications regarding EOI may contact Development Section of Bijepur NAC. The Authority reserves the right to accept, reject or cancel any or all the Quotations without assigning any reason thereof.

Sd./- Executive Officer
Bijepur NAC
OIPR-13123/11/0020/2526

## ଵିଜ୍ଞାପନ
No.RR-38

ଓଡ଼ିଶା ରାଜ୍ୟ ସଂଗ୍ରହାଳୟ ୨୦୨୫-୨୦୨୬ ଆର୍ଥିକ ବର୍ଷରେ ଗ୍ରନ୍ଥାଗାର ପାଇଁ ପୁସ୍ତକ ଓ ପତ୍ରିକା କ୍ରୟ କରିବାକୁ ଚାହୁଁଅଛି । ପୁସ୍ତକ ଓ ପତ୍ରିକାଗୁଡିକ ପ୍ରତ୍ନତତ୍ତ୍ୱ, ନୃତତ୍ତ୍ୱ, ଚାରୁକଳା ଓ ସ୍ଥାପତ୍ୟ, ଇତିହାସ, ହିନ୍ଦୁ ଧର୍ମ, ବୌଦ୍ଧ ଧର୍ମ, ଜୈନ ଧର୍ମ, ଓଡ଼ିଆ ସାହିତ୍ୟ, ସଂସ୍କୃତ ସାହିତ୍ୟ, ଇଂରାଜୀ ସାହିତ୍ୟ, କଳାତ୍ମକ ଛବିର ଅଧ୍ୟୟନ, ସଂଗ୍ରହାଳୟ ସମ୍ବନ୍ଧୀୟ ପୁସ୍ତକ, ପୁରାଣ ଶାସ୍ତ୍ର, ତନ୍ତ୍ରଶାସ୍ତ୍ର, ତାଳପତ୍ର ପୋଥି, ଜଗନ୍ନାଥ ସଂସ୍କୃତି ଇତ୍ୟାଦି ବିଷୟ ଉପରେ ପର୍ଯ୍ୟବସିତ ହୋଇଥିବା ଆବଶ୍ୟକ । ଇଚ୍ଛୁକ ପ୍ରକାଶକ/ପୁସ୍ତକ ବିକ୍ରେତାମାନଙ୍କୁ ଅନୁରୋଧ କରାଯାଉଅଛି କି ବିଜ୍ଞାପନ ପ୍ରକାଶ ପାଇବାର ୧୦ ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟରେ ନୂତନ ପୁସ୍ତକ ତାଲିକା/ନମୁନା ପଇଠ କରିବେ । ପ୍ରକାଶନ ସମୟ ଓ ରିହାତିର ପ୍ରତିଶତ ଉଲ୍ଲେଖ୍ୟ ରହିବା ଆବଶ୍ୟକ ।

ସ୍ୱା./-ଅଧୀକ୍ଷକ,
ଓଡ଼ିଶା ରାଜ୍ୟ ସଂଗ୍ରହାଳୟ, ଭୁବନେଶ୍ୱର
OIPR-03015/11/0017/2526

## ODISHA COOPERATIVE TASAR & SILK FEDERATION (SERIFED) LTD.

Sahid Nagar, Janpath, Bhubaneswar-751 007, Tel: 2545586/2545852, email- serifedodisha@gmail.com, website- www.serifedodisha.in

**INVITATION FOR BIDS (e-Procurement)**

Bid identification no:- VI-11(09)/SERIFED/2025-26/ 2182

**No.CAD-2727** : The MANAGING DIRECTOR (SERIFED), Odisha, Bhubaneswar invites Item rate Tenders in single cover system in ONLINE MODE only, for 3 no. of works in Khordha district. The bid documents such as DTCN/BOQ etc. can be seen/downloaded from the government website: www.tendersodisha.gov.in. during the period dt. 18.12.2025 to 5.00 PM up to 24.12.2025. Tender shall be received till 5.00 PM on 24.12.2025 & shall be opened at 11.30 AM on 26.12.2025. Any addendum / corrigendum/cancellation of tender can also be seen in the said website.

OIPR-31005/11/0024/2526 Sd./- MANAGING DIRECTOR

## ODISHA PUBLIC SERVICE COMMISSION, CUTTACK

**NOTICE**

No. 8671/PSC., Dt. 17.12.2025
(1R-18-24/25)(DR-V)

**Assistant Professor (Stage-I) in Santali**
**(Advertisement No.27 of 2023-24)**

**No.D-** : It is for information of all concerned that, document verification of 17 (Seventeen) candidates having **PPSAN** mentioned below for the Post of **Assistant Professor (Stage-I) in "Santali"**, pursuant to advertisement No.27 of 2023/24 shall be held on **29.12.2025** as per the following programme in the Office of the Commission at 19, Dr. P. K. Parija Road, Cuttack - 753001.

**PROGRAMME OF DOCUMENT VERIFICATION**

| Date | Time of verification | PPSAN |
|---|---|---|
| 29.12.2025 | 10.30 A.M. | P240299025, P240305214, P240259052, P240301572, P240308925, P230121480, P240303041, P240302582, P230135607, P240304155, P240302682, P240300320, P240303073, P240307570, P240241909, P240300796 & P220066840 = **17 Candidates** |

The candidates are required to submit the documents as per this office **Notice No. 4271/PSC, dt. 21.06.2025** which is available on the Website of the Commission i.e. www.opsc.gov.in.

The candidates are advised to report in the office of the Commission **half an hour before the commencement of verification** on the scheduled date & time as mentioned above.

**Note**: It is also made clear that,the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the Advertisement. Mere participation in the document verification does not reserve any right for selection.

OIPR-12002/11/0345/2526 Sd./- Secretary

## ODISHA COOPERATIVE TASAR & SILK FEDERATION (SERIFED) LTD.

Sahid Nagar, Janpath, Bhubaneswar-751 007, Tel: 2545586/2545852, email- serifedodisha@gmail.com, website- www.serifedodisha.in

**TENDER CALL NOTICE**

Bid identification no:- VI-11(08)/SERIFED/2025-26/ 2180

**No.CAD-2726** : The MANAGING DIRECTOR (SERIFED), Odisha, Bhubaneswar invites sealed tenders in double cover bids from the registered contractors for 01 no. of work in Khordha district. The bid documents such as DTCN/BOQ etc. can be seen/downloaded from the website: www.tendersodisha.gov.in. during the period dt. 20.12.2025 to 5.00 PM up to 29.12.2025. Tender shall be received till 5.00 PM on 29.12.2025 & shall be opened at 11.30 AM on 30.12.2025. Any addendum / corrigendum / cancellation of tender can also be seen in the said website.

OIPR-31005/11/0025/2526 Sd./- MANAGING DIRECTOR

## ବ୍ରହ୍ମପୁର ବନଖଣ୍ଡର କାଜୁମଞ୍ଜି (୨୦୨୫-୨୬ ପାଇଁ) ସଂଗ୍ରହ ନିମନ୍ତେ ଠିକା ପଦ୍ଧତି ଇସ୍ତାହାର ।

No. MM-396:- ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ବ୍ରହ୍ମପୁର ବନଖଣ୍ଡ ଅଧୀନସ୍ଥ ବିଭିନ୍ନ ଜଙ୍ଗଲରେ ଥିବା କାଜୁମଞ୍ଜି ସଂଗ୍ରହ ୨୦୨୫-୨୬ ବର୍ଷ ନିମନ୍ତେ ଜଉମୁଦଦିଆ ଟେଣ୍ଡର ନିର୍ଦ୍ଧାରିତ ଫର୍ମରେ ଆହ୍ୱାନ କରାଯାଉଅଛି । କାଜୁମଞ୍ଜି ସଂଗ୍ରହ ସମ୍ବନ୍ଧୀୟ ସବିଶେଷ ବିବରଣୀ **ବ୍ରହ୍ମପୁର ବନଖଣ୍ଡ ଅଧିକାରୀ, ବ୍ରହ୍ମପୁର**ଙ୍କ କାର୍ଯ୍ୟାଳୟରେ ନିମ୍ନଲିଖିତ କାର୍ଯ୍ୟଦିବସମାନଙ୍କରେ ଦିବା ୧୧.୦୦ ଘଟିକାଠାରୁ ଅପରାହ୍ନ ୫.୩୦ ଘଟିକା ସମୟରେ ମିଳିପାରିବ । ଇଚ୍ଛୁକ ବ୍ୟକ୍ତିମାନେ ଟେଣ୍ଡର ଖୋଲିବାର ନିର୍ଦ୍ଧାରିତ ସମୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଅଂଶଗ୍ରହଣ କରିପାରିବେ କିମ୍ବା ତାଙ୍କର ମନୋନୀତ ପ୍ରତିନିଧିଙ୍କୁ ପ୍ରମାଣପତ୍ର ଦେଇ ହାଜର କରାଇପାରିବେ । ନିର୍ଦ୍ଧାରିତ ଫର୍ମରେ ଅମାନତ ଜମା ସହ ନିଜର ଗୋଟିଏ ସଦ୍ୟ ଫୋଟୋଗ୍ରାଫ, ସଲଭେନ୍ସି ପ୍ରମାଣପତ୍ର ଓ GST Clearance Certificate ତା୧୨.୦୧.୨୦୨୬ ଅପରାହ୍ନ ୫.୩୦ ଘଟିକା ସମୟ ମଧ୍ୟରେ ଜଉମୁଦଦିଆ ଲଫାପାରେ ଭର୍ତ୍ତି କରି ବ୍ରହ୍ମପୁର ବନଖଣ୍ଡ ଅଧିକାରୀ, ବ୍ରହ୍ମପୁରଙ୍କ କାର୍ଯ୍ୟାଳୟରେ ଥିବା ଟେଣ୍ଡର ବାକ୍ସରେ ଦାଖଲ କରିବାକୁ ପଡ଼ିବ ।

| | | | |
|---|---|---|---|
| ୧) | ଟେଣ୍ଡର ଫର୍ମ ବିକ୍ରୟ ତାରିଖ/ସମୟ | : | ତା୧୭.୧୨.୨୦୨୫ଠାରୁ ୧୨.୦୧.୨୦୨୬ ଦିନ (ସମସ୍ତ କାର୍ଯ୍ୟଦିବସମାନଙ୍କରେ ଦିବା ୧୧.୦୦ ଘଟିକାଠାରୁ ଅପରାହ୍ନ ୫.୩୦ ଘଟିକା ସମୟ ମଧ୍ୟରେ) । |
| ୨) | ଟେଣ୍ଡର ଫର୍ମ ଦାଖଲର ଶେଷ ତାରିଖ/ସମୟ | : | ତା୧୨.୦୧.୨୦୨୬ ସମୟ ୫.୩୦ ମଧ୍ୟରେ । |
| ୩) | ଟେଣ୍ଡର ଫର୍ମ ଖୋଲିବା ସମୟ | : | ତା୧୩.୦୧.୨୦୨୬ ସମୟ ୧୧.୦୦ ଘଟିକା । |
| ୪) | ଟେଣ୍ଡର ଫର୍ମ ମୂଲ୍ୟ | : | ଟ. ୧୦୦.୦୦ (ଏକଶହ) ବ୍ୟକ୍ତିଗତ ଭାବେ । |

ସମସ୍ତ ସ୍ୱତ୍ୱାଧିକାର ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟରେ ସଂରକ୍ଷିତ ରହିବ । କୌଣସି କାରଣ ନ ଦର୍ଶାଇ ଯେ କୌଣସି ଟେଣ୍ଡରକୁ ଦରକାର ହେଲେ ନିମ୍ନ ସ୍ୱାକ୍ଷରକାରୀ ଅଧିକାରୀ ଖାରଜ ବା ପରିବର୍ତ୍ତନ କରିପାରିବେ ।

ସ୍ୱା./- ବନଖଣ୍ଡ ଅଧିକାରୀ
ବ୍ରହ୍ମପୁର ବନଖଣ୍ଡ
OIPR-08038/11/0051/2526

## DISTRICT EDUCATION OFFICE, SAMBALPUR, (DISTRICT PROJECT MANAGEMENT UNIT, PM Poshan)

No. 11884 /PM POSHAN (MDM) Dt. 16.12.2025

**SHORT TENDER CALL NOTICE**

**No.n-215 :** Sealed tenders are invited in the prescribed format from the intending **individual firm/** Transport Contractor(s) / **Agents** having agent's license for transportation of foodstuff(rice) under PM Poshan feeding programme from **OSCSC RRC godowns i.e.,Nuakhurigaon & Rairakhol** of the district to **different school points** of Sambalpur District without transit for **4th qtr of 2025-26.** The detailed tender papers and documents can be obtained from the District Project Management Unit, PM Poshan (MDM), which is functioning in the Office of the District Education Officer, Sambalpur on payment of Rs.500/- (Rupees Five Hundred) only (non-refundable) in shape of Demand Draft in favour of the **"District Education Officer-cum-District Nodal Officer, District Project Management Unit, PM Poshan(MDM), Sambalpur" payable at Sambalpur.** The details of the Tender call notice and other documents are also available in Office website **http://sambalpur.odisha.gov.in** of Sambalpur District.

| | |
|---|---|
| Date of commencement of sale of Tender Document | dt.17.12.2025 |
| Last date of sale of Tender Document | dt.28.12.2025 |
| Last date & time of Receipt of Tender Documents | dt.30.12.2025 (5.00 PM) |
| Date & Time of Opening of Tender Documents | intimated later on |

Not with standing anything contained to the contrary in the tender document, the undersigned reserves the right to cancel/modify the "invitation for Bids" or to reject any or all of the bids or cancel the entire tender process without assigning any reason thereof and shall bear no liability whatsoever consequent upon such a decision.

Sd/- DISTRICT EDUCATION OFFICER
SAMBALPUR
OIPR-27062/11/0001/2526

## GOVERNMENT OF ODISHA
eerwbnjr@gmail.com

## OFFICE OF THE SUPERINTENDING ENGINEER, RURAL WORKS DIVISION, BHANJANAGAR

NATIONAL COMPETITIVE BIDDING THROUGH e-Procurement
No.O-1781 Identification No.Online Tender/21/RWDBNJ/2025-2026
Ltr.No.6084, Date:09.12.25

| Identification No. | Name of Work | No. of Works | Approx. Estimated Cost (in Lakh) | Class of Contractor | Period of Completion |
|---|---|---|---|---|---|
| Online Tender/ RWDB-NJ/21/ 2025-2026 | Building Work | 13 Nos. | 50.35 Lakh to 85.68 Lakhs | "B" & "A" Class as applicable | 09 (Nine) Calendar Months |

| Procurement Officer | Bid Identification No. | Availability of Tender online for bidding | |
|---|---|---|---|
| | | From | To |
| Superintending Engineer, R.W. Division, Bhanjanagar | Online Tender/21/ RWDBNJ/ 2025-2026 | 22.12.2025 at 10.00 A.M. | 05.01.2026 upto 5.00 P.M. |

Further details can be seen from the website: www.tendersodisha.gov.in.

OIPR-25174/11/0058/2526 Sd./- Executive Engineer, R.W. Division, Bhanjanagar

## ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର
(ଗ୍ରାମ୍ୟ/ପୋଷ୍ଟ-ଆମ୍ବପୁଆ, ଆୟକର ଭବନ ନିକଟରେ, ବ୍ରହ୍ମପୁର-୭୬୦୦୧୧, ଗଞ୍ଜାମ, ଓଡ଼ିଶା)

## OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, BERHAMPUR

(At/Po- Ambapua, Near Income Tax Office, Berhampur - 760011, Ganjam, Odisha)
(E-Mail:- serwbpr2004@yahoo.com, Tel.No.:- 0680-2404287)

**No.e-tender//5689//RWC//BAM//Dated 17.12.25**

**1st Corrigendum to Bid Identification No.Online Tender/42-2025-26/BPR**

**No.O-1804:** 1) The partial modification of Road Works under **MMSY-CUVDA** vide above identification has been made as follows.

| | | | |
|---|---|---|---|
| 1 | Date of availability of tender | :: | **07.01.2026 to 21.01.2026** upto 5.30 PM instead of 15.12.2025 to 29.12.2025 upto 5.30 PM |
| 2 | Last Date & Time of seeking tender clarification | :: | **19.01.2026 at 5.30** PM instead of 26.12.2025 at 5.30 PM |
| 3 | Date of Opening of Technical Bid | :: | **22.01.2026 at 11.00 AM** instead of 30.12.2025 at 11.00 AM |
| 4 | Date of Opening of Financial Bid | :: | **Will be intimated later on.** |

All other contents will remain unchanged.

OIPR-25071/11/0177/2526 Sd./- Chief Construction Engineer, R.W.Circle, Berhampur

## VEER SURENDRA SAI UNIVERSITY OF TECHNOLOGY, BURLA

(Formerly University College of Engg.Burla-Established by Govt. of Odisha in 1956 & Upgraded in 2009 to a State Govt. University covered under section 2(f) & 12(B) of UGC Act.)
P.O.: Engineering College, Burla (Siddhi Vihar), Dist: Sambalpur Odisha-768018, India, www.vssut.ac.in

No.VSSUT/Estt/2375/2025 Dated 17.12.2025

**CORRIGENDUM**

**No.KK-299:** Please refer to Walk-in-interview for Guest Faculty of Veer Surendra Sai University of Technology, Burla vide No.VSSUT/Estt/2334 dated 12.12.2025. The walk-in-interview for the post of Guest Faculty in the Department of Production Engineering has been rescheduled to 23.12.2025 at 10.00 A.M. instead of 20.12.2025 in the concerned Department. All other terms and conditions shall remain unchanged.

OIPR-14072/11/0057/2526 Sd./- REGISTRAR

## DISTRICT WELFARE OFFICE, SAMBALPUR

E-mail : dwo-sambalpur@od.gov.in
Order No.4442/SSD Date : 15.12.2025

**SHORT TENDER CALL NOTICE**

**No.W-25 : SEALED TENDERS** are invited from eligible SERVICE PROVIDING AGENCIES to provide MANPOWER existing **13 nos of DEO-cum-Office Assistant (LAC)** as per the terms & conditions provided in the website **http://sambalpur.odisha.gov.in** of Sambalpur District **up to 5.00 PM of 24.12.2025**. The bids shall be received through **Courier/Regd. Post/ Speed Post** only during the office hours and will be **opened on 31.12.2025 at 11.00 AM** in the presence of the bidders or their authorized agents **in the Conference Hall of Collectorate, Sambalpur.**

The interested agencies should clearly mention on the top of envelope as **"Tender for Selection of Outsourcing Agency to provide MANPOWER"**. The Agencies who have applied are requested to remain present in the venue for tender opening on the date of opening. The detailed Terms & Conditions and list of documents to be submitted is available in our website **http://sambalpur.odisha.gov.in**.

The Authority reserves the right for cancellation / modification of the Tender without assigning any reason thereof.

By order of Collector, Sambalpur
OIPR-19326/11/0001/2526 Sd./- District welfare Officer, Sambalpur

## OFFICE OF THE REGISTRAR VIKRAMDEV UNIVERSITY

NH-26, JEYPORE, DIST: KORAPUT,ODISHA, PIN - 764001
www.vikramdevuniversity.ac.in
No. 3144 /VDU-2025 Date 17.12.2025

**ADVERTISEMENT**
**FOR INTERVIEW FOR TEMPORARY ENGAGEMENT OF ADJUNCT PROFESSOR and PROFESSOR OF PRACTICE**

**No.CAD-2736** : Applications in the prescribed format are invited from eligible Indian Citizens for temporary engagement of **Adjunct Professor and Professor of Practice** against the sanctioned posts of Associate Professors and Professor on honorarium basis in various departments of the Vikram Dev University, Jeypore till filling up of the regular posts as detailed below.

The engagement shall be made in accordance with the guidelines issued by Government of Odisha in the Higher Education Department vide No. HE-UE- POLICY-0020-2023: 4477/HE and HE-UE-POLICY-0020-2023: 4478 /HE dt. 01/02/2024 and UGC, New Delhi.

The applicants are required to submit self attested copies of all certificates/ testimonials/ publication details as per their Bio-Data to the REGISTRAR, VIKRAM DEV UNIVERSITY, JEYPORE through Speed/ Registered Post so as to reach on or before 30.12.2025 by 05:00PM.

For details the candidates are requested to visit the university website www.vikramdevuniversity.ac.in.

By the order of Vice Chancellor
Sd./- REGISTRAR,
Vikram Dev University, Jeypore
OIPR-11133/11/0016/2526

## OFFICE OF THE DIVISIONAL FOREST OFFICER, GHUMSUR NORTH DIVISION

Bhejiput, Bhanjanagar, Ganjam, Odisha, Pin-761126
Tele/Fax-06821-241008, E-mail:dfo.ghumsurnorth@odisha.gov.in

**NOTIFICATION**

No.MM-393: This is for information of all concerned that the following Forest Roads of Ghumsur North Division in Ganjam District will remain closed to the traffic on 31.12.2025 from 0 (Zero) hour to 24 (Twenty-Four) hour in accordance with the Rule 284 of the Orissa Forest Department Code 1979. The movement of traffic on the date as specified above will be violation of Section 26 of the Orissa Forest Act' 1972 and hence will be liable for prosecution.

| Sl.No. | Name of the Forest Road | Range | Length in Km |
|---|---|---|---|
| 1 | 2 | 3 | 4 |
| 1 | Mujagada-Dhaumundia | Mujagada | 18 |
| 2 | Mujagada-Langalakhola | Mujagada | 9 |
| 3 | Langalakhola-Birikote | Mujagada | 7 |
| 4 | Birikote-Baiballi | Mujagada | 7 |
| 5 | Darapangia-Mundagaon | Mujagada | 12 |
| 6 | Baiballi-Dhumundia | Mujagada | 5 |
| 7 | Rambha-Kupati | Mujagada | 11 |
| 8 | Rambha-Brahamanapadar | Mujagada | 8 |
| 9 | Durgaprasada-Darpangia | Mujagada | 18 |
| 10 | Ragada-Tiliki | Central | 9 |
| 11 | Saluapalli-Tinikhandia | Central | 8 |
| 12 | Tiliki-Kaliamba | Central | 10 |
| 13 | Ragada-Bankanedi | Central | 8 |
| 14 | Lathipada-Ragada | Central | 8 |
| 15 | Tiliki-Dbobadi-Nuagaon | Central | 10 |
| 16 | Kaliamba-Bankanedi | Central | 6 |
| 17 | Tarasingi-Banta | Tarasingi | 14 |
| 18 | Jagannatha Prasada-Gereda | Jagannathprasad | 19 |
| 19 | Budhakendu-Gudiamba | Central | 1.5 |
| 20 | Tirikumpa-Banta | Jagannathprasad | 8 |
| 21 | Gayaganda-Gunduribadi | Tarasingi | 15 |
| 22 | Rudhapadar-Gunduribadi | Tarasingi | 12 |
| 23 | Cox- Corner Road | Gallery | 12 |
| 24 | Kathachira- Siuli | Gallery | 13 |
| | | TOTAL | 248.5 |

OIPR-08033/11/0022/2526 Sd./- (Himansu Sekhar Mohanty, OFS-I(SB) Divisional Forest Officer, Ghumsur North Division

## DIRECTORATE OF GROUND WATER DEVELOPMENT, ODISHA

Office of The Deputy Director, GWD Division-II, Bhubaneswar
A/2, Unit-V, Bhubaneswar, [e-mail: srgeologistrsbbsr@gmail.com]

**INVITATION FOR BIDS (IFB)**

e-Procurement Notice: 967 Date: 15.12.2025
Bid Identification No. 08/GWRSD/CHHATA/2025-26
(Single Envelope Bidding Process)

No. A-1128:- Deputy Director, Geology, GWD Division-II ,Plot-A/2, Unit-V, Bhubaneswar on behalf of Governor of Odisha invites bids from bidders Class **"D" & "C"** (As per latest OPWD codal provisions) registered with the State Governments and bidders of equivalent Grade/Class registered with Central Government/ MES /Railways for the construction of works following Work.

Bids must be submitted online on or before **03/01/2026 at 17.00 Hrs** IST (system server time). Proposals will be opened online on **05/01/2026 at 14.00 hours**. In the event of the date specified for proposal opening being declared as a closed holiday for the purchaser's office, the due date for opening of bid will be the following working day at the appointed time. Details of the Tender will be available in the procurement portal "**www.tendersodisha.gov.in**".

| Sl. No. | Description | Details |
|---|---|---|
| 1. | Name of the Work | Construction of 3 Nos. of RRHS under CHHATA Scheme at Lab Building & Smart Class room of Narayani Govt. High School, Itamati and Smart Classroom of Bamana Abakash Govt. High School, Itamati, Nayagarh Block under Nayagarh District during FY-2025-26. |
| 2. | Start Date of availability of Bid document online (bid download) | **22/12/2025 from 11.00 Hrs.** |
| 3. | Last Date of availability of bid document online (bid download) | **03/01/2026 up to 17.00 Hrs.** |
| 4. | Last date and time for receipt of bid document (Bid Submission End date & Time) | **03/01/2026 up to 17.00 Hrs.** |
| 5. | Date & Time of opening of bid document (Bid Opening date) | **05/01/2026 at 14.00 Hrs.** |

Sd./- Deputy Director, Geology
GWD Division-II, Bhubaneswar
OIPR-32462/11/0020/2526

## ସଂକ୍ଷେପରେ

### ଆସନ୍ତା ଶନିବାରରୁ ପୂର୍ବାହ୍ନ ୧୦ରୁ ଅପରାହ୍ନ ୪ ଖୋଲିବ ସ୍କୁଲ

ବ୍ରହ୍ମପୁର,୧୮।୧୨(ସୁବାସ ଚନ୍ଦ୍ର ପାଢ଼ୀ): ଗଞ୍ଜାମ ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର ଚିଠି ସଂଖ୍ୟା ୨୫୮୩୦ ଅନୁଯାୟୀ ଚଳିତ ସପ୍ତାହରୁ ଜିଲାର ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଗୁଡିକରେ ଶନିବାର ସକାଳୁଆ ବିଦ୍ୟାଳୟ ପରିବର୍ତ୍ତେ ପୂର୍ବାହ୍ନ ୧୦ରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଶିକ୍ଷାଦାନ କରାଯିବ। ପାଣିପାଗ ବିଭାଗର ଆକଳନ ଅନୁଯାୟୀ ଜିଲାରେ ଶୀତ ପ୍ରକୋପ ବୃଦ୍ଧି ପାଉଛି। ଏହାକୁ ଦୃଷ୍ଟିରେ ରଖି ଜିଲା ଶିକ୍ଷାଧିକାରୀ (ଡିଇଓ) ଅଜୟ କୁମାର ପାତ୍ର ଏଭଳି ପରିବର୍ତ୍ତନ ନିର୍ଦ୍ଦେଶ ଦେଇଛନ୍ତି। ଛାତ୍ର ଛାତ୍ରୀଙ୍କ ଶ୍ରେଣୀ ଶିକ୍ଷା ଦାନ ସମୟ ଓ ଉପସ୍ଥିତିକୁ ସୁନିଶ୍ଚିତ କରିବା ପାଇଁ ଜିଲ୍ଲା ଶିକ୍ଷା ପ୍ରଶାସନ ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ନେଇଛନ୍ତି। ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଏହା ବଳବତ୍ତର ରହିବ ବୋଲି ଡିଇଓ ପାତ୍ର ସୂଚନା ଦେଇଛନ୍ତି।

### ପରାଙ୍କୁଶ ବିଦ୍ୟାପୀଠରେ ବାର୍ଷିକ କ୍ରୀଡ଼ା

ପାତ୍ରପୁର,୧୮।୧୨(ଉମାଚରଣ ନେପାକ): ପାତ୍ରପୁର ବ୍ଲକ ସାମନ୍ତିଆପଲ୍ଲୀସ୍ଥିତ ପିଏମଶ୍ରୀ ପରାଙ୍କୁଶ ବିଦ୍ୟାପଠର ବାର୍ଷିକ କ୍ରୀଡା ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ନାରାୟଣ କହଁରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ ଭାରପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ମଧୁସ୍ମିତା ପୁଷ୍ଟି ମୁଖ୍ୟ ଅତିଥି, ସାମନ୍ତିଆପଲ୍ଲୀ ଭରତପତି ମହାବିଦ୍ୟାଳୟ ଅଧକ୍ଷ ଡ. ଗିରିଶ ଚନ୍ଦ୍ର ବେହେରା ମୁଖ୍ୟ ବକ୍ତା ଭାବେ ଉପସ୍ଥିତ ଥିଲେ। ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଏନ୍, ତିରୁପତି, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଏନ୍. ସଦାନନ୍ଦ, କେ. କ୍ରିଷ୍ଣାରାଓ ଓ ସ୍ଥାନୀୟ ସିଆରସିସି ପ୍ରଶନ୍ନ କୁମାର ରଣା ମଞ୍ଚାସୀନ ଥିଲେ। ଚଳିତବର୍ଷ କ୍ରୀଡା ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା। କ୍ରୀଡା ଶିକ୍ଷକ ଅରୁଣ କୁମାର ସାହୁ କ୍ରୀଡା ପ୍ରତିଯୋଗିତା ପରିଚାଳନା କରିଥିବା ବେଳେ ଶିକ୍ଷକ ବସନ୍ତ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ। ବିଦ୍ୟାପୀଠର ସମସ୍ତ ଛାତ୍ରଛାତ୍ରୀ,ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ। ଶିକ୍ଷକ ଏ. ମୋହନ ରାଓ ଧନ୍ୟବାଦ ଅର୍ପଣ କରିଥିଲେ।

### ବଣିକ ସଂଘର ବୈଠକ

ଆସିକା,୧୮।୧୨(ସୁରେନ୍ଦ୍ର ନାଥ ସାହୁ): ଆସିକା ବଣିକ ସଂଘର ଏକ ସାଧାରଣ ବୈଠକ ମଙ୍ଗଳବାର ସନ୍ଧ୍ୟାରେ କଳିଙ୍ଗାରୋଡସ୍ଥିତ ସଂଘ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଛି। ଉପସଭାପତି ସଞ୍ଜୟ କୁମାର ପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଂପାଦକ ସିମାଞ୍ଚଳ ପରିଡା, ପୂର୍ବତନ ସଭାପତି ଅରୁଣ କୁମାର ପାତ୍ର, ଯୁଗ୍ମ ସଂପାଦକ ସତ୍ୟନାରାୟଣ ପାତ୍ର, କୋଷାଧକ୍ଷ ମନୋଜ କୁମାର ମୁନି ପ୍ରମୁଖ ମଞ୍ଚାସୀନ ଥିଲେ । କାର୍ଯ୍ୟକ୍ରମରେ ସଂଘର ସାଂଗଠନିକ କାର୍ଯ୍ୟକଳାପ ସମ୍ପର୍କରେ ଆଲୋଚନା କରାଯିବା ସହ ଆଗାମି ୨ବର୍ଷ ଲାଗି କର୍ମକର୍ତ୍ତା ନିର୍ବାଚନ କରାଯାଇଥିଲା । ସଭାପତି ଭାବେ ସଂଜୟ କୁମାର ପାତ୍ର, ଉପସଭାପତି ସିମାଞ୍ଚଳ ପରିଡା, ମନୋଜ କୁମାର ମୁନି, ସଂପାଦକ କେ. ସତ୍ୟନାରାୟଣ ପାତ୍ର, ଯୁଗ୍ମ ସଂପାଦକ ରାଜା ପାତ୍ର ଓ କୋଷାଧକ୍ଷ ଭାବେ ଦ୍ୱାରିକାନାଥ ପାତ୍ରଙ୍କୁ ସର୍ବସମ୍ମତି କ୍ରମେ ମନୋନିତ କରାଯାଇଥିଲା । ଏହି ଅବସରରେ ଗତ ମାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ର ଓମ ପ୍ରସାଦ ପାଢୀ ଓ ଆର୍ଯ୍ୟନ ପବ୍ଲିକ ସ୍କୁଲର ଛାତ୍ରୀ ଭାଗ୍ୟଶ୍ରୀ ମିଶ୍ରଙ୍କୁ ଅରୁଣ କୁମାର ପାତ୍ର ଏକ୍ସିଲେନ୍ସି ଆୱାର୍ଡରେ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଶ୍ରୀନିବାସ ପାତ୍ର, ସୁନିଲ କୁମାର ସାହୁ, ଜିତେଶ ପାତ୍ର, ଶଙ୍କର ମୁନି, ଶିବା ପାତ୍ର, ଶଙ୍କର ସାହୁ, ଶତ୍ରୁଘ୍ନ ନାହାକ, ସଚ୍ଚିଦାନନ୍ଦ ମହାନ୍ତି, ସିମାଞ୍ଚଳ ପ୍ରଧାନ, ଲାଲୁ ଜେନା ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

### ଜଳିଗଲା ଗ୍ୟାସ୍ ସିଲିଣ୍ଡର, ବର୍ତ୍ତିଗଲେ ପରିବାର

ଦିଗପହଣ୍ଡି,୧୮।୧୨(ଅଶେଷ ନାଥ ମିଶ୍ର) ଦିଗପହଣ୍ଡି ବ୍ଲକ୍ ବଡ଼ଗୁମୁଳା ଗ୍ରାମ ଶ୍ରୀରଘୁନାଥ ମନ୍ଦିର ନିକଟ ଧୁଁଆଁବାଡ଼ ସାହି କୈଳାସ ଗୌଡ଼ଙ୍କ ସ୍ତ୍ରୀ ରଜନୀ ଗୁରୁବାର ସନ୍ଧ୍ୟା ୫ ଟାରେ ରୋଷେଇ କରୁଥିବା ବେଳେ ଗ୍ୟାସ ସିଲିଣ୍ଡରରେ ନିଆଁ ଲାଗି ଯାଇଥିଲା। ଖବରପାଇ ସରପଞ୍ଚ ଗୀତାଞ୍ଜଳି ଜାନି ଦିଗପହଣ୍ଡି ଅଗ୍ନିଶମ ବାହିନୀକୁ ଘଟଣା ଜଣାଇଥିଲେ। ଅଗ୍ନିଶମ ବାହିନୀ ପହଞ୍ଚିବା ପୂର୍ବରୁ ଲୋକେ ନିଆଁକୁ ଆୟତ୍ତ କରିଥିଲେ। ଏଥିରେ କେହି ଆହତ ହୋଇ ନାହାନ୍ତି।

# ୪୦ କୋଟିରେ ନିର୍ମାଣ ହେବ ଗିରି ମାର୍କେଟ ନୂତନ କୋଠା



ବୈଠକରେ ଉପସ୍ଥିତ ମେୟର, କମିଶନର ଓ ଅନ୍ୟମାନେ।


ଗିରି ମାର୍କେଟ ନୂତନ କୋଠାର ଡିପିଆର

■ଓ୍ୟୁଆଇଏଫରୁ ଋଣ ଆଣିବ ବିଇଏମ୍‌ସି
■କର୍ପୋରେଶନ ବୈଠକରେ ପ୍ରସ୍ତାବ ଗୃହୀତ

ବ୍ରହ୍ମପୁର,୧୮।୧୨(ସ୍ମୃତି ରଞ୍ଜନ ମହାଲିକ): ବ୍ରହ୍ମପୁର ମହାନଗର ନିଗମ (ବିଇଏମ୍‌ସି) ଗିରି ମାର୍କେଟ ନୂତନ କୋଠା ନିର୍ମାଣ ପାଇଁ ଓଡିଶା ଅର୍ବାନ ଇନଫ୍ରାଷ୍ଟ୍ରକଚର ଡେଭଲେପମେଣ୍ଟ ଫଣ୍ଡ (ଓ୍ୟୁଆଇଡିଏଫ)ରୁ ୪୦ କୋଟି ଟଙ୍କା ଋଣ ଆଣିବ। ଏହି ଋଣ ଟଙ୍କାରେ ନୂତନ ଗିରି ମାର୍କେଟ କୋଠା ନିର୍ମାଣ ହେବ ବୋଲି ଗୁରୁବାର ବିଇଏମସି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସ୍ୱତନ୍ତ୍ର କର୍ପୋରେଶନ ବୈଠକରେ ପ୍ରସ୍ତାବ ଗୃହୀତ ହୋଇଛି। ଏଥିସହ ନୂତନ ଡିପିଆର୍‌କୁ ମଧ ବୈଠକରେ କର୍ପୋରେଟରମାନେ ସହମତି ପ୍ରକାଶ କରିଛନ୍ତି। ଏହି ନୂତନ କୋଠାରେ ୨ଟି ବେସମେଣ୍ଟ ସହିତ ଜି ପ୍ଲସ ୩ ମହଲା ବିଶିଷ୍ଟ କୋଠା ରହିବ। ନୂତନ କୋଠାରେ ପାର୍କିଂକୁ ଅଧିକ ଗୁରୁତ୍ୱ ଦିଆଯାଇଛି। କୋଠାରେ ୫୦% ଅଂଶ ପାର୍କିଂ ପାଇଁ ସୁବିଧା ରହିବ। ତେବେ କୋଠା ପଛ ପାର୍ଶ୍ୱରେ ରହିଥିବା ମାଛ ଓ ପରିବା ମାର୍କେଟକୁ ନୂତନ କୋଠା ସହ ସଂଲଗ୍ନ କରିବା ପାଇଁ ବହୁ କର୍ପୋରେଟର ପରାମର୍ଶ ଦେଇଥିଲେ। ଏ ନେଇ କମିଶନର ପ୍ରଥମେଶ ଅରବିନ୍ଦ ରାଜସିର୍କେ ମାଛ ଓ ପରିବା ମାର୍କେଟକୁ ମିଶାଯାଇ ଡିପିଆରକୁ ବୃଦ୍ଧି କରାଯିବ ବୋଲି କହିଥିଲେ। ଟଙ୍କା ଆସିବା ପରେ କାର୍ଯ୍ୟ ଆରମ୍ଭ ହେବ ବୋଲି କମିଶନର ବୈଠକରେ ସୂଚନା ଦେଇଥିଲେ। ଏଥିରେ ସମସ୍ତ କର୍ପୋରେଟର ସହମତି ପ୍ରକାଶ କରିଥିଲେ। ଦୀର୍ଘ ୩ ବର୍ଷ ପରେ ଗିରି ମାର୍କେଟ କୋଠା ପାଇଁ ହୋଇଥିବା ଏହି ନିଷ୍ପତ୍ତିକୁ କର୍ପୋରେଟରମାନେ ସ୍ୱାଗତ ଜଣାଇଥିଲେ। ଅନ୍ୟପଟେ ଋଣ ଟଙ୍କା ମିଳିବା ପରେ କୋଠା ନିର୍ମାଣ କାର୍ଯ୍ୟ ଖୁବ ଶୀଘ୍ର ଆରମ୍ଭ କରିବା ପାଇଁ ବହୁ କର୍ପୋରେଟର ମତ ପ୍ରକାଶ କରିଛନ୍ତି। ବୈଠକରେ ମେୟର ସଂଘମିତ୍ରା ଦଳେଇ ଅଧକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡେପୁଟି କମିଶନର କଲ୍ୟାଣୀ ସଂଘମିତ୍ରା ଦେବୀ, ସିଟି ଇଞ୍ଜିନିୟର ମନୋଜ କୁମାର ପାତ୍ର, ସହକାରୀ କମିଶନର ରୋନିତ କୁମାରଙ୍କ ସମେତ ଅନ୍ୟ ଅଧିକାରୀ ଓ ସମସ୍ତ କର୍ପୋରେଟର ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ଗିରି ମାର୍କେଟ ପୁରୁଣା କୋଠା ଭାଙ୍ଗିବା ପାଇଁ ୨୦୨୨ ମେ ୧୩ ତାରିଖରେ ନିଗମର କର୍ପୋରେଶନ ବୈଠକରେ ନିଷ୍ପତ୍ତି ହୋଇଥିଲା। ପୁରୁଣା କୋଠାରୁ ବ୍ୟବସାୟୀଙ୍କୁ ଖାଲି କରାଯିବା ପରେ ନଭେମ୍ବର ୧୭ରେ କୋଠା ଭଙ୍ଗାଯାଇଥିଲା। ଏହାପରେ ୪୯ କୋଟି ୧୫ ଲକ୍ଷ ଟଙ୍କା ବ୍ୟୟରେ ନୂତନ କୋଠା ନିର୍ମାଣ ପାଇଁ ବ୍ୟୟ ଅଟ୍ଟକଳ କରାଯାଇଥିଲା। ଯାହାକୁ ନେଇ ଡିପିଆର ପ୍ରସ୍ତୁତ ହୋଇଥିଲା। ହେଲେ କୋଠା ଭଙ୍ଗାରେ ହିଁ କାମ ସୀମିତ ରହିଥିଲା। ଏଭଳି ଭାବେ ବିଇଏମସି ପକ୍ଷରୁ ୩ ଥର ଲେଖାଏଁ ଡିପିଆର ପ୍ରସ୍ତୁତ ହୋଇ ନାକଚ ହୋଇଥିଲା। ଫଳରେ ଗିରି ମାର୍କେଟରେ ପୂର୍ବରୁ ବ୍ୟବସାୟ କରୁଥିବା ବ୍ୟବସାୟୀମାନେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହୋଇଥିଲେ। ବର୍ତ୍ତମାନ ନୂତନ କୋଠା ନିର୍ମାଣ ନେଇ ଡିପିଆରକୁ ସହମତି ଓ କୋଠା ନିର୍ମାଣ ନେଇ ବିଇଏମସି ନିଷ୍ପତ୍ତି ଗ୍ରହଣ କରିଥିବାରୁ ବହୁ ବ୍ୟବସାୟୀ ସ୍ୱାଗତ ଜଣାଇଛନ୍ତି।

## ଏନ୍‌ସିସି ସିଓଙ୍କ କେଏସ୍‌ୟୁବି କଲେଜ ପରିଦର୍ଶନ


କମାଣ୍ଡିଂଙ୍ଗ ଅଫିସରଙ୍କୁ ସ୍ୱାଗତ କରାଯାଉଛି ।

ଭଞ୍ଜନଗର,୧୮।୧୨(ବାବୁଲା ପ୍ରଧାନ) ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ (ଏନସିସି) ଆର୍ମି ୱିଙ୍ଗ ବ୍ରହ୍ମପୁର ବାଟାଲିୟନର କମାଣ୍ଡିଂଙ୍ଗ ଅଫିସର (ସିଓ) ସମୀର କର ଗୁରୁବାର ଭଞ୍ଜନଗର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ (କେଏସ୍‌ୟୁବି) ମହାବିଦ୍ୟାଳୟ ପରିଦର୍ଶନ କରିଛନ୍ତି। ଏହି ସମୟରେ ସେ କ୍ୟାଡେଟ ମାନଙ୍କ ସୁବିଧା ଅସୁବିଧା ସଂପର୍କରେ ପଚାରି ବୁଝିଥିଲେ। ଏଥିସହ ସେମାନଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ଉପରେ ସଚେତନ କରାଇଥିଲେ। ଏହାପରେ ସେ କାଗଜ ପତ୍ର ସମୀକ୍ଷା କରିଥିଲେ। ପ୍ରଥମେ କ୍ୟାଡେଟମାନେ ସିଓଙ୍କୁ କଲେଜ ମୁଖ୍ୟ ଫାଟକରୁ ସ୍ୱାଗତ କରି ନେଇଥିଲେ । ସିଓଙ୍କ ଗସ୍ତ ସମୟରେ କଲେଜ ଅଧକ୍ଷ ରାଜେନ୍ଦ୍ର କୁମାର ଦାସ, ନାଭାଲ ସିଟିଓ ବିଭୂତି ଗୌଡ଼, ପୂର୍ବତନ ନାଭାଲ ଅଫିସର ଡ ରବିନ୍ଦ୍ର କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହା ପୂର୍ବରୁ କମାଣ୍ଡିଂଙ୍ଗ ଅଫିସର ଗାଲେରୀ, ମୁଜାଗଡ, କୁଲାଡ ସମେତ ଅନ୍ୟାନ୍ୟ ଉଚ୍ଚ ବିଦ୍ୟାଳୟ ରେ ହୋଇଥିବା ଏନ ସି ସି ଶାଖା ପରିଦର୍ଶନ କରି ଭଲ ମନ୍ଦ ପଚାରି ବୁଝିଥିଲେ।

## ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ବ୍ୟାଡ୍‌ମିଣ୍ଟନ ମହିଳା ଦଳର ସମ୍ବଲପୁର ଗସ୍ତ



ବ୍ରହ୍ମପୁର,୧୮।୧୨( ସୁବାସ ଚନ୍ଦ୍ର ପାଢ଼ୀ): ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପରିଷଦ ପକ୍ଷରୁ ବ୍ୟାଡ୍‌ମିଣ୍ଟନ ମହିଳା ଦଳ ଗୁରୁବାର ସମ୍ବଲପୁର ଗସ୍ତ କରିଛନ୍ତି। ଏହି ଦଳ ସମ୍ବଲପୁର ବିଶ୍ୱ ବିଦ୍ୟାଳରେ ଆସନ୍ତା ୨୦ରୁ ୨୪ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ପୂର୍ବାଞ୍ଚଳ ଆନ୍ତଃବିଶ୍ୱବିଦ୍ୟାଳୟ ବ୍ୟାଡ୍‌ମିଣ୍ଟନ ମହିଳା ପ୍ରତିଯୋଗିତାରେ ଭାଗ ନେବ । ଦଳରେ ବାଲିଗୁଡା ଆଦିବାସୀ କଲେଜର ଡଲିନା ପ୍ରଧାନ ଓ ଅଲିଭା ସୁନେଲି ପ୍ରଧାନ, ଛତ୍ରପୁର ମହିଳା ମହାବିଦ୍ୟାଳୟର ସ୍ମୃତି ରାଣୀ ପଟ୍ଟନାୟକ ରହିଥିବା ବେଳେ ମ୍ୟାନେଜର ଓ କୋଚ ଭାବେ ଚିକିଟି ମହାବିଦ୍ୟାଳୟର ଅଧାପକ ଅଲେଖ ଚନ୍ଦ୍ର ସେଠୀ ଦଳେଇ ଗସ୍ତ କରିଛନ୍ତି । କ୍ରୀଡ଼ା ପରିଷଦ ପକ୍ଷରୁ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ, କ୍ରୀଡ଼ା ପରିଷଦ ସମ୍ପାଦକ ପ୍ରଫେସର ଧ୍ରୁବ ଚରଣ ପଣ୍ଡା, ରାଜେଶ ମହାନ୍ତି, ସୁନିତା ପାତ୍ର, ଜଗନ୍ନାଥ ଚୌଧୁରୀ ପ୍ରମୁଖ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି।

## ରୋଲାଣ୍ଡ ଶିକ୍ଷାନୁଷ୍ଠାନରେ ସ୍ନାତକ ଦିବସ ପାଳିତ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ।

ଗୋପାଳପୁର,୧୮।୧୨(ନବୀନ ରାଜ ଆଚାରୀ) କନିସି ତହସିଲ ଅଧିନସ୍ଥ ଘାଟିକାଲୁ ନିକଟସ୍ଥ ରୋଲାଣ୍ଡ ବୈଷୟିକ ଶିକ୍ଷାନୁଷ୍ଠାନରେ ସ୍ନାତକ ଦିବସ ପାଳିତ ହୋଇଛି। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ସଚିଦାନନ୍ଦ ନାୟକ ଯୋଗଦେଇ ଶିକ୍ଷା, ନୀତିମୂଲ୍ୟ ଓ ସମାଜ ପ୍ରତି ଦାୟିତ୍ୱବୋଧ ସହିତ ଆଗକୁ ବଢ଼ିବାକୁ ସ୍ନାତକ ଛାତ୍ରୀଛାତ୍ରଙ୍କୁ ପ୍ରେରଣା ଦେଇଥିଲେ। ଛାତ୍ରୀଛାତ୍ରମାନଙ୍କୁ ଶିକ୍ଷା ସହିତ ମାନବୀୟ ମୂଲ୍ୟବୋଧ ଅନୁସରଣ କରି ସଫଳ ଓ ଦାୟିତ୍ୱଶୀଳ ନାଗରିକ ହେବାର ଅନୁଷ୍ଠାନର ଚେୟାରମେନ ଜେ.ଜୟଲକ୍ଷ୍ମୀ ପରାମର୍ଶ ଦେଇଥିଲେ। ଶିକ୍ଷାନୁଷ୍ଠାନ ନିର୍ଦ୍ଦେଶିକା ଡା. ଜେ.ଶୃତି ସଂସ୍ଥାର ଶିକ୍ଷାତ୍ମକ ସଫଳତା ଉପରେ ଆଲୋକପାତ କରିଥିଲେ। ଛାତ୍ରୀଛାତ୍ରମାନଙ୍କ ସର୍ବାଙ୍ଗୀନ ବିକାଶକୁ ଗୁରୁତ୍ୱ ଦେଇଥିଲେ। ଅନ୍ୟତମ ନିର୍ଦ୍ଦେଶକ ଡା.ସୁନିଲ କୋଟା ଛାତ୍ରୀଛାତ୍ରମାନଙ୍କୁ ସୁସ୍ଥ ଜୀବନଶୈଳୀ ଅନୁସରଣ କରିବା ସମ୍ପର୍କରେ ସ୍ୱାସ୍ଥ୍ୟ ସଚେତନତା ବାର୍ତ୍ତା ଦେଇଥିଲେ। ସନ୍ତୁଳିତ ଆହାର, ନିୟମିତ ବ୍ୟାୟାମ ଓ ମାନସିକ ସ୍ୱାସ୍ଥ୍ୟର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଅଧକ୍ଷ ଡା. ଗୁଣମଣି ଜେନା, ସଂଯୋଜକ ପ୍ରୋଫେସର ରାକେଶ ରଞ୍ଜନ ପୋଲାଇ ଉପସ୍ଥିତ ରହି ଉଦବୋଧନ ଦେଇଥିଲେ। ୩୩୧ ଛାତ୍ରୀଛାତ୍ରଙ୍କୁ ସ୍ନାତକ ଡିଗ୍ରୀ ପ୍ରଦାନ କରାଯାଇଥିଲା। ଶେଷରେ ପ୍ରଫେସର ଉମାଶଙ୍କର ପାଣି ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଫେସର ସ୍ମିତା ସେନାପତି ସୁସଂଯୋଜିତ ଭାବେ ସଞ୍ଚାଳନା କରିଥିଲେ।

## ବନାଗ୍ନି ନିରାକରଣ ଜନିତ ସଚେତନତା ଶିବିର

ତୁମୁଡ଼ିବନ୍ଧ,୧୮।୧୨ (ଦୀପକ କୁମାର ପରାସେଠ) ତୁମୁଡ଼ିବନ୍ଧ ବନାଞ୍ଚଳରେ ଗୁରୁବାର ପୂର୍ବାହ୍ନରେ ଏକ ଦିବସୀୟ ବନାଗ୍ନି ନିରାକରଣ ଜନିତ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମକୁ ବନାଞ୍ଚଳ ଅଧିକାରୀ କାଳୀ ଚରଣ ବେହେରା ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବେ ବାଲିଗୁଡ଼ା ବନଖଣ୍ଡ ଅଧିକାରୀ ଘନଶ୍ୟାମ ମହନ୍ତ, ତୁମୁଡିବନ୍ଧ ବ୍ଲକ୍ ଅଧକ୍ଷା ବାସନ୍ତୀ ମାଝୀ, ସମ୍ମାନିତ ଅତିଥି ଭାବେ ତୁମୁଡିବନ୍ଧ ସରପଞ୍ଚ ପ୍ରିୟଙ୍କା ପଡରା, ତୁମୁଡିବନ୍ଧ ଅଗ୍ନିଶମ ବିଭାଗର ଓଆଇସିଚିରଞ୍ଜନ ସାହୁ ଓ ତାଙ୍କ ଟିମ୍, ସିଏର ସମ୍ପାଦକ ଗ୍ଲାସିୟସ ଏକ୍କା, ବେଲଘର ଓ କୋଟଗଡ଼ ବନାଞ୍ଚଳ ଅଧିକାରୀ ବିନୟ ବିଶି ଓ ବାଲ ଗୋପାଳ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଗ୍ରୀଷ୍ମ ଋତୁରେ ଜଙ୍ଗଲରେ ନିଆଁ ଲାଗିବା ଯୋଗୁ ଜଙ୍ଗଲ ଓ ପରିବେଶ ନଷ୍ଟ ହେବା ସହିତ ପ୍ରଦ୍ୟୁଷଣ ହୋଇ ତାପମାତ୍ର ବୃଦ୍ଧି ପାଏ। ଅସହ୍ୟ ଗରମରେ ଅସ୍ତବ୍ୟସ୍ତ ହୋଇପଡ଼େ ଜନଜୀବନ। ବନବିଭାଗର ଆପ୍ରାଣ ଉଦ୍ୟମ ସତ୍ତ୍ୱେ ମଧ ଏହି ବନାଗ୍ନୀ ନିୟନ୍ତ୍ରଣ ହେବା କଷ୍ଟସାଧ ହୋଇଥାଏ। ତେଣୁ ଆଗାମୀ ୨୦୨୫/୨୦୨୬ ଆର୍ଥିକ ବର୍ଷରେ ଗ୍ରୀଷ୍ମ ଋତୁ ପୂର୍ବରୁ ଜଙ୍ଗଲକୁ ସୁରକ୍ଷିତ ରଖିବା ପାଇଁ ସ୍ଥାନୀୟ ବନବିଭାଗର ଏହା ଏକ ନିଆରା ପ୍ରୟାସ କରାଯାଇ ତୁମୁଡିବନ୍ଧ ବନାଞ୍ଚଳ କାର୍ଯ୍ୟାଳୟ ପରିସରରେ ବନାଗ୍ନି ନିରାକରଣ ସଚେତନତା ଶିବିର କରାଯାଇଛି। ଏଥିରେ ୩ ବନାଞ୍ଚଳର ସମସ୍ତ ବନପାଳ, ବନରକ୍ଷୀ, ଫରେଷ୍ଟ ପ୍ରଟେକ୍ସନ ସ୍କ୍ୱାର୍ଡ଼ ଏବଂ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## କଂଗ୍ରେସର ପ୍ରତିବାଦ ସଭା, ଶୋଭାଯାତ୍ରା




ଆସିକା,୧୮।୧୨ (ସୁରେନ୍ଦ୍ର ନାଥ ସାହୁ) ନ୍ୟାଶନାଲ ହେରାଲ୍ଡ ମାମଲାରେ ଦିଲ୍ଲୀର ଏକ ଅଦାଲତ କଂଗ୍ରେସ ସଂସଦୀୟ ଦଳ ନେତ୍ରୀ ସୋନିଆ ଗାନ୍ଧୀ ଓ ଲୋକ ସଭାରେ ବିରୋଧୀଦଳ ନେତା ରାହୁଲ ଗାନ୍ଧୀଙ୍କ ବିରୋଧରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ପକ୍ଷରୁ କରାଯାଇଥିବା ଅଭିଯୋଗକୁ ଖାରଜ କରିଛନ୍ତି। ଭାଜପା ୧୦ ବର୍ଷ ଧରି ଇଡି, ସିବିଆଇକୁ ବ୍ୟବହାର କରି ମିଛ ମାମଲାରେ ଦଳର ନେତ୍ରୀ ଓ ନେତାଙ୍କୁ ଫସାଇଥିବାରୁ କଂଗ୍ରେସ ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରାଯାଇଛି । ଗୁରୁବାର ଗଞ୍ଜାମ ଜିଲା କଂଗ୍ରେସ (ପଶ୍ଚିମ) କମିଟି ପକ୍ଷରୁ ଆସିକାରେ ଶୋଭାଯାତ୍ରା ଓ ବସଷ୍ଟାଣ୍ଡ ଠାରେ ପ୍ରତିବାଦ ସଭା କରାଯାଇ କେନ୍ଦ୍ରର ଭାଜପା ସରକାରଙ୍କ ପ୍ରତିଶୋଧମୂଳକ ରାଜନିତୀର ତୀବ୍ର ବିରୋଧ କରାଯାଇଥିଲା। ଭାଜପା ଦେଶବାସୀଙ୍କୁ କ୍ଷମା ପ୍ରାର୍ଥନା କରୁ ବୋଲି ଦାବି କରାଯାଇଥିଲା। ଭାଜପାର ଏଭଳି ଚକ୍ରାନ୍ତ ବିରୋଧରେ କଂଗ୍ରେସ କର୍ମୀମାନେ ଗାଁକୁ ଗାଁ ବୁଲି ଜନସାଧାରଣଙ୍କୁ ସଚେତନ କରିବା ଲାଗି ନିବେଦନ କରାଯାଇଥିଲା । ଯୁବନେତା ଦେବକାନ୍ତ ଶର୍ମାଙ୍କ ନେତୃତ୍ୱରେ ପ୍ରତିବାଦ ସଭାରେ ଗଂଜାମ ଜିଲା (ପଶ୍ଚିମ)ର ଏସସି ସେଲ ଅଧକ୍ଷ ଚିତ୍ରସେନ ବେହେରା, ପ୍ରିୟାଂଶୁ ପରିଡା, ଲକ୍ଷ୍ମୀଚରଣ ପାତ୍ର, ହରେକୃଷ୍ଣ ରଥ, ବାବୁଲା ଦୋରା, ମନୋରଞ୍ଜନ ଦାସ, ଦୀପକ ଭୂୟାଁ, କୁଲୁ ଭୂୟାଁ, ଶିବରାମ ପ୍ରଧାନଙ୍କ ସମେତ ବହୁ କର୍ମୀ ଯୋଗଦେଇଥିଲେ ।

## ଡିସେମ୍ବର ୩୧ ପୂର୍ବରୁ ଗ୍ରେଟର ବ୍ରହ୍ମପୁର ଘୋଷଣା କାର୍ଯ୍ୟକାରୀ ଦାବି

ବ୍ରହ୍ମପୁର,୧୮ ।୧୨(ସ୍ମୃତି ରଞ୍ଜନ ମହାଲିକ) ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ବ୍ରହ୍ମପୁର ଗସ୍ତରେ ଆସିଥିବା ବେଳେ ବ୍ରହ୍ମପୁର ମହାନଗର ନିଗମରେ ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ଓ ପଞ୍ଚାୟତକୁ ସାମିଲ କରି ଗ୍ରେଟର ବ୍ରହ୍ମପୁର ଗଠନ କରାଯିବ ବୋଲି ଘୋଷଣା କରିଥିଲେ। ଏହାକୁ ସହରତଳି ଅଞ୍ଚଳ ମିଳିତ କ୍ରିୟାନୁଷ୍ଠାନ କମିଟି ସ୍ୱାଗତ କରିବା ସହ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛି। ତେବେ ୨୦୨୬ରେ ଜନଗଣନା ପ୍ରକ୍ରିୟା ଆରମ୍ଭ ହେବାକୁ ଥିବାରୁ ଯେ କୌଣସି ଅଞ୍ଚଳର ସୀମା ପରିବର୍ତ୍ତନ କରିବାକୁ ହେଲେ ଡିସେମ୍ବର ୩୧ ଶେଷ ତାରିଖ। ତାହାପୂର୍ବରୁ ଏହାକୁ କାର୍ଯ୍ୟକାରୀ କରିବାକୁ ପଡିବ। ନଚେତ ଏହା ଉପରେ ପ୍ରତିବନ୍ଧକ ଲାଗିପାରେ ବୋଲି କମିଟି କହିଛି। ଜନଗଣନା ପରେ ପୁଣି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଗଲେ ଅନେକ ଆଇନଗତ ଓ ପ୍ରଶାସନିକ ଜଟିଳତା ଦେଖା ଦେବ। ମିଶ୍ରଣ ନେଇ ବିଜ୍ଞପ୍ତି ପ୍ରକାଶ ନ କରି ଡିପିଆର ପ୍ରସ୍ତୁତ ପାଇଁ ନିର୍ଦ୍ଦେଶ ଦେବା କିଛି ଗୁରୁତ୍ୱ ରଖୁନି ବୋଲି କମିଟି ସଭାପତି ସଞ୍ଜୀବ କୁମାର ପଟ୍ଟନାୟକ କହିଛନ୍ତି। ତେଣୁ ଗ୍ରେଟର ବ୍ରହ୍ମପୁରକୁ ଘୋଷଣାରେ ସୀମିତ ନ ରଖି ବିଭାଗ ଠାରୁ ଉକ୍ତ ପ୍ରସଙ୍ଗ ଉପରେ ଗମ୍ଭୀରତାର ସହ ଆସନ୍ତା ୩୧ ପୂର୍ବରୁ ବିଜ୍ଞପ୍ତି ଜାରି କରାଗଲେ ବ୍ରହ୍ମପୁର ପ୍ରତି ରାଜ୍ୟ ସରକାରଙ୍କ ଆନ୍ତରିକତା ଓ ପ୍ରତିବଦ୍ଧତା ପ୍ରକାଶ ପାଇବ ବୋଲି କମିଟି ମତ ପ୍ରକାଶ କରିଛି।

## ବିଦ୍ୟାଳୟର ବାର୍ଷିକୋତ୍ସବ


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଛାତ୍ର।

ଗୋପାଳପୁର,୧୮।୧୨(ନବୀନ ରାଜ ଆଚାରୀ) ରଙ୍ଗେଇଲୁଣ୍ଡା ବ୍ଲକ୍ ଗୋଳନ୍ଥରା ଚଟି ସ୍ଥିତ ବିଶ୍ୱନାଥ ଉଚ୍ଚ ଓ ବୈଷୟିକ ବିଦ୍ୟାଳୟର ୭୭ ତମ ବାର୍ଷିକ ଉତ୍ସବ ପାଳିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଗୋଳନ୍ଥରା ସରପଞ୍ଚ ପ୍ରବୀଣା ଜେନା, ମୁଖ୍ୟ ବକ୍ତା ଟୁନା ଜେନା, ସମ୍ମାନିତ ଅତିଥି ରୂପେ ସମିତି ସଭ୍ୟା ପ୍ରବୀଣା ପ୍ରଧାନ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୁଜାତା ରାଉଳ ଯୋଗ ଦେଥିଇବା ବେଳେ ପ୍ରଧାନ ଶିକ୍ଷୟିତ୍ରୀ ହେମପ୍ରଭା ସେଠୀ ସଭାପତିତ୍ୱ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷକ ଦାଶରଥି ପ୍ରଧାନ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ରଥ ମଞ୍ଚ ପରିଚାଳନା କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଛାତ୍ରମାନଙ୍କୁ ଚରିତ୍ର ଗଠନ ଓ ବିଭିନ୍ନ ବିଷୟରେ ଅତିଥିବୃନ୍ଦ ଅଭିଭାଷଣ ରଖିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗିଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ଶିକ୍ଷୟିତ୍ରୀ ପ୍ରିୟଙ୍କା ମଲନା, କଳ୍ପନା ମହାନ୍ତି, ରଶ୍ମିତା ନାୟକ, ଅର୍ଚ୍ଚିତା ନାୟକ, ସୁଜାତା ପଟ୍ଟନାୟକ, ଜଗତ ଜନନୀ ପ୍ରଧାନ, ଶକୁନ୍ତଳା ପଣ୍ଡା, ନରେଶ ବ୍ରହ୍ମା, ନିବେଦିତା ପଣ୍ଡା, ଧର୍ମେନ୍ଦ୍ର ପ୍ରସାଦ ପାଢ଼ୀ, କାର୍ତ୍ତିକେଶ୍ୱର ସାହୁ, ଦିଲ୍ଲୀପ ପାଢ଼ୀ, ଡି.ଭାଗିରଥି ଓ ଅନ୍ୟମାନେ ଉପସ୍ଥିତ ଥିଲେ।

## ପୂର୍ବଶତ୍ରୁତାରୁ କାତିରେ ଆକ୍ରମଣ, ଅଭିଯୁକ୍ତ ଗିରଫ

ବ୍ରହ୍ମପୁର,୧୮ ।୧୨(ସୁବାସ ଚନ୍ଦ୍ର ପାଢ଼ୀ): ଜଣେ ବ୍ୟକ୍ତିଙ୍କୁ କାତିରେ ଆକ୍ରମଣ କରିବା ଅଭିଯୋଗରେ ସଦର ଥାନା ପୋଲିସ କୁକୁଡାଖଣ୍ଡି ଧୋବା ସାହିର ସୁନୀଲ ସେଠୀ(୩୨)ଙ୍କୁ ବାନ୍ଧିଛି। ସୁନୀଲଙ୍କ ନାମରେ ପୂର୍ବରୁ ୨ଟି ମାମଲା ରହିଥିବା ବେଳେ ସେ ଜାମିନରେ ଆସି ପୂର୍ବ ଶତ୍ରୁତାରେ ଯୁବକଙ୍କୁ ଆକ୍ରମଣ କରିଥିଲେ ବୋଲି ପୋଲିସ କହିଛି। ମାମଲା ନଂ. ୫୪୩/୨୫ରେ ତାଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯାଇଛି।

ସୁନୀଲ ଗତ ୧୫ ତାରିଖରେ କୁକୁଡାଖଣ୍ଡିର ଲକ୍ଷ୍ମଣ ସେଠୀଙ୍କୁ ଗାଳିଗୁଲଜ କରିବା ସହ କାତିରେ ଆକ୍ରମଣ କରିଥିଲେ। ସୌଭାଗ୍ୟବଶତଃ ଲକ୍ଷ୍ମଣ ବର୍ତ୍ତି ଯାଇଥିଲେ। ଘଟଣାକୁ ନେଇ ସେ ନିଜ କୁଳସମାଜର ସଭାପତିଙ୍କୁ ଜଣାଇଥିଲେ। କୁଳସମାଜ ପକ୍ଷରୁ ସୁନୀଲଙ୍କୁ ତାଗିଦ୍ କରାଯାଇଥିଲେ ମଧ ସେ ନିବୃତ ହୋଇ ନ ଥିଲେ । ଅନ୍ୟ ଉପାୟ ନ ପାଇ ଲକ୍ଷ୍ମଣ ନିଜ ପ୍ରତି ବିପଦ ଥିବା ଦର୍ଶାଇ ସଦର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା ରୁଜୁ କରି ତଦନ୍ତ ପରେ ଗୁରୁବାର ସୁନୀଲଙ୍କୁ କାବୁ କରିଥିଲା।

## ପିଏମଶ୍ରୀ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ



କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି ଅତିଥି ।

ରମ୍ଭା,୧୮।୧୨(ବନବାସୀ ସେଠୀ) ରମ୍ଭା ସରକାରୀ ବିଦ୍ୟାଳୟରେ ପିଏମ୍ ଶ୍ରୀବାର୍ଷିକ କ୍ରୀଡ଼ା ଉତ୍ସବ ଉଦଯାପନୀ ସମାରୋହ ପ୍ରାଧନ ଶିକ୍ଷକ ଗୋପୀନାଥ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଗଞ୍ଜାମ ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ପ୍ରସନ୍ନ ବେହେରା, ସମ୍ମାନିତ ଅତିଥି ସିଆରସିସି ରବୀନ୍ଦ୍ର ପଣ୍ଡା, ସ୍କୁଲ ଏସଏମସି ସଦସ୍ୟ ସନ୍ତୋଷ ବେହେରା, ବ୍ଲକ କିରାଣୀ କୃଷ୍ଣ ଚନ୍ଦ୍ର ଗୌଡ଼, କ୍ରୀଡା ଶିକ୍ଷକ ଅଜିତ ବେହେରା, ତୋଫାନ ଗୌଡ଼ ପ୍ରମୁଖ ମଞ୍ଚାସିନ ରହି ଛାତ୍ରୀଛାତ୍ରଙ୍କୁ କ୍ରୀଡାର ମହତ୍ତ୍ୱ ଏବଂ ଖେଳ ଦ୍ୱାରା ଶାରୀରିକ ଓ ମାନସିକ ଅଭିବୃଦ୍ଧି ହେବ ବୋଲି ଅତିଥିମାନେ ବୁଝାଇଥିଲେ। ମଞ୍ଚ ପରିଚାଳନା ଓ ଅତିଥି ପରିଚୟ ଶିକ୍ଷୟିତ୍ରୀ ରୋଜାଲିନ ମହାପାତ୍ର କରିଥିଲେ। ଛାତ୍ରୀମାନଙ୍କ ଦ୍ୱାରା ଅତିଥି ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ଶିକ୍ଷକ ଆଶିଷ ମହାପାତ୍ର, ଜଗବନ୍ଧୁ ପ୍ରଧାନ, ବିକ୍ରମ ପଲାଇ, ପ୍ରଶାନ୍ତ ଜେନା, ଶିକ୍ଷୟିତ୍ରୀ ଶ୍ରୀୟା ଦେବୀ ସ୍ୱାଇଁ, ଶୁଭଶ୍ରୀ ସାରଳା ପରିଡା, ଅନୀତା ଜେନା, ମାଳତୀ ସାହୁ ପୁରସ୍କାର ପ୍ରଦାନରେ ସହଯୋଗ କରିଥିଲେ। କୃଷ୍ଣ ଚନ୍ଦ୍ର ବାଡତ୍ୟା, ରମେଶ ନାୟକ, ଗୁଣମଣି ବେହେରା ସହଯୋଗ କରିଥିଲେ। ସର୍ବ ପ୍ରଥମେ ଶ୍ରୀଜଗନ୍ନାଥଙ୍କ ପ୍ରତିମୂର୍ତ୍ତିରେ ସାମୁହିକ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ବିଭିନ୍ନ ଖେଳରେ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ରମାନଙ୍କୁ ଅତିଥି ମାନେ ଟ୍ରଫି ପ୍ରଦାନ କରିଥିଲେ। ରମ୍ଭା ଉଚ୍ଚ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀର ଛାତ୍ରୀ ନନ୍ଦିତା ଗୌଡ଼ ବ୍ଲକ ଓ ରାଜ୍ୟସ୍ତରୀୟ ଦୌଡ଼ ପ୍ରତିଯୋଗିତାରେ ଅଂଶଗ୍ରହଣ କରି କୃତିତ୍ୱ ହାସଲ କରିବା ସହିତ ବିଦ୍ୟାଳୟର ପିଏମ୍ ଶ୍ରୀ ବାର୍ଷିକ କ୍ରୀଡ଼ାରେ ଅଂଶ ଗ୍ରହଣ କରି ଚାମ୍ପିଅନ ହୋଇଛନ୍ତି ଏବଂ ଛାତ୍ର ନିରଞ୍ଜନ ଦାସ ମଧବିଦ୍ୟାଳରେ ଚାମ୍ପିଅନ ହୋଇଛନ୍ତି।

# ନାବାଳକ ମାଓବାଦୀଙ୍କ ଆତ୍ମସମର୍ପଣ

ରାଉରକେଲା,୧୮।୧୨(ସଙ୍ଗୀତା ଜେନା)

ଦୀର୍ଘଦିନ ହେଲା ଓଡ଼ିଶା ସୀମାନ୍ତ ସରଣ୍ଡା ଏବଂ କୋଲହାନ ଅଞ୍ଚଳରେ ସକ୍ରିୟ ଥିବା ଜଣେ ନାବାଳକ ମାଓବାଦୀ ଗୁରୁବାର ରାଉରକେଲା ପୋଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ଏ ନେଇ ଅପରାହ୍ନ ୧ଟାରେ ରାଉରକେଲା ପୋଲିସ ଜିଲା ମୁଖ୍ୟାଳୟରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ ରାୟ ଏବଂ ରାଉରକେଲା ଏସ୍‌ପି ନିତେଶ ୱାଧୱାନୀ ସୂଚନା ପ୍ରଦାନ କରିଛନ୍ତି। ତାଙ୍କଠାରୁ ୯ ମି.ମି କାର୍ବାଇନ୍ ଜବତ କରାଯାଇଛି। ଆତ୍ମସମର୍ପଣ କରିଥିବା ଏହି ମାଓବାଦୀ ଝାଡ଼ଖଣ୍ଡ ପଶ୍ଚିମ ସିଂହଭୂମ ଜିଲା ଜାମଦା ଥାନା ଅଞ୍ଚଳର ବୋଲି ଜଣାପଡ଼ିଛି।

ଏସ୍‌ପି ୱାଧୱାନୀ ସୂଚନା ପ୍ରଦାନ କରି କହିଲେ, ନାବାଳକ ମାଓବାଦୀ ଜଣକ ୨୦୨୨ରେ ମାତ୍ର ୧୨ ବର୍ଷ ବୟସରେ ମାଓବାଦୀ ଦଳରେ ଯୋଗଦେଇଥିଲେ। ରପ୍ପା ଓ ଗୁଙ୍ଗା ନାମକ ୨ ଜଣ ଅପରାଧୀ ତାଙ୍କୁ ମାଓବାଦୀ ଚିନ୍ତାଧାରାରେ ପ୍ରେରିତ କରି ଦଳରେ ଭର୍ତ୍ତି କରିଥିଲେ। ଦଳରେ ଯୋଗଦେବା ପରେ ମାଓବାଦୀ ଶୀର୍ଷନେତା ତଥା କମାଣ୍ଡର ମୋଚ୍ଛୁଙ୍କ ଅଧୀନରେ ନାବାଳକ ମାଓବାଦୀ ସରଣ୍ଡା ତଥା କୋଲହାନ ଅଞ୍ଚଳରେ କାର୍ଯ୍ୟ କରୁଥିଲେ। ସେ ବଳିବା, ତିରିଲିପୋଷ, ଲାଇଲୋର, ଜମରଡ଼ିହି, ଯୋଯୋଡେରା ଆଦି ଅଞ୍ଚଳରେ ସକ୍ରିୟ ଥିଲେ। କିଛିଦିନ ତଳେ ସୁନ୍ଦରଗଡ଼ ବାଙ୍କୋ ଅଞ୍ଚଳରେ ବିସ୍ଫୋରକ ଲୁଟ୍, ରେଳପଥ ବିସ୍ଫୋରଣ ଏବଂ ବନ୍‌କୋ ରିଜର୍ଭ ଫରେଷ୍ଟ

### ବାଙ୍କୋ ବିସ୍ଫୋରକ ଲୁଟ୍‌ରେ ସମ୍ପୃକ୍ତ ଥିଲେ



ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କୁ ପ୍ରୋତ୍ସାହିତ କରାଯାଉଛି।

ଅଞ୍ଚଳରେ ଆଇଇଡି ବିସ୍ଫୋରଣ ଘଟଣାରେ ସେ ସମ୍ପୃକ୍ତ ଥିଲେ। ସେ ୭୦/୮୦ ମାଓବାଦୀ ସଦସ୍ୟଙ୍କ ସହିତ ସରଣ୍ଡା ଜଙ୍ଗଲରେ ଶିବିର କରି ବାଙ୍କୋ ପଥରଖଣିରୁ ବିସ୍ଫୋରକ ଲୁଟ୍ ଯୋଜନା କରିଥିଲେ। ସେଥିପାଇଁ ମାଓବାଦୀ ସଙ୍ଗଠନର ଶୀର୍ଷନେତା ଅନମୋଲ ଝାଡ଼ଖଣ୍ଡ ଜମରଡ଼ିହି ନିକଟରେ ଏକ ବୈଠକ ଡାକିଥିଲେ। ବୈଠକରେ ନାବାଳକ ମାଓବାଦୀ ସୁରକ୍ଷାକର୍ମୀ ଭାବେ ପହରା ଦେଇଥିଲେ। ବୈଠକ ପରେ ଅନମୋଲ ବିସ୍ଫୋରକ ବାହାନା ଦେଖାଇ ଲୋକମାନଙ୍କୁ ଏହି ଅଭିଯାନରେ ସାମିଲ କରିଥିଲେ। ସୁରକ୍ଷାବଳ ଓ ପୋଲିସର ଧରପଗଡ଼, ଦଳର ଅବ୍ୟବସ୍ଥା, ସହଭାଗୀମାନଙ୍କ ମୃତ୍ୟୁ ଏବଂ ନିଜ ଜୀବନ ପ୍ରତି ଭଲ ପାଇବାକୁ ଦେଖି ସେ ଏହି ରାସ୍ତା ଛାଡ଼ିବାକୁ ରାଜି ହୋଇଥିଲେ। ପୋଲିସ ତାଙ୍କୁ ଓଡ଼ିଶା ସରକାରଙ୍କ ଆତ୍ମସମର୍ପଣ ଓ ପୁନର୍ବାସ ନୀତି ସମ୍ବନ୍ଧରେ ଥିବା ନିୟମ ସମ୍ପର୍କରେ ଅବଗତ କରାଇ ଆତ୍ମସମର୍ପଣ କରାଇଥିଲା ବୋଲି ଏସ୍‌ପି ୱାଧୱାନୀ କହିଥିଲେ। ସେହିପରି ଡିଆଇଜି ରାୟ କହିଛନ୍ତି, ନାବାଳକ ଜଣକ ଦାରିଦ୍ର୍ୟ ପୃଷ୍ଠଭୂମିରୁ ଆସିଥିବା ଯୋଗୁ ଅନ୍ତ୍ୟୋଦୟ ଘର ପାଇଁ ନଗଦ ରାଶି, ଭବିଷ୍ୟତରେ ବିବାହ ପାଇଁ ୨୫ ହଜାର ଟଙ୍କା ଦିଆଯିବ। ତାଙ୍କୁ ଦକ୍ଷତା ବିକାଶ ଯୋଜନାରେ ଭର୍ତ୍ତି କରାଯିବା ସହ ୩୬ ମାସ ପର୍ଯ୍ୟନ୍ତ ୧୦ ହଜାର ଟଙ୍କା ଭତ୍ତା ପ୍ରଦାନ କରାଯିବ। ସରକାରୀ ଆରୋଗ୍ୟ, ରାଶନ ଓ ଅନ୍ୟାନ୍ୟ କଲ୍ୟାଣ ଯୋଜନା କାର୍ଡ ମଧ୍ୟ ଦିଆଯିବ। ନାବାଳକଙ୍କୁ ବି ଶ୍ରେଣୀରେ ରଖାଯାଇଛି। ୧.୬୫ ଲକ୍ଷ ଟଙ୍କା ସହ ୧.୧୫ ଲକ୍ଷ ଏଫ୍‌ଡି ଜମା କରାଯିବ। ଏକ ବର୍ଷ ପରେ ଭଲ ଆଚରଣ କଲେ ୫୦ ହଜାର ଏବଂ ୩ ବର୍ଷ ପରେ ୬୫ ହଜାର ଟଙ୍କା ସରକାରୀ ସ୍ତରରେ ପ୍ରଦାନ କରାଯିବ ବୋଲି ରାୟ କହିଥିଲେ।

# ୩୫ ଘଣ୍ଟା ପଡ଼ିରହିଲା ମୃତଦେହ

## ଭିନ୍ନ ଧର୍ମର ହୋଇଥିବାରୁ ଗାଁ ଶ୍ମଶାନରେ ସତ୍କାର ହୋଇପାରିଲାନି

ପାଟଣା,୧୮।୧୨
(ବୀର କିଶୋର ଦାଶ)

ଭିନ୍ନ ଧର୍ମର ହୋଇଥିବାରୁ ଗାଁ ଶ୍ମଶାନରେ ମୃତଦେହ ସତ୍କାର କରାଇ ଦେଲେନାହିଁ ଗ୍ରାମବାସୀ। ୩୫ ଘଣ୍ଟା ଧରି ପଡ଼ି ରହିଲା ମୃତଦେହ। ପ୍ରଶାସନର ହସ୍ତକ୍ଷେପ ପରେ ମୃତକଙ୍କ ନିଜ ଜମିରେ ହେଲା ସତ୍କାର। ଏଭଳି ଘଟଣା ଘଟିଛି କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଡୁମୁରିଆ ପଞ୍ଚାୟତ ବାଇଦବାଜା ଗାଁ ବନ୍ଧସାହିରେ।

ସୂଚନା ଅନୁଯାୟୀ, ବାଇଦବାଜା ଗାଁର ମକୁରୁ ମୁଣ୍ଡା ଟିବି ରୋଗରେ ଆକ୍ରାନ୍ତହୋଇ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ୭ ଦିନ ତଳେ ସେ ଘରକୁ ଆସିଥିଲେ ହେଁ ଶଯ୍ୟାଶାୟୀ ହୋଇ ରହିଥିଲେ। ମଙ୍ଗଳବାର ରାତି ୧୨ଟାରେ ତାଙ୍କର ମୃତ୍ୟୁ ଘଟିଥିଲା। ମକୁରୁ ଓ ତାଙ୍କ ବଡ଼ଭାଇ ମିଚରାୟ ୧ବର୍ଷ ପୂର୍ବେ ଅନ୍ୟ ଧର୍ମ ଗ୍ରହଣ କରିଥିବାରୁ ଗାଁ ଶ୍ମଶାନରେ ମକୁରୁଙ୍କ ମୃତଦେହ ସତ୍କାରକୁ ଗ୍ରାମବାସୀ ବିରୋଧ କରିଥିଲେ। ଏନେଇ ଗାଁରେ ଉତ୍ତେଜନା ପ୍ରକାଶ ପାଇଥିଲା। ବୁଧବାର ସକାଳେ ଗାଁରେ ଏକ ସଭା ବସିଥିଲା। ହିନ୍ଦୁଙ୍କ ଶ୍ମଶାନରେ ଅନ୍ୟଧର୍ମ ଗ୍ରହଣ କରିଥିବା ମକୁରୁଙ୍କ ଅନ୍ତିମ ସଂସ୍କାର ହୋଇପାରିବ ନାହିଁ ବୋଲି ସଭାରେ ନିଷ୍ପତ୍ତି ହୋଇଥିଲା। ଏ ସଂକ୍ରାନ୍ତରେ ମକୁରୁଙ୍କ ଭାଇ ମିଚରାୟ ଘଟଗାଁ ଥାନାରେ ଅଭିଯୋଗ କରିଥିଲେ। ପାଟଣା ତହସିଲଦାର ଅଶ୍ୱିନୀ କୁମାର ନାଏକ, ଘଟଗାଁ ଏସ୍‌ଡିପିଓ ବିଜୟକୃଷ୍ଣ ମହାପାତ୍ର, ଥାନା ଅଧିକାରୀ ଶୁଭ୍ରାଂଶୁ ଜେନା ବୁଧବାର ରାତି ୧୨ଟାରେ ଗାଁରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ୩୫ଘଣ୍ଟା ପରେ ଗୁରୁବାର ପୂର୍ବାହ୍ନ ୧୧ଟାରେ ଘଟଗାଁ ଥାନା ଏଏସ୍‌ଆଇ ବାସୁଦେବ ମିର୍ଦ୍ଧାଙ୍କ ଉପସ୍ଥିତିରେ ମିଚାରାୟଙ୍କ ନିଜ ଜମିରେ ମୃତଦେହ ସତ୍କାର କରାଯାଇଥିଲା। ଗାଁରେ ଚାପା ଉତ୍ତେଜନା ଲାଗି ରହିଥିବାରୁ ପୋଲିସ ମୁତୟନ ହୋଇଛନ୍ତି।

# ଚକରା ଘାଟିରେ ପର୍ଯ୍ୟଟକ, ଦନ୍ତା ମୁହାଁମୁହିଁ

## ଦନ୍ତାହାତୀ ଆକ୍ରମଣରେ ଗାଈ ମୃତ, ୪ ଗାଈ ଗୁରୁତର

ଭଞ୍ଜନଗର,୧୮।୧୨(ବାବୁଲା ପ୍ରଧାନ)

ଗଞ୍ଜାମ ଜିଲା ଭଞ୍ଜନଗର ଘୁମୁସର ଉତ୍ତର ବନଖଣ୍ଡରେ ଦନ୍ତାହାତୀଙ୍କ ଦୌରାତ୍ମ୍ୟ ଦିନକୁ ଦିନ ବଢ଼ିବାରେ ଲାଗିଛି। ଏହାକୁ ନେଇ ଜଙ୍ଗଲ ନିକଟବର୍ତ୍ତୀ ଲୋକେ ଭୟଭୀତ ଅବସ୍ଥାରେ ରହୁଛନ୍ତି। ଏଥିସହ ଗୃହପାଳିତ ପ୍ରାଣୀ ମଧ୍ୟ ବିପଦରେ ପଡୁଛନ୍ତି। ମଙ୍ଗଳବାର ଚକରା ଘାଟିରେ ଦନ୍ତା ଓ ପର୍ଯ୍ୟଟକ ମୁହାଁମୁହିଁ ହୋଇଥିବା ବେଳେ ବୁଧବାର ରାତିରେ କେନ୍ଦ୍ରୀୟ ବନାଞ୍ଚଳ କାଳିଆମ୍ବା ସେକ୍ସନ ପୁରୁଣାପାଣି ବଞ୍ଜରମାଳରେ ଥିବା ଡମ୍ବ ପାତ୍ରଙ୍କ ଗାଈ କୁହାଁର (ଗାଈ ବନ୍ଧା ହୋଇ ରହିଥିବା ସ୍ଥାନ)କୁ ଦନ୍ତାହାତୀ ଭଙ୍ଗାରୁଜା କରିଛି। କାଳିଆମ୍ବାର ପୂର୍ଣ୍ଣ ନାୟକଙ୍କ ଗୋଟେ ଗାଈକୁ ଦନ୍ତା ଆକ୍ରମଣ କରିଛି। ପୁରୁଣାପାଣିର ନୀଳକଣ୍ଠ ପରିଡ଼ା ଓ ରଞ୍ଜନ ପରିଡାଙ୍କ ଗୋଟିଏ ଲେଖାଏ ଗାଈ, ମଳାସପଦରର ଗଙ୍ଗା ନାୟକଙ୍କ ଗୋଟିଏ ଗାଈ ଦନ୍ତା ଆକ୍ରମଣରେ ଗୁରୁତର ହୋଇଥିବା ଜଣାପଡିଛି। ତେବେ ଗୁରୁତର ଗାଈଙ୍କ ମଧ୍ୟରୁ ଗୋଟିଏ ଗାଈର ମୃତ୍ୟୁ ହୋଇଛି। ଏହି ଘଟଣାକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ଖବର ପାଇ ଡିଏଫ୍‌ଓ ହିମାଂଶୁ ଶେଖର ମହାନ୍ତି, ରେଞ୍ଜର ପୃଥ୍ୱୀରାଜ ପ୍ରଧାନ ଘଟଣାର ତଦନ୍ତ କରୁଛନ୍ତି। ଏଥିସହ ଏକ ସ୍ୱତନ୍ତ୍ର ଟିମ୍ ମଧ୍ୟ ଘଟଣାସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରିଛି। ବୁଧବାର ସୁଦ୍ଧା ଏହି ବନଖଣ୍ଡରେ ୪୪ଟି ହାତୀ ରହିଛନ୍ତି। ହାତୀମାନେ ସନ୍ଧ୍ୟା ହେଲେ ଜଙ୍ଗଲରୁ ବାହାରି ଜଙ୍ଗଲ ନିକଟବର୍ତ୍ତୀ ଗ୍ରାମଗୁଡ଼ିକରେ ଫସଲ କ୍ଷତି ସହ ଭଙ୍ଗାରୁଜା କରୁଛନ୍ତି। ଏହି ସମୟରେ ଲୋକେ ମଧ୍ୟ ହାତୀ ଆକ୍ରମଣର ଶିକାର ହେଉଛନ୍ତି। ହାତୀଙ୍କ ପାଇଁ ଚକରା ଘାଟି ରାସ୍ତା ବର୍ତ୍ତମାନ ପର୍ଯ୍ୟଟକଙ୍କ ପାଇଁ ବିପଦ ସାଜିଛି। ମଙ୍ଗଳବାର ହାତୀପଲ ଘାଟିରେ କ୍ଷୟକ୍ଷତି କରିଛନ୍ତି। ଘାଟି ପରିଦର୍ଶନରେ ଯାଉଥିବା ଲୋକଙ୍କ ସହ ହାତୀପଲ ମୁହାଁମୁହିଁ ହୋଇଛନ୍ତି। ଘାଟିରେ କାମ କରୁଥିବା ଶ୍ରମିକ ମାନେ ମଧ୍ୟ ଭୟଭୀତ ଅବସ୍ଥାରେ କାମ କରୁଛନ୍ତି। ବନ କର୍ମଚାରୀମାନେ ଲୋକଙ୍କୁ ଘାଟି ଆଡ଼େ ନ ଯିବାକୁ ପରାମର୍ଶ ଦେଇଛି।



ହାତୀ-ମଣିଷ ମୁହାଁମୁହିଁ।

# ବରିଷ୍ଠ ନାଗରିକ ତୀର୍ଥଯାତ୍ରୀଙ୍କ ରାମେଶ୍ୱରମ୍‌ରେ ମୃତ୍ୟୁ

ନବରଙ୍ଗପୁର,୧୮।୧୨
(ସଦାଶିବ ପ୍ରହରାଜ)

ନବରଙ୍ଗପୁରରୁ ରାମେଶ୍ୱରମକୁ ତୀର୍ଥ କରିବାକୁ ଯାଇଥିବା ଜଣେ ବରିଷ୍ଠ ନାଗରିକଙ୍କ ସେଠାରେ ମୃତ୍ୟୁ ହୋଇଛି। ମୃତକ ହେଲେ ତେନ୍ତୁଳିଖୁଣ୍ଟି ବ୍ଲକ ଗୁଡ୍ରା ଗ୍ରାମର ତ୍ରିନାଥ ବିଷୋୟୀ (୭୦)। ମୃତ୍ୟୁର କାରଣ ଏବେ ଯାଏ ସ୍ପଷ୍ଟ ହୋଇନାହିଁ। ଗୁରୁବାର ଅପରାହ୍ନରେ ରାମେଶ୍ୱର ମେଡିକାଲରେ ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ଶୁକ୍ରବାର ୮ଟା ୫ରେ ମଦୁରାଇ ବିମାନବନ୍ଦରରେ ଏୟାର ଲିଫ୍ଟ କରାଯାଇ ବିଶାଖାପାଟଣା ଅଣାଯିବ। ସେଠାରୁ ନବରଙ୍ଗପୁର ଜିଲା ପ୍ରଶାସନ ଆମ୍ବୁଲାନ୍ସରେ ମୃତଦେହ ଗୁଡ୍ରାକୁ ଆଣିବେ ବୋଲି ସୂଚନା ମିଳିଛି। ଶୁକ୍ରବାର ମୃତଦେହ ଗାଁରେ ପହଞ୍ଚିବା ପରେ ସତ୍କାର କରାଯିବ।

ସୂଚନାନୁଯାୟୀ, ରାଜ୍ୟ ସରକାରଙ୍କ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ତ୍ରିନାଥ ଓ ତାଙ୍କ ସ୍ତ୍ରୀ ବିମଳା ୧୪ ତାରିଖରେ ରାମେଶ୍ୱରମ ଓ ମଦୁରାଇ ଅଭିମୁଖେ ଯାତ୍ରା କରିଥିଲେ। ୧୭ତାରିଖରେ ବିମଳା ଅସୁସ୍ଥ ଥିବାରୁ ତ୍ରିନାଥ ବେଶି ବୁଲାବୁଲି ନ କରି ପାଖ ମନ୍ଦିର ଦର୍ଶନ ପରେ ରୁମ୍‌କୁ ଫେରି ଆସିଥିଲେ। ରାତିରେ ପୁଅ ମୁରଲୀଧଙ୍କ ସହ କଥା ହୋଇ



ତ୍ରିନାଥ ବିଷୋୟୀ

ଶୋଇଥିଲେ। ତେବେ ଗୁରୁବାର ସକାଳୁ ସେ ଆଉ ଉଠି ନ ଥିଲେ। ପାଖରେ ଥିବା ଅନ୍ୟ ତୀର୍ଥଯାତ୍ରୀ ଓ ନୋଡାଲ ଅଧିକାରୀମାନେ ତାଙ୍କୁ ଉଠାଇଥିଲେ ମଧ୍ୟ କିଛି ସୁଫଳ ମିଳି ନ ଥିଲା। ସେମାନେ ତାଙ୍କୁ ଉଦ୍ଧାରକରି ରାମେଶ୍ୱରମ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତ୍ରିନାଥଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ସେଠାକାର ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ଖବର ଜଣାପଡ଼ିବା ପରେ ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ ଜିଲାପାଳ ଡ. ମହେଶ୍ୱର ସ୍ୱାଇଁଙ୍କ ସହ ଆଲୋଚନା କରିବାପରେ ରାଜ୍ୟ ସରକାରଙ୍କୁ ଅବଗତ କରାଇଛନ୍ତି। ରାଜ୍ୟ ପର୍ଯ୍ୟଟନ ବିଭାଗ ତାମିଲନାଡୁ ସରକାରଙ୍କୁ ଜଣାଇଥିଲେ। ଏହାପରେ ସମସ୍ତ କାର୍ଯ୍ୟ ତ୍ୱରାନ୍ୱିତ ହୋଇଥିଲା।

# ଟ୍ରେଲର ଚାପାରେ ୨ ବାଇକ୍ ଆରୋହୀଙ୍କ ମୃତ୍ୟୁ

### ନୋ ଏଣ୍ଟ୍ରି ଖୋଲିବା ପରେ ସଡ଼କ ଦୁର୍ଘଟଣା

ବଡ଼ବିଲ,୧୮।୧୨(ଜୟନ୍ତୀ ରଣା)

କେନ୍ଦୁଝର ଜିଲା ବଡ଼ବିଲ ଥାନା ଅଧୀନ କଳିଙ୍ଗନଗରଠାରେ ବୁଧବାର ନୋ ଏଣ୍ଟ୍ରି ଖୋଲିବା ପରେ ଟ୍ରେଲର ଚାପାରେ ୨ ବାଇକ୍ ଆରୋହୀଙ୍କର ମୃତ୍ୟୁ ଘଟିଛି। ମୃତକ ଦ୍ୱୟ ହେଲେ ମାଟକାମବେଡ଼ାସ୍ଥିତ ପଞ୍ଚବଟୀ ଷ୍ଟିଲ୍‌ସ ଏଲ୍‌ଏଲ୍‌ପି ସ୍ପଞ୍ଜ ପ୍ଲାଣ୍ଟରେ କ୍ୱାଲିଟି କଣ୍ଟ୍ରୋଲ ଇନ୍‌ଚାର୍ଜ ଭାବେ କାର୍ଯ୍ୟରତ ଧର୍ମେନ୍ଦ୍ର ନାୟକ ଓ ଯତୀନ ବାରିକ।

ସୂଚନା ଅନୁଯାୟୀ, ବୁଧବାର ରାତି ୮ଟାରେ ନୋ ଏଣ୍ଟ୍ରି ଖୋଲିବା ମାତ୍ରେ ଭାରିଯାନଗୁଡ଼ିକ ଦ୍ରୁତଗତିରେ ଚଳାଚଳ କରିବା ଆରମ୍ଭ କରିଦେଇଥିଲେ। ପ୍ରାୟ ୮ଟା ୩୦ ବେଳେ ବଲାଣି ଆଡୁ ବଡ଼ବିଲ ଅଭିମୁଖେ ଏକ ଟ୍ରେଲର ଦ୍ରୁତଗତିରେ ଆସୁଥିଲା। ଏହି ସମୟରେ ବଡ଼ବିଲ ପଟୁ ଏକ ବାଇକ୍ ଯୋଗେ ଯାଉଥିବା ଧର୍ମେନ୍ଦ୍ର ଓ ଯତୀନଙ୍କୁ ଟ୍ରେଲରଟି ଚାପିଦେବାରୁ ଘଟଣାସ୍ଥଳରେ ଉଭୟଙ୍କର ମୃତ୍ୟୁ ଘଟିଥିଲା। ପୋଲିସ ପହଞ୍ଚି ଦୁର୍ଘଟଣା ଘଟାଇଥିବା ଟ୍ରେଲରକୁ ଜବତକରିବା ସହ ବାଇକ୍ ଆରୋହୀ ଦ୍ୱୟଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ ବଡ଼ବିଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଘଟଣାର ତଦନ୍ତ କରୁଛି।

# ବଢୁଛି ଗଣବଳାତ୍କାର, ସରକାର ନିଦାବିଷ୍ଟ: କଂଗ୍ରେସ

ଭୁବନେଶ୍ୱର,୧୮।୧୨(ରବିନାରାୟଣ ଜେନା)

ରାଜ୍ୟରେ ବଳାତ୍କାର, ଗଣବଳାତ୍କାର, ଯୌନ ଉତ୍ପୀଡ଼ନ, ଛାତ୍ରାବାସରେ ନାବାଳିକା ଗର୍ଭଧାରଣ ହୁହୁହୋଇ ବଢ଼ି ଚାଲିଥିବାବେଳେ ସରକାର ନିଦାବିଷ୍ଟ ସାଜିଛନ୍ତି ବୋଲି କଂଗ୍ରେସ କହିଛି।

ରାଜ୍ୟ ମହିଳା କଂଗ୍ରେସ ପକ୍ଷରୁ ଗୁରୁବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସଭାନେତ୍ରୀ ମିନାକ୍ଷୀ ବାହିନିପତି କହିଛନ୍ତି ଯେ, ଡିସେମ୍ବର ୧୦ ତାରିଖ ସନ୍ଧ୍ୟା ପ୍ରାୟ ୮ଟା ବେଳେ ଜଣେ ନାବାଳିକା ଝିଅ ଏବଂ ତାଙ୍କର ପୁରୁଷ ବନ୍ଧୁ ଧଉଳିରୁ ଫେରୁଥିବାବେଳେ ଲିଙ୍ଗିପୁର କେନାଲ ରୋଡ୍ ନିକଟରେ କିଛି ଦୁର୍ବୃତ୍ତ ତାଙ୍କର ୨୦ ଗ୍ରାମ ଓଜନର ସୁନା ଚେନ୍ ଛଡ଼ାଇ ନେବା ସହ ପୁରୁଷ ସାଙ୍ଗକୁ (ଯିଏ ମଧ୍ୟ ୧୭ ବର୍ଷର) ଗଛରେ ବାନ୍ଧି ନାବାଳିକାକୁ ଗଣବଳାତ୍କାର କରିଲେ। ଏହାପୂର୍ବରୁ ଖୋର୍ଦ୍ଧା ବାଘମାରୀରେ ଜଣେ ନାବାଳିକା ଗଣବଳାତ୍କାର ଶିକାର ହୋଇଥିବାବେଳେ ମାଲକାନଗିରିରେ ଜଣେ ୪୫ ବର୍ଷର ବ୍ୟକ୍ତି ଦ୍ୱାରା ୫-୭ ବର୍ଷର ତିନି ନାବାଳିକା ଉପରେ ଅମାନବୀୟ ବଳାତ୍କାର ସାରା ରାଜ୍ୟରେ ଚର୍ଚ୍ଚାର ବିଷୟ ସାଜିଛି। ଏହାବାଦ୍ କଟକ ଏସ୍‌ସିବି ମେଡିକାଲର ଆଇସିୟୁରେ ଜଣେମହିଳାଙ୍କୁ ଅଟେଣ୍ଡାଣ୍ଟଙ୍କ ଅସଦାଚରଣ,ପୁରୀ, କେନ୍ଦୁଝର, ମୟୂରଭଞ୍ଜ, ସମ୍ବଲପୁର, ଗୋପାଳପୁର ଓ ରାୟଗଡ଼ାରେ ନିୟମିତ ଭାବେ ମହିଳା ନିର୍ଯାତନା ଘଟଣା ଘଟୁଥିଲେ ମଧ୍ୟ ସରକାରଙ୍କ ପକ୍ଷରୁ କୌଣସି କଠୋର କାର୍ଯ୍ୟାନୁଷ୍ଠାନ ଦେଖିବାକୁ ମିଳୁନାହିଁ। ଡବଲ ଇଞ୍ଜିନ ସରକାରରେ ଡବଲ ମାତ୍ରାରେ ମହିଳା ଅସୁରକ୍ଷିତ ଅଛନ୍ତି ବୋଲି ମିନାକ୍ଷୀ କହିଛନ୍ତି।

ମିନାକ୍ଷୀ କହିଛନ୍ତି ଯେ,ରାଜ୍ୟର ମହିଳା ଉପମୁଖ୍ୟମନ୍ତ୍ରୀ ଓ ମହିଳା ବାଚସ୍ପତିଥାଇ ମଧ୍ୟ ମହିଳା ଅସୁରକ୍ଷିତ। ତେଣୁ ଓଡ଼ିଶା ପ୍ରଦେଶ ମହିଳା କଂଗ୍ରେସ ତତ୍କାଳ ଫାଷ୍ଟ-ଟ୍ରାକ୍ କୋର୍ଟରେ ଏହିସବୁ ମାମଲାର ବିଚାର କରି ଅଭିଯୁକ୍ତଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଦାବି କରିଛି। ଏହାସହିତ ପୀଡ଼ିତାଙ୍କୁ ସୁରକ୍ଷା-ପରାମର୍ଶ-ଆଇନ ସହାୟତା ପ୍ରଦାନ ସହ ତାଙ୍କ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ କରଯାଉ। ନଚେତ୍ ଓଡ଼ିଶାର ମହିଳାମାନେ ଚୁପ୍ ରହିବେନାହିଁ, ରାଜରାସ୍ତାରୁ ବିଧାନସଭା ଯାଏଁ ମହିଳା ସୁରକ୍ଷା, ସମ୍ମାନ ଓ ଅଧିକାର ପାଇଁ ଲଢେଇ ହେବ ବୋଲି ମିନାକ୍ଷୀ ଚେତାବନୀ ଦେଇଛନ୍ତି।

# ୧୪୯ ଛାତ୍ରୀଛାତ୍ର, ୭ ଶିକ୍ଷାନୁଷ୍ଠାନ ବିରୋଧରେ ମାମଲା

## ମିଥ୍ୟା ଆୟ ଓ ଜାତି ପ୍ରମାଣପତ୍ରରେ ହାତେଇଥିଲେ ଛାତ୍ରବୃତ୍ତି

ଖୋର୍ଦ୍ଧା,୧୮।୧୨(ପ୍ରଭାତ ପାଣିଗ୍ରାହୀ)

ମିଥ୍ୟା ଆୟ ଓ ଜାତି ପ୍ରମାଣପତ୍ର ଦାଖଲ କରି ମାଟ୍ରିକ ପରବର୍ତ୍ତୀ ମେଧାବୃତ୍ତି ଯୋଜନାରେ ଛାତ୍ରବୃତ୍ତି ହାସଲ କରିବା ୧୪୯ ଛାତ୍ରୀଛାତ୍ରଙ୍କୁ ମହଙ୍ଗା ପଡ଼ିଛି। ଖୋର୍ଦ୍ଧା ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ସମ୍ପୃକ୍ତ ୧୪୯ ଛାତ୍ରୀଛାତ୍ରଙ୍କ ବିରୋଧରେ ଜିଲା ମଙ୍ଗଳ ଅଧିକାରୀ ଗତ ନଭେମ୍ବର ୧୩ରେ ଆଦର୍ଶ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ ପୋଲିସ ଏକ ମାମଲା (ନଂ.୪୮୭/୨୫) ରୁଜୁ କରିଛି। ଏଥିସହ ୭ଟି ଶିକ୍ଷାନୁଷ୍ଠାନରେ ଆଦୌ ନାମ ଲେଖାଇ ନ ଥିବା କିମ୍ବା ଉପସ୍ଥିତ ନ ଥିବା ପିଲାଙ୍କୁ ଛାତ୍ରବୃତ୍ତି ଦିଆଯାଇଥିବା ନେଇ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଥାନାରେ ଆଉ ଏକ ମାମଲା (ନଂ.୪୮୬/୨୫) ରୁଜୁ କରାଯାଇଛି। ସମ୍ପୃକ୍ତ ଶିକ୍ଷାନୁଷ୍ଠାନଗୁଡ଼ିକ ହେଲା ଦି ଟେକ୍ନୋ ସ୍କୁଲ, ସୁବାସ ଏକାଡେମୀ ଅଫ୍ ମ୍ୟାନେଜମେଣ୍ଟ ଆଣ୍ଡ ଟେକ୍ନୋଲୋଜି, ଗୁରୁକୁଳ ଇଞ୍ଜିନିୟରିଂ ସ୍କୁଲ, ଗୁରୁକୁଳ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି, ମହାବୀର ଇଞ୍ଜିନିୟରିଂ କଲେଜ, ମହାବୀର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି ଏବଂ ଶିବାନୀ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ ଏଜୁକେଶନ। ଖୋର୍ଦ୍ଧା ଜିଲାପାଳଙ୍କ ନିର୍ଦ୍ଦେଶାନୁସାରେ ଉପରୋକ୍ତ ୧୪୯ ଛାତ୍ରୀଛାତ୍ରଙ୍କ ବିରୋଧରେ ଓଡ଼ିଶା ସାର୍ବଜନୀନ ଦାବି ଆଦାୟ(ଓଡ଼ିଶା ପବ୍ଲିକ ଡିମାଣ୍ଡ ରିକଭରି ଆକ୍ଟ) ଅଧିନିୟମ ଅନୁସାରେ ମାମଲା ରୁଜୁ ପାଇଁ ସେମାନେ ରହୁଥିବା ଜିଲାର ଜିଲାପାଳମାନଙ୍କୁ ଲିଖିତ ଅନୁରୋଧ କରାଯାଇଛି।

ମହାଲେଖାପାଳ (କମ୍ପଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ) ଓଡ଼ିଶାଙ୍କ ଦ୍ୱାରା ଖୋର୍ଦ୍ଧା ଜିଲାରେ ମାଟ୍ରିକ ପରବର୍ତ୍ତୀ ମେଧାବୃତ୍ତି ଯୋଜନାର କାର୍ଯ୍ୟାନ୍ୱୟନ ସମ୍ବନ୍ଧରେ ୨୦୧୭-୧୮ରୁ ୨୦୨୦-୨୧ ଅବଧି ପର୍ଯ୍ୟନ୍ତ ସମୀକ୍ଷା କରାଯାଇଥିଲା। ଉକ୍ତ ସମୀକ୍ଷା ରିପୋର୍ଟରେ ପ୍ରକାଶ ପାଇଛି ଯେ, ଏହି ଅବଧି ମଧ୍ୟରେ ମୋଟ୍ ୧୪୯ ଆବେଦନକାରୀ ଛାତ୍ରୀଛାତ୍ର ମିଥ୍ୟା ଆୟ ପ୍ରମାଣପତ୍ର ଏବଂ ଜାତି ପ୍ରମାଣପତ୍ର ଦାଖଲ କରି ମାଟ୍ରିକ ପରବର୍ତ୍ତୀ ମେଧାବୃତ୍ତି ଯୋଜନା ମାଧ୍ୟମରେ ଛାତ୍ରବୃତ୍ତି ହାସଲ କରିବାରେ ସକ୍ଷମ ହୋଇଥିଲେ। ଏହି ରିପୋର୍ଟ ହସ୍ତଗତ ହେବା ପରେ ତଥା ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଜିଲାସ୍ତରରେ ଏହାର ଅନୁଧ୍ୟାନ ପରେ ଜିଲାପାଳ ଅମ୍ରିତ୍ ଋତୁରାଜ ସମ୍ପୃକ୍ତ ଛାତ୍ରୀଛାତ୍ର ଏବଂ ୭ ଶିକ୍ଷାନୁଷ୍ଠାନ ବିରୋଧରେ ମାମଲା ରୁଜୁ ପାଇଁ ଜିଲା ମଙ୍ଗଳ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶାନୁସାରେ ଜିଲା ମଙ୍ଗଳ ଅଧିକାରୀ ଆଦର୍ଶ ଥାନାରେ ପୃଥକ୍ ଭାବେ ଲିଖିତ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଘଟଣାର ତଦନ୍ତ ଜାରି ରହିଛି ବୋଲି ଥାନା ଅଧିକାରୀ ସଞ୍ଜୟ ନାୟକ କହିଛନ୍ତି।


GOVERNMENT OF ODISHA
OFFICE OF THE SUPERINTENDING ENGINEER, RWS&S DIVISION, SUNDARGARH
"e"- Procurement Notice
1st Corrigendum to Identification No.11 of 2025-26
Letter No.3089 Dated 16.12.2025

No.O-1811: 1) Name of Works:- Execution of Solar P.W.S. Scheme in the district of Sundargarh. 2) Total Number of Works: 2 Nos. (Detailed list available in the website). 3) Estimated Cost: From Rs.54.39 Lakhs to 81.58 Lakhs. 4) Class of Contractor: "B". 5) Period of Completion: 6 Months.

| Procurement Officer | Bid Identification No. | Availability of tender online for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Superintending Engineer, Rural Water Supply & Sanitation Division, Sundargarh | Online Tender/ 11/ RWSS/SNG/ 2025-26 | 18.12.2025 at 11.00 Hours | 07.01.2026 upto 17.00 Hours |

NB- Further details can be seen from the website www.tendersodisha.gov.in
OIPR-25009/11/0006/2526 Sd./- Superintending Engineer, RWS&S Division, Sundargarh

GOVERNMENT OF ODISHA Email: eebbsr1@yahoo.co.in
OFFICE OF THE SUPERINTENDING ENGINEER, BHUBANESWAR (R&B) DIVISION NO.I, BHUBANESWAR
Mail Id: eebbsr1@yahoo.co.in
INVITATION FOR BIDS
E-Procurement Tender Call Notice No.74 of 2025-26
No.12980 (Estg) Bhubaneswar, Dated the 05.12.2025

No.B-823:The Superintending Engineer, Bhubaneswar (R&B) Division No.I, Bhubaneswar on behalf of the Governor of Odisha invites percentage rate bids in **Double cover** system (**online**) for following works as detailed in the table given below.

| Sl. No. | Name of the Work | Approximate Estimated cost put to Tender (Rs. in Lakh) | EMD/Bid Security | Cost of Bid Document | Class of Contractor | Period of Completion |
|---|---|---|---|---|---|---|
| 1 | Improvement to Lokaseva Bhavan, Bhubaneswar such as construction of Pre-fabricated Annex Office Building for C.M. Block at 3rd Floor roof top of RD Department for the year 2025-26. | Rs.90.50 | Rs.90,500/- | Rs.10,000/- Online | B Class Only | 03 (Three) Calendar Months |

Date & Time of availability of bid document in the portal/online:From 11.00 AM of 12.12.2025 to 5.30 P.M. of 26.12.2025. Last Date of online submission of bid document in the portal/online: 5.30 P.M. of 26.12.2025. Date of Opening: 12.30 P.M. of 27.12.2025. Name and address of officer inviting bid: Superintending Engineer, (R&B) Division No.I, Bhubaneswar. Further details can be seen from the e-procurement portal: https://tendersodisha.gov.in.
OIPR-34076/11/0040/2526 Sd./- Superintending Engineer, BBSR (R&B) Division No.I, Bhubaneswar

PUBLIC SERVICE COMMISSION ODISHA
ODISHA PUBLIC SERVICE COMMISSION
CUTTACK
NOTICE
No. 8678 / PSC., Dt. 17.12.2025
(DR-IV)(2PA-01-2025-26)
Recruitment to the post of Assistant Section Officer in the Office of Advocate General, Odisha
(Advt. No. 02 of 2025-26)

**No.D-281** : In continuation to this office Notice No. 8539/PSC, dtd. 10.12.2025, it is for information of all provisionally qualified candidates that the Document Verification and Skill Test in Computer (Practical) for recruitment to the post of **Assistant Section Officer in the Office of Advocate General, Odisha,** pursuant to Advertisement No. 02 of 2025-26 will be held on **24.12.2025 (Wednesday)** at two Technical Institutions of Cuttack Zone as per the programme detailed below.

PROGRAMME OF DOCUMENT VERIFICATION

| Date and time | Venue | Roll No of candidates to be verified |
|---|---|---|
| 24.12.2025 (Wednesday) 11.30 A.M. to 02.30 P.M. | KMBB Science Higher Secondary School Campus-II, Naranpur, Belagachia, Trisulia, Cuttack-754005 | 200309, 200866, 201301, 201897, 202375, 202671, 202902, 203588, 206381, 206646, 303011, 304523, 305729, 305968, 308411, 308871, 308925, 308930, 309088, 309095, 310597, 400099, 400128, 400151, 400424, 400425, 400470, 405432, 405917, 406264 = 30 Candidates |
| | Bhubanananda Orissa School of Engineering (BOSE), Near SCB Medical College Hospital, Po-Mangalabag, Jobra, Cuttack, 753007 | 407849, 408903, 409168, 409487, 409551, 410436, 412654, 412756, 413471, 413583, 413639, 413695, 415335, 416205, 416410, 416525, 417758, 418189, 418231, 419057, 419615, 419893, 420131, 420359, 420791, 421111, 422480, 422809, 423825, 425248, 500959, 502215, 504052, 601129, 601141, 601309, 601832, 604135 = 38 Candidates |

N.B. - The candidates are required to report 30 minutes before the commencement of Document Verification.

PROGRAMME OF SKILL TEST IN COMPUTER (PRACTICAL)

| Date | Venue | Time of Skill test | Generation of printout of Answer sheets |
|---|---|---|---|
| 24.12.2025 (Wednesday) | KMBB Science Higher Secondary School Campus-II, Naranpur, Belagachia, Trisulia, Cuttack-754005<br>Bhubanananda Orissa School of Engineering (BOSE), Near SCB Medical College Hospital, Po-Mangalabag, Jobra, Cuttack, 753007 | 03.00 P.M. to 04.00 P.M. (03.00 P.M. to 04.20 P.M. for PwD Candidates) | 04.00 P.M. to 05.00 P.M. (04.20 P.M. Onwards for PwD Candidates) |

The candidates are required to download the **"Admission Certificate" & "Instruction to Candidates"** from website of the Commission www.opsc.gov.in from 20.12.2025 onwards.

It is also made clear that the candidature of these candidates for the above recruitment is **purely provisional**. The candidature is liable to rejection in the event of inadequacy/ deficiency found at any stage before or after the verification of original certificates/documents and is subject to fulfilment of terms & conditions laid down in the Advertisement.

THE CANDIDATES ARE REQUIRED TO SUBMIT THE FOLLOWING ORIGINAL CERTIFICATES ALONG WITH A SET OF SELF ATTESTED PHOTOCOPY OF THE FOLLOWING DOCUMENTS AT THE TIME OF VERIFICATION:-

1. Hard copy of online Application form mentioning Roll No. at the Top Right-Hand Corner. Application Forms are available in the website of the Commission.
The candidates are required to download the same using their respective e-mail ID/Phone Number and Password/ OTP etc through OPSC e-Chayan Portal via www.opscechayan.in.
2. Four (04) passport size photographs tagged with the Application Form.
3. **H.S.C. or Equivalent Certificate** in support of declaration of age.
4. **Bachelor's Degree Certificate** issued by the recognized University;
5. Mark-lists in support of all the aforesaid examinations (H.S.C. to Bachelor's Degree) passed including fail marks, if any, issued by the concerned Board/Council/University.
6. **Conversion Certificate/ Conversion Formula** in case of award of "grade marks" in from the concerned University indicating the actual equivalent percentage of marks and the conversion formula of Bachelor's Degree wherever applicable.
7. **Caste Certificate by birth** in support of claim as S.C./ S.T., wherever applicable **(Please see Note-1)** issued (within the last date of submission of Online Application Form).
8. Required **Odia Test Pass Certificate** issued (within the last date of submission of Online Application Form).
9. **Permanent Disability Certificate** (indicating percentage of permanent disability i.e., 40% or more) issued by the concerned Medical Board wherever applicable.
10. **Discharge** Certificates in case of Ex-Servicemen **issued as per Orissa Ex-Servicemen (Recruitment to State Civil Services and Posts) Rules, 1985 vide G.A. Department notification No.22586-Gen., dt.16.10.1985**.
Further, Ex-Servicemen candidates must submit that he/she has not been appointed against a civil post after retirement from military service.
11. **No Objection Certificate** issued by the Competent Authority in case of Government servants.
12. **Any proof of photo Identity**.
13. **Attestation Form** duly filled-in by the candidate and signed by a Gazetted Officer (to be downloaded from the website of the Commission).
14. Any other documents as per Para-11 of the Advertisement.

The candidates are required to mention **"Submitted by me and Certified as genuine and has not been cancelled"** and put their **full signature and date on the same**.

OIPR-12002/11/0344/2526 Sd./- Secretary

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................

ବୟସ: ..............................

ଜନ୍ମ ତାରିଖ: ..............................



ସୋମ୍

ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଲାଞ୍ଚ ନେବାବେଳେ ଧରାପଡ଼ିଲେ ଦଶମନ୍ତପୁର ଥାନାଧିକାରୀ

**ଜୟପୁର/ଦଶମନ୍ତପୁର, ୧୮।୧୨ (ପବନ ପାଣିଗ୍ରାହୀ/ଅରବିନ୍ଦ ନାୟକ)**



ସୁକୁମା ହାଁସଦା।

ଲାଞ୍ଚ ନେବାବେଳେ ଗୁରୁବାର ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ୍ ଥାନାଧିକାରୀ ସୁକୁମା ହାଁସଦା। ଏକ ମାମଲାର କେସ୍ ଡାଏରି (ସିଡି) ରିପୋର୍ଟ ପଠାଇବାକୁ ସେ ୨୦ ହଜାର ଟଙ୍କା ଲାଞ୍ଚ ନେବାବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ।

ସୂଚନାନୁଯାୟୀ, ଦଶମନ୍ତପୁର ଥାନାରେ ପୂର୍ବରୁ ରୁଜୁ ହୋଇଥିବା ଏକ ମାମଲାର ସିଡି ଦାଖଲ ପାଇଁ ଥାନାଧିକାରୀ ହାଁସଦା ଅଭିଯୁକ୍ତଙ୍କ ସମ୍ପର୍କୀୟଙ୍କୁ ୨୦ ହଜାର ଟଙ୍କା ମାଗିଥିଲେ। ଏ ନେଇ ଅଭିଯୁକ୍ତଙ୍କ ସମ୍ପର୍କୀୟ ଭିଜିଲାନ୍ସକୁ ଜଣାଇଥିଲେ। ଭିଜିଲାନ୍ସ ପକ୍ଷରୁ ତାଙ୍କୁ ଧରିବାକୁ ଯୋଜନା କରାଯାଇଥିଲା। ଅଭିଯୁକ୍ତଙ୍କ ସମ୍ପର୍କୀୟ ଗୁରୁବାର ଥାନାଧିକାରୀ ହାଁସଦାଙ୍କୁ ୨୦ ହଜାର ଟଙ୍କା ଦେଉଥିବା ବେଳେ ପୂର୍ବରୁ ସେଠାରେ ଥିବା ଭିଜିଲାନ୍ସ ଟିମ୍ ତାଙ୍କୁ ଧରିଥିଲେ। ତାଙ୍କଠାରୁ ଉକ୍ତ ଟଙ୍କା ଜବତ କରାଯାଇଛି। ଦଶମନ୍ତପୁର ଥାନା, ତାଙ୍କ ଘର ସମେତ ବିଭିନ୍ନ ସ୍ଥାନରେ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇଛି। ଥାନାଧିକାରୀ ହାଁସଦାଙ୍କ ବିରୋଧରେ କୋରାପୁଟ ଭିଜିଲାନ୍ସ ପିଏସ୍ ମାମଲା ନମ୍ବର ୩୯/୨୦୨୫, ୭ପିସି (ସଂଶୋଧନ) ଆଇନ, ୨୦୧୮ ଅନ୍ତର୍ଗତ ପଞ୍ଜୀକୃତ ହୋଇଛି। ତଦନ୍ତ ଜାରି ରହିଥିବା ଜୟପୁର ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି।

# ମା' ସହ ମିଶି ଶାଶୁଙ୍କୁ ହତ୍ୟା କଲେ ବୋହୂ

**ଅନୁଗୋଳ, ୧୮।୧୨ (ଜ୍ୟୋତିରଞ୍ଜନ ସାହୁ)**

ମାତ୍ର ୮ ମାସ ତଳେ ଘରକୁ ଆସିଥିବା ବୋହୂ ନେଇଛନ୍ତି ଶାଶୁଙ୍କ ଜୀବନ। ପାରିବାରିକ କଳହରୁ ମା' ସହ ମିଶି ଶାଶୁ କୁନି ନାୟକଙ୍କୁ ପଥରରେ ଛେଚି ବୁଧବାର ରାତିରେ ହତ୍ୟା କରିଛନ୍ତି। କୁନିଙ୍କ ପୁଅ କାହ୍ନୁ ନାୟକ ଗୁରୁବାର ଏ ନେଇ ଅନୁଗୋଳ ସଦର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଘର ଭିତରୁ ରକ୍ତାକ୍ତ ମୃତଦେହ ଜବତ କରିବା ସହ ଅଭିଯୁକ୍ତା ବୋହୂ ସରିତା ସାହୁ ଓ ତାଙ୍କ ମା' ଜୟନ୍ତୀ ସାହୁଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ସଦର ଥାନା ଖଲାରୀ ଗଡ଼ପଦା ସାହି ଜାମୁବନ୍ଧ ଛକ ନିକଟରେ ଘଟିଥିବା ଏହି ହତ୍ୟାକାଣ୍ଡ ସହରରେ ଚାଞ୍ଚଲ୍ୟ ଖେଳାଇଦେଇଛି।

ଅଭିଯୋଗ ଅନୁସାରେ, ଢେଙ୍କାନାଳ ଜିଲା ରାସୋଳ ଥାନା କଲୋନୀ ସାହିର କାହ୍ନୁ ନାୟକ ମା' କୁନିଙ୍କ ସହ କିଛି ବର୍ଷ ହେବ ଅନୁଗୋଳ ଖଲାରୀ ଗଡ଼ପଦା ସାହିସ୍ଥିତ ଏକ ଭଡ଼ା ଘରେ ରହୁଥିଲେ। କାହ୍ନୁ ଏକ ଦୋକାନରେ କାମ କରୁଥିବା ବେଳେ ପ୍ରାୟ ୮ ମାସ ତଳେ ସରିତାଙ୍କୁ ବିବାହ କରିଥିଲେ। ତେବେ ବିଭିନ୍ନ ଛୋଟମୋଟ ଘଟଣାକୁ ନେଇ କୁନି ଓ ବୋହୂ ସରିତାଙ୍କ ମଧ୍ୟରେ ମନୋମାଳିନ୍ୟ ହେଉଥିଲା। ବୁଧବାର ସରିତାଙ୍କ ମା' ଜୟନ୍ତୀ ଝିଅ ଘରକୁ ଆସିଥିଲେ। ସନ୍ଧ୍ୟାରେ କାହ୍ନୁ ଦୋକାନକୁ ଯାଇ ରାତି ପ୍ରାୟ ୧୦ଟାରେ ଫେରିଥିଲେ। ଶାଶୁ କେଉଁଠି ବୋଲି କାହ୍ନୁ ପଚାରିବାରୁ ସେ ଘରକୁ ପଳାଇଥିବା ସରିତା କହିଥିଲେ। ଏହାପରେ କାହ୍ନୁ ମା'ଙ୍କୁ ଖାଇବା ପାଇଁ ଡାକିବାକୁ ଯିବାବେଳେ ସ୍ତ୍ରୀ ସରିତା ମନା କରିଥିଲେ। ମା'ଙ୍କ ଦେହ ଅସୁସ୍ଥ ଅଛି ଓ ସେ ଖାଇସାରି ଶୋଇଥିବା କହିଥିଲେ। କିଛି ସମୟ ପରେ ମା'ଙ୍କ ଅସୁସ୍ଥତା ସମ୍ପର୍କରେ ପଚାରି ବୁଝିବା ପାଇଁ କାହ୍ନୁ ପାଖ ରୁମ୍‌କୁ ଯାଇ ମା'ଙ୍କୁ ଡାକିଥିଲେ। କିନ୍ତୁ କୌଣସି ପ୍ରତିକ୍ରିୟା ନ ମିଳିବାରୁ ଘୋଡ଼ାଯାଇଥିବା ଚାଦର ହଟାଇବା ପରେ ମା'ଙ୍କ ମୁଣ୍ଡରେ ଗୁରୁତର ଆଘାତ ଓ ରକ୍ତସ୍ରାବ ହୋଇଥିବା ଦେଖିଥିଲେ। ମା'ଙ୍କ ମୃତ୍ୟୁ ହୋଇଥିବା ଜାଣି ତୁରନ୍ତ ସଦର ଥାନାକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲା। ସ୍ତ୍ରୀ ସରିତା ଓ ଶାଶୁ ଜୟନ୍ତୀ ମିଶି ତାଙ୍କ ମା'ଙ୍କୁ ହତ୍ୟା କରିଛନ୍ତି ବୋଲି କାହ୍ନୁ ଥାନାରେ ଅଭିଯୋଗ କରିବା ପରେ ସକାଳେ ସାଇଣ୍ଟିଫିକ ଟିମ୍ ସହ ସନ୍ଧାନୀ କୁକୁର ଆଣି ପୋଲିସ ଘଟଣାସ୍ଥଳରେ ତଦନ୍ତ କରିଥିଲା। ରକ୍ତ ନମୁନା, ଫିଙ୍ଗରପ୍ରିଣ୍ଟ, ପାଦଚିହ୍ନ ଓ ଅନ୍ୟାନ୍ୟ ପ୍ରମାଣ ସଂଗ୍ରହ କରିଥିଲା। ଘଟଣାସ୍ଥଳରୁ ରକ୍ତଲାଗିଥିବା ଚାଦର, ଘରୋଇ ସାମଗ୍ରୀ ସହ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ସାମଗ୍ରୀ ଜବତ କରିଥିଲା। ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିବା ବେଳେ ସରିତା ଓ ଜୟନ୍ତୀଙ୍କୁ ପୋଲିସ ଅଟକ ରଖିଛି। କୁନିଙ୍କୁ ପଥରରେ ଛେଚି ହତ୍ୟା କରାଯାଇଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଥିବା ସୂଚନା ଦେଇଛି।



ଘଟଣାସ୍ଥଳରେ ଅନୁଗୋଳ ସଦର ଥାନା ପୋଲିସ ତଦନ୍ତ କରୁଛି।

- **ଅନୁଗୋଳରେ ଚାଞ୍ଚଲ୍ୟ, ମା' ଝିଅ ଥାନାରେ ଅଟକ**
- **ପଥରରେ ଛେଚାଯାଇଥିବା ପୋଲିସର ସୂଚନା**

# ଅଭିଯୁକ୍ତଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ

## ନାବାଳିକାଙ୍କୁ ଅପହରଣ ପରେ ବଳାତ୍କାର ମାମଲା

**ଫୁଲବାଣୀ, ୧୮।୧୨ (ରାକେଶ କୁମାର ରାଉତ)**

ଜଣେ ନାବାଳିକାଙ୍କୁ ଅପହରଣ ଏବଂ ବଳାତ୍କାର ମାମଲାର ବିଚାର କରି ଗୁରୁବାର ଫୁଲବାଣୀ ପୋକ୍‌ସୋ କୋର୍ଟ ବିଚାରପତି ମନୋରଞ୍ଜନ ଦାସ ଅଭିଯୁକ୍ତଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ସେ ହେଲେ ଖଜୁରୀପଡା ଥାନା ଅଞ୍ଚଳର ବିଷ୍ଣୁ ଚରଣ ବେହେରା ଓରଫ ପିଙ୍କୁ।

ମିଳିଥିବା ସୂଚନା ଅନୁସାରେ ୨୦୨୩ ସେପ୍ଟେମ୍ବର ୧୯ରେ ଫୁଲବାଣୀ ଥାନା ଅଞ୍ଚଳର ଜଣେ ନାବାଳିକା ତାଙ୍କ ଭାଇଙ୍କ ସହ ସ୍ଥାନୀୟ ପୋଲିସ ସ୍କୁଲକୁ ଗଣେଶ ପୂଜା ଦେଖିବାକୁ ଯାଇଥିଲେ। ସେଠାରେ ବିଷ୍ଣୁଙ୍କ ସହ ତାଙ୍କର ଭେଟ ହୋଇଥିଲା। ବିଷ୍ଣୁ ହେଉଛନ୍ତି ନାବାଳିକାଙ୍କ ମାମୁଘର ପାଖର। ସେ ବି ନାବାଳିକାଙ୍କ ଘରକୁ ଯିବା ଆସିବା କରୁଥିଲେ। ଉଭୟଙ୍କ ମଧ୍ୟରେ ପରିଚିତି ଥିଲା। ଏହି ସମୟରେ ବିଷ୍ଣୁ ନାବାଳିକାଙ୍କୁ ଗଣେଶ ପୂଜା ଦେଖିବାକୁ ଯିବା କହି ଗାଡ଼ିରେ ବସିବାକୁ କହିଥିଲେ। ପାଖରେ ଥିବା ଭାଇ ମିଶିକି ଯିବା କହିବାରୁ ବିଷ୍ଣୁ ତାଙ୍କୁ ଠେଲି ନାବାଳିକାଙ୍କୁ ଧରି ମାଧପୁର ଚାଲିଯାଇଥିଲେ। ସେଠାରେ ବିବାହ ପ୍ରଲୋଭନ ଦେଖାଇ ଶାରୀରିକ ସମ୍ପର୍କ ରଖିଥିଲେ। ସେପଟେ ଭାଇ ଘଟଣା ବିଷୟରେ ଘରେ କହିଥିଲେ। ରାତି ପ୍ରାୟ ୮ଟାରେ ନାବାଳିକାଙ୍କ ମା' ଥାନାରେ ଏତଲା ଦେଇଥିଲେ। ପୋଲିସ ନଂ.୨୩୭/୨୩ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଏହି ବିଷୟରେ ବିଷ୍ଣୁ ଜାଣିବା ପରେ ୨୨ ତାରିଖରେ ନାବାଳିକାଙ୍କୁ ଆଣି ଥାନା ପାଖ ପୋଷ୍ଟ ଅଫିସ ପାଖରେ ଛାଡ଼ି ପଳାଇଥିଲେ। ନାବାଳିକା ଥାନାକୁ ଯାଇ ସବୁ କଥା କହିଥିଲେ। ପୋଲିସ ବିଷ୍ଣୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସାନ ଭାଇଙ୍କ ବୟାନ, ୧୪ ଜଣଙ୍କ ସାକ୍ଷ୍ୟ ପ୍ରମାଣ ଏବଂ ମେଡିକାଲ ରିପୋର୍ଟକୁ ଆଧାର କରି ବିଚାରପତି ଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହ ପୀଡ଼ିତାଙ୍କୁ କ୍ଷତିପୂରଣ ବାବଦରେ ୫ ଲକ୍ଷ ଟଙ୍କା ପ୍ରଦାନ କରିବାକୁ ଜିଲା ଆଇନ ସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ଅସୀମ ପ୍ରହରାଜ ମାମଲା ପରିଚାଳନା କରୁଥିଲେ।

# ଦୋକାନ ଶଟର କାଟି ଅଳଙ୍କାର ନେଇଗଲେ ଦୁର୍ବୃତ୍ତ



ଆଇଆଇସି ସାଇଣ୍ଟିଫିକ ଟିମ୍ ସହାୟତାରେ ତଦନ୍ତ କରୁଛନ୍ତି।

**ଲୋଇସିଂହା, ୧୮।୧୨ (ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଲୋଇସିଂହା ଥାନାଠାରୁ ପ୍ରାୟ ୧୦୦ ମିଟର ଦୂରରେ ଥିବା ଜସ୍ମିନ ଜୁଏଲେରି ନାମକ ଅଳଙ୍କାର ଦୋକାନରୁ ଲକ୍ଷାଧିକ ଟଙ୍କାର ସୁନା ଓ ରୁପା ଅଳଙ୍କାର ଚୋରି ହୋଇଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଗୁରୁବାର ଦୋକାନ ମାଲିକ ମହମ୍ମଦ ୱାସିମ୍ ଖାନ୍ ଅଭିଯୋଗ କରିବା ପରେ ପୋଲିସ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ଏନେଇ ଥାନାରେ ଏକ ମାମଲା(ନଂ.୩୪୨/୨୫) ରୁଜୁ ହୋଇଛି।

ଅଭିଯୋଗ ଅନୁଯାୟୀ, ମହମ୍ମଦ ୱାସିମ୍ ଖାନ୍ ବୁଧବାର ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ଗୁରୁବାର ସକାଳେ ଦୋକାନ ଖୋଲିବା ପାଇଁ ପହଞ୍ଚିବା ପରେ ଦୋକାନ ଶଟର କଟାଯିବା ସହ ତାଲା ତଳେ ପଡିଥିବା ଦେଖିଥିଲେ। ଏନେଇ ସେ ଥାନାରେ ଜଣାଇଥିଲେ। ଆଇଆଇସି ସୋପରା ସରାୟ ଲୁଗୁନ ପହଞ୍ଚି ବଲାଙ୍ଗୀର ସାଇଣ୍ଟିଫିକ ଟିମ୍ ସହାୟତାରେ ତଦନ୍ତ କରିଥିଲେ। ଦୋକାନରେ ଲାଗିଥିବା ସିସିଟିଭି କ୍ୟାମେରା ଯାଞ୍ଚ କରାଯାଇଥିଲା। ରାତି ପ୍ରାୟ ୧ଟା ୪୫ ମିନିଟ୍‌ରେ ୨ ଜଣ ଦୁର୍ବୃତ୍ତ କୌଣସି ଅସ୍ତ୍ରରେ ଦୋକାନ ଶଟର କାଟି ଭିତରେ ପଶିଥିଲେ। ସେଠାରୁ ସୁନା, ରୁପା ଅଳଙ୍କାର ସମେତ ଏକ ଲାପ୍‌ଟପ୍ ଚୋରି କରିବା ପରେ ରାତି ୨ଟା୧୦ ମଧ୍ୟରେ ଚାଲିଯାଇଥିବା ନେଇ ସିସିଟିଭି କ୍ୟାମେରାରେ କଏଦ ହୋଇଥିବା ଦୃଶ୍ୟରୁ ଜଣାପଡିଛି। ତେବେ ଗତ ବର୍ଷକ ମଧ୍ୟରେ ଏହି ଦୋକାନରୁ ୨ ଥର ଚୋରି ହେଲାଣି। ପୋଲିସ ପକ୍ଷରୁ ପାଟ୍ରୋଲିଂ କଡ଼ାକଡ଼ି କରାଯାଉ ନ ଥିବାରୁ ଏଭଳି ଘଟଣା ଘଟୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏନେଇ ଆଇଆଇସି ଲୁଗୁନ କହିଛନ୍ତି, ତଦନ୍ତ ଜାରି ରହିଛି। ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ।

# ଯାତ୍ରା ପାର୍ଟି ମାଲିକଙ୍କୁ ଆକ୍ରମଣ, ୨ ଗିରଫ

**ଭଦ୍ରକ, ୧୮।୧୨ (ସନାତନ ରାଉତ)**

ଯାତ୍ରା ପାର୍ଟି 'ରାଜନନ୍ଦିନୀ'ର ମାଲିକ ସ୍ମୃତିରଞ୍ଜନ ପଲାଇଙ୍କୁ ବୁଧବାର ରାତିରେ ମରଣାନ୍ତକ ଆକ୍ରମଣ କରାଯାଇଛି। ସେ ତାଙ୍କ ଘର ଭଦ୍ରକ ଅପର୍ତ୍ତବିନ୍ଧା ନ୍ୟୁ କଲୋନୀରୁ କେନ୍ଦ୍ରାପଡ଼ା ଅଭିମୁଖେ ଯାଉଥିବା ବେଳେ ଆକ୍ରମଣର ଶିକାର ହୋଇଛନ୍ତି। ଆକ୍ରମଣକାରୀଙ୍କ ମଧ୍ୟରୁ ୨ ଯୁବକଙ୍କୁ ଭଦ୍ରକ ଟାଉନ ପୋଲିସ ଗିରଫ କରିଛି। ସେମାନେ ହେଲେ ଅପର୍ତ୍ତବିନ୍ଧା ନ୍ୟୁ କଲୋନୀର ଦେବାଶିଷ ଶତପଥୀ ଓ ସୁଶାନ୍ତ କୁମାର ସାହୁ।

ସୂଚନା ଅନୁଯାୟୀ, କେନ୍ଦ୍ରାପଡ଼ାରେ 'ରାଜନନ୍ଦିନୀ'ର ଯାତ୍ରା ଚାଲିଥିଲା। ସ୍ମୃତିରଞ୍ଜନ ରାତି ପ୍ରାୟ ସାଢ଼େ୧୦ଟା ବେଳେ ନିଜ ସ୍କର୍ପିଓ ଗାଡ଼ିରେ ବାହାରିଥିଲେ। ଘରୁ କିଛି ବାଟ ଯିବା ପରେ ହଠାତ୍ ୨ଟି ବାଇକ୍‌ରେ ୫ଜଣ ଦୁର୍ବୃତ୍ତ ଆସି ତାଙ୍କ ଗାଡ଼ି ସାମ୍ନାରେ ଆଡ୍ଡା ପକାଇ ଅଟକାଇଥିଲେ। ଅଟକିବା ପରେ ତାଙ୍କୁ ଗାଡ଼ି ଭିତରୁ ଟାଣି ନେଇ ସେମାନେ ମାଡ଼ ମାରିବା ସହ ସେ ପିନ୍ଧିଥିବା ସୁନାଚେନ୍ ଛଡ଼ାଇ ନେଇଥିଲେ। ତାଙ୍କ ଡ୍ରାଇଭର ପୋଲିସକୁ ଫୋନ୍ କରିବା ପରେ ଟାଉନ ଥାନାଧିକାରୀ ପ୍ରଭାଂଶୁ ମିଶ୍ର ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଘଟଣାସ୍ଥଳରୁ ୨ଜଣଙ୍କୁ ପୋଲିସ କାବୁ କରିଥିଲା। ଏନେଇ ସ୍ମୃତିରଞ୍ଜନଙ୍କ ଅଭିଯୋଗକ୍ରମେ ଥାନାରେ ଏକ ମାମଲା(ନଂ.୭୨୫/୨୫) ରୁଜୁ ହୋଇଛି। ତେବେ କେଉଁ କାରଣରୁ ତାଙ୍କୁ ଆକ୍ରମଣ କରାଯାଇଛି, ସେନେଇ ପୋଲିସ ତଦନ୍ତ ଚଳାଇଛି।


## ଜନ୍ମଦିନ ଶୁଭେଚ୍ଛା



Satyaprakash Patra(Som)
42 Mouza, Cuttack

ଆଜି ତୋର ଜନ୍ମଦିନରେ ଶ୍ରୀଜଗନ୍ନାଥଙ୍କ ପାଖରେ ଏତିକି ପ୍ରାର୍ଥନା ତୋର ଜୀବନର ଚଲାପଥ କୁସୁମିତ କରନ୍ତୁ ଓ ତୋତେ ଦୀର୍ଘାୟୁ କରନ୍ତୁ।

-:ଶୁଭେଚ୍ଛା ସହ:-

ତୋର ବାପା, ବୋଉ, ମାମା, ପାପା, ଲିପୁ ପାପା, ମାନି ମାମା, ଛୁଆ ପାପା, ସାନ ଭଉଣୀ ମାମୁନି, ସାନ ଭାଇ ପାପୁନି ଓ ଅଜା, ଆଈ।

D-2869


# ଗୁଣି ସନ୍ଦେହରେ ଟାଙ୍ଗିଆରେ ହାଣି ଯୁବକଙ୍କୁ ହତ୍ୟା

**ମାଲକାନଗିରି/କାଲିମେଳା, ୧୮।୧୨ (ଦୁର୍ଯ୍ୟୋଧନ ପାତ୍ର/ଜୀବନ କୃଷ୍ଣ ଦାସ)**

ଗୁଣିଗାରେଡ଼ି ସନ୍ଦେହରେ ଜଣେ ଆଦିବାସୀଙ୍କୁ ବୁଧବାର ରାତିରେ ଜଣେ ଯୁବକଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇଛି। ମୃତକ ହେଲେ ମାଲକାନଗିରି ଜିଲା କାଲିମେଳା ଥାନା ଅନ୍ତର୍ଗତ ଚିତ୍ରାଙ୍ଗପାଲ୍ଲୀ ପଞ୍ଚାୟତ ଉସ୍‌କାପାଲ୍ଲୀ ଗ୍ରାମର ମୁକା ପଡିଆମି (୫୧)। ମୁକା ବୁଧବାର ରାତିରେ ଘରେ ଶୋଇଥିବାବେଳେ ସେହି ଗ୍ରାମର ୨ଜଣ ବ୍ୟକ୍ତି ଟାଙ୍ଗିଆରେ ହାଣି ନିର୍ମମ ଭାବେ ହତ୍ୟା କରିଛନ୍ତି। ପରିବାର ଲୋକେ ଏ ସମ୍ବନ୍ଧରେ ଗୁରୁବାର ସକାଳେ କାଲିମେଳା ଥାନା ଅଧୀନରେ ଥିବା ପୋଟେରୁ ଫାଣ୍ଡିରେ ଅଭିଯୋଗ କରିଛନ୍ତି। ପୋଲିସ ଏ ନେଇ ନଂ.୨୯୩/୨୫ରେ ଏକ ମାମଲା ରୁଜୁକରି ତଦନ୍ତ କରୁଛି। ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ହତ୍ୟାକାଣ୍ଡରେ ସମ୍ପୃକ୍ତ ସେହି ଗ୍ରାମର ୨ ଯୁବକ ଆଡମା ପଡିଆମି ଏବଂ ଇରମା ପଡିଆମିଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ସେମାନଙ୍କଠାରୁ ପୋଲିସ ହତ୍ୟାରେ ବ୍ୟବହୃତ ଟାଙ୍ଗିଆ ଜବତ କରିଛି। ଗୁଣିଗାରେଡ଼ିକୁ କେନ୍ଦ୍ରକରି ଏହି ହତ୍ୟାକାଣ୍ଡ ଘଟିଥିବା କାଲିମେଳା ଥାନା ଅଧିକାରୀ ମୁକୁନ୍ଦ ମେଲକା ସୂଚନା ଦେଇଛନ୍ତି। କୋରାପୁଟରୁ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ତଦନ୍ତ କଲାପରେ ଶୁକ୍ରବାର ଶବ ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ କହିଛି।

ସୂଚନା ଅନୁଯାୟୀ, ଉସ୍‌କାପଲ୍ଲୀ ଗ୍ରାମରେ କୋୟା ସମ୍ପ୍ରଦାୟର ଲୋକେ ବସବାସ କରନ୍ତି। ଗ୍ରାମରେ କିଛିଦିନ ହେବ ଜଣଙ୍କ ପରେ ଜଣେ କୌଣସି କାରଣରୁ ମୃତ୍ୟୁବରଣ କରୁଥିବାବେଳେ ମୁକା ଗୁଣି କରି ଲୋକଙ୍କୁ ମାରୁଥିବା ଗାଁ ଲୋକେ ସନ୍ଦେହ କରୁଥିଲେ। ଗତ ବୁଧବାର ରାତି ୯ଟାରେ ମୁକା ତାଙ୍କ ଘରେ ଶୋଇଥିବାବେଳେ ଗ୍ରାମର ୨ ଜଣ ଯୁବକ ଟାଙ୍ଗିଆରେ ହାଣି ତାଙ୍କୁ ହତ୍ୟା କରିଥିଲେ।

# ସାନଭାଇ ମାଡ଼ରେ ବଡ଼ଭାଇଙ୍କ ମୃତ୍ୟୁ

**ଭୋଗରାଇ, ୧୮।୧୨ (ପ୍ରଦୀପ ଦାସ)**

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ମାନକୁଣ୍ଡା ଗ୍ରାମରେ ଅଭାବନୀୟ ଘଟଣା ଘଟିଛି। ଘର ରାସ୍ତାରେ ବାଇକ ରଖିବାକୁ କେନ୍ଦ୍ର କରି ସାନ ଭାଇଙ୍କ ମାଡ଼ରେ ବଡ଼ ଭାଇଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ଭୋଗରାଇ ଥାନା ପୋଲିସ ପହଞ୍ଚି ସାନଭାଇଙ୍କୁ ଥାନାକୁ ଆଣି ପଚରାଉଚୁରା କରିଥିଲା। ଏନେଇ ବଡ଼ଭାଇଙ୍କ ସ୍ତ୍ରୀ ଅଞ୍ଜଳି ମାଝୀ ଭୋଗରାଇ ଥାନାରେ ଏତଲା ଦେବା ପରେ ଏକ ମାମଲା(ନଂ.୩୮୬/୨୫) ରୁଜୁ ହୋଇଛି।

ମାନକୁଣ୍ଡା ଗାଁର ସନିଆ ମାଝୀଙ୍କ ଘର ସମ୍ମୁଖ ରାସ୍ତାରେ ସାନ ଭାଇ ପବନ ମାଝୀ ଏକ ବାଇକ ରଖିଥିଲେ। ଏହାକୁ କେନ୍ଦ୍ର କରି ଦୁଇଭାଇଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଗଣ୍ଡଗୋଳ କ୍ରମଶଃ ଉଗ୍ରରୂପ ନେବାରୁ ଦୁଇ ଭାଇଙ୍କ ମଧ୍ୟରେ ହାତାହାତି ହୋଇଥିବା ପଡୋଶୀମାନେ କହିଥିଲେ। ଆକ୍ରମଣ ଓ ପ୍ରତି ଆକ୍ରମଣରେ ବଡ଼ ଭାଇ ସନିଆଙ୍କୁ ଗୁରୁତର ଅବସ୍ଥାରେ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିବା ସୂଚନା ମିଳିଛି। ମୃତଦେହ ଗୁରୁବାର ବ୍ୟବଚ୍ଛେଦ କରାଯାଇ ପରିବାରକୁ ହସ୍ତାନ୍ତର କରାଯାଇଛି।


# Classified Everyday

**0674-2580101, 9692975378**



REAL ESTATE

**SALE**

READY TO MOVE 3BHK DUPLEX BUNGALOW, 3 ATTACHED TOILETS, PARKING, BOTANDA, SUNDARAPADA, BHUBANESWAR. RANGING RS. 1.25CR., CONTACT: 9861125539, 9040521173. D-2867

GHARABARI PLOT MEASURING 4051 SQFT. ON NH 203 OPPOSITE KEC. 9437573430/ 8409225177. D-2868

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

ଭୁବନେଶ୍ୱର ଜଟଣୀଗେଟରୁ ଅଳ୍ପ ଦୂରତାରେ 1500Sqft. ଫ୍ଲଟ୍ 6,75,000ରେ ବିକ୍ରିହେବ। 9776974912. D-14

ଭୁବନେଶ୍ୱର ଦଇଶି ପାଟଣା ଟୋଲଗେଟ୍ ନିକଟରେ, ଘରବାଡ଼ି ପାଚେରି ଫ୍ଲଟ୍, 25ft. road ପଛାରୁ ବିକ୍ରିହେବ। 9437754190. ଧ-୨୮୪୦

ଭୁବନେଶ୍ୱର ଗ୍ୟାରେଜ୍‌ଛକ ନିକଟରେ ୩୦ ଫୁଟ ରାସ୍ତା ଥାଇ ଘରବାଡ଼ି ଫ୍ଲଟ ବିକ୍ରି ହେବ- 9178660666. ଧ-୨୮୪୧





Newly open health benifits, Joint pain relax good environment atmosphere 7653969971. D-2853

All types of physiotherapy with massage, Contact number 9556924059/ 7656969134. D-2766

## AFFIDAVIT

By virtue of an affidavit sworn before Executive Magistrate, Cuttack, Dtd.- 14.11.25, I, SUSANGITA MANGARAJ, D/o.- Late Subash Chandra Mangaraj, R/o. At- Plot No.85, Nakagate, Ghatikia, Khandagiri, P.S.- Bharatpur, Dist.- Khordha declare that I have changed the name of my daughter from ANANYA ROUT to ANANYA MANGARAJ. Henceforth, she shall be known as Ananya Mangaraj for all purposes.
SUSANGITA MANGARAJ
D-2862

Now Matrimonial ads. only on Wednesday & Sunday Book 1 Get 1 FREE

By virtue of an affidavit No.- 4081, Dtd.-16.10.2025 before the Executive Magistrate, Jajpur Road, I, Suryakanta Behera, S/o.- Krushna Behera, At- Nirala, P.O.- Debabhumi, P.S.- Aska, Dist.- Ganjam hereby declare that I have changed my name from Suryakanta Behera to Surjaya Kanta Behera. Henceforth, I shall be known as Surjaya Kanta Behera for all purposes. I further declare that my wife's name has been changed from Kishmita Behera to Kismita Behera. Henceforth, my wife shall be known as Kismita Behera for all purposes. D-2870

By virtue of an affidavit Before Notary Public, Kantabanji on 18.12.2025 that before my marriage my name and surname written as Pinky Nag D/o.- Arakshit Nag in my Aadhaar Card along with Bank Pass Book, after marriage to Prabhulal Bhoi I treated as Pinky Bhoi, W/o.- Prabhulal Bhoi of Village- Salepara, P.O.- Khagsa, P.S.- Turekela, Dist.- Balangir, Odisha is same and one person and updated my present Aadhaar card. D-2865

I, Mamata Singh, R/o. Singh Nivas, Bhaskarganj-B, Balasore, changed my name to Mamata Bhanja vide Affidavit 12178 dated 02.12.2025. D-2866

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

I, Rajesh Kumar Rout of Address: Village- Udaypur, P.O.- Dasarathpur, Dist.- Jajpur, Odisha declare that I have changed the name of my son from Rudra Rout to Rudrajit Rout. Henceforth, he shall be known as Rudrajit Rout for all purposes.
Rajesh Kumar Rout
D-2863

By virtue of an affidavit sworn before the Executive Magistrate, Gaisilet, No. 169, dated- 15.12.2025, I, Subash Chandra Rohidas, At- Gandapali, P.O.- Jamutbahal, P.S.- Gaisilet, Dist.- Bargarh, Odisha-768037 declare that I have changed my name from Subash Rohidas to Subash Chandra Rohidas. Henceforth, I shall be known as Subash Chandra Rohidas for all purposes.
Subash Chandra Rohidas
D-2864

## ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



✓ଲୋକନାଥ ନାୟକ

ପ୍ଲଟ ନଂ: ୮୨୪/୧୮୩୦

ଶ୍ରୀ ବିହାର, ସାମପୁର, ଭୁବନେଶ୍ୱର

ଆବିର୍ଭାବ : ତା.୦୨.୦୯.୧୯୪୮ ରିଖ

ତିରୋଧାନ : ତା.୦୯.୧୨.୨୦୨୫ ରିଖ

ତୁମର ଆଦର୍ଶ, ନିଷ୍ଠା, ସ୍ନେହ ଓ ଭଲ ପାଇବା ସମସ୍ତଙ୍କ ପାଇଁ ଅଭୁଲା ସ୍ମୃତି ହୋଇ ରହିବ। ତୁମର ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।

- ଶୋକସନ୍ତପ୍ତ: -

ପତ୍ନୀ, ପୁତ୍ର, ବୋହୂ, ଝିଅ, ଜ୍ୱାଇଁ, ନାତୁଣୀ ତଥା ଶୋକସନ୍ତପ୍ତ ପରିବାରବର୍ଗ ଓ ଆତ୍ମୀୟ ସ୍ୱଜନ

D-2871

# ସିରିଜ୍ ବିଜୟ ଲକ୍ଷ୍ୟରେ ଭାରତ

ଅହମଦାବାଦ,୧୮।୧୨(ପି.ଟି.)

ସ୍ଥାନୀୟ ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଶୁକ୍ରବାର ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଅନ୍ତିମ ତଥା ପଞ୍ଚମ ଟି୨୦ ମ୍ୟାଚ୍ ଖେଳାଯିବ। ସିରିଜ୍‌ରେ ଏବେ ୨-୧ରେ ଭାରତ ଆଗୁଆ ରହିଛି। ବୁଧବାର ଲକ୍ଷ୍ନୌରେ ଖେଳାଯିବାକୁ

## ଆଜି ଅନ୍ତିମ ଟି୨୦

ଥିବା ଚତୁର୍ଥ ଟି୨୦ ମ୍ୟାଚ୍ ଘନ କୁହୁଡ଼ି ଯୋଗୁ ବାତିଲ ହୋଇଯାଇଥିଲା। ଏଣୁ ବର୍ତ୍ତମାନ ସିରିଜ୍‌ରେ ଭାରତୀୟ ଦଳ ପରାଜିତ ହୋଇପାରିବ ନାହିଁ। ଏହାର ଫାଇଦା ଉଠାଇ ମୁଖ୍ୟ କୋଚ୍ ଗୌତମ ଗମ୍ଭୀର ଦଳର ବେଞ୍ଚ ଷ୍ଟ୍ରେନ୍ଥକୁ ପରୀକ୍ଷା କରିପାରନ୍ତି। ଟି୨୦ ବିଶ୍ୱକପ୍‌କୁ ଦୁଇ ମାସରୁ କମ୍ ସମୟ ବାକିଥିବା ବେଳେ ଏଭଳି ପରିସ୍ଥିତିରେ ଦଳୀୟ କମ୍ବିନେଶନକୁ ନେଇ ଏକ୍ସପେରିମେଣ୍ଟ କରାଯିବାର ଆବଶ୍ୟକତା ରହିଛି। ଇଞ୍ଜୁରି କାରଣରୁ ଉପ ଅଧିନାୟକ ଶୁବମନ ଗିଲ ଚତୁର୍ଥ ଟି୨୦ ମ୍ୟାଚ୍‌ରୁ ବାଦ୍ ପଡ଼ିଥିଲେ। ଏଥିଯୋଗୁ ତାଙ୍କର ଏଠାରେ ଖେଳିବାର ସମ୍ଭାବନା ନାହିଁ। କାରଣ କୋଲକାତା


୫ମ ଟି୨୦ କ୍ରିକେଟ ମ୍ୟାଚ ଖେଳିବା ଲାଗି ଅହମଦାବାଦରେ ସଞ୍ଜୁ ସାମ୍‌ସନ୍।

ଟେଷ୍ଟରେ ସେ ବେକଜନିତ ସମସ୍ୟାର ସମ୍ମୁଖୀନ ହେବା ପରେ ତାଙ୍କୁ ଦିନିକିଆ ସିରିଜ୍‌ରୁ ବିଶ୍ରାମ ଦିଆଯାଇଥିଲା। ବ୍ୟସ୍ତବହୁଳ କାର୍ଯ୍ୟସୂଚୀ ଓ ଭାରତୀୟ ଦଳର ଅଧିନାୟକ ହୋଇଥିବାରୁ ତାଙ୍କ ଉପରେ ଚାପ ବୃଦ୍ଧି ପାଉଛି। ଏଣୁ ବିଶ୍ରାମ ଦିଆଯିବ ବୋଲି ଆଶା କରାଯାଉଛି। ତାଙ୍କ ବଦଳରେ ପୂର୍ବରୁ ସଞ୍ଜୁ ସାମସନ ଦଳକୁ ଓ ଓପନିଂ ପୋଜିଶନକୁ ପ୍ରତ୍ୟାବର୍ତ୍ତନ କରିପାରନ୍ତି। ମିଡିଲ ଅର୍ଡରରେ ଭଲ ପ୍ରଦର୍ଶନ କରିବାରେ ବିଫଳ ହେବାରୁ ତାଙ୍କୁ ଚୂଡ଼ାନ୍ତ ଏକାଦଶରେ ଚୟନ କରାଯାଉ ନାହିଁ। ତାଙ୍କ ଟି୨୦ କ୍ୟାରିୟରରେ ରହିଥିବା ୩ ଶତକ ଓ ୧ ଅର୍ଦ୍ଧଶତକ ସେ ଟପ୍ ଅର୍ଡର ବ୍ୟାଟର ଭାବେ ହାସଲ କରିଥିଲେ। ଏହା ବ୍ୟତୀତ ଭାରତୀୟ ଦଳରେ ଅନ୍ୟ କୌଣସି ପରିବର୍ତ୍ତନର ସମ୍ଭାବନା ନାହିଁ। ଅନ୍ୟପକ୍ଷରେ ଅଧିନାୟକ ସୂର୍ଯ୍ୟକୁମାରଙ୍କ ପ୍ରଦର୍ଶନ ଉପରେ ସଭିଙ୍କ ନଜର ରହିବ। ୱାର୍ଲ୍ଡ ନଂ-୧ ଟି୨୦ ବ୍ୟାଟର ଥିବା ସୂର୍ଯ୍ୟକୁମାର ଗତ ୨୦ ମ୍ୟାଚ୍‌ର ୧୮ ଇନିଂସରେ ଗୋଟିଏ ବି ହେଲେ ଅର୍ଦ୍ଧଶତକ ହାସଲ କରିପାରି ନାହାନ୍ତି ଏବଂ ୧୪.୨୦ ଆଭରେଜରେ ୨୧୩ ରନ କରିଛନ୍ତି।

ବ୍ୟକ୍ତିଗତ କାରଣ ଯୋଗୁ ତୃତୀୟ ଟି୨୦ ଖେଳି ନ ଥିବା ଯଶପ୍ରୀତ ବୁମରା ଭାରତୀୟ ଦଳରେ ଯୋଗଦେଇଛନ୍ତି। ଚଳିତ ସିରିଜ୍‌ରେ ଭାରତ ପାଇଁ ସର୍ବାଧିକ ସଂଖ୍ୟକ ଉଇକେଟ ନେଇଥିବା ବରୁଣ ଚକ୍ରବର୍ତ୍ତୀଙ୍କ ଲାଗି ଏହି ମ୍ୟାଚ୍ ଚ୍ୟାଲେଞ୍ଜିଂ ହୋଇପାରେ। କାରଣ ପିଚ୍ ବ୍ୟାଟରଙ୍କୁ ସୁହାଇବ ବୋଲି ଆଶା କରାଯାଉଛି।

ଅନ୍ୟପକ୍ଷରେ ସିରିଜ୍ ବରାବର କରିବା ଲକ୍ଷ୍ୟରେ ଥିବା ଦକ୍ଷିଣ ଆଫ୍ରିକା ମଧ୍ୟ ତା'ର ଦଳରେ ପରିବର୍ତ୍ତନ କରିପାରେ। ଫର୍ମରେ ନ ଥିବା ରିଜା ହେଣ୍ଡରିକ୍ସଙ୍କ ବଦଳରେ ଅଧିନାୟକ ଏଡେନ ମାରକ୍ରମ ଟପ୍ ଅର୍ଡରରେ ବ୍ୟାଟିଂ କରିପାରନ୍ତି। ଦଳ ପାଇଁ ଯୁବ ଓ ବିସ୍ଫୋରକ ବ୍ୟାଟର ଡେୱାଲ୍ଡ ବ୍ରେଭିସ ଫର୍ମକୁ ଫେରିବା ଗୁରୁତ୍ୱପୂର୍ଣ୍ଣ। ଗତ ୩ ମ୍ୟାଚ୍‌ରେ ତାଙ୍କ ପ୍ରଦର୍ଶନ ସାଧାରଣ ରହିଛି।

**ସମ୍ଭାବ୍ୟ ଭାରତୀୟ ଦଳ:** ଅଭିଷେକ ଶର୍ମା, ସଞ୍ଜୁ ସାମସନ, ତିଳକ ବର୍ମା, ସୂର୍ଯ୍ୟକୁମାର ଯାଦବ(ଅଧିନାୟକ), ଜୀତେଶ ଶର୍ମା(ଉଇକେଟକିପର), ହାର୍ଦ୍ଦିକ ପାଣ୍ଡ୍ୟା, ଶିବମ ଦୁବେ, ହର୍ଷିତ ରାଣା, ଅର୍ଶଦୀପ ସିଂ, କୁଲଦୀପ ଯାଦବ, ବରୁଣ ଚକ୍ରବର୍ତ୍ତୀ।

**ସମ୍ଭାବ୍ୟ ଦକ୍ଷିଣ ଆଫ୍ରିକା ଦଳ:** କ୍ୱିଣ୍ଟନ ଡି କକ୍ (ଉଇକେଟକିପର), ଏଡେନ ମାରକ୍ରମ (ଅଧିନାୟକ), ଡେୱାଲ୍ଡ ବ୍ରେଭିସ, ରିଜା ହେଣ୍ଡରିକ୍ସ, ଟ୍ରିଷ୍ଟାନ ଷ୍ଟବ୍ସ, ଡେଭିଡ୍ ମିଲର, କର୍ବିନ ବୋଶ୍ଚ, ମାର୍କୋ ଜାନସେନ, କେଶବ ମହାରାଜ, ଆନରିଚ୍ ନର୍କିଆ, ଲୁଙ୍ଗି ଏନ୍‌ଗିଡି।

**ସମୟ: ସନ୍ଧ୍ୟା ୭ଟା**
**ପ୍ରସାରଣ: ହଟ୍‌ଷ୍ଟାର/ ଷ୍ଟାର ନେଟ୍‌ୱର୍କ**

# ଭାରତୀୟ ଫୁଟବଲକୁ ନେଇ ରାଜ୍ୟ ସଭାରେ ଉଠିଲା ପ୍ରଶ୍ନ

ନୂଆଦିଲ୍ଲୀ,୧୮।୧୨(ପି.ଟି.)

ଗୁରୁବାର ରାଜ୍ୟ ସଭାରେ ଭାରତୀୟ ଫୁଟବଲର ଭବିଷ୍ୟତ ପ୍ରସଙ୍ଗ ଉପରେ ଚର୍ଚ୍ଚା ହୋଇଛି। ଆସନ୍ତା ବର୍ଷ ଆମେରିକାରେ ହେବାକୁ ଯାଉଥିବା ଫିଫା ବିଶ୍ୱକପ୍ ଲାଗି ଯୋଗ୍ୟତା ହାସଲ କରିଥିବା ସବୁଠୁ ଛୋଟିଆ ଦେଶ କୁରାକାଓ ଦ୍ୱୀପର ଉଦାହରଣ ଦେଇ କଂଗ୍ରେସ ଏମ୍‌ପି ଜୋସ କେ ମାନି କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡବ୍ୟଙ୍କୁ ପ୍ରଶ୍ନ କରିଥିଲେ। କେରଳ ରାଜ୍ୟର ପ୍ରତିନିଧିତ୍ୱ କରୁଥିବା ମାନି ପ୍ରଶ୍ନ କରିଥିଲେ ଯେ, ଦେଢ଼ ଲକ୍ଷ ଜନସଂଖ୍ୟା ବିଶିଷ୍ଟ କୁରାକାଓ ଦେଶ ନିକଟରେ ଫିଫା ୱାର୍ଲ୍ଡକପ୍ ଲାଗି ଯୋଗ୍ୟତା ହାସଲ କରିଥିବା ସମ୍ପର୍କରେ ସରକାର ଅବଗତ ଅଛନ୍ତି କି। ବିଶ୍ୱର ପ୍ରମୁଖ ଫୁଟବଲ ପ୍ରତିଯୋଗିତା ଲାଗି ଭାରତକୁ ଯୋଗ୍ୟତା ହାସଲ କରିବା ଦିଗରେ ସାହାଯ୍ୟ କରିବା ପାଇଁ ସରକାରଙ୍କ ପାଖରେ କିଛି ଦୀର୍ଘ ମିଆଦୀ ଯୋଜନା ଅଛି କି।

''ଫିଫା ଦ୍ୱାରା ନିର୍ଦ୍ଧାରିତ ମାନଦଣ୍ଡକୁ ଆଧାର କରି ଫିଫା ବିଶ୍ୱକପ୍ ଲାଗି ଯୋଗ୍ୟତା ପର୍ଯ୍ୟାୟ ଦେଇ ପ୍ରତ୍ୟେକ ଦେଶ ଯିବାକୁ ପଡ଼େ। ବିଶ୍ୱକପ୍ କିମ୍ବା ବିଶ୍ୱ ଚାମ୍ପିୟନଶିପ୍ ଭଳି ପ୍ରତିଯୋଗିତାରେ ପ୍ରତିନିଧିତ୍ୱ କରିବା ସମେତ କୌଣସି ନିର୍ଦ୍ଦିଷ୍ଟ କ୍ରୀଡ଼ାର ବିକାଶ କରିବା ଉକ୍ତ କ୍ରୀଡ଼ାର ଜାତୀୟ କ୍ରୀଡ଼ା ମହାସଂଘ (ଏନ୍‌ଏସ୍‌ଏଫ୍)ର ଦାୟିତ୍ୱ। ଦେଶରେ ଫୁଟବଲ କ୍ରୀଡ଼ାର ବିକାଶ ଲାଗି ଅଲ ଇଣ୍ଡିଆ ଫୁଟବଲ ଫେଡେରେଶନ (ଏଆଇଏଫ୍‌ଏଫ୍)କୁ ଏନ୍‌ଏସ୍‌ଏଫ୍ ଭାବେ ମନ୍ତ୍ରଣାଳୟ ପକ୍ଷରୁ ସ୍ୱୀକୃତି ପ୍ରଦାନ କରାଯାଇଛି। ଭାରତକୁ ଫିଫା ବିଶ୍ୱକପ୍ ଯୋଗ୍ୟତା ଦିଗରେ ସାହାଯ୍ୟ କରିବା ଲାଗି ଏକ ଦୀର୍ଘ ମିଆଦୀ ପ୍ରସ୍ତୁତ କରାଯାଇଛି। ଏଆଇଏଫ୍‌ଏଫ୍ ପକ୍ଷରୁ ଭୁବନେଶ୍ୱରରେ ଫିଫା-ଏଆଇଏଫ୍‌ଏଫ୍ ୧୩ ବର୍ଷରୁ କମ୍ ବାଳକ ଫୁଟବଲ ଏକାଡେମୀ ଓ ହାଇଦ୍ରାବାଦ୍‌ରେ ଫିଫା-ଏଆଇଏଫ୍‌ଏଫ୍ ୧୪ ବର୍ଷରୁ କମ୍ ବାଳିକା ଫୁଟବଲ ଏକାଡେମୀ ଆରମ୍ଭ କରାଯାଇଛି। ଏଥିସହିତ ଖେଲୋ ଇଣ୍ଡିଆ ଅସ୍ମିତା ଲିଗ୍ ଜରିଆରେ ଏଆଇଏଫ୍‌ଏଫ୍ ୨୦୨୩-୨୪ ଓ ୨୦୨୪-୨୫ ସିଜନରେ ପୂରା ଦେଶରେ ୮୭ ଓ ୬୮ ଫୁଟବଲ ପ୍ରତିଯୋଗିତା ଆୟୋଜନ କରିଥିଲା'' ବୋଲି କ୍ରୀଡ଼ାମନ୍ତ୍ରୀ କହିଛନ୍ତି।

ବିଶ୍ୱକପ୍ ଲାଗି ଯୋଗ୍ୟତା ହାସଲ କରିବାରେ ଉଭୟ ଆକାର ଓ ଜନସଂଖ୍ୟା ଦୃଷ୍ଟିରୁ କୁରାକାଓ ସବୁଠୁ ଛୋଟ ଦେଶ। ଏହା ତୁଳନାରେ ୧୦୦ କୋଟିରୁ ଊର୍ଦ୍ଧ୍ୱ ଜନସଂଖ୍ୟା ବିଶିଷ୍ଟ ଭାରତ ଯୋଗ୍ୟତା ପର୍ଯ୍ୟାୟରେ ଭଲ ଫଳାଫଳ ଲାଗି ସଂଘର୍ଷ କରୁଛି।

# ଫିଫା ବିଶ୍ୱକପ୍ ବିଜେତାକୁ ମିଳିବ ୫୦ ନିୟୁତ ଡଲାର

ମାଞ୍ଚେଷ୍ଟର, ୧୮।୧୨ (ଏପି)

ଫିଫା ଫୁଟ୍‌ବଲ ବିଶ୍ୱକପ୍ ୨୦୨୬ର ବିଜେତାକୁ ବର୍ଦ୍ଧିତ ଆର୍ଥିକ ପୁରସ୍କାର ମିଳିବ। ଟୁର୍ନାମେଣ୍ଟ ପାଇଁ ଉଦ୍ଦିଷ୍ଟ ମୋଟ ପୁରସ୍କାର ରାଶି ୬୫୫ ନିୟୁତ ଆମେରିକୀୟ ଡଲାର ମଧ୍ୟରୁ ୫୦ ନିୟୁତ ଡଲାର ଚାମ୍ପିୟନ ଦଳ ପାଇବ। ଅନ୍ତର୍ଜାତୀୟ ଫୁଟ୍‌ବଲ ମହାସଂଘ ଫିଫା ତରଫରୁ ଏହା ଘୋଷଣା କରାଯାଇଛି। ୨୦୨୨ ସଂସ୍କରଣ ଚାମ୍ପିୟନ ଆର୍ଜେଣ୍ଟିନା ପୁରସ୍କାର ବାବଦରେ ୪୨ ନିୟୁତ ଡଲାର ପାଇଥିବା ବେଳେ ୨୦୧୮ ଟାଇଟଲ ବିଜେତା ଫ୍ରାନ୍ସକୁ ୩୮ ନିୟୁତ ଡଲାର ମିଳିଥିଲା। କିନ୍ତୁ କୌତୁହଳର କଥା ସେ ତୁଳନାରେ ଅପେକ୍ଷାକୃତ କମ୍ ପ୍ରସାରିତ କ୍ଲବ ବିଶ୍ୱକପ୍ ଚାମ୍ପିୟନ ସେ ତୁଳନାରେ ଦୁଇଗୁଣାରୁ ଅଧିକ ଆର୍ଥିକ ପୁରସ୍କାର ଲାଭ କରିଛି। ଯୁକ୍ତରାଷ୍ଟ୍ର ଆମେରିକା, କାନାଡା ଓ ମେକ୍ସିକୋ ଜୁନ୍ ୧୧ରୁ ଜୁଲାଇ ୧୯ ପର୍ଯ୍ୟନ୍ତ ଅୟୋଜିତ ଆସନ୍ତା ବିଶ୍ୱକପ୍‌ର ମୋଟ ପୁରସ୍କାର ରାଶିକୁ ୪୮.୯ ପ୍ରତିଶତ ବୃଦ୍ଧି କରାଯାଇଛି। ୨୦୨୨ କାତାର ସଂସ୍କରଣରେ ମୋଟ ପୁରସ୍କାର ରାଶି ୪୪୦ ନିୟୁତ ଡଲାର ରହିଥିଲା। ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡରେ ୨୦୨୩ରେ ଅନୁଷ୍ଠିତ ମହିଳା ବିଶ୍ୱକପ୍ ପାଇଁ ମୋଟ ପୁରସ୍କାର ରାଶି ୧୧୦ ନିୟୁତ ଡଲାର ରଖାଯାଇଥିଲା। ମାତ୍ର ୨୦୨୬ରେ ଏହାର ପରିମାଣ ୬ଗୁଣାକୁ ବୃଦ୍ଧି ପାଇବ। ଫିଫା ସଭାପତି ଜିଆନି ଇନ୍‌ଫାଣ୍ଟିନୋ ୨୦୨୩ରେ ପରବର୍ତ୍ତୀ ବିଶ୍ୱକପ୍‌ଗୁଡ଼ିରେ ପୁରୁଷ ଓ ମହିଳା ପୁରସ୍କାର ରାଶିକୁ ସମାନ ସ୍ତରକୁ ଆଣିବା ଲାଗି ଲକ୍ଷ୍ୟ ଧାର୍ଯ୍ୟ କରିଥିଲେ। କ୍ଲବ ବିଶ୍ୱକପ୍‌ରେ ବିବାଦୀୟ ଭାବେ ଅଂଶଗ୍ରହଣକାରୀ ଦଳଗୁଡ଼ିକ ସଂଖ୍ୟା ୭ରୁ ୩୨କୁ ବୃଦ୍ଧି କରାଯାଇଥିଲା। ଏହାର ମୋଟ ପୁରସ୍କାର ରାଶି ୧ ବିଲିୟନ ଡଲାର ରହିଥିବା ବେଳେ ଟୁର୍ନାମେଣ୍ଟର ଚାମ୍ପିୟନ ଦଳ ଭାବେ ଚେଲ୍‌ସି ୧୨୫ ଡଲାର ପାଇଛି।

# ସୟଦ ମୁସ୍ତାକ ଅଲୀ ଟି୨୦: ଝାଡ଼ଖଣ୍ଡ ଚାମ୍ପିୟନ

ପୁଣେ,୧୮।୧୨

ଚଳିତ ସୟଦ ମୁସ୍ତାକ ଅଲୀ ଟି୨୦ ଟୁର୍ନାମେଣ୍ଟରେ ଝାଡ଼ଖଣ୍ଡ ଚାମ୍ପିୟନ ହୋଇଛି। ଗୁରୁବାର ଅନୁଷ୍ଠିତ ଫାଇନାଲରେ ଅଧିନାୟକ ଇଶାନ କିଶନଙ୍କ ଶତକ ବଳରେ ଝାଡ଼ଖଣ୍ଡ ୬୯ ରନର ବଡ଼ ବ୍ୟବଧାନରେ ହରିୟାଣାକୁ ପରାସ୍ତ କରିଛି। ଝାଡ଼ଖଣ୍ଡ ୨୦ ଓଭରରେ ୩ ଉଇକେଟ ହରାଇ ୨୬୨ ରନ କରିଥିବା ବେଳେ ହରିୟାଣା ୧୮.୩ ଓଭରରେ ୧୯୩ ରନରେ ଅଲଆଉଟ୍ ହୋଇଯାଇଥିଲା। ଫଳରେ ଝାଡ଼ଖଣ୍ଡ ପ୍ରଥମ ଥର ପାଇଁ ସୟଦ ମୁସ୍ତାକ ଅଲୀ ଟ୍ରଫି ହାସଲ କରିଛି। ଇଶାନଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ଓ ଅନୁକୁଳ ରୟଙ୍କୁ ପ୍ଲେୟର ଅଫ୍ ଦି ସିରିଜ୍ ବିବେଚିତ କରାଯାଇଛି।

ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ଝାଡ଼ଖଣ୍ଡ ପ୍ରଥମ ଓଭରରେ ପ୍ରମୁଖ ବ୍ୟାଟର ବିରାଟ ସିଂ(୨)ଙ୍କ ଉଇକେଟ ହରାଇଥିଲା। ଏହାପରେ ଅଧିନାୟକ ଇଶାନ ଓ କୁମାର କୁଶାଗ୍ର ବିସ୍ଫୋରକ ବ୍ୟାଟିଂ କରି ଦ୍ୱିତୀୟ ଉଇକେଟରେ ୮୨ ବଲରେ ୧୭୭ ରନ ଯୋଡ଼ିଥିଲେ। ଇଶାନ ଶତକ ପୂରଣ କରିବା ପରେ ପାଭିଲିଅନ ଫେରିଥିଲେ। ସେ ଆଉଟ୍ ହେବା ପୂର୍ବରୁ ୪୯ ବଲରେ ୬ ଚୌକା ଓ ୧୦ ଛକା ସହିତ ୧୦୧ ରନର ପାଳି ଖେଳିଥିଲେ। ସେହିଭଳି କୁଶାଗ୍ର ୩୮ ବଲରେ ୮ ଚୌକା ଓ ୫ ଛକା ସହିତ ୮୧ ରନ କରି ଆଉଟ୍ ହୋଇଥିଲେ। ଶେଷ ଆଡ଼କୁ ଅନୁକୁଳ ରୟ ୨୦ ବଲରେ ୪୦ (୩ ଚୌକା ଓ ୨ ଛକା) ଓ ରବିନ ମିଞ୍ଜ ୧୪ ବଲରେ ୩୧ (୩ ଛକା) ରନ କରିଥିଲେ। ଫଳରେ ଝାଡ଼ଖଣ୍ଡ ନିର୍ଦ୍ଧାରିତ ୨୦ ଓଭରରେ ୩ ଉଇକେଟ ହରାଇ ୨୬୨ ରନ କରିଥିଲା। ଜବାବରେ ହରିୟାଣା ୧୮.୩ ଓଭରରେ ୧୯୩ ରନରେ ଅଲଆଉଟ୍ ହୋଇଯାଇଥିଲା। ଦଳ ପାଇଁ ଯଶବର୍ଦ୍ଧନ ଦଲାଲ ୨୨ ବଲରେ ୫୩ (୨ ଚୌକା ଓ ୫ ଛକା), ନିଶାନ୍ତ ସିନ୍ଧୁ ୧୫ ବଲରେ ୩୧ (୬ ଚୌକା) ଓ ସାମନ୍ତ ଜାଖର ୧୭ ବଲରେ ୩୮ (୨ ଚୌକା ଓ ୪ ଛକା) ରନ କରିଥିଲେ। ଝାଡ଼ଖଣ୍ଡ ପକ୍ଷରୁ ସୁଶାନ୍ତ ମିଶ୍ରା ୩ ଓ ବାଲ କ୍ରିଷ୍ଣ ୩ ଲେଖାଏ ଉଇକେଟ ନେଇଥିଲେ।


ଶତକ ହାସଲ ପରେ ଇଶାନ କିଶନ।

**ସଂକ୍ଷିପ୍ତ ସ୍କୋର**

ଝାଡ଼ଖଣ୍ଡ: ୨୦ ଓଭରରେ ୨୬୨/୩ (ଇଶାନ କିଶାନ-୧୦୧, କୁମାର କୁଶାଗ୍ର-୮୧, ଅନୁକୁଳ ରୟ-୪୦*, ରବିନ ମିଞ୍ଜ-୩୧*, ସୁମିତ କୁମାର-୧/୪୧)। ହରିୟାଣା: ୧୮.୩ ଓଭରରେ ୧୯୩/ଅଲଆଉଟ୍ (ଯଶବର୍ଦ୍ଧନ ଦଲାଲ-୫୩, ସାମନ୍ତ ଜାଖର-୩୮, ସୁଶାନ୍ତ ମିଶ୍ରା-୩/୨୭, ବାଲ କ୍ରିଷ୍ଣା-୩/୩୮, ଅନୁକୁଳ ରୟ-୨/୪୨)।

# ନୟାଗଡ଼ କ୍ରୀଡ଼ା ଛାତ୍ରାବାସ ବିଜୟୀ


ଅତିଥିଙ୍କ ସହ ଦୁଇ ଦଳର ଖେଳାଳିମାନେ।

ଟାଙ୍ଗୀ,୧୮।୧୨(ରଘୁନାଥ ସାହୁ)

## ସର୍ବଭାରତୀୟ ମହାବୀର କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ

କୁହୁଡ଼ି ମହାବୀର ଆଥ୍‌ଲେଟିକ ଆସୋସିଏଶନ ଆନୁକୂଲ୍ୟରେ ସର୍ବଭାରତୀୟ ମହାବୀର କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚରେ ସେରସା ଖଡ଼ଗପୁରକୁ ୨-୦ ଗୋଲରେ ହରାଇ ନୟାଗଡ଼ କ୍ରୀଡା ଛାତ୍ରାବାସ ବିଜୟୀ ହୋଇ ପରବର୍ତ୍ତୀ ରାଉଣ୍ଡକୁ ଉନ୍ନୀତ ହୋଇଛି। ନୟାଗଡ଼ ଟିମର ମିଟୁ ମାରାଣ୍ଡିକୁ ଶ୍ରେଷ୍ଠ ଖେଳାଳିଭାବେ ବିଭୂତି ରାଉତରାୟ ସ୍ମାରକୀ ଟ୍ରଫି ପ୍ରଦାନ କରାଯାଇଛି। ଶେଖାୱତ ଖାଁ ମ୍ୟାଚ୍ ପରିଚାଳନା କରିଥିଲେ। ଲାଇନ୍ସମ୍ୟାନରେ ବିଜୟ ମଙ୍ଗରାଜ ଏବଂ କାଲୁଚରଣ ସହାୟତା କରିଥିଲେ। ମୁଖ୍ୟ ଅତିଥିଭାବେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ପୂର୍ବତନ ବିଧାୟକ ଡା.ବିଭୂତି ଭୂଷଣ ହରିଚନ୍ଦନ, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ରାମଚନ୍ଦ୍ର ମହାପାତ୍ର, ପୂର୍ବତନ ଚିଲିକା ବ୍ଲକ ଅଧ୍ୟକ୍ଷ ଲଳିତ ମୋହନ ପଟ୍ଟନାୟକ, ଶିକ୍ଷାବିତ୍ ହୃଷିକେଶ ପ୍ରଧାନ, ରତନପୁର ସରପଞ୍ଚ ଗୁରୁବନ୍ଧୁ ବେହେରା, କୁହୁଡ଼ି ପୂର୍ବତନ ସରପଞ୍ଚ ଜୟଦେବ ବେହେରା, ସମ୍ପାଦକ ମନୋଜ କୁମାର ମାନସିଂହ ପ୍ରମୁଖ ଯୋଗଦେଇଥିଲେ। ଶୁକ୍ରବାର ବକ୍ସର ବିହାର ଏବଂ ବାରିପଦା କ୍ରୀଡ଼ା ଛାତ୍ରାବାସ ମଧ୍ୟରେ ମ୍ୟାଚ୍ ହେବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି।

# ଗାଙ୍ଗୁଲି ଟାଇଗର୍ସ ଅଫ୍ କୋଲ୍‌କାତାର ମେଣ୍ଟର


କୋଲକୋତା, ୧୮।୧୨ (ପି.ଟି)

ଇଣ୍ଡିଆନ୍ ଷ୍ଟ୍ରିଟ୍ ପ୍ରିମିୟର ଲିଗ (ଆଇଏସ୍‌ପିଏଲ୍) ର ତୃତୀୟ ସଂସ୍କରଣ ଆସନ୍ତାବର୍ଷ ଜାନୁଆରୀ ୯ରୁ ଫେବୃଆରୀ ୬ ପର୍ଯ୍ୟନ୍ତ ସୁରାଟରେ ଖେଳାଯିବ। ଏହାପୂର୍ବରୁ ଭାରତ କ୍ରିକେଟ ଦଳର ପୂର୍ବତନ ଅଧିନାୟକ ସୌରଭ ଗାଙ୍ଗୁଲି ଟାଇଗର୍ସ ଅଫ୍ କୋଲ୍‌କାତା ଦଳର ସହ ମାଲିକ ଓ ମେଣ୍ଟର ଭାବେ ଯୋଗ ଦେଇଛନ୍ତି। ଗଳି କ୍ରିକେଟରୁ ଆଇଏସ୍‌ପିଏଲ୍‌ର ଟି୧୦ ଟେନିସ ବଲ୍ ଫର୍ମାଟର ଉତ୍ପତ୍ତି।

# ଭାରତୀୟ ଦଳରୁ ଖେଳି ଅଡୁଆରେ ପାକିସ୍ତାନ ଖେଳାଳି

କରାଚୀ, ୧୮।୧୨ (ପି.ଟି.)

ପାକିସ୍ତାନର ଜଣେ ଲୋକପ୍ରିୟ ଅନ୍ତର୍ଜାତୀୟ କବାଡି ଖେଳାଳି ଉବୈଦୁଲ୍ଲା ରାଜପୁତ କଠୋର ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହୋଇଛନ୍ତି। କାରଣ ସେ ଡିସେମ୍ବର ୧୬ରେ ବାହାରିନରେ ଖେଳାଯାଇଥିବା ଏକ ଘରୋଇ ଟୁର୍ନାମେଣ୍ଟରେ ଭାରତୀୟ ଦଳରୁ ପ୍ରତିନିଧିତ୍ୱ କରିଥିଲେ। ଜିସିସି କପ୍‌ରେ ସେ ଭାରତୀୟ ଶାର୍ଟ ପରିଧାନ କରିଥିଲେ ଏବଂ ଭାରତୀୟ ପତାକା ହଲାଇଥିଲେ। ଏହାର ଭିଡିଓ ଓ ଫଟୋଚିତ୍ର ଭାଇରାଲ ହୋଇଥିଲା। ପାକିସ୍ତାନ କବାଡି ମହାସଂଘ ସମ୍ପାଦକ ରାଣା ସରୱାର କହିଛନ୍ତି, ଏହି ପ୍ରସଙ୍ଗ ଉପରେ ଆଲୋଚନା ପାଇଁ ଡିସେମ୍ବର ୨୭ରେ ଏକ ଜରୁରିକାଳୀନ ବୈଠକ ଡକାଯାଇଛି। ଏଥିରେ ରାଜପୁତ ଏବଂ ଅନ୍ୟ କେତେଜଣ ଖେଳାଳିଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସରୱାର କହିଛନ୍ତି, ତାଙ୍କ ପାଖରେ ଯାହା ଖବର ଅଛି ଏହା ଏକ ଘରୋଇ ଇଭେଣ୍ଟ ଥିଲା। ଏଥିରେ ଆୟୋଜକଙ୍କ ଦ୍ୱାରା ଗଠିତ ଭାରତ, ପାକିସ୍ତାନ, କାନାଡା ଓ ଇରାନ ଆଦି ନାମରେ ଘରୋଇ ଦଳ ଗଠନ କରାଯାଇଥିଲା। କିନ୍ତୁ ସମସ୍ତ ଦଳରେ ପ୍ରାୟ ନିଜ ନିଜ ଦେଶର ଖେଳାଳି ରହିଥିଲେ। ଏଭଳି ସ୍ଥିତିରେ ଭାରତୀୟ ଦଳରେ ଉବୈଦୁଲ୍ଲା ଖେଳିବା ଗ୍ରହଣୀୟ ନୁହେଁ। ୧୬ଜଣ ପାକିସ୍ତାନୀ ଖେଳାଳି ବ୍ୟକ୍ତିଗତ ଉଦ୍ୟମରେ ବାହାରିନ ଗସ୍ତ କରିଥିଲେ।


ଉବୈଦୁଲ୍ଲା ରାଜପୁତ

ପାକିସ୍ତାନ ସ୍ପୋର୍ଟ୍ସ ବୋର୍ଡ କିମ୍ବା ଖେଳର ମହାସଂଘଠାରୁ ସେମାନେ ଅନୁମତି ନେଇ ନ ଥିଲେ। ପାକିସ୍ତାନ ଦଳରେ ଜାଲ୍ ନାମରେ ଖେଳିଥିବା ଏହି ଖେଳାଳିମାନଙ୍କ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ରାଜପୁତ କ୍ଷମା ପ୍ରାର୍ଥନା କରିବା ସହ ସଫେଇ ଦେଇଛନ୍ତି ଯେ, ବାହାରିନରେ ଏହି ଇଭେଣ୍ଟରେ ଖେଳିବା ଲାଗି ତାଙ୍କୁ ଆମନ୍ତ୍ରଣ କରାଯାଇଥିଲା। ତାଙ୍କୁ ଏକ ଘରୋଇ ଦଳରେ ସାମିଲ କରାଯାଇଥିଲା। ମାତ୍ର ତାଙ୍କୁ ଭାରତୀୟ ଦଳରେ ନିଆଯାଇଥିବା ବିଷୟ ସେ ଶେଷ ମୁହୂର୍ତ୍ତରେ ଜାଣିବାକୁ ପାଇଥିଲେ। ଭାରତ ଓ ପାକିସ୍ତାନ ନାମ ବ୍ୟବହାର ନ କରିବାକୁ ସେ ଅୟୋଜକଙ୍କୁ ମଧ୍ୟ କହିଥିଲେ। ଅତୀତରେ କେତେକ ଘରୋଇ ପ୍ରତିଯୋଗିତାରେ ଭାରତୀୟ ଓ ପାକିସ୍ତାନ ଖେଳାଳିମାନେ ମିଶିକରି ଏକ ଘରୋଇ ଦଳ ପାଇଁ ଖେଳିଛନ୍ତି। କିନ୍ତୁ ଭାରତ ଓ ପାକିସ୍ତାନ ନାମ ଅଧୀନରେ କେବେ ଖେଳି ନାହାନ୍ତି। ସେ ଶେଷ ମୁହୂର୍ତ୍ତରେ ଜାଣିବାକୁ ପାଇଥିଲେ ଯେ, ସେ ଏକ ଭାରତୀୟ ଦଳ ପାଇଁ ଖେଳୁଛନ୍ତି।

# ଅଷ୍ଟ୍ରେଲିଆ ୩୭୧ ; ଇଂଲଣ୍ଡ ୨୧୩/୮

ଆଡିଲେଡ୍,୧୮।୧୨

ଆଡିଲେଡ୍ ଓଭାଲଠାରେ ଚାଲିଥିବା ତୃତୀୟ ଆଶେସ ଟେଷ୍ଟ ଦ୍ୱିତୀୟ ଦିନ ଶେଷ ସୁଦ୍ଧା ଅଷ୍ଟ୍ରେଲିଆ ନିୟନ୍ତ୍ରଣରେ ରହିଛି। ଘରୋଇ ଅଷ୍ଟ୍ରେଲିଆ ପ୍ରଥମ ଇନିଂସରେ ୩୭୧ ରନରେ ସୀମିତ ରହିବା ପରେ ଇଂଲଣ୍ଡ ଦ୍ୱିତୀୟ ଶେଷ ପର୍ଯ୍ୟନ୍ତ ବ୍ୟାଟିଂ କରି ୮ ଉଇକେଟ ହରାଇ ୨୧୩ ରନ କରିଛି। ହାତରେ ୨ ଉଇକେଟ ରଖିଥିବା ଇଂଲଣ୍ଡକୁ ଇନିଂସ ଅଗ୍ରଣୀ ପାଇଁ ୧୫୮ ରନର ଆବଶ୍ୟକତା ରହିଛି।

## ଆଡିଲେଡ୍ ଟେଷ୍ଟ

ଗୁରୁବାର ଅଷ୍ଟ୍ରେଲିଆ ତା'ର ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୩୨୬/୮ରୁ ବ୍ୟାଟିଂ ଆରମ୍ଭ କରି ବଳକା ୨ ଉଇକେଟରେ ଦଳୀୟ ସ୍କୋରରେ ୪୫ ରନ ଯୋଡ଼ିଥିଲା। ପୂର୍ବଦିନ ଅପରାଜିତ ଥିବା ବ୍ୟାଟର ମିଚେଲ ଷ୍ଟାର୍କ ୫୪ ଓ ସ୍କଟ ବୋଲାଣ୍ଡ ୧୪ ରନ କରି ଆଉଟ୍ ହୋଇଥିଲେ। ଇଂଲଣ୍ଡ ପକ୍ଷରୁ ଜୋଫ୍ରା ଆର୍ଚ୍ଚର ୫ ଉଇକେଟ ନେଇଥିବା ବେଳେ ବ୍ରାଇଡନ କାର୍ସ ଓ ୱିଲ ଜ୍ୟାକ୍ସ ୨ଟି ଲେଖାଏ ଉଇକେଟ ହାତେଇଥିଲେ। ଜବାବରେ ଇଂଲଣ୍ଡ ଆରମ୍ଭରୁ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଏପରି କି ଦଳ ଏକଦା ୭୧ ରନରେ ୪ ଉଇକେଟ ହରାଇ ସଂଘର୍ଷ କରୁଥିଲା। ଏଭଳି ପରିସ୍ଥିତିରେ ଅଧିନାୟକ ଷ୍ଟୋକ୍ସଙ୍କ ସହ ହ୍ୟାରୀ ବ୍ରୁକ (୪୫) ମିଶି ଦଳୀୟ ସ୍କୋରକୁ ୧୨୭ ରନରେ ପହଞ୍ଚାଇଥିଲେ। ଏହାପରେ ଦଳ କ୍ରମାଗତ ବ୍ୟବଧାନରେ ଜେମି ସ୍ମିଥ (୨୨), ଜ୍ୟାକ୍ସ (୬), କାର୍ସ (୦)ଙ୍କ ଉଇକେଟ ହରାଇଥିଲା। ଏହିଠାରୁ ଅଧିନାୟକ ଷ୍ଟୋକ୍ସ ଓ ଆର୍ଚ୍ଚର ଘରୋଇ ବୋଲରଙ୍କୁ ଆଉ ଉଇକେଟ ନେବାକୁ ସୁଯୋଗ ଦେଇ ନ ଥିଲେ। ଦୁହେଁ ଅବିଭାଜିତ ନବମ ଉଇକେଟରେ ୪୫ ରନ ଯୋଡ଼ିଛନ୍ତି। ଫଳରେ ଇଂଲଣ୍ଡ ଦ୍ୱିତୀୟ ଦିନ ଶେଷ ସୁଦ୍ଧା ୮ ଉଇକେଟ ହରାଇ ୨୧୩ ରନ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ଜୋଫ୍ରା ଆର୍ଚ୍ଚର ୩୦ ଓ ଅଧିନାୟକ ବେନ ଷ୍ଟୋକ୍ସ ୪୫ ରନରେ ଅପରାଜିତ ରହିଛନ୍ତି। ଅଷ୍ଟ୍ରେଲିଆ ପାଇଁ ଅଧିନାୟକ ପ୍ୟାଟ କମିନ୍ସ ୩ ଉଇକେଟ ନେଇଥିବା ବେଳେ ସ୍କଟ ବୋଲାଣ୍ଡ ଓ ନାଥନ ଲାୟନ ୨ଟି ଲେଖାଏ ଉଇକେଟ ଅର୍ଜନ କରିଛନ୍ତି।


ବେନ୍ ଷ୍ଟୋକ୍ସ ଓ ଜୋଫ୍ରା ଆର୍ଚ୍ଚର।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ ପ୍ରଥମ ଇନିଂସ: ୩୭୧/ଅଲଆଉଟ୍ (ମିଚେଲ ଷ୍ଟାର୍କ-୫୪, ଜୋଫ୍ରା ଆର୍ଚ୍ଚର-୫/୫୩, ବ୍ରାଇଡନ କାର୍ସ-୨/୮୯)। ଇଂଲଣ୍ଡ ପ୍ରଥମ ଇନିଂସ: ୨୧୩/୮(ବେନ ଷ୍ଟୋକ୍ସ-୪୫*, ହ୍ୟାରୀ ବ୍ରୁକ-୪୫, ଜୋଫ୍ରା ଆର୍ଚ୍ଚର-୩୦*, ପ୍ୟାଟ କମିନ୍ସ-୩/୫୪, ସ୍କଟ ବୋଲାଣ୍ଡ-୨/୩୧)।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ


NEW
RENAULT KIGER
discovery days
10-22 december
RE-021-LT
discover more
0% rate of interest*
ବର୍ଦ୍ଧିତ X-ଟ୍ରୋନିକ୍ CVT
ମଲ୍ଟି-ସେନ୍ସ ଡ୍ରାଇଭ୍ ମୋଡ୍ସ
ବାୟୁଚାଳିତ ଲେଦରେଟ୍ ସିଟ୍ସ
*0% rate of interest is offered only for a 24-months tenure on select variants and specific loan amounts. the effective interest rate for the scheme is 0.01% p.a., which is rounded to zero for promotional display purposes. loan approval, amount, tenure & eligibility are subject to the sole discretion of Nissan Renault Financial Services India Private Limited (NRFSI). visit: https://www.nrfsi.com/ for processing fees & other applicable charges. customers are advised to verify the total cost of the loan & the APR in the Key Fact Statement issued by NRFSI before availing the offer. the offer is valid only for applications submitted between 10 Dec-22 Dec 2025 subject to retails on or before 31st Dec 2025 & may be modified or withdrawn without prior notice. Renault vehicles now come with a standard warranty of 3 years or 100 000 kms, whichever is earlier. the price/features mentioned in this advertisement may vary depending on the model/variant and features in the car. features depicted in the advertisement may vary based on the model and variant of choice. corporate / PSU / defence personnel / government employee / professional benefits applicable on each model are based on customer eligibility and submission of required proof. price valid on the date of purchase. for detailed terms and conditions, please visit renault.co.in
Renault recommends Castrol
renault.co.in
SHOWROOMS: ODISHA: RENAULT BHUBANESWAR Ph: 8860076082, RENAULT BHUBANESWAR CENTRAL Ph: 7428190232. RENAULT BHAWANIPATNA Ph: 9311733963.
RENAULT CUTTACK Ph: 9311772648. RENAULT JEYPORE Ph: 9311596618. RENAULT SAMBALPUR Ph: 8448890323.